DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ରବିବାର, ଫେବୃଆରୀ ୨୫/୨୦୨୪ (୧୮ପୃଷ୍ଠା+ଛୁଟିଦିନ) Bhubaneswar, Sunday, February 25/2024 Page 18 ₹ 7.00 | SAMBALPUR
୫୦ଶ ଭାଗ ୯୩ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 93 ମୂଲ୍ୟ ₹୭/-

# ୨୦ ଜିଲାରେ ୩୪ ନୂଆ ଏନ୍ଏସି

## ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

### ବୌଦ୍ଧଗଡ଼, ଆସ୍କା, ଛତ୍ରପୁର, କରଞ୍ଜିଆ ଓ କଣ୍ଟାବାଞ୍ଜି ହେଲା ମ୍ୟୁନିସିପାଲିଟି



ଭୁବନେଶ୍ୱର,୨୪।୨(ଅନିଲ ଦାସ)

ରାଜ୍ୟର ୨୦ ଜିଲାରେ ୩୪ ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍ଏସି) ଗଠନ କରାଯାଇଛି। ସେହିପରି ୪ ଜିଲାର ୫ଟି ଏନ୍ଏସିକୁ ମ୍ୟୁନିସିପାଲିଟିକୁ ଉନ୍ନୀତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଏହି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ, ବୌଦ୍ଧ ଜିଲାର ବୌଦ୍ଧଗଡ଼, ମୟୂରଭଞ୍ଜର କରଞ୍ଜିଆ, ବଲାଙ୍ଗୀରର କଣ୍ଟାବାଞ୍ଜି ଏବଂ ଗଞ୍ଜାମ ଜିଲାର ଛତ୍ରପୁର ଓ ଆସ୍କା ଏନ୍ଏସିକୁ ମ୍ୟୁନିସିପାଲିଟି ଭାବେ ଉନ୍ନୀତ କରାଯାଇଛି। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ବିଭିନ୍ନ ଜିଲା ଗସ୍ତ ଅବସରରେ ଜନସାଧାରଣଙ୍କ ପ୍ରସ୍ତାବ ଏବଂ ବିକାଶର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି। ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦଗୁଡ଼ିକ ହେଲା, ଅନୁଗୋଳ ଜିଲାର ପାଲଲହଡ଼ା ଓ ଛେଣ୍ଡିପଦା, ବାଲେଶ୍ୱର ଜିଲାର ବସ୍ତା ଓ ସିମୁଳିଆ, ବରଗଡ଼ ଜିଲାର ପାଇକମାଳ ଓ ଭେଡ଼େନ, ଭଦ୍ରକ ଜିଲାର ଆଗରପଡ଼ା, ବଲାଙ୍ଗୀର ଜିଲାର ବେଲପଡ଼ା ଓ ସଇଁନ୍ତଳା, ଯାଜପୁର ଜିଲାର ବିଞ୍ଝାରପୁର, ପାଣିକୋଇଲି, ଜାରକା ଓ ଚଣ୍ଡିଖୋଲ, କଳାହାଣ୍ଡି ଜିଲାର ଜୟପାଟଣା, କନ୍ଧମାଳ ଜିଲାର ରାଇକିଆ, କୋରାପୁଟ ଜିଲାର ବୋରିଗୁମା, ନୂଆପଡ଼ା ଜିଲାର ସିନାପାଲି, ରାୟଗଡ଼ା ଜିଲାର ଚାନ୍ଦିଲି, ମୁନିଗୁଡ଼ା ଓ ବିଷମକଟକ, ସୁବର୍ଣ୍ଣପୁର ଜିଲାର ଡୁଙ୍ଗୁରିପାଲି, ସୁନ୍ଦରଗଡ଼ ଜିଲାର ବଣେଇ, ଗଞ୍ଜାମ ଜିଲାର ଶେରଗଡ଼ ଓ କୁକୁଡ଼ାଖଣ୍ଡି, ନୟାଗଡ଼ ଜିଲାର କଣ୍ଟିଲୋ, ଖୋର୍ଦ୍ଧା ଜିଲାର ଟାଙ୍ଗୀ ଓ ବେଗୁନିଆ, କଟକ ଜିଲାର ସାଲେପୁର, ବଡ଼ମ୍ବା, ନରସିଂହପୁର ଓ ନିଆଳି, ମୟୂରଭଞ୍ଜ ଜିଲାର ବେତନଟି, ଢେଙ୍କାନାଳ ଜିଲାର ପରଜଙ୍ଗ ଏବଂ ବୌଦ୍ଧ ଜିଲାର କଣ୍ଟାମାଳ। ସୂଚନାଯୋଗ୍ୟ, ଜନସାଧାରଣଙ୍କ ଦାବି, କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଅଞ୍ଚଳର ସାମଗ୍ରିକ ବିକାଶ କ୍ଷେତ୍ରରେ ନବଗଠିତ ପରିଷଦଗୁଡ଼ିକ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

# ୨୨ ବର୍ଷ ପରେ ନ୍ୟାୟ: ୬ ଜଣଙ୍କୁ ଆଜୀବନ ଜେଲ

## କେଶପାନିଆ ହତ୍ୟା ମାମଲା

ଓଡ଼ଗାଁ,୨୪।୨(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଶରଣକୁଳ ଥାନା ଅଧୀନ କେଶପାନିଆ ଗ୍ରାମରେ ୨୨ ବର୍ଷ ତଳେ ଘଟିଥିବା ମଦନ ନାହାକ ହତ୍ୟା ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଓଡ଼ଗାଁ ଅତିରିକ୍ତ ଜିଲା ଓ ଦୌରାଜଜ୍ ମାନସ ରଞ୍ଜନ ରଥ ଏହି ମାମଲାରେ ୬ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସୂଚନା ଅନୁଯାୟୀ, ୧୦।୧୦।୨୦୦୨ରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କେଶପାନିଆ ଗ୍ରାମର ମଦନ ନାହାକଙ୍କୁ ସେହି ଗ୍ରାମର ମୋଚି ନାଇକଙ୍କ ସମେତ ୧୮ ଜଣ କଟୁରି, ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାରେ ମଦନଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କୁ ଉଦ୍ଧାର କରିବାକୁ ଯାଇଥିବା ଯୁଗଳ ନାହାକଙ୍କ ସମେତ ଅନ୍ୟମାନେ ଅଭିଯୁକ୍ତମାନଙ୍କ ବୋମା ଓ ପଥର ମାଡ଼ରେ ଗୁରୁତର ହୋଇଥିଲେ। ଏନେଇ ମୃତ ମଦନଙ୍କ ଝିଅ କୁମାରୀ ନାହାକଙ୍କ ଅଭିଯୋଗକ୍ରମେ ଶରଣକୁଳ ଥାନା ପୋଲିସ ବିଭିନ୍ନ ଦଫାରେ ଏକ ମାମଲା(ନଂ.୮୬/୨୦୦୨) ରୁଜୁ କରିଥିଲା। ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହିତ ତଦନ୍ତ କରି କୋର୍ଟରେ ଅଭିଯୋଗପତ୍ର ଦାଖଲ କରିଥିଲା। ଏହି ମାମଲା ଓଡ଼ଗାଁ ଅତିରିକ୍ତ ଜିଲା ଓ ଦୌରାଜଜ୍ଙ୍କ ଅଦାଲତରେ ଏସ୍‌ଟି କେସ ନଂ. ୪୪/୫୦-୨୦୦୩/୨୦୨୩ରେ ପଞ୍ଜୀକୃତ ହୋଇ ବିଚାର ପ୍ରକ୍ରିୟା ଚାଲିଥିଲା। ୧୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅତିରିକ୍ତ ଜିଲା ଓ ଦୌରାଜଜ୍ ରଥ ମୁଦାଲା ଗଣେଶ ନାହାକ, ମେଳିଆ ନାହାକ, ଚତୁର୍ଭୁଜ ନାହାକ, ଭାଗୀ ନାହାକ, ଭୀମ ନାହାକ ଓ ମୋଚି ନାହାକଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୧୦ ହଜାର ଟଙ୍କା ଲେଖା ଜରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦୟ ଅଭିଯୁକ୍ତମାନେ ଅତିରିକ୍ତ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି କୋର୍ଟ ନିଜ ରାୟରେ ସ୍ପଷ୍ଟ କରିଛନ୍ତି। ଏହା ସହିତ ମୁଦାଲା ଭାଗୀ ନାହାକଙ୍କୁ ☞ପୃଷ୍ଠା-୧୧




## ଚାପମୁକ୍ତ ପରୀକ୍ଷା ପାଇଁ 'ଟେଲିମାନସ'

ଭୁବନେଶ୍ୱର, ୨୪।୨ (ଅସମାପିକା ସାହୁ)

ରାଜ୍ୟରେ ଏବେ ମାଟ୍ରିକ ପରୀକ୍ଷା ଚାଲୁଥିବାବେଳେ ଆଗାମୀ ଦିନରେ ଅନ୍ୟ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ପରୀକ୍ଷା ସମୟରେ ଛାତ୍ରୀଛାତ୍ରଙ୍କୁ ଚାପମୁକ୍ତ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମିଳିତ ପଦକ୍ଷେପ ଗ୍ରହଣ କରାଯାଇଛି। ଚାପଗ୍ରସ୍ତ ଛାତ୍ରୀଛାତ୍ରଙ୍କ ପାଇଁ 'ଟେଲି ମାନସ' ସେବା ଆରମ୍ଭ ହୋଇଛି। ବିଭାଗ ପକ୍ଷରୁ ଏକ ଟୋଲ ଫ୍ରି ନମ୍ବର ୧୪୪୧୬ ଜାରି କରାଯାଇଛି। ପରୀକ୍ଷା ସମୟରେ ପିଲାମାନେ ଚାପ ଓ ଚିନ୍ତାରେ ରହିଥାନ୍ତି। ଏ ଦିଗରେ ସଚେତନତା ବୃଦ୍ଧି କରିବା ପାଇଁ ଏପରି ପଦକ୍ଷେପ ନିଆଯାଇଛି। ପରୀକ୍ଷା ସମୟରେ ଚାପଗ୍ରସ୍ତ ଥିଲେ ଏହି ଟୋଲ ଫ୍ରି ନମ୍ବରରେ ଫୋନ୍ କରି ଛାତ୍ରୀଛାତ୍ର ଏବଂ ଅଭିଭାବକ ବିଶେଷଜ୍ଞଙ୍କ ମତାମତ ନେଇ ସେମାନଙ୍କ ଦ୍ୱନ୍ଦ୍ୱ ଦୂର କରିପାରିବେ। ସୂଚନାଯୋଗ୍ୟ, ବହୁ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଚାପରେ ରହି ଆତ୍ମହତ୍ୟା କରୁଥିବା ଦେଖାଯାଇଛି। ଗତ ଗୁରୁବାର ବ୍ରହ୍ମପୁରର ଜଣେ ଯୁକ୍ତ୨ ଛାତ୍ର କପି କରି ଧରାପଡ଼ିଥିଲେ। ଏହାପରେ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

### ଆଜିର ସମ୍ପାଦକୀୟ

ଏକତା ଗୁରୁତ୍ୱପୂର୍ଣ୍ଣ

### ଆଜିର ମନ୍ତବ୍ୟ

"ଦେଶରେ ବେରୋଜଗାରୀ ନ ଥିଲେ, ଯୁବବର୍ଗ ଦିନକୁ ୧୨ ଘଣ୍ଟା ସେମାନଙ୍କ ମୋବାଇଲ୍ ଫୋନ୍‌ରେ ସମୟ ବିତାଉ ନ ଥାନ୍ତେ।

**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**



ଧରିତ୍ରୀ 50 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ଫେବୃଆରୀ ୨୫/୨୦୨୪ | Bhubaneswar, Sunday, February 25/2024


# ୟୁସିସି ଆଡ଼କୁ ଆସାମ

## ମୁସ୍‌ଲିମ ବିବାହ ଓ ଛାଡ଼ପତ୍ର ପଞ୍ଜୀକରଣ ଆଇନ ଉଚ୍ଛେଦ

**ଗୁଆହାଟୀ,୨୪।୨(ପି.ଟି.)**

ଆସାମ ମୁସଲିମ୍ ମ୍ୟାରେଜ୍ ଆଣ୍ଡ୍ ଡିଭୋର୍ସ ରେଜିଷ୍ଟ୍ରେଶନ୍ ଆକ୍ଟ, ୧୯୩୫କୁ ଉଚ୍ଛେଦ କରିଦିଆଯାଇଛି। ଆସାମ କ୍ୟାବିନେଟ୍‌ରେ ଶୁକ୍ରବାର ବିଳମ୍ବିତ ରାତିରେ ନିଆଯାଇଥିବା ଏହି ନିଷ୍ପତ୍ତି ସମ୍ପର୍କରେ ଶନିବାର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ସୂଚନା ଦେଇଛନ୍ତି। ଉତ୍ତରାଖଣ୍ଡ ପରେ ଆସାମ ସରକାର ମଧ୍ୟ ଏକକ ଦେୱାନୀ ସଂହିତା ଆଣିବାକୁ ଯାଉଥିବାରୁ ଏହା ୟୁସିସି ଆଡ଼କୁ ପ୍ରଥମ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଅନ୍ୟପକ୍ଷେ ବିରୋଧୀ ଦଳଗୁଡ଼ିକ ଏହାକୁ ମୁସଲମାନ ସମ୍ପ୍ରଦାୟ ବିରୋଧୀ ବୈଷମ୍ୟ ଏବଂ ନିର୍ବାଚନୀ ବର୍ଷରେ ଭୋଟ ଧ୍ରୁବୀକରଣ ପାଇଁ ଭାଜପା ସରକାରଙ୍କ ଉଦ୍ୟମ ବୋଲି ସମାଲୋଚନା କରିଛନ୍ତି।

ୟୁନିଫର୍ମ ସିଭିଲ୍ କୋଡ୍ (ୟୁସିସି) ହେଉଛି ସମସ୍ତ ଭାରତୀୟ ନାଗରିକଙ୍କ କ୍ଷେତ୍ରରେ ଲାଗୁ ହେବାକୁ ଥିବା ଏକ ପ୍ରସ୍ତାବିତ ଆଇନ। ଏହା ଲାଗୁ ହେଲେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଭାରତୀୟଙ୍କ ବିବାହ, ବିଚ୍ଛେଦ, ଉତ୍ତରାଧିକାରୀ ଓ ପୋଷ୍ୟ ଭଳି ବ୍ୟକ୍ତିଗତ ବ୍ୟାପାର କ୍ଷେତ୍ରରେ ଗୋଟିଏ ହିଁ ନିୟମ ପ୍ରଯୁଜ୍ୟ ହେବ। ନିକଟରେ ଉତ୍ତରାଖଣ୍ଡ ୟୁସିସି ଆଇନକୁ ପ୍ରଥମ ରାଜ୍ୟ ଭାବେ ଗୃହୀତ କରାଇଛି। ଆସାମର ବିଶ୍ୱଶର୍ମା ସରକାର ମଧ୍ୟ ୟୁସିସି ଲାଗୁ କରିବା ପାଇଁ ଚାହୁଁଛନ୍ତି ଏବଂ



ହିମନ୍ତ ବିଶ୍ୱଶର୍ମା

ଫେବୃୟାରୀ ୨୮ରେ ବଜେଟ ଅଧିବେଶନ ଶେଷ ହେବା ପୂର୍ବରୁ ଏ ସଂକ୍ରାନ୍ତ ବିଲ୍ ଗୃହରେ ପାରିତ କରାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ବିଶ୍ୱଶର୍ମା କହିଛନ୍ତି, ଉକ୍ତ ଆଇନ ଉଚ୍ଛେଦ ହେବା ପରେ ମୁସଲମାନ ସମ୍ପ୍ରଦାୟର ଝିଅ ଓ ପୁଅ ଆଇନତଃ ବିବାହ ବୟସ ଯଥାକ୍ରମେ ୧୮ ଓ ୨୧ ବର୍ଷରେ ଉପନୀତ ହୋଇ ନ ଥିଲେ ମଧ୍ୟ ବିବାହ କଲେ ସେନେଇ ପଞ୍ଜୀକରଣ କରାଇବେ। ଏହା ଆସାମରେ ବାଲ୍ୟବିବାହ ରୋକିବା ଦିଗରେ ଏକ ବଡ଼ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ବିଶ୍ୱଶର୍ମା ଆହୁରି କହିଛନ୍ତି, ମୁସଲମାନଙ୍କ ବିବାହ ଓ ବିଚ୍ଛେଦକୁ ଭାରତୀୟ ସମ୍ବିଧାନ ଅଧୀନରେ ବୈଧ ସ୍ୱୀକୃତି ଦେବା ପାଇଁ ଏହା ହେଉଛି ଏକମାତ୍ର ବ୍ୟବସ୍ଥା। ଜିଲାପାଳ ଓ ଜିଲା ରେଜିଷ୍ଟ୍ରାରମାନଙ୍କୁ ରେଜିଷ୍ଟ୍ରେଶନ୍ ରେକର୍ଡ ଦାୟିତ୍ୱ ଦିଆଯିବ। ବର୍ତ୍ତମାନ ରାଜ୍ୟରେ ୯୪ ମୁସ୍‌ଲିମ ମ୍ୟାରେଜ ରେଜିଷ୍ଟ୍ରାର ରହିଛନ୍ତି। ଆଇନ ଉଚ୍ଛେଦ ପରେ ଆସାମ ଇନ୍‌ସ୍ପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରାରଙ୍କ ଅଧୀନକୁ ସବୁ ମାମଲା ଆସିବ। ଉଚ୍ଛେଦ ହେବାକୁ ଥିବା ୯୪ ମୁସ୍‌ଲିମ ମ୍ୟାରେଜ୍ ରେଜିଷ୍ଟ୍ରାର ପଦବୀରେ ଥିବା ବ୍ୟକ୍ତିଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦିଆଯିବ। ଆସାମ ମନ୍ତ୍ରୀ ଜୟନ୍ତ ମାଲ୍ଲା କହିଛନ୍ତି, ମୁସ୍‌ଲିମ ବିବାହ ଓ ବିଚ୍ଛେଦ ପଞ୍ଜୀକରଣ ଆଇନ, ୧୯୩୫କୁ ଉଚ୍ଛେଦ କରିବା ପାଇଁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ବର୍ତ୍ତମାନ ସରକାର ଏଭଳି ସମସ୍ତ ପ୍ରସଙ୍ଗକୁ ସ୍ୱତନ୍ତ୍ର ବିବାହ ଆଇନ ଅଧୀନକୁ ଆଣିବାକୁ ଯାଉଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ବିଧାୟକ ଅବ୍‌ଦୁଲ ରଶିଦ ମଣ୍ଡଲ କହିଛନ୍ତି, ଲୋକ ସଭା ନିର୍ବାଚନ ପୂର୍ବରୁ ନିଆଯାଇଥିବା ଏହି ନିଷ୍ପତ୍ତି ଭୋଟ ଧ୍ରୁବୀକରଣ ଏବଂ ମୁସଲମାନଙ୍କ ପ୍ରତି ଭେଦଭାବପୂର୍ଣ୍ଣ ଆଚରଣ ବ୍ୟତୀତ କିଛି ନୁହେଁ। ସରକାର ୟୁସିସି କଥା କହୁଛନ୍ତି ଏବଂ ରାଜ୍ୟରେ ବହୁ ବିବାହକୁ ନିଷେଧ କରୁଛନ୍ତି। କିନ୍ତୁ ଅଦ୍ୟାବଧି ଏପରି କୌଣସି ବିଧେୟକ ଆଣିନାହାନ୍ତି। ଏଆଇଡିୟୁଏଫ୍ ବିଧାୟକ ରଫିକୁଲ ଇସ୍‌ଲାମ ମଧ୍ୟ ଅନୁରୂପ ଅଭିଯୋଗ ଆଣିଛନ୍ତି।




ମୁରାଦାବାଦରେ ଶନିବାର ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଉତ୍ତରପ୍ରଦେଶ କନଷ୍ଟେବଲ ନିଯୁକ୍ତି ପରୀକ୍ଷାର ପେପର ଲିକ୍ ଘଟଣାକୁ ନେଇ ଏକ ପୋଷ୍ଟର ମାଧ୍ୟମରେ ସମାଲୋଚନା କରୁଛନ୍ତି। ଏହି ଯାତ୍ରାରେ ସାମିଲ ହୋଇଛନ୍ତି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା।

# ୨୯ ସୁଦ୍ଧା ୧୦୦ ପ୍ରାର୍ଥୀ ଘୋଷଣା କରିପାରେ ଭାଜପା

**ନୂଆଦିଲ୍ଲୀ,୨୪।୨**

ଆଗାମୀ ଲୋକ ସଭା ନିର୍ବାଚନ ପାଇଁ ଭାଜପା ଚଳିତ ମାସ ଶେଷ ସୁଦ୍ଧା ୧୦୦ ପ୍ରାର୍ଥୀଙ୍କ ତାଲିକା ଘୋଷଣା କରିପାରେ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। ଉକ୍ତ ତାଲିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ନାଁ ରହିପାରେ ବୋଲି ଆଶା କରାଯାଉଛି। ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଏବଂ ତାମିଲନାଡୁର ବିଭିନ୍ନ ନିର୍ବାଚନ ମଣ୍ଡଳୀ ନିମନ୍ତେ ପ୍ରାର୍ଥୀମାନଙ୍କ ନାଁ ଘୋଷଣା ହୋଇପାରେ। ୨୦୧୯ରେ ପରାଜିତ ହୋଇଥିବା ଆସନଗୁଡ଼ିକ ଉପରେ ଭାଜପା ସର୍ବାଧିକ ଧ୍ୟାନ ଦେଉଛି। ସୂତ୍ର ଅନୁଯାୟୀ ୨୯ ତାରିଖରେ ଭାଜପାର କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକ ବସିବାକୁ ଥିବାବେଳେ ପ୍ରଥମ ପ୍ରାର୍ଥୀ ତାଲିକା ଘୋଷଣା ହୋଇପାରେ। ୫୪୩ ଆସନ ବିଶିଷ୍ଟ ଲୋକ ସଭାରେ ଭାଜପା ଏକାକୀ ୩୭୦ ଆସନ ଏବଂ ଏନ୍‌ଡିଏ ମେଣ୍ଟ ୪୦୦ ଆସନ ଜିତିବାକୁ ଲକ୍ଷ୍ୟ ରଖିଥିବାରୁ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି।


DSPL-708

ଆମ ଓଡ଼ିଶା ନବୀନ ଓଡ଼ିଶା | 5T | ଓଡ଼ିଶା ସରକାର





ବ୍ଲାକବୋର୍ଡ଼ରୁ ସ୍ମାର୍ଟ ବୋର୍ଡ଼

୮୬୮୧

ସ୍କୁଲର ହୋଇଛି ରୂପାନ୍ତରଣ







ଉନ୍ନତ ଶିକ୍ଷା ବ୍ୟବସ୍ଥା ସହ ବଦଳୁଛି 'ମୋ ସ୍କୁଲ'

- ୪,୩୫୨.୦୫ କୋଟି ଟଙ୍କା ବ୍ୟୟବରାଦରେ ଶିକ୍ଷାର ରୂପାନ୍ତରଣକୁ ଗୁରୁତ୍ୱ
- ୧୦,୭୯,୪୯୧ ସ୍କୁଲ ଛାତ୍ରଛାତ୍ରୀ ଉପକୃତ
- ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସଶକ୍ତ ଓ ସୁଦୃଢ଼ ହୋଇଛି ଶିକ୍ଷାର ସ୍ତମ୍ଭ

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0443/2324

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ରବିବାର, ଫେବୃଆରୀ ୨୫/୨୦୨୪ | Bhubaneswar, Sunday, February 25/2024







# ଜୁଲାଇରୁ ୩ ନୂଆ ଆପରାଧିକ ନ୍ୟାୟ ଆଇନ

- ନ୍ୟାୟ ସଂହିତାରେ ଆତଙ୍କବାଦର ସଂଜ୍ଞା ପରିଭାଷିତ
- ହିଟ୍ ଆଣ୍ଡ୍ ରନ୍ ମାମଲାର ଦଣ୍ଡବ୍ୟବସ୍ଥା ସ୍ଥଗିତ

**ନୂଆଦିଲ୍ଲୀ,୨୪।୨**

୩ ନବ ପ୍ରଣୀତ ଆଇନ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଆଇନ ଆସନ୍ତା ଜୁଲାଇ ୧ରୁ ସାରା ଦେଶରେ ଲାଗୁହେବ। କେନ୍ଦ୍ର ସରକାର ଶନିବାର ଏହି ଘୋଷଣା କରିଛନ୍ତି। ତେବେ ଗାଡ଼ି ଚାଳକମାନଙ୍କ ବିରୋଧରେ ହିଟ୍ ଆଣ୍ଡ୍ ରନ୍ ମାମଲାର ନିୟମ ତତ୍କାଳ ଲାଗୁହେବ ନାହିଁ। ଗତ ଡିସେମ୍ବର ୨୧ରେ ଉପରୋକ୍ତ ୩ ଆଇନ ପାର୍ଲାମେଣ୍ଟରେ ପାରିତ ହୋଇଥିବାବେଳେ ୨୫ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅନୁମୋଦନ ଲାଭ କରିଛି।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ତିନୋଟି ସମାନ ଧରଣର ବିଜ୍ଞପ୍ତି ପ୍ରକାଶ ପାଇଛି। ୩ ନୂଆ ଆପରାଧିକ ଆଇନ ଜୁଲାଇ ପହିଲାରୁ ଲାଗୁ ହେବା ବିଷୟ ଏଥିରେ ଉଲ୍ଲେଖ କରାଯାଇଛି। ଉପନିବେଶବାଦ ଅମଳର ଇଣ୍ଡିଆନ୍ ପେନାଲ କୋଡ୍ (ଆଇପିସି) ୧୮୬୦ ପରିବର୍ତ୍ତେ ଭାରତୀୟ ନ୍ୟାୟ ସଂହିତା, କୋଡ୍ ଅଫ୍ କ୍ରିମିନାଲ ପ୍ରୋସିଡ୍ୟୁର (ସିଆର୍‌ପିସି) ୧୯୭୩ ବଦଳରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟ, ୧୮୭୨ ସ୍ଥାନରେ ଭାରତୀୟ ସାକ୍ଷ୍ୟ ଆଇନ କାର୍ଯ୍ୟକାରୀ ହେବ। ଏହି ଆଇନଗୁଡ଼ିକ ଭାରତର ନ୍ୟାୟ ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ ଆଣିବା ପାଇଁ ଉଦ୍ଦିଷ୍ଟ, ଯହିଁରେ ପ୍ରତ୍ୟେକ ଅପରାଧକୁ ପରିଭାଷିତ କରାଯାଇ ସେଗୁଡ଼ିକର ଦଣ୍ଡବିଧାନ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ତେବେ କୌଣସି ଡ୍ରାଇଭରଙ୍କ ଦ୍ରୁତ ଗାଡ଼ି ଚାଳନା କିମ୍ବା ଅବହେଳା ଯୋଗୁ ଦୁର୍ଘଟଣା ଘଟି କାହାର ମୃତ୍ୟୁ ଘଟିଲେ ସେ ସମ୍ପୃକ୍ତ ସ୍ଥାନରୁ ଫେରାର ହୋଇ ପୋଲିସ ନିକଟରେ ନିଜ ଆଡୁ ରିପୋର୍ଟ ନ କଲେ ତାଙ୍କୁ ୧୦ ବର୍ଷ ଜେଲ ଏବଂ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦଣ୍ଡବିଧାନ ରହିଥିବା ହିଟ୍ ଆଣ୍ଡ ରନ୍ ମାମଲାର ନିୟମକୁ ସ୍ଥଗିତ ରଖାଯାଇଛି। ଭାରତୀୟ ନ୍ୟାୟ ସଂହିତା,୨୦୨୩ (୨୦୨୩ର ୪୫) ଧାରା ୧ ଉପଧାରା ୨ରେ ପ୍ରଦତ୍ତ କ୍ଷମତା ଅନୁସାରେ କେନ୍ଦ୍ର ସରକାର ୨୦୨୪ ଜୁଲାଇ ପ୍ରଥମ ଦିବସରୁ ଉକ୍ତ ଆଇନକୁ ଲାଗୁ କରିବେ। କିନ୍ତୁ ଏହାର ଧାରା ୧୦୬ର ଉପଧାରା ୨ ଏଥିରୁ ବ୍ୟତିକ୍ରମ ରହିବ ବୋଲି ଗୋଟିଏ ନୋଟିଫିକେଶନ୍‌ରେ ଉଲ୍ଲେଖ କରାଯାଇଛି। ଡାଇଭରମାନଙ୍କ ଦେଶବ୍ୟାପୀ ଆନ୍ଦୋଳନ ବେଳେ ସରକାର ଅଲ୍ ଇଣ୍ଡିଆ ମୋଟର ଟ୍ରାନ୍ସପୋର୍ଟ କଂଗ୍ରେସ ସହ ବିଚାରବିମର୍ଶ ନ କରି ଏହାକୁ କାର୍ଯ୍ୟକାରୀ କରିବେନାହିଁ ବୋଲି ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା ପ୍ରତିଶ୍ରୁତି ଦେଇଥିଲେ। ☞ପୃଷ୍ଠା-୧୧

# ଛୁଟିରେ କୁଲାଙ୍ଗେ, ଭତ୍ତା ଘୋଷଣା ମହଙ୍ଗା ଚର୍ଚ୍ଚା

## ରାଜେଶ ପ୍ରଭାକର ପାଟିଲ ବିଏମ୍‌ସି କମିଶନର

**ଭୁବନେଶ୍ୱର,୨୪।୨(ଅନିଲ ଦାସ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ବିଜୟ ଅମୃତ କୁଲାଙ୍ଗେ ମାସେ ଛୁଟିରେ ଯାଇଛନ୍ତି। ତାଙ୍କ ସ୍ଥାନରେ ୨୦୦୫ ବ୍ୟାଚ୍ ଆଇଏଏସ୍ ଅଫିସର ରାଜେଶ ପ୍ରଭାକର ପାଟିଲଙ୍କୁ ନୂଆ କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଏଥିସହିତ ପାଟିଲ ଅତିରିକ୍ତ ଭାବେ ସମବାୟ ବିଭାଗର ସଚିବ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଦାୟିତ୍ୱ ତୁଲାଇବେ। ୨୦୧୩ ବ୍ୟାଚ୍ ଆଇଏଏସ୍ ଅଫିସର କୁଲାଙ୍ଗେଙ୍କୁ ରାଜ୍ୟ ସରକାର ୧ ମାସ ପାଇଁ ଛୁଟିରେ ଯିବା ନିମନ୍ତେ ଅନୁମତି ଦେଇଛନ୍ତି। ଛୁଟିରୁ ଫେରିବା ପରେ ତାଙ୍କୁ ନୂଆ ପଦରେ ନିଯୁକ୍ତି କରାଯିବ ବୋଲି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ସବୁକିଛି ଠିକ୍‌ଠାକ୍ ଥିବାବେଳେ କୁଲାଙ୍ଗେଙ୍କ ଅଚାନକ ଛୁଟିରେ ଯିବାକୁ ନେଇ ଚର୍ଚ୍ଚା ଜୋର ଧରିଛି। ରାଜ୍ୟ ସରକାରଙ୍କ ବିନା ଅନୁମତିରେ ମେୟର ଓ କର୍ପୋରେଟରଙ୍କ ଭତ୍ତା(ସିଟିଂ ଆଲାଉନ୍ସ) ବୃଦ୍ଧି ପାଇଁ ଗତ ☞ପୃଷ୍ଠା-୧୧


ବିଜୟ ଅମୃତ କୁଲାଙ୍ଗେ


ରାଜେଶ ପ୍ରଭାକର ପାଟିଲ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- କସ୍ତୁରୀ ପକ୍ଷରୁ ' ପିଠା ଓ ମିଠା' କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୮ଟା।
- ମା' ମଙ୍ଗଳା, ମା' ଦୁର୍ଗା, ମା' ଦୁଲାଦେବୀଙ୍କ ବିଜେସ୍ଥଳୀରେ ଚତୁର୍ଦ୍ଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଗଣ୍ଡରପୁର, ସମୟ: ସକାଳ ୯ଟା।
- ୟୁଥ୍ ଫାର୍ମା ଫେଷ୍ଟିଭାଲ, ସ୍ଥାନ: ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟର୍ସ, ୟୁନିଟ୍-୪, ସମୟ: ପୂର୍ବାହ୍ନ ୧୦ଟା।
- ଫେକ ଫ୍ରି ଇଣ୍ଡିଆ ଫାଉଣ୍ଡେଶନ ପକ୍ଷରୁ ଜାତୀୟ ସମ୍ମିଳନୀ, ସ୍ଥାନ: ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ ଏଗ୍ରିକଲଚୁରାଲ ଏକ୍ସଟେନ୍ସନ, ଶିରିପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବରିଷ୍ଠ ନାଗରିକ ବସନ୍ତ ମିଳନ ଉତ୍ସବ, ସ୍ଥାନ: କ୍ରିଷ୍ଟାଲ କର୍ଟିୟାର୍ଡ ମଣ୍ଡପ, ଚନ୍ଦ୍ରଶେଖର ଥାନା ଛକ ସନ୍ନିକଟ, ସମୟ: ପୂର୍ବାହ୍ନ ୧୧ଟା।
- ଏକାମ୍ର ନିର୍ବାଚନ ମଣ୍ଡଳୀର ଏକ ବିଶାଳ ମହିଳା ସମାବେଶ, ସ୍ଥାନ: ପୋଖରୀପୁଟସ୍ଥିତ କାରଗିଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ନରାଜ ସିଦ୍ଧେଶ୍ୱର ଆଞ୍ଚଳିକ ସୁରକ୍ଷା କମିଟିର ଖବରଦାତା ସମିଳନୀ, ସ୍ଥାନ: ନରାଜ ମଙ୍ଗଳା ମନ୍ଦିର, ସମୟ: ଅପରାହ୍ନ ୨ଟା।
- କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସ୍ମୃତି ସଭା, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୪ଟା।
- କମଲ ଗାଙ୍ଗୁଲି ସ୍ମାରକୀ କ୍ରୀଡ଼ା ପୁରସ୍କାର ପ୍ରଦାନ ଉତ୍ସବ, ସ୍ଥାନ: ସହିଦ ସ୍ପୋର୍ଟିଂ କ୍ଲବ ପଡ଼ିଆ, ସହିଦ ନଗର,ସମୟ: ଅପରାହ୍ନ ୪ଟା।
- କୋଠଘର ଆଣ ସାହିତ୍ୟ ପରିବାର ପକ୍ଷରୁ ପୁସ୍ତକ ଲୋକାର୍ପଣ, ସ୍ଥାନ: ରେଡକ୍ରସ ଭବନ, ୟୁନିଟ୍-୯, ସମୟ: ଅପରାହ୍ନ ୫ଟା ୩୦।
- ପୁସ୍ତକ 'ରାତି ମୋର ଅତି ଆପଣାର'ର ଲୋକାର୍ପଣ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ମୀରା ନୃତ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ରକ୍ତଦାନ ଶିବିର, ସ୍ଥାନ: କେଶୋରୀ ନର୍ସିଂହୋମ ପରିସର, ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡ ନିକଟ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିକଶିତ ସତ୍ୟବାଦୀ ସଂକଳ୍ପ ସମାବେଶ, ସ୍ଥାନ: ବାଘସାହି ବନପୁର ଛକ, ସାକ୍ଷୀଗୋପାଳ , ସମୟ: ପୂର୍ବାହ୍ନ ୧୧ଟା।
- ଭାଜପାର ଜନସମ୍ପର୍କ ଅଭିଯାନ, ସ୍ଥାନ: ହିଞ୍ଜିଳି ଜାଗା, ମଧ୍ୟାହ୍ନ ୧୨ଟା।
- ଆଚାର୍ଯ୍ୟ ହରିହର ବିଦ୍ୟାନିକେତର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୫ଟା।
- ବ୍ରିଙ୍ଗ ୟୋର ଓନ ଫିଲ୍ମ ଫେଷ୍ଟିଭାଲ, ସ୍ଥାନ: ହୋଟେଲ ପିଙ୍କ୍ ହାଉସ୍, ସିଟି ରୋଡ୍, ପୁରୀ, ସମୟ: ଅପରାହ୍ନ ୫ଟା।
- ମାରୁତି ସେନା ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ସନ୍ଧ୍ୟା ୭ଟା।

## କଟକ
- ସନ୍ଥ ନିରାକାରୀ ମଣ୍ଡଳ ପକ୍ଷରୁ ମହାନଦୀ ଜଳ ସଫେଇ ଅଭିଯାନ, ସ୍ଥାନ: ତଳ ବାଲିଯାତ୍ରା ପଡ଼ିଆ, କଟକ, ସମୟ: ସକାଳ ୭ଟା ୩୦।
- ସକାଳସାଥୀ ୱେଲଫେୟାର ଟ୍ରଷ୍ଟର ବାର୍ଷିକ ଉତ୍ସବ, ସ୍ଥାନ: ଶତାବ୍ଦୀ ଭବନ, କଟକ, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ପ୍ରତିଷ୍ଠାନ ମଣିମାଣିକ୍ୟର ୫୧ତମ ବାର୍ଷିକ ଶିଶୁ ମହୋତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, କଟକ, ସମୟ: ପୂର୍ବାହ୍ନ ୧୦ଟା।
- ୭ମ ସର୍ବଭାରତୀୟ ଧୀରେନ୍ଦ୍ରନାଥ ପ୍ରଧାନ ମେମୋରିଆଲ ବାସ୍କେଟ ବଲ୍ ଚାମ୍ପିୟନ୍‌ଶିପ୍, ସ୍ଥାନ: ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଭାଜପା ପକ୍ଷରୁ ଯୁବ ଆକ୍ରୋଶ ସମାବେଶ, ସ୍ଥାନ: ତଳ ବାଲିଯାତ୍ରା ପଡ଼ିଆ, କଟକ, ସମୟ: ମଧ୍ୟାହ୍ନ ୧୨ଟା।
- ଓଡ଼ିଆ ଫିଲ୍ମ ଆଣ୍ଡ ଟେଲିଭିଜନ ଡାଇରେକ୍ଟର୍ସ ଆସୋସିଏଶନ ପକ୍ଷରୁ ପ୍ରଥମ ସମ୍ମିଳନୀ, ସ୍ଥାନ: କଳିଙ୍ଗ ଗେଷ୍ଟ ହାଉସ୍, ଚୌଧୁରୀ ବଜାର,କଟକ, ସମୟ: ମଧ୍ୟାହ୍ନ ୧୨ଟା।
- ଗଙ୍ଗାଧର ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ ଫାଇନାଲ ମ୍ୟାଚ, ସ୍ଥାନ: ସୋମପଡ଼ା ଖେଳ ପଡ଼ିଆ, ତିଗିରିଆ, ସମୟ: ଅପରାହ୍ନ ୧ଟା।
- ବଡ଼େଇସାହି ଗ୍ରାମବାସୀଙ୍କ ପକ୍ଷରୁ ୭୫ତମ ଅଷ୍ଟପ୍ରହର ନାମ ସଂକୀର୍ତ୍ତନର ନଗର ପରିକ୍ରମା, ସ୍ଥାନ: ବାସୁରୀ ମଠ, ବଡ଼େଇସାହି, ସମୟ: ଅପରାହ୍ନ ୪ଟା।
- ମା' କାଳୀ ପ୍ରଡକ୍ସନ ପକ୍ଷରୁ ଡବିଂ ଷ୍ଟାର ଆୱାର୍ଡ-୨୦୨୪ ପ୍ରଦାନ ସମାରୋହ, ସ୍ଥାନ: ଶାରଳା ଭବନ,କଟକ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ବୃନ୍ଦାବତୀ ଦେବୀଙ୍କ ପୀଠରେ ହରିନାମ ସଂକୀର୍ତ୍ତନ, ସ୍ଥାନ:କୁଶପଲ୍ଲା, ବେଗୁନିଆ, ସମୟ: ସକାଳ ୬ଟା।
- ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ପଲାଛକ, ପାତ୍ର ଇଲେକ୍ଟ୍ରୋନିକ୍ସ ଉପର ମହଲା, ଖୋର୍ଦ୍ଧା, ସମୟ: ସକାଳ ୯ଟା ୩୦।
- ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର ପରିସର, ନିରାକାରପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କୁଶପଲ୍ଲା ମିନି ଷ୍ଟାଡିୟମ, ବେଗୁନିଆ, ସମୟ: ଅପରାହ୍ନ ୩ଟା।
- ଆମ ଗାଁ ମହୋତ୍ସବ, ସ୍ଥାନ: ମଲ୍ଲୀପଦର, ବେଗୁନିଆ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ଶିବମୁନି ଯୋଗାଶ୍ରମ, ବେଲି ଶାଖାର ୩୫ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ବେଲି, ସିଂଲା, ସମୟ: ପୂର୍ବାହ୍ନ ୧୦ଟା।
- ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟ ୧୯୭୮-୮୨ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ, ସ୍ଥାନ: ସୋର ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ସପ୍ତବିଂଶତିତମ ସାଧାରଣ ଅଧିବେଶନ, ସ୍ଥାନ: ଗାନ୍ଧି ସ୍ମୃତି ଭବନ, ଓଟି ରୋଡ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଅଷ୍ଟମ ବାର୍ଷିକ ଉତ୍ସବ, ସ୍ଥାନ: ଖପରାପଦା, ବାଲିଆପାଳ, ସମୟ: ଅପରାହ୍ନ ୩ଟା।
- ଗଳ୍ପ ପାଠୋତ୍ସବ, ସ୍ଥାନ: ଶାନ୍ତିକାନନ, ମଲ୍ଲିକାଶପୁର, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସିଙ୍ଗ ଭୀମ ମେଳା, ସିଙ୍ଗ ଶୁଳିଆପଦା, ସମୟ: ସକାଳ ୯ଟା ୩୦।
- ସାଂସଦ ଖେଳ ମହାକୁମ୍ଭ, ସ୍ଥାନ: ଗୁହାଳଡିହୀ ପଡ଼ିଆ, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା କ୍ଷେତ ମଜଦୁର କିଷାନ ପରିଷଦ ସମାବେଶ, ସ୍ଥାନ: ଘାଗରା, ନୂଆଗାଁ ପଞ୍ଚାୟତ, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିକାଶ ମଞ୍ଚର ବୈଠକ, ସ୍ଥାନ: ଚିତ୍ରଡ଼ା, ମୋରଡ଼ା, ସମୟ: ଅପରାହ୍ନ ୨ଟା।
- ବନ୍ଧୁମିଳନ ଉତ୍ସବ, ସ୍ଥାନ: କୋଷ୍ଟା ହାଇସ୍କୁଲ ପଡ଼ିଆ, ଶୁଳିଆପଦା, ସମୟ: ଅପରାହ୍ନ ୩ଟା।
- ଐତିହାସିକ ଉଦଳା ସରସ୍ୱତୀ ମେଳା ଉଦ୍‌ଘାଟନ, ସ୍ଥାନ: ଉଦଳା ପରେଡ୍ ପଡ଼ିଆ, ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ସତ୍‌ସଙ୍ଗ ବିହାର, ତିହିଡ଼ି, ସମୟ: ସକାଳ ୬ଟା।
- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କାର୍ଯ୍ୟକ୍ରମ, ସ୍ଥାନ: ଭଦ୍ରକ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଶିବ ମନ୍ଦିର ପ୍ରତିଷ୍ଠା ଘଟୋତ୍ତଳନ, ସ୍ଥାନ: ହନୁମାନ ବାଟିକା ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜେଏମ୍‌ଏଫ୍‌ସିର ବାର୍ଷିକୋତ୍ସବ, ସ୍ଥାନ: ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ନାମେଣ୍ଟର ଗ୍ରାଣ୍ଡ ଫାଇନାଲ ମ୍ୟାଚ୍, ସ୍ଥାନ : ସୋଧ ଧରମପଡ଼ିଆ, ଧାମନଗର, ସମୟ: ପୂର୍ବାହ୍ନ ୧୧ଟା।
- କୁଳମଣି ସ୍ମାରକୀ ଏକଦିବସୀୟ ଭଲିବଲ ଟୁର୍ନାମେଣ୍ଟ, ସ୍ଥାନ: ତିହିଡ଼ି ବ୍ଲକ୍‌ର ଗଣେଶ୍ୱରପୁର, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର
- ନିବେଦିତା ମାସିକ ଓଡ଼ିଆ ଖବରକାଗଜର ଚତୁର୍ଥ ସ୍ୱନକ୍ଷତ୍ର ଦିବସ, ସ୍ଥାନ: ଆନନ୍ଦଭବନ, ଆନନ୍ଦପୁର, ସମୟ: ସକାଳ ୯ ଟା।
- ୩୪ତମ କେନ୍ଦୁଝର ଜିଲା ଭକ୍ତ ସମ୍ମିଳନୀ, ସ୍ଥାନ: ଗୁଜୁରାଟୀ ସମାଜ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ ଟା।

## ବ୍ରହ୍ମପୁର
- ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ:ଅରବିନ୍ଦ ନଗର ୧ମ ଲେନ, ସମୟ:ସକାଳ ୧୦ଟା।
- ସାମୁଦ୍ରିକ ବିଜ୍ଞାନ ବିଭାଗର କର୍ମଶାଳା, ସ୍ଥାନ:ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ:ଅପରାହ୍ନ ୨ଟା।

## ଗଞ୍ଜାମ
- ନାମଯଜ୍ଞ ଉଦ୍‌ଯାପନ, ସ୍ଥାନ: ଜଗନ୍ନାଥପ୍ରସାଦ ବ୍ଲକ ମାଟିଆ ସାହି, ସମୟ: ସକାଳ ୭ ଟା।
- ଓମ ଶାନ୍ତି ପକ୍ଷରୁ ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ଭଞ୍ଜନଗର ପ୍ରଜାପିତା ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟ, ସମୟ: ସକାଳ ୮ ଟା।
- ଗଞ୍ଜାମ ବ୍ଲକ ଭାଜପା ସାଙ୍ଗଠନିକ ଆଲୋଚନା ସଭା, ସ୍ଥାନ:ରାମେଶ୍ୱର ମନ୍ଦିର ପ୍ରାଙ୍ଗଣ, ଗଞ୍ଜାମ, ସମୟ:ପୂର୍ବାହ୍ନ ୧୦ ଟା।
- ଭାଜପାର ଗାଁକୁ ଚାଲ ଅଭିଯାନ, ସ୍ଥାନ: ବୁଗୁଡ଼ା ବ୍ଲକ ଭଗବାନପୁର, ସମୟ: ପୂର୍ବାହ୍ନ ୧୦ ଟା।
- ଶ୍ରୀଶ୍ରୀ ଗୋପୀନାଥ ମହାପ୍ରଭୁଙ୍କ ନୂତନ ବୈଷ୍ଣବ ପ୍ରାସାଦ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରାଇପଲ୍ଲୀ (ଆସିକା ବ୍ଲକ), ସମୟ : ପୂର୍ବାହ୍ନ ୧୦ଟା।
- ରାସନ କାର୍ଡ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ, ସ୍ଥାନ: ଭଞ୍ଜନଗର ବ୍ଲକ ଡୁମାକୁମ୍ପା, ସମୟ:ପୂର୍ବାହ୍ନ ୧୦ ଟା।
- ରାଜସ୍ୱ ମେଳା ଏବଂ ପଟ୍ଟା ପ୍ରଦାନ, ସ୍ଥାନ: ଭଞ୍ଜନଗର ବ୍ଲକ ବାହାଡାପଦର/ ବଡ଼କୋଦଣ୍ଡା, ସମୟ: ପୂର୍ବାହ୍ନ ୧୧ଟା/ମଧ୍ୟାହ୍ନ ୧୨ଟା।
- ରାସନ କାର୍ଡ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ, ସ୍ଥାନ: ଭଞ୍ଜନଗର ଠାକୁରାଣୀ ମନ୍ଦିର, ସମୟ: ଅପରାହ୍ନ ୫ ଟା।
- ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ:ଭଞ୍ଜନଗର ମୁଖ୍ୟ ସଡ଼କ ପେଣ୍ଠ, ସମୟ: ସନ୍ଧ୍ୟା ୭ ଟା।

## କନ୍ଧମାଳ
- ଶ୍ରୀ ମା' ବରାଳ ଦେବୀଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ନିମନ୍ତେ ଅଙ୍କୁରାରୋପଣ, ସ୍ଥାନ: ମନ୍ଦିର ପରିସର, ବାଲିଗୁଡ଼ା, ସମୟ: ସକାଳ ୮ଟା।

## ରାୟଗଡ଼ା
- ଶିକ୍ଷକ ଭବନ ଶୁଭ ଉଦ୍‌ଘାଟନ, ସ୍ଥାନ:ବିଷମ କଟକ, ସମୟ: ସକାଳ ୯ଟା।
- ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ଶିଳାନ୍ୟାସ, ସ୍ଥାନ: ବିଷମକଟକ ବ୍ଲକ ପଣସପଦର, ସମୟ: ପୂର୍ବାହ୍ନ ୧୦ଟା।
- ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ରୋଡ୍ ଶୋ', ସ୍ଥାନ: ମୁନିଗୁଡ଼ା, ସମୟ: ପୂର୍ବାହ୍ନ ୧୧।
- ନୂତନ ଶ୍ରେଣୀ ଗୃହ ଉଦଘାଟନ, ସ୍ଥାନ: ମାର୍କମା ମହାବିଦ୍ୟାଳୟ, ବିଷମ କଟକ, ସମୟ: ପୂର୍ବାହ୍ନ ୧୧ଟା.୩୦।

## କୋରାପୁଟ
- ରାଶନ କାର୍ଡ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ହାଉସିଂ ବୋର୍ଡ କଲୋନୀ, କୋରାପୁଟ, ସମୟ: ପୂର୍ବାହ୍ନ: ୧୧ଟା୩୦।

## ନବରଙ୍ଗପୁର
- ରାଜ୍ୟପାଳଙ୍କ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ, ସ୍ଥାନ: ପାପଡାହାଣ୍ଡି ବ୍ଲକ ଦଲେଇଗୁଡ଼ା ସମୟ: ପୂର୍ବାହ୍ନ ୧୦ଟା ୫୦
- ଡାକ୍ତର, ଫାର୍ମାସିଷ୍ଟ ଓ ସ୍ୱାସ୍ଥ୍ୟ କର୍ମୀଙ୍କ ସହ ରାଜ୍ୟପାଳଙ୍କ ଆଲୋଚନା, ସ୍ଥାନ: ଗୁମାଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ଅପରାହ୍ନ ୪ଟା.୩୦।

## ସମ୍ବଲପୁର
- ରାଜ୍ୟସ୍ତରୀୟ ସମ୍ବଲପୁରୀ ଭାଷା ସଂସ୍କୃତି ସମ୍ମିଳନୀ, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମ୍ବଲପୁର,ସମୟ: ପୂର୍ବାହ୍ନ ୧୦ଟା।
- ସେବା ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ଉତ୍ସବ, ସ୍ଥାନ: ଲିମସରିଏନ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଡାକ୍ତର ନିଯୁକ୍ତି ଦାବିରେ ସାଧାରଣ ସଭା, ସ୍ଥାନ: ମାନେଶ୍ୱର ଡାକ୍ତରଖାନା ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ବନ୍ଧୁମିଳନ, ସ୍ଥାନ: ଗୋଶଳା, ସମୟ: ପୂର୍ବାହ୍ନ ୧୦ଟା ୩୦
- ସ୍ୱାଧୀନତା ସଂଗ୍ରାମୀ ମଧୁ ଗଡ଼ତିଆଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ଯୁଯୁମୁରା ଗ୍ରାମୀଣ ପାର୍କ, ସମୟ: ପୂର୍ବାହ୍ନ ୧୦ଟା ୩୦
- ସେତୁ ଅନୁଷ୍ଠାନ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ପାନ୍ଥନିବାସ ସଭାକକ୍ଷ, ସମ୍ବଲପୁର,ସମୟ: ପୂର୍ବାହ୍ନ ୧୦ଟା୩୦।
- ଜଙ୍ଘାଲିଙ୍ଗାଙ୍କ ନଗର ପରିକ୍ରମା, ସ୍ଥାନ: ଯୁଯୁମୁରା, ପୂର୍ବାହ୍ନ: ୧୧ଟା।
- ଭାଜପାର ସାଧାରଣ ସଭା, ସ୍ଥାନ: ଯୁଯୁମୁରା ଖେଳ ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ଜାତୀୟ ଜନଜାତି ମହୋତ୍ସବର କଳାକାର ଶୋଭାଯାତ୍ରା, ସ୍ଥାନ: ଅଇଁଠାପାଲି ବିର୍ସା ମୁଣ୍ଡା ପ୍ରତିମୂର୍ତ୍ତି ସ୍ଥଳ, ସମୟ: ସନ୍ଧ୍ୟା ୫ଟା।
- ଜାତୀୟ ଜନଜାତି ମହୋତ୍ସବ ପରିଚୟ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡ଼ିଆ, ସମ୍ବଲପୁର, ସମୟ: ସନ୍ଧ୍ୟା ୫ଟା୩୦।

## ବଲାଙ୍ଗୀର
- ଶ୍ରୀମଦ୍ ଭାଗବତ୍ କଥାମୃତ କାର୍ଯ୍ୟକ୍ରମ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: ସଇଁତଳା ରାମମନ୍ଦିର, ସମୟ: ସକାଳ ୯ଟା।
- ମାହେଶ୍ୱରୀ ସଙ୍ଗଠନର ବାର୍ଷିକ ସମାରୋହ, ସ୍ଥାନ: ଗାନ୍ଧି ଭବନ, ସମୟ: ସକାଳ ୯ଟା ୩୦।
- କଣ୍ଟାବାଞ୍ଜି ବିଜୁ ଜନତା ଦଳର ବିଶାଳ ରାଲି, ସାଧାରଣ ସଭା, ସ୍ଥାନ: ଶ୍ରୀ ଜଗନ୍ନାଥ ମନ୍ଦିର, ଜିଆର ପ୍ୟାଲେସ, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଇଣ୍ଡିଆ ଗ୍ରାମୀଣ ଡାକ ସେବକ ୟୁନିୟନର ୧୨ତମ ଦ୍ୱିବାର୍ଷିକ ସମ୍ମିଳନୀ, ସ୍ଥାନ: ବଲାଙ୍ଗୀର ମୁଖ୍ୟ ଡାକଘର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା।
- ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ସଚେତନତା ଶିବିର, ସ୍ଥାନ: ଦେଓଗାଁ ରେଞ୍ଜ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ବନବିଭାଗ ପକ୍ଷରୁ ବନାଗ୍ନି ନିରାକରଣ ସଚେତନତା ସଭା, ସ୍ଥାନ: ଖପ୍ରାଖୋଲ ବ୍ଲକ ହରିଶଙ୍କର ବନବିଭାଗ ଡ଼ାକବଙ୍ଗଳା, ସମୟ: ପୂର୍ବାହ୍ନ ୧୧ଟା।
- ବିଜୁ ଜନତା ଦଳର ମହିଳା ଓ କର୍ମୀ ସମାବେଶ, ସ୍ଥାନ: ଖପ୍ରାଖୋଲ ବ୍ଲକ ଘୁନସର, ସମୟ: ପୂର୍ବାହ୍ନ ୧୧ଟା।
- ଲୋଇସିଂହାରେ ଆନ୍ତଃ ଜିଲାସ୍ତରୀୟ ସୂଚନା ଅଧିକାର ଓ କାର୍ଯ୍ୟକାରିତା ଉପରେ କର୍ମଶାଳାର ଦ୍ୱିତୀୟ ଦିବସ, ସ୍ଥାନ: ଆଦିବାସୀ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଲୋଇସିଂହା ପଞ୍ଚାୟତସ୍ତରୀୟ ଯାଦବ ସମାଜ ବନ୍ଧୁମିଳନ, ସ୍ଥାନ: ଜଡ଼ାମୁଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।
- ପାଟଣାଗଡ଼ କୋର୍ଟ ପରିସରରେ କ୍ରିମିନାଲ ବାର ଆସୋସିଏଶନ ପକ୍ଷରୁ ୪୧ତମ ଜନ୍ମବାର୍ଷିକୀ, ସ୍ଥାନ: କୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବୀଣାପାଣି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ, ସ୍ଥାନ: ଆଗଲପୁର ବ୍ଲକର ବୁରୋଭାଡ଼ି, ସମୟ: ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର
- ଅମରପାଲି ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି, ସମୟ: ସକାଳ ୭ଟା।
- ଆମ ଓଡିଶା ନବୀନ ଓଡିଶା ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଉଲୁଣ୍ଡିପାଲି ବ୍ଲକର ସହଲା ଗ୍ରାମ ପଞ୍ଚାୟତ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ମହିଳା ସଙ୍କୀର୍ତ୍ତନ ବୈଠକୀ, ସ୍ଥାନ: ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ହାଇସ୍କୁଲ ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ସନ୍ଥ କବି ଭୀମ ଭୋଇଙ୍କ ସାଧନା, ସିଦ୍ଧି ଓ ସମାଧି ପୀଠରେ ମାଘ ମେଳା ଉତ୍ସବର ପଞ୍ଚମ ସନ୍ଧ୍ୟା, ସ୍ଥାନ: ସୋନପୁର ବ୍ଲକର ଖଲିଆପାଲି ଭୀମଭୋଇ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ବିହାରୀ ସମାଜ ପକ୍ଷରୁ କଳସ ଯାତ୍ରା, ସ୍ଥାନ: ସମଲେଶ୍ୱରୀ ମନ୍ଦିର ପରିସର, ବରଗଡ଼: ସମୟ: ସକାଳ ୭ଟା ୩୦।
- କ୍ୟାନ୍‌ସର ସହଯୋଗ କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ବ୍ୟାଙ୍କର୍ସ କଲୋନୀ, ବରଗଡ଼ (ୱାର୍ଡ ନଂ.୧୩), ସମୟ: ସକାଳ ୮ଟା।
- କାବ୍ୟଗ୍ରନ୍ଥ ଉନ୍ମୋଚନ ଉଚ୍ଛବ୍, ସ୍ଥାନ: ଗାନ୍ଧୀ ସ୍ମୃତି ପାଠାଗାର, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପୁଷ୍ପୁନି ଭେଟ୍‌ଘାଟ୍, ସ୍ଥାନ: ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ହାଇସ୍କୁଲ, ସୋହେଲା, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଭାତ ପତି ସ୍ମାରକୀ ଭଲିବଲ ପ୍ରତିଯୋଗିତା, ସ୍ଥାନ: ଲଚିଦା(ଅତାବିରା), ସମୟ: ପୂର୍ବାହ୍ନ ୧୦ଟା।
- ରାଜେଶ ସ୍ମାରକୀ ଫୁଟବଲ ପ୍ରତିଯୋଗିତା, ସ୍ଥାନ: ରାଜବୋଡ଼ାସମ୍ବର ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଭାଗବତ ଆଲୋଚନା, ସ୍ଥାନ: ସାଉତଖଣ୍ଡି (ଗାଇସିଲେଟ), ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ବାର୍ଷିକ ସତ୍‌ସଙ୍ଗ, ସ୍ଥାନ: ଜାମୁଟପାଲି (ଗାଇସିଲେଟ), ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼
- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ସ୍ଥାନ: ସୁନ୍ଦରଗଡ଼ ସରକାରୀ କଲେଜ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଭୂତତ୍ତ୍ୱ ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ସେମିନାର, ସ୍ଥାନ: ବିଏଡ୍ କନଫରେନ୍ସ ହଲ୍, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍ତର ଉତ୍କଳ ତୈଳିକ ବୈଶ୍ୟ ସମାଜର ଗ୍ରୁପ୍ କମିଟି ଗଠନ, ସ୍ଥାନ: ସାଲେପାଲି ଦେବ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ୧୦୮ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଓ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ପ୍ରବଚନ, ସ୍ଥାନ: ବଡ଼ଗାଁ ବ୍ଲକ ପାମରା ଗ୍ରାମ, ସମୟ: ସକାଳ ୯ଟାରୁ ଅପରାହ୍ନ ୧୨ଟା ୩୦।

## ରାଉରକେଲା
- ଅଲ୍ ଓଡ଼ିଶା ମହିଳା କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ଇସ୍ପାତ ଷ୍ଟାଡିୟମ, ସେକ୍ଟର-୬, ସମୟ: ସକାଳ ୮ଟା ୩୦ ।
- ଲାଜରୁସ ଲାକ୍ରା ମେମୋରିଆଲ ନକ୍‌ଆଉଟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ସେକ୍ଟର-୬, ସମୟ: ସକାଳ ୮ଟା ୩୦।
- ଏସ୍‌ଏମ୍‌ଏଫ୍‌ଏ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ସେକ୍ଟର-୨୦, ସମୟ: ପୂର୍ବାହ୍ନ ୧୦ଟା।
- ସାଥୀ ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ସମାରୋହ, ସ୍ଥାନ: ଧାମରା ସଂଘ, ଛେଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।
- ହକିପ୍ରୋ ଲିଗ୍‌ର ଦୁଇଟି ମ୍ୟାଚ୍, ସ୍ଥାନ: ବିର୍ସା ମୁଣ୍ଡା ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା ୩୦।

## ଦେବଗଡ଼
- ସାଇବାବାଙ୍କ ନୂତନ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ପୁଷ୍ପାଭିଷେକ, ପୂର୍ଣ୍ଣାହୂତି, ଅନ୍ନପ୍ରସାଦ ବଣ୍ଟନ, ସାଇ ବିଭୂତି, ପୁସ୍ତକ ଉନ୍ମୋଚନ, ସ୍ଥାନ: ସାଇ ସେବା ସଂସ୍ଥାନ, ପ୍ରଧାନପାଟ, ସମୟ: ସକାଳ ୮ ରୁ ଅପରାହ୍ନ ୩ଟା।
- ଜିଲା କଂଗ୍ରେସ ଦଳ ପକ୍ଷରୁ ବୈଠକ, ସ୍ଥାନ: ରିଆମାଳ ବ୍ଲକର ତାବଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବଜରଙ୍ଗ କ୍ରିକେଟ କପ୍‌ର ଦ୍ୱିତୀୟ ଦିବସ, ସ୍ଥାନ: ମହୁଲିଡିପା ସାହି, ନାଳପଡ଼ିଆ, ଦେବଗଡ, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି
- ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: ଲାଞ୍ଜିଗଡ଼ ଗୋପୀନାଥ ମନ୍ଦିର ପରିସର, ସମୟ: ପ୍ରାତଃ ୫ଟା ୩୦।
- ନବ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବର ସୂର୍ଯ୍ୟ ପୂଜା, ମଣ୍ଡଳାଦି ପୂଜା, ମହାସ୍ନାନ, ଦେବତା ପ୍ରତିଷ୍ଠା, ସ୍ଥାନ: ଲାଞ୍ଜିଗଡ଼ ଶ୍ରୀ ଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୬ଟା ୩୦।
- ଜିଲାସ୍ତରୀୟ ପଡ଼ୋଶୀ ଯୁବ ସାଂସଦ କାର୍ଯ୍ୟକ୍ରମ, ସ୍ଥାନ: ନେହେରୁ ଯୁବ କେନ୍ଦ୍ର, ଭବାନୀପାଟଣା, ସମୟ: ସକାଳ ୯ଟା ୩୦।
- ମା' ପେଣ୍ଡ୍ରାଣୀ ଦେବୀଙ୍କ ମଣ୍ଡେଇ ଯାତ୍ରା ଉଦ୍‌ଯାପନୀ, ସ୍ଥାନ: କୋକସରା ବ୍ଲକ ଡେଙ୍ଗାଗୁଡା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ବାବା ଖଣ୍ଡୁଆଳ ନକ୍ ଆଉଟ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଥୁଆମୂଳ ରାମପୁର ବ୍ଲକ ବାବା ଖଣ୍ଡୁଆଳ ଖେଳ ପଡ଼ିଆ(ଭାରତୀୟ ଷ୍ଟେଟବ୍ୟାଙ୍କ ପଛପଟ), ସମୟ: ପୂର୍ବାହ୍ନ ୧୧ଟା।
- ଯାଦବ ସମାଜର ବନ୍ଧୁମିଳନ କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଗଡ଼ କଳାହାଣ୍ଡି ଉତ୍ସବ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ତରବୋଡ ଥାନାପଡ଼ା, ସମୟ: ଅପରାହ୍ନ ୩ଟା ୪୫।

## ବୌଦ୍ଧ
- କଣ୍ଟାମାଳ ବ୍ଲକ କୁଲୁତାଯୋରର ନେତାଜୀ କ୍ରିକେଟ କ୍ଲବ ଦ୍ୱାରା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଖେଳ, ସ୍ଥାନ: ସ୍ଥାନୀୟ ଖେଳପଡ଼ିଆ, ସମୟ: ଅପରାହ୍ନ ୧ଟା।
- ବୌଦ୍ଧ ବ୍ଲକ ବାଉଁଶୁଣୀ କ୍ରିକେଟ ଲିଗ୍ ଫାଇନାଲ ଖେଳ, ସ୍ଥାନ: ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ଅପରାହ୍ନ ୧ଟା।
- ବୌଦ୍ଧ ସହରର ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୫ଟା ।

## ଢେଙ୍କାନାଳ
- ସାହିତ୍ୟ ଏକାଡେମୀ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ଢେଙ୍କାନାଳ ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ, ସ୍ଥାନ: ଢେଙ୍କାନାଳ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଜେନ ମିଶ୍ରିଲାଲ ପଦ୍ମାବତୀ ମଡେଲ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: କାମାକ୍ଷାନଗର ଅଡିଟୋରିୟମ, ସମୟ: ଅପରାହ୍ନ ୫ଟା।

## ଅନୁଗୋଳ
- ଅନନ୍ତ ନାରାୟଣଙ୍କ ନବରାତ୍ର ମହାଯଜ୍ଞ, ସ୍ଥାନ: ଅନୁଗୋଳ ମନ୍ଦରଗିରି, ସମୟ: ସକାଳ ୭ଟା ୫୦।
- କଣିହାଁସ୍ଥିତ ଚିତ୍ରକୁଟ ଆଶ୍ରମରେ ନାମଯଜ୍ଞ ସମାପନ ଉତ୍ସବ, ସ୍ଥାନ: ବକ୍ରକୋଟ, ସମୟ: ସକାଳ ୮ଟା।
- ମା' ଫଟାକାଞ୍ଜିଆ କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ, ସ୍ଥାନ: ଅନୁଗୋଳ ଗୋଡ଼ିସାହି, ସମୟ: ପୂର୍ବାହ୍ନ ୧୧ ଟା।
- ମାଘ ମେଳା ଓ ମହିମା ମହୋତ୍ସବ, ସ୍ଥାନ: ଅଙ୍ଗାରବନ୍ଧ, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର
- ଜଗନ୍ନାଥ ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା ନିର୍ବାଚନ, ସ୍ଥାନ: ସଂଘ କାର୍ଯ୍ୟାଳୟ, ଅଠରବାଙ୍କୀ ଲକ୍‌ପଡା,ପାରାଦୀପ, ସମୟ: ସକାଳ ୮ଟା।
- ସୁଚିନ୍ତା ଚାରିଟେବୁଲ ଟ୍ରଷ୍ଟର ୨ୟ ବାର୍ଷିକ ଉତ୍ସବ, ସ୍ଥାନ: ଗରାମ କଲ୍ୟାଣ ମଣ୍ଡପ, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବଭାରତ ତୈଳବିଶୋଧନାଗାର ଶ୍ରମିକସଂଘ ପକ୍ଷରୁ ବନ୍ଧୁ ମିଳନ ସମାବେଶ, ସ୍ଥାନ: ପାରାଦୀପ ଜାତୀୟ ରାଜପଥ ପାଖ ଜିରୋପଏଣ୍ଟ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଚିରଞ୍ଜୀବ ବିଶ୍ୱାଳଙ୍କ ସମର୍ଥକଙ୍କ ବ୍ଲକସ୍ତରୀୟ ବନ୍ଧୁମିଳନ କାର୍ଯ୍ୟକ୍ରମ, ସ୍ଥାନ: ନାଉଗାଁ ବ୍ଲକର ଚଗଲି ଦାସ ମଠ, ସମୟ:ପୂର୍ବାହ୍ନ ୧୧ଟା।

## ନୟାଗଡ଼
- କଳାକାରଙ୍କ ଜିଲାସ୍ତରୀୟ ସମାବେଶ, ସ୍ଥାନ:ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଜୁବୁଲି ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୧ଟା।
- ପଠାଣି ସାମନ୍ତ କପ୍ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ:ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ, ସମୟ:ଅପରାହ୍ନ ୪ଟା୩୦।
- ନୀଳମାଧବ ଜୀଉଙ୍କ ମାଘମେଳା ମହୋତ୍ସବର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ପଲଟନ ପଡ଼ିଆ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।
- ଶ୍ରରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞର ଉଦ୍‌ଯାପନ, ସ୍ଥାନ:ନୟାଗଡ଼ ବ୍ଲକର ବାଉଁଶିଆପଡା ଶ୍ରୀଶ୍ରୀ ଏକାନ୍ତବାସୀ ମହାଦେବ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ୱାର୍ଲ୍ଡ ଭିଜନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଗୋପିନାଥପୁର, ମହାକାଳପଡ଼ା, ସମୟ:ସକାଳ ୮ଟା।
- ଗବେଷଣା ପଦ୍ଧତି ଓ ଶୈକ୍ଷିକ ଲିଖନ ଶୀର୍ଷକ ଆଲୋଚନା ଚକ୍ର, ସ୍ଥାନ: ଡେରାବିଶ କଲେଜ, ଡେରାବିଶ, ସମୟ:ସକାଳ ୯ଟା।
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କାର୍ଯ୍ୟକ୍ରମ, ସ୍ଥାନ:କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଏସ୍‌ୟୁଜେ ପକ୍ଷରୁ ଫ୍ରେଣ୍ଡଲି କ୍ରିକେଟ୍ ମ୍ୟାଚ, ସ୍ଥାନ: କେନ୍ଦ୍ରାପଡ଼ା ହାଇସ୍କୁଲ ପଡ଼ିଆ, ସମୟ:ପୂର୍ବାହ୍ନ ୧୦ଟା।
- ପୁରାତନ ଛାତ୍ର ସଂସଦର ବାର୍ଷିକ ମିଳନୋତ୍ସବ, ସ୍ଥାନ: କେନ୍ଦ୍ରାପଡ଼ା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀବରାହଜୀଉ ମନ୍ଦିରର ରୂପାନ୍ତିକରଣର ଶିଳାନ୍ୟାସ, ସ୍ଥାନ: ମନ୍ଦିର ପରିସର, ଆଳି, ସମୟ:ଅପରାହ୍ନ ୪ଟା।
- ଦେମାଳ କ୍ଲବର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଦେମାଳ, ଆଳି, ସମୟ: ଅପରାହ୍ନ ୪ଟା।
- ଗ୍ରାମ ଆଲୋକୀକରଣ ବ୍ୟବସ୍ଥାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ:ଲୋକାପଡା, ଆଳି, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ମା'ବୁଢ଼ୀ ଭାଲୁକୁଣିଙ୍କ ୪୧ତମ ବିଶ୍ୱଶାନ୍ତି ମହାଯଜ୍ଞ,ସ୍ଥାନ: ରସୁଲପୁର ବ୍ଲକ୍ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଭୋଟକା ପଞ୍ଚାୟତର ବିଲିପଡ଼ା ଗ୍ରାମ, ସମୟ: ପ୍ରାତଃ ୫ଟା।
- ସନ୍ଥ ନିରଙ୍କାରୀ ମଣ୍ଡଳ ପକ୍ଷରୁ ସ୍ୱଚ୍ଛ ଜଳ ସ୍ୱଚ୍ଛ ମନ କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାସନଗର ଧବଳଗିରିସ୍ଥିତ ପଞ୍ଚମୁଖୀ ହନୁମାନ ବାଟିକା, ସମୟ: ସକାଳ ୭ଟା।
- ଭିସା ଗ୍ରୁପ ଏବଂ ରକ୍ତଦାତା ଜୀବନ ଦାତା ପରିବାର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବ୍ୟାସନଗର ଗୋପବନ୍ଧୁ ଛକସ୍ଥିତ ନନ୍ଦରାମ ବାଟିକା, ସମୟ: ସକାଳ ୮ଟା।
- କଳିଙ୍ଗନଗର ବୁଲେଟିନର ସ୍ୱନକ୍ଷତ୍ର ସମାରୋହ, ସ୍ଥାନ: ବ୍ୟାସନଗର ଷ୍ଟାଡିୟମ ରୋଡ୍‌ର ସେଲିବ୍ରେଶନ ମଣ୍ଡପ, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆର୍ଥିକ ଅବସ୍ଥା ଭଲ ରହିଲେ ମଧ୍ୟ ମାନସିକ ସ୍ଥିତି ବିଶେଷ ଭଲ ରହିବ ନାହିଁ। ବାଣିଜ୍ୟ, ବ୍ୟବସାୟ, ରାଜନୀତି, ଯୋଗାଯୋଗ ଏବଂ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ଘରେ ପିଲାଙ୍କ କଥା ନେଇ ଦୁଃଖ ପ୍ରକାଶ କରିବେ। ବନ୍ଧୁଙ୍କ ମନରେ ବିଶ୍ୱାସ ସୃଷ୍ଟି ହେଲା ଭଳି କାମ କରି ଅନ୍ୟମାନଙ୍କ ଚକ୍ଷୁଶୂଳ ହୋଇପାରନ୍ତି।

**ବୃଷ** କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ଭାଷଣ ସମସ୍ୟାର କେନ୍ଦ୍ରବିନ୍ଦୁ ପାଲଟିପାରେ। ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତା କିମ୍ବା ବିବାଦୀୟ ଘଟଣା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଶିଳ୍ପ ଓ ପରିବହନ କ୍ଷେତ୍ରରେ ସୁଫଳ ମିଳିବ। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ ତଥା ଖେଳକୁଦରେ ସୁନାମ ଅର୍ଜନ କରିପାରନ୍ତି।

**ମିଥୁନ** କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି ସଫଳତା ହାସଲ କରିବେ। ସାମାଜିକ ସ୍ତରରେ କାମ ହାସଲର ଦୂରଭିସନ୍ଧି ରଖି ମିତ୍ରମାନେ ପ୍ରଶଂସା ଗାଇପାରନ୍ତି। ସାହିତ୍ୟ ଚର୍ଚ୍ଚା, ପ୍ରତିଦ୍ୱନ୍ଦ୍ୱିତା ଏବଂ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ପାରିବାରିକ କ୍ଷେତ୍ରରେ ସବୁ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ ହେବେ।

**କର୍କଟ** ମନ ଉତ୍ତେଜନାପୂର୍ଣ୍ଣ ରହିଥିବାରୁ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ଆପଣଙ୍କ କାମରେ ସନ୍ତୁଷ୍ଟ ହୋଇ ବନ୍ଧୁମାନେ ଗୁଣଗାନ କରିବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ପଡ଼ିପାରେ। ସାହିତ୍ୟ,ସଙ୍ଗୀତ, କଳା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ** ନିଜେ ଅସୁବିଧାରେ ରହିଥିଲେ ମଧ୍ୟ ଅନ୍ୟମାନଙ୍କ ପ୍ରତି ଉଦାର ମନୋଭାବରୁ ପ୍ରଶଂସିତ ହେବେ। ସତର୍କତାର ଅଭାବ ଏବଂ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଆଜି ଘର କଥା ମନକୁ ବେଶି ଆନ୍ଦୋଳିତ କରିବା ହେତୁ ଭାବପ୍ରବଣତା ବୃଦ୍ଧିପାଇବ। କର୍ମକ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

**କନ୍ୟା** ଆଜି ଆପଣଙ୍କ ମୂଲ୍ୟବାନ ନିଷ୍ପତ୍ତି ପ୍ରତ୍ୟେକଙ୍କ ମନକୁ ପାଇବ। ସାମାଜିକ ସ୍ତରରେ ପରିସ୍ଥିତି ଗମ୍ଭୀର ରହିଥିବାରୁ ପ୍ରତିକ୍ରିୟା ପ୍ରକାଶ କରିବା ଠିକ୍ ହେବନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। କୌଣସି ଆବଶ୍ୟକ ଜିନିଷ ସୁବିଧାରେ ପାଇବା ସକାଶେ କିଛି କରିବାକୁ ପଡ଼ିବ।

**ତୁଳା** ଦିନଟି ବହୁତ ଭଲରେ ଅତିବାହିତ ହେବାରୁ ମନ ଭଲ ରହିବ। ନିଜର ସମ୍ପର୍କୀୟମାନଙ୍କ ସମ୍ବନ୍ଧରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ନିଜର କ୍ଷମାଗୁଣରୁ ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯାଇପାରେ। ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ

**ବିଛା** ଅନାବଶ୍ୟକ କଥା ଓ ଅନାହୂତ ପ୍ରବେଶ ଆପଣଙ୍କ ପାଇଁ ଆଜି ମହଙ୍ଗା ପଡ଼ିପାରେ। ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ଅଧିକାଂଶ ସମୟ କଟାଇବେ। ସାହିତ୍ୟ ଚର୍ଚ୍ଚା, ସଂଗଠନ, ମାଲିମକଦ୍ଦମା, ରାଜନୀତି, ପ୍ରଶାସନ ପାଇଁ ଦିନଟି ବହୁତ ଭଲ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ଧନୁ** ଦେହ ଭଲ ଥିଲେ ମଧ୍ୟ ମାନସିକ ସ୍ଥିତି ସେତେଟା ଭଲ ରହିବ ନାହିଁ। ଛୋଟ ଛୋଟ କଥାକୁ ନେଇ ଭୁଲ୍ ବୁଝାମଣାରୁ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡ଼ିପାରେ। ପରିବାରରେ କାହା କଥା ସହ ଅନ୍ୟ କାହାର କଥା ନ ମିଶିବା ସମସ୍ୟା ସୃଷ୍ଟି କରିପାରେ। ଆଶା ଓ ଅଭିଳାଷ ପୂରଣ ହେବାରେ ଜଣେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ।

**ମକର** ନିରଳସ କାମ ଓ ଦକ୍ଷତା ହେତୁ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ସାଂସ୍କୃତିକ କାର୍ଯ୍ୟକ୍ରମ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ବ୍ୟବହାରରେ କଠୋରତା କାରଣରୁ ସମାଲୋଚିତ ହୋଇପାରନ୍ତି। ସାହିତ୍ୟ, ସଂସ୍କୃତି, ସାଂଗଠନିକ କାର୍ଯ୍ୟକ୍ରମରୁ ପ୍ରଶଂସିତ ହେବେ।

**କୁମ୍ଭ** ସମସ୍ୟା ଘେରରେ ରହିଥିଲେ ସୁଦ୍ଧା ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସମର୍ଥ ହେବେ। ଘରୋଇ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ନିର୍ମାଣ, ବାଣିଜ୍ୟ, ଶିଳ୍ପ, ପରିବହନ ଓ ବ୍ୟବସାୟରେ ସଫଳତା ହାସଲ କରିବେ। ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ଅବଶ୍ୟ ସାହାଯ୍ୟ କରିବେ।

**ମୀନ** ବନ୍ଧୁଙ୍କ ସାହାଯ୍ୟ ଓ ସମର୍ଥନ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇପାରିବ। ବନ୍ଧୁବର୍ଗଙ୍କ ଆହ୍ୱାନକ୍ରମେ କୌଣସି ପାର୍ଟିରେ ଯୋଗ ଦେଇପାରନ୍ତି। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ପରିସ୍ଥିତିରେ ପଡ଼ି ଇଚ୍ଛା ନ ଥିଲେ ମଧ୍ୟ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ଫେବୃଆରୀ ୨୫ ତାରିଖ, ଫାଲଗୁନ କୃଷ୍ଣ ପ୍ରତିପଦା ରବିବାର। ରାଶିନକ୍ଷତ୍ର-ପୂର୍ବାଫାଲଗୁନୀ/ସିଂହ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ.୦୬।୧୩ମି. ଗତେ ୧୦।୦୪ମି. ମଧ୍ୟେ ଶୁଭ ଶୁଭବେଳା। ଅପରାହ୍ନଘ.୦୪।୧୯ମି. ଗତେଘ.୦୫।୪୬ମି. ମଧ୍ୟେରାହୁକାଳ।

**ଗୌତମ ପାଲଲହଡ଼ା ବିଜେଡି ପର୍ଯ୍ୟବେକ୍ଷକ**

ଭୁବନେଶ୍ୱର,୨୪।୨(ଅନିଲ ଦାସ): ବିଜେଡି ସଭାପତି ତଥା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବରିଷ୍ଠ ନେତା ଗୌତମ ବୁଦ୍ଧ ଦାସଙ୍କୁ ପାଲଲହଡା ବିଧାନସଭା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ଶନିବାର ବିଜେଡି ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତିରେ ଏ ନେଇ ସୂଚନା ଦିଆଯାଇଛି।




# ବାଇକ୍ ଚଳାଇ ନଦୀବନ୍ଧ ବୁଲି ଦେଖିଲେ ପାଣ୍ଡିଆନ

ଭଣ୍ଡାରିପୋଖରୀ (ରବିନାରାୟଣ ଖିଲାର)/ ଧାମନଗର (ଦେବେନ୍ଦ୍ର ଆଦିଆ/ସନ୍ତୋଷ କୁମାର ମହାପାତ୍ର), ୨୪।୨

## ୫-ଟି ଅଧ୍ୟକ୍ଷଙ୍କ ଭଦ୍ରକ ଗସ୍ତ



୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଶନିବାର ଭଦ୍ରକ ଜିଲା ଗସ୍ତରେ ଆସି ଭଣ୍ଡାରିପୋଖରୀ ଓ ଧାମନଗର ବ୍ଲକ ପରିଦର୍ଶନ କରିଛନ୍ତି। ନିଜେ ବାଇକ୍ ଚଳାଇ ସେ ବିଭିନ୍ନ ନଦୀବନ୍ଧ ବୁଲି ଦେଖିବା ସହ ଲୋକଙ୍କ ସମସ୍ୟା ବୁଝିଛନ୍ତି। ସେ ପ୍ରଥମେ ଭଣ୍ଡାରିପୋଖରୀ ବ୍ଲକର ଆଖୁଆପଦାଠାରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ୫-ଟି ରୂପାନ୍ତରଣ, 'ଆମ ଓଡ଼ିଶା ନବୀନ ଓଡ଼ିଶା' ଆଧାରରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଯୋଜନା ଜରିଆରେ ଭଦ୍ରକ ଜିଲାର ବିକାଶକୁ ତ୍ୱରାନ୍ୱିତ କରାଯାଉଥିବା ସେ କହିଥିଲେ। ବିରିଡ଼ି ରେଳଧାରଣାଠାରୁ ତିନିତର ଘାଟ ପର୍ଯ୍ୟନ୍ତ ବୈତରଣୀର ବାମପାଖ, କୋଚିଲାର ଉଭୟ ପାଖ ବନ୍ଧର ସୁଦୃଢ଼ୀକରଣ ଏବଂ ପକ୍କାରାସ୍ତା ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଥିବା ସେ ଘୋଷଣା କରିଥିଲେ। ଆଖୁଆପଦାଠାରୁ ତିନିତର ଘାଟ ପର୍ଯ୍ୟନ୍ତ ଏହି ବନ୍ଧ ସଶକ୍ତ ହେଲେ ବନ୍ୟାପ୍ରବଣ ଭଣ୍ଡାରିପୋଖରୀ, ଧାମନଗର ଓ ଚାନ୍ଦବାଲି ବ୍ଲକରେ ବନ୍ୟା ନିୟନ୍ତ୍ରଣ କରାଯାଇପାରିବ। ବନ୍ଧ ରାସ୍ତା ଦୃଢ ଓ ପ୍ରଶସ୍ତ ହେବା ଦ୍ୱାରା ଅଞ୍ଚଳବାସୀ ବିଶେଷ ଉପକୃତ ହେବେ। ବିରିଡ଼ିଠାରୁ ତିନିତର ଘାଟ ପର୍ଯ୍ୟନ୍ତ ପକ୍କାରାସ୍ତା ନିର୍ମାଣ ନିମନ୍ତେ ୯୬.୩୭ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହାଦ୍ୱାରା ୧୭ ପଞ୍ଚାୟତବାସୀ ଉପକୃତ ହେବେ। ଆନୁମାନିକ ୧ଲକ୍ଷ ୨୦ହଜାର ଲୋକଙ୍କ ପାଇଁ ଏହା ଲାଭଦାୟକ ହେବ। ଆଖୁଆପଦାରୁ ତିନିତର ଘାଟ ପର୍ଯ୍ୟନ୍ତ ସଡ଼କ ପଥରେ ଯାତ୍ରା ଲାଗି ୩ଘଣ୍ଟାର ସମୟ ୨ଘଣ୍ଟାକୁ ହ୍ରାସ ପାଇବ। ଯାଜପୁର ମେଡିକାଲ କଲେଜ ଓ ବଜାର ଅଞ୍ଚଳକୁ ଯିବା ପାଇଁ ସହଜ ହେବ। ବିରିଡ଼ି ରେଳଧାରଣାଠାରୁ ତିନିତର ଘାଟ ପର୍ଯ୍ୟନ୍ତ ନଦୀବନ୍ଧ ସୁଦୃଢ଼ୀକରଣ ପାଇଁ ୫୩.୮୭ କୋଟି ଟଙ୍କା ମଞ୍ଜୁର ହୋଇଥିବା ନେଇ ସେ ପ୍ରକାଶ କରି ଏହାଦ୍ୱାରା ବନ୍ୟା ନିୟନ୍ତ୍ରଣ ହେବା ସହ ବାମପାଖ ବନ୍ଧ ସୁଦୃଢ଼ ହେବ ବୋଲି କହିଥିଲେ। ୪୮୦ କୋଟି ଟଙ୍କାରେ ନିର୍ମାଣ ହେଉଥିବା ବୈତରଣୀ-ବୁଢ଼ା ଆନ୍ତଃନଦୀ ଜଳ ସଂରକ୍ଷଣ ପ୍ରକଳ୍ପ ଦ୍ୱାରା ଉଭୟ ଭଦ୍ରକ ଓ ଯାଜପୁର ଜିଲାର ଲୋକେ ଉପକୃତ ହେବେ ବୋଲି ସେ ପ୍ରକାଶ କରିଥିଲେ। ଆଖୁଆପଦାଠାରେ ୫୦ ହଜାର ଏକର ଜମିରେ ଜଳସେଚନ ବ୍ୟବସ୍ଥା କରାଯାଇଛି। ଭଣ୍ଡାରିପୋଖରୀ ପାଇଁ ୭୨୦ କୋଟି ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ୮ ମାସ ମଧ୍ୟରେ ୨୨୭ଟି ଦାବିରୁ ୧୯୦ଟି ପୂରଣ କରାଯାଇଛି। ୬୫୦ ଏକରରେ ମତ୍ସ୍ୟ ଚାଷ ପାଇଁ ଯୋଜନା ରହିଛି। କେନ୍ଦୁଆପଦା ଓଭରବ୍ରିଜ ପାଇଁ ୬୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ୨୦୧କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା କୋଚିଲା ଆନ୍ତଃ ନଦୀ ଜଳ ସଂରକ୍ଷଣ ପ୍ରକଳ୍ପ ଦ୍ୱାରା ଭଦ୍ରକ ଓ ଯାଜପୁର ଜିଲାର ଲୋକେ ଉପକୃତ ହେବେ। ଏହାଦ୍ୱାରା ପ୍ରାୟ ୨ଲକ୍ଷ ଲୋକ ପାନୀୟ ଜଳ ସୁବିଧା ପାଇବେ। ଜଳଭଣ୍ଡାର ମତ୍ସ୍ୟ ସମ୍ପଦ ବିକାଶରେ ବିନିଯୋଗ ହୋଇପାରିବ। ବାଲିପୋଖରୀ, କଣ୍ଟି ଏସ୍‌କେପ ପରିଦର୍ଶନ କରିଥିଲେ।

୫-ଟି ଅଧ୍ୟକ୍ଷ ପାଣ୍ଡିଆନ ବୈତରଣୀ ନଦୀବନ୍ଧରେ ଯାଇ ଧାମନଗର ବ୍ଲକର ଆନନ୍ଦପୁରଠାରେ ଅପରାହ୍ନ ୨ଟା ୧୦ରେ ପହଞ୍ଚିଥିଲେ। ସ୍ଥାନୀୟ ଗ୍ରାମବାସୀ, ମହିଳା ଓ ଆନନ୍ଦପୁର ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ଆନନ୍ଦପୁର ଖେଳପଡ଼ିଆକୁ ମିନିଷ୍ଟାଡିୟମ ସହ ଖୋ ଖୋ ହବ୍ ନିର୍ମାଣ, ବୈତରଣୀର ଉତ୍ତରବାହିନୀ ପାର୍ଶ୍ୱ ପଠାକୁ ପଥରପ୍ୟାକିଂ, ରାସ୍ତା, ବ୍ରିଜ ନିର୍ମାଣ ପାଇଁ ଦାବି ଉପସ୍ଥାପନ କରାଯାଇଥିଲା। ପରେ ୫-ଟି ଅଧ୍ୟକ୍ଷ ଧାମନଗର ବ୍ଲକ ଦେହୁଡି ଆନନ୍ଦପୁର ପଞ୍ଚାୟତରୁ ବାଇକ୍ ଚଳାଇ ବୈତରଣୀ ନଦୀବନ୍ଧ ଓ ଏସ୍‌କେପ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ବୈତରଣୀ ନଦୀର ବାମପାର୍ଶ୍ୱ ନଦୀବନ୍ଧ ଏମ୍ବାକମେଣ୍ଟ ସହ ମଲ୍ଲୀମାହାରା ଓ ଗୌରାଙ୍ଗପୁର ଏସ୍‌କେପ ପରିଦର୍ଶନ କରିଥିଲେ। ବୈତରଣୀ ନଦୀର ଉପରମୁଣ୍ଡ ଆଖୁଆପଦାଠାରେ ବନ୍ୟା ଜଳ କେତେ ହେଲେ ଦୁଇ ଏସ୍‌କେପ ଦେଇ ବନ୍ୟା ଜଳ ନିଷ୍କାସନ ହୁଏ, ଏସ୍‌କେପ କାର୍ଯ୍ୟ ଏବଂ କେତେକ ବୈଷୟିକ ସମସ୍ୟା ସମ୍ପର୍କରେ ଜଳ ସମ୍ପଦ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ କୋଚିଲା ନଦୀରେ ପ୍ରସ୍ତାବିତ ବ୍ୟାରେଜ୍ ସ୍ଥାନକୁ ଯାଇ କାର୍ଯ୍ୟ ଓ ସ୍ଥିତି ପରଖିଥିଲେ। ଏହାପରେ ଧାମନଗର ବ୍ଲକର ପାଳସାହି ଇନ୍ଦିରାଗାନ୍ଧୀ ସ୍ମୃତି ବିଜ୍ଞାନ ଓ ବୈଷୟିକ ଡିଗ୍ରୀ ମହାବିଦ୍ୟାଳୟ ନିକଟସ୍ଥ ପଡ଼ିଆରେ ଆୟୋଜିତ ସାଧାରଣ ସଭାରେ ସେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଆର୍ଥିକ ସହାୟତା ବାବଦ ବିଭିନ୍ନ ଭତ୍ତା ବୃଦ୍ଧି, ଛାତ୍ର ବୃତ୍ତି, ମମତା ଯୋଜନାରେ ଟଙ୍କା ବୃଦ୍ଧି ବିଷୟରେ ଜଣାଇଥିଲେ। ଦୁଇ ସାଧାରଣ ସଭାରେ ଉପସ୍ଥିତ ଜନସାଧାରଣଙ୍କଠାରୁ ଦରଖାସ୍ତ ଗ୍ରହଣ କରିଥିଲେ। ପୂର୍ବରୁ ଭଣ୍ଡାରିପୋଖରୀ ଏବଂ ଧାମନଗର ଆସିଥିବା ସମୟରେ ଗ୍ରହଣ କରିଥିବା ଦରଖାସ୍ତଗୁଡ଼ିକ ମଧ୍ୟରୁ ବହୁ ସଂଖ୍ୟାରେ ସମାଧାନ କରାଯାଇଥିବା କହିଥିଲେ। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଜେଡି ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ବିଜେଡି ଜିଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସ ବର୍ମା, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଏସ୍‌ପି ବରୁଣ ଗୁଣ୍ଟୁପାଲି, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଡା. ସଞ୍ଜୟ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## 'ସମାଜ'ର ନୂତନ ମୁଦ୍ରାକର, ପ୍ରକାଶକ ଭାବେ ଡ. ପ୍ରଭାସ ଆଚାର୍ଯ୍ୟଙ୍କ ଦାୟିତ୍ୱ ଗ୍ରହଣ

ଭୁବନେଶ୍ୱର, ୨୪।୨(ବ୍ୟୁରୋ)



ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ଦୈନିକ ଖବରକାଗଜ 'ସମାଜ'ର ନୂତନ ମୁଦ୍ରାକର ଓ ପ୍ରକାଶକ ଭାବେ ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଡ. ପ୍ରଭାସ ଆଚାର୍ଯ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ସଭାପତି ରାଜ କୁମାର ଚୋପ୍ରାଙ୍କ ସମେତ ସମାଜର ସମ୍ପାଦକ ଓ ମୁଖ୍ୟ ପରିଚାଳକ, ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ପୁରାତନ ଖବରକାଗଜର ପାଠକୀୟ ବିଶ୍ୱସନୀୟତା ବଜାୟ ରଖିବା ତଥା ଉତ୍କଳମଣିଙ୍କ ଆଦର୍ଶକୁ ପାଥେୟ କରି କାର୍ଯ୍ୟ ସମ୍ପାଦନ କରିବେ ବୋଲି ଡ. ଆଚାର୍ଯ୍ୟ ମତ ପୋଷଣ କରିଛନ୍ତି।

## ତାତିରୁ ଆଶ୍ୱସ୍ତି, ୩ଦିନ କୋହଲା ପାଗ

ଭୁବନେଶ୍ୱର,୨୪।୨(ଅସମାପିକା ସାହୁ)

ରାଜ୍ୟରେ ତଳମୁହାଁ ହୋଇଛି ପାରଦ। ବଢୁଥିବା ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଶୁକ୍ରବାର ରାତିରୁ ମେଘୁଆ ପାଗ ସହ ବର୍ଷା ହୋଇଛି। ଆସନ୍ତା ୩ ଦିନ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ କୋହଲା ପାଗ ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଶନିବାର ଗୋପାଳପୁରରେ ସର୍ବାଧିକ ୧୦.୧ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ହୀରାକୁଦରେ ୧୦, ସମ୍ବଲପୁର ୫, ଭୁବନେଶ୍ୱରରେ ୦.୧ମିମି ବର୍ଷା ରେକର୍ଡ କରାଯାଇଛି। ରବିବାର ଉତ୍ତର ଓଡ଼ିଶା, ଦକ୍ଷିଣ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ସୋମବାର ନୂଆପଡ଼ା, ବଲାଙ୍ଗୀର, ସୋନପୁର, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼ ଏବଂ ମଙ୍ଗଳବାର ଉତ୍ତର ଉପକୂଳ ଓଡ଼ିଶା ସମେତ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳର କିଛି ସ୍ଥାନରେ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ସେପଟେ ଗତ କିଛିଦିନ ତଳେ ରାଜଧାନୀ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଛୁଇଁଥିବା ବେଳେ ଶନିବାର ୨୯.୭ ଡିଗ୍ରୀ ରହିଥିଲା। ଟିଟିଲାଗଡ଼ ଏବଂ ମାଲକାନଗିରିରେ ୩୫ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିଲା।




# ମୃତଦେହକୁ କାନ୍ଧ ଦେଲେନି ପରିବାର ଲୋକେ

ପାଟଣା,୨୪।୨(ବୀର କିଶୋର ଦାଶ)

**୧୪ ଘଣ୍ଟା ପରେ ସତ୍କାର କଲା ଭରସା ପରିବାର**

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ସାହାରପଡ଼ା ପଞ୍ଚାୟତ ଆହାରପଡ଼ା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଗ୍ରାମର ସ୍ୱର୍ଗତ ଚତୁର୍ଭୁଜ ମହାନ୍ତଙ୍କ ଦ୍ୱିତୀୟ ସ୍ତ୍ରୀ ଦମୟନ୍ତୀ ମହାନ୍ତ (୪୫)ଙ୍କ ଶୁକ୍ରବାର ମୃତ୍ୟୁ ଘଟିଥିଲା। ପାରିବାରିକ ବିବାଦରୁ ଘର ଆଗରେ ମୃତଦେହ ପଡ଼ିରହିଥିଲେ ହେଁ ପରିବାର ଲୋକେ ହାତ ମାରି ନ ଥିଲେ। ସ୍ଥାନୀୟ ସରପଞ୍ଚ ଓ ଭରସା ପରିବାର ସହାୟତାରେ ଶେଷକୃତ୍ୟ ହୋଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଚତୁର୍ଭୁଜଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁପରେ ସେ ଦମୟନ୍ତୀଙ୍କୁ ବିବାହ କରିଥିଲେ। ସେ ସମୟରେ ଚତୁର୍ଭୁଜଙ୍କ ୨ ଭାଇ ବାହାଘରକୁ ବିରୋଧ କରିଥିଲେ। ପରେ ଦେଓ ଜଳ ସେଚନ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ବେଳେ ଦମୟନ୍ତୀ ଭାଗ ଟଙ୍କାକୁ ନେଇ ସେମାନଙ୍କ ବିରୋଧରେ ମାମଲା କରିଥିଲେ। ଫଳରେ ତିକ୍ତତା ଲାଗି ରହିଥିବା ସରପଞ୍ଚ ପଦ୍ମ ଲୋଚନ କହିଛନ୍ତି। ଦମୟନ୍ତୀଙ୍କ ମୃତ୍ୟୁକୁ ନେଇ ସରପଞ୍ଚ ତାଙ୍କ ଦେଢ଼ଶୁର ଓ ଦିଅରଙ୍କୁ ଡାକିଥିଲେ ହେଁ ଜମିବାଡ଼ି ଗଣ୍ଡଗୋଳ ନେଇ କେହି ଆସି ନ ଥିଲେ। ଫଳରେ ଦୀର୍ଘ ୧୪ ଘଣ୍ଟା ଧରି ମୃତଦେହ ଘର ଆଗରେ ପଡ଼ି ରହିଥିଲା। ପରେ ସରପଞ୍ଚ ଓ ଅବସରପ୍ରାପ୍ତ ଶିକ୍ଷକ ଚକ୍ରଧର ମହାନ୍ତ ଭରସା ପରିବାର ରାଜ୍ୟ ସଭାପତି ଲମ୍ବୋଦର ମହାନ୍ତଙ୍କୁ ଜଣାଇବା ପରେ ଭରସା ପରିବାର ସାହାରପଡ଼ା ବ୍ଲକ୍ ସଭାପତି ଓମପ୍ରକାଶ ମହାନ୍ତ, ଉପ ସଭାପତି ମନୋଜ ମହାନ୍ତଙ୍କ ସମେତ ସଦସ୍ୟମାନେ ଦମୟନ୍ତୀଙ୍କ ଗାଁ ଜମିରେ ଅନ୍ତେଷ୍ଟି କ୍ରିୟା ସମ୍ପନ୍ନ କରିଥିଲେ। ଅନ୍ୟପକ୍ଷେ ୩ ବର୍ଷ ପୂର୍ବରୁ ଦମୟନ୍ତୀଙ୍କ ସ୍ୱାମୀ ଚତୁର୍ଭୁଜଙ୍କ ଦେହାନ୍ତ ହୋଇଥିବା ବେଳେ ଦମୟନ୍ତୀଙ୍କ ଦେହାନ୍ତ ପରେ ୨ ନାବାଳିକା ବେସାହାରା ହୋଇପଡ଼ିଛନ୍ତି। ଏ ନେଇ ସାହାରପଡ଼ା ବିଡିଓ ମାଧବ ଚନ୍ଦ୍ର ବିରୁଆ କହିଛନ୍ତି, ପିଲା ୨ ଜଣଙ୍କ ଥଇଥାନ ପାଇଁ ଜିଲା ପ୍ରଶାସନ ସହ କଥାବାର୍ତ୍ତା ହୋଇଛନ୍ତି। ଖୁବ ଶୀଘ୍ର ସେମାନଙ୍କ ଥଇଥାନ ନେଇ ବ୍ୟବସ୍ଥା କରାଯିବ।

## ଆମ୍ବୁଲାନ୍ସ କର୍ମଚାରୀଙ୍କ ମହାନତା
### ରକ୍ତଦାନ କରି ଶିଶୁର ଜୀବନ ବଞ୍ଚାଇଲେ

ରେଢ଼ାଖୋଲ,୨୪।୨ (ଅଚ୍ୟୁତାନନ୍ଦ ପୁରୋହିତ)


ମେଡିକାଲରେ ରକ୍ତଦାନ କରୁଥିବା ଆମ୍ବୁଲାନ୍ସ କର୍ମଚାରୀ।

ସ୍ୱେଚ୍ଛାକୃତ ରକ୍ତଦାନ କରି ଶିଶୁର ଜୀବନ ବଞ୍ଚାଇଛନ୍ତି ଜଣେ ଆମ୍ବୁଲାନ୍ସ କର୍ମଚାରୀ। ସମ୍ବଲପୁର ଜିଲା ରେଢ଼ାଖୋଲ ଅଞ୍ଚଳରେ ଏଭଳି ଘଟଣା ଆଲୋଚନାର ବିଷୟ ହୋଇଛି। ମିଳିଥିବା ସୂଚନାକ୍ରମେ ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ ପଣ୍ଡୁଆଖୋଲ ଗ୍ରାମର ସନ୍ତୋଷ ଦେହୁରିଙ୍କ ୭ବର୍ଷର ପୁଅ ଟୁନା ଦେହୁରି ଥାଲାସେମିଆ ରୋଗରେ ପୀଡିତ ହୋଇ ଶୁକ୍ରବାରଠାରୁ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କୁ ଚିକିତ୍ସା କରୁଥିବା ଡା. ରାମକୃଷ୍ଣ ପତି ଗୁରୁତର ଥିବା ଶିଶୁଙ୍କୁ ରକ୍ତ ଆବଶ୍ୟକ ହେଉଥିବା ନେଇ ତାଙ୍କ ଅଭିଭାବକଙ୍କୁ କହିଥିଲେ। ଶିଶୁଙ୍କ ପାଇଁ ଏ' ପଜିଟିଭ ରକ୍ତ ଆବଶ୍ୟକ ଥିଲା। ହେଲେ ଉପଖଣ୍ଡ ଚିକିତ୍ସାଳୟ ରକ୍ତଭଣ୍ଡାରରେ ଏହି ଗ୍ରୁପର ରକ୍ତ ନ ଥିବା ଯୋଗୁ ଶିଶୁର ମା'ବାପା ଚିନ୍ତାରେ ପଡିଯାଇଥିଲେ। ସେମାନେ ଗୁରୁତର ପୁଅର ଜୀବନ ବଞ୍ଚାଇବାକୁ ଡାକ୍ତରଖାନା ପରିସରରେ ସମସ୍ତଙ୍କୁ ଗୁହାରି କରିଥିଲେ। ଏହି ସମୟରେ ସେଠାରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଏକ ବୈଠକ ଚାଲିଥିବାବେଳେ ଜଣେ ଡାକ୍ତରଖାନା କର୍ମଚାରୀଙ୍କଠାରୁ ୧୦୮ ଆମ୍ବୁଲାନ୍ସ ସମ୍ବଲପୁର ଜିଲା କ୍ଲଷ୍ଟର୍ ଲିଡର ପ୍ରଦୀପ କୁମାର ପ୍ରଧାନ ଏହି ଖବର ପାଇଥିଲେ। ପ୍ରଦୀପଙ୍କ ଅନୁରୋଧକ୍ରମେ କଦଳୀଗଡ ଡାକ୍ତରଖାନାରେ କାର୍ଯ୍ୟରତ ୧୦୮ ଆମ୍ବୁଲାନ୍ସର ହେଲପର ଭଗବାନ ପ୍ରଧାନ ରକ୍ତଦାନ କରିବାକୁ ଆଗେଇ ଆସିଥିଲେ। ଶିଶୁଙ୍କୁ ଏହି ରକ୍ତ ଦିଆଯିବା ପରେ ସେ ସୁସ୍ଥ ଥିବା ଜଣାପଡିଛି। ଆମ୍ବୁଲାନ୍ସ କର୍ମଚାରୀଙ୍କ ଏଭଳି ମହତ୍ କାର୍ଯ୍ୟକୁ ଡାକ୍ତରଖାନା କର୍ତ୍ତୃପକ୍ଷ ପ୍ରଶଂସା କରିଛନ୍ତି।

## '୨୦୪୭: ବିକଶିତ ଭାରତର ବିକଶିତ ରେଳ' ପ୍ରତିଯୋଗିତା

ଭୁବନେଶ୍ୱର,୨୪।୨ (ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଅମୃତ ଷ୍ଟେଶନ ଯୋଜନା ଅଧୀନରେ ୫୫୪ ରେଳ ଷ୍ଟେଶନର ପୁନର୍ବିକାଶ ସହିତ ୧୫୦୦ ରୋଡ୍ ଓଭର ବ୍ରିଜ ଏବଂ ରୋଡ୍ ଅଣ୍ଡର ବ୍ରିଜଗୁଡିକର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଶିଳାନ୍ୟାସ କରିବେ। ଏହି ପରିପ୍ରେକ୍ଷୀରେ ରେଳପଥ ପରିସୀମା ମଧ୍ୟରେ ବିଭିନ୍ନ ସହରରେ ଥିବା ବିଦ୍ୟାଳୟଗୁଡ଼ିକରେ '୨୦୪୭: ବିକଶିତ ଭାରତର ବିକଶିତ ରେଳ' ବିଷୟବସ୍ତୁକୁ ନେଇ ସ୍କୁଲ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରବନ୍ଧ, ଚିତ୍ରାଙ୍କନ ଏବଂ ବିତର୍କ ପ୍ରତିଯୋଗିତାରେ ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ୭୮ଟି ସ୍କୁଲର ପ୍ରାୟ ୧୧ହଜାର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ସୋମବାର ପୁରସ୍କୃତ କରାଯିବ। ୨୦୪୭ ସୁଦ୍ଧା ଭାରତୀୟ ରେଳପଥର ବିକଶିତ ସ୍ଥିତି ପାଇଁ ଯୁବ ପ୍ରତିଭାଶାଳୀ ପିଲାଙ୍କ ମନରେ ଥିବା ଦୃଷ୍ଟିକୋଣ, ଧାରଣା, ପରାମର୍ଶ, ଆଶା ଏବଂ ଦୂରଦୃଷ୍ଟିକୁ ପରିପ୍ରକାଶ କରାଇବାପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

# ଏସ୍‌ସିବିରେ ଲିଫ୍ଟ ଅଚଳ, ରୋଗୀ ହଇରାଣ

କଟକ,୨୪।୨(ଶିଳ୍ପା ପ୍ରିୟଦର୍ଶିନୀ)




- ୨ ଦିନ ହେବ ଡାକ୍ତରଙ୍କ ଦେଖାନାହିଁ
- ଡିସ୍‌ଚାର୍ଜ ହେବାରେ ଉପୁଜୁଛି ସମସ୍ୟା

ଶ୍ରୀରାମ ଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ସମସ୍ୟା ଲାଗିରହିଛି। ଏଠାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନ ଥିବାବେଳେ ହସ୍ପିଟାଲର ସ୍ନାତକୋତ୍ତର ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗରେ ଲିଫ୍ଟ ଅଚଳ ହୋଇପଡ଼ିଛି। ଫଳରେ ରୋଗୀ ଓ ସେମାନଙ୍କ ସହ ଆସିଥିବା ସମ୍ପର୍କୀୟମାନେ ହଇରାଣ ହେଉଛନ୍ତି। ତିନି ମହଲା କୋଠାରେ ଏହି ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ କାର୍ଯ୍ୟକାରୀ କରୁଥିବାବେଳେ ଗୋଟିଏ ଲିଫ୍ଟ ରୋଗୀ ଓ ସମ୍ପର୍କୀୟଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ହେଲେ ଲିଫ୍ଟ କିଛି ଦିନ ହେବ ଠିକ ଭାବେ କାର୍ଯ୍ୟ କରୁ ନ ଥିବାବେଳେ ଶନିବାର ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି।

ସୂଚନା ଅନୁଯାୟୀ, ଏସ୍‌ସିବି ସ୍ନାତକୋତ୍ତର ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗକୁ ପ୍ରତ୍ୟେକ ଦିନ ୧ଶହରୁ ଅଧିକ ମହିଳା ଚିକିତ୍ସା ପାଇଁ ଆସିଥାନ୍ତି। ପ୍ରସୂତି ଓ ସ୍ତ୍ରୀ ବିଭାଗ ପ୍ରକୋଷ୍ଠର ବେଡ୍ ନମ୍ବର ୨୨ରେ ପ୍ରାୟ ଏକମାସ ହେବ ସ୍ୱର୍ଣ୍ଣପ୍ରଭା ବାରିକ ଭର୍ତ୍ତି ହୋଇଛନ୍ତି। ଗତ ଜାନୁଆରୀ ୧୯ରେ ଉକ୍ତ ବିଭାଗରେ ତାଙ୍କର ପ୍ରସବ ହୋଇଥିଲା। ପରେ ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ହେଲେ ଗତ ଗୁରୁବାର ଶିଶୁର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାରୁ ଆଇସିୟୁରୁ ଅଣାଯାଇଥିଲା। ପରେ ସ୍ୱର୍ଣ୍ଣପ୍ରଭାଙ୍କୁ ଡିସ୍‌ଚାର୍ଜ ପାଇଁ କୁହାଯାଇଥିଲା। ହେଲେ ଆଜିକୁ ଦୁଇଦିନ ହେବ ଡାକ୍ତରଙ୍କ ଦସ୍ତଖତ ହୋଇ ନ ଥିବାରୁ ତାଙ୍କର ଡିସ୍‌ଚାର୍ଜ ହୋଇପାରୁ ନ ଥିବା ସ୍ୱର୍ଣ୍ଣପ୍ରଭାଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ଡାକ୍ତର ଶୁକ୍ରବାର ପ୍ରକୋଷ୍ଠକୁ ଆଦୌ ଆସିନାହାନ୍ତି। ଶନିବାର ମଧ୍ୟ ଓପିଡି ପରେ ଡାକ୍ତର ଆସିବେ ବୋଲି ସୂଚନା ପାଇଥିଲେ ମଧ୍ୟ ତାଙ୍କ ଦେଖା ମିଳି ନ ଥିଲା। ତେଣୁ ଡିସ୍‌ଚାର୍ଜ କରାଯାଉନାହିଁ। ଅନ୍ୟପଟେ ଉକ୍ତ ବିଭାଗରେ ୩ଦିନ ହେବ ନିଜ ସମ୍ପର୍କୀୟଙ୍କୁ ନେଇ ରହିଥିବା ଯାଜପୁର ଜାରକା ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଅଭିଯୋଗ କରି କହିଛନ୍ତି ଯେ, ବିଭାଗରେ ଲିଫ୍ଟ କାଁ ଭାଁ ଚାଲୁଥିଲା ହେଲେ ଶନିବାର ତାହା ସମ୍ପୂର୍ଣ୍ଣ ଅଚଳ ହୋଇଯାଇଛି। ରୋଗୀକୁ ନେଇ ପାହାଚରେ ତଳ ଉପର ହେବାରେ ବହୁତ ସମସ୍ୟା ହେଉଛି। ମେଡିକାଲ କର୍ତ୍ତୃପକ୍ଷ ତୁରନ୍ତ ଏଦିଗରେ ଦୃଷ୍ଟି ଦେଇ ଲିଫ୍ଟ ମରାମତି କରିବାକୁ ସେ ଦାବି କରିଛନ୍ତି। ସେହିପରି ମୟୂରଭଞ୍ଜରୁ ସ୍ତ୍ରୀଙ୍କୁ ନେଇ ଆସିଥିବା ହେମନ୍ତ ବାରିକ କହିଛନ୍ତି, ମେଡିକାଲରେ ଯାହା ସୁବିଧା ମିଳିବ ବୋଲି କୁହାଯାଉଛି, ତାହା କେବଳ ପ୍ରଚାରରେ ରହିଯାଉଛି। ଏଠାରେ ଅନେକ ସମସ୍ୟା ରହିଛି। ଅନ୍ୟପକ୍ଷରେ ଏସବୁ ଅଭିଯୋଗ ନେଇ ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର ଏବଂ ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

ମଣିଷ କେବେ ବି ନିଜ ପ୍ରଚେଷ୍ଟାରେ ନିଜକୁ ମଣିଷଠାରୁ ଅଧିକ କିଛି କରିପାରିବ ନାହିଁ। ମାନେ, ଦିବ୍ୟ ମଣିଷ କରିପାରିବ ନାହିଁ। .. ମଣିଷର ପ୍ରକୃତି ଭିତରକୁ ଦିବ୍ୟ ପ୍ରକୃତି ଅବତରଣ କଲା ପରେ ହିଁ ମଣିଷର ଆଧାର ଦିବ୍ୟଗୁଣ ସମ୍ପନ୍ନ ହୋଇଥାଏ। **–ଶ୍ରୀଅରବିନ୍ଦ**



# ଏକତା ଗୁରୁତ୍ୱପୂର୍ଣ୍ଣ



ଆକାର ପଟେଲ

ଆମେରିକାରେ ବୋଷ୍ଟନ୍ ସାଉଥ୍ ଏସିଆନ କୋଆଲିଶନ ଦ୍ୱାରା ଆୟୋଜିତ ଏକ ଐକ୍ୟଭାବାପନ୍ନ ବୈଠକ ବା ସମ୍ମିଳନୀରେ ଯୋଗଦେଇଥିଲି, ଯାହା ବିଷୟରେ ମୁଁ ଲେଖୁଛି। ଏହି ବୈଠକ ଧ୍ୟାନଆକର୍ଷଣକାରୀ ଥିଲା, କାରଣ ଏହା ଦୁଇଟି ସଂଘର୍ଷକୁ ଏକାଠି କରିଥିଲା। ଗୋଟିଏ ହେଲା ଗଣତାନ୍ତ୍ରିକ ଭାରତରେ ଧର୍ମନିରପେକ୍ଷତା ପାଇଁ ଏବଂ ଅନ୍ୟଟି ଅଧିକୃତ ପାଲେଷ୍ଟାଇନରେ ସାମ୍ରାଜ୍ୟବାଦ ବିରୋଧରେ ସଂଘର୍ଷ। ବୈଠକରେ ଦୁଇ ଜଣ ବକ୍ତା ଥିଲେ। ଜଣେ ହେଲେ ଗୁଜରାଟରେ ନ୍ୟାୟ ସଂଗ୍ରାମର ନାୟିକା ତିସ୍ତା ସେତାଲଭାଡ ଓ ଅନ୍ୟଜଣେ ଦକ୍ଷିଣ ଲେବାନନ୍‌ର ଯୁବକ ସଲିମ ହଲାଲ। ଦର୍ଶକମାନଙ୍କ ମଧ୍ୟରେ ଦକ୍ଷିଣ ଏସିଆର ଅନେକ ଲୋକ ଥିଲେ। ଦୁଇ ବକ୍ତାଙ୍କ ବକ୍ତବ୍ୟର ତଥ୍ୟ ଉପରେ ଧ୍ୟାନ ଦିଆଯାଇଥିଲା। ଗୋଟିଏ ବକ୍ତବ୍ୟ ଥିଲା କୌଣସି ଏକ ସ୍ଥାନରେ ବ୍ୟବସ୍ଥା ଦ୍ୱାରା ଉପେକ୍ଷିତ ସାମ୍ପ୍ରଦାୟିକ ଅପରାଧ ବିଷୟରେ ଏବଂ ଅନ୍ୟଟି ଥିଲା ମୁକ୍ତି ପାଇଁ ଏକ ଜାତୀୟ ସଂଗ୍ରାମ ସମ୍ପର୍କରେ। ସେଥିରେ ଏକ ସାଧାରଣ ସମ୍ପର୍କ ରହିଥିଲା ଏବଂ ତାହା ଥିଲା ଐତିହାସିକ ସଂଶୋଧନ ଓ ବିଷୟଗୁଡ଼ିକର ପୁନର୍ଲିଖନ। ଉଭୟ ପାଲେଷ୍ଟାଇନ୍ ଏବଂ 'ନ୍ୟୁ ଇଣ୍ଡିଆ'ରେ ଥିବା ବିଚାର ଦର୍ଶାଏ ଯେ, ଏକ କିମ୍ବା ଦୁଇ ହଜାର ବର୍ଷ ପୂର୍ବେ ଏହି ଭୂମି ତଥା ଏହି ଦେଶରେ ଆଉ କିଛି ଘଟିଆସୁଥିଲା। ଏଣୁ ସେହି ବିଚାର ଏବଂ ଧାରଣା ବର୍ତ୍ତମାନ ଲୋକ, ଢାଞ୍ଚା ଓ ସ୍ମାରକୀ ବିରୋଧରେ ହିଂସାକୁ ପ୍ରମାଣିତ କରୁଛି। ମୋ ସମେତ ଦର୍ଶକଙ୍କ ମଧ୍ୟରେ ଅନେକେ ସମାନ୍ତରାଳ ଭାବରେ ବକ୍ତବ୍ୟକୁ ସ୍ୱୀକାର କରୁଥିବା ଦେଖାଗଲା। ସେତାଲଭାଡ ଏହି ସମାବେଶରେ ଯାହା କହିଥିଲେ ତାହା ଉଚିତ ଥିଲା, ଯାହା ମଧ୍ୟରୁ ଅଧିକାଂଶ ଗୁଜରାଟରେ ୨୦୦୨ ଏବଂ ତା'ପରେ କ'ଣ ଘଟିଥିଲା ତାହାର ବାସ୍ତବତା ଜାଣି ନ ଥିବେ। ଦଙ୍ଗାରୁ ରକ୍ଷା ପାଇଥିବା ବ୍ୟକ୍ତି କିମ୍ବା ଆକ୍ଟିଭିଷ୍ଟମାନଙ୍କ ସାହସ ଓ ଧୈର୍ଯ୍ୟ ଯୋଗୁ ଦୋଷୀ ସାବ୍ୟସ୍ତ ହୋଇଥିବା ୧୭୪ ଜଣଙ୍କ ସମ୍ପର୍କରେ ସେତାଲଭାଡ କହିଥିଲେ। ଅବଶ୍ୟ ସେମାନଙ୍କ ମଧ୍ୟରୁ ୧୨୪ ଜଣଙ୍କୁ ଆଜୀବନ କାରାଦଣ୍ଡ ଦିଆଯାଇଥିଲା। ତେବେ ବହୁ ସମୟରେ ବ୍ୟବସ୍ଥାଠାରୁ ଆରମ୍ଭ କରି ନ୍ୟାୟିକ ବିଚାରରୁ ବିରୋଧ ସତ୍ତ୍ୱେ ଏମାନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। କିନ୍ତୁ ବଳାତ୍କାର-ହତ୍ୟାକାରୀ ଦୋଷୀମାନଙ୍କୁ ଭାରତରେ ସରକାର କିପରି ସୁରକ୍ଷା ଦେଇଛନ୍ତି ତାହା ବିଚାର କରନ୍ତୁ। ଭାରତ ସରକାର କେବଳ ଧର୍ମାନ୍ଧ କିମ୍ବା ପକ୍ଷପାତ କାରଣରୁ ସେମାନଙ୍କୁ ମୁକ୍ତ କରିବାକୁ ଚାହୁଁଛି। ଅନେକେ ହୁଏତ ବର୍ତ୍ତମାନ ଜାଣି ନ ଥିବେ ଏବଂ ଯେଉଁମାନେ ଜାଣିଥିବେ ସେମାନେ ଭୁଲିଯାଇଥିବେ ଯେ, ସୁପ୍ରିମକୋର୍ଟ ମାମଲାର ବିଚାର ଗୁଜରାଟରୁ ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ। ପାଲେଷ୍ଟାଇନ୍‌ର ତୃଣମୂଳ ସ୍ତରର ବାସ୍ତବତା ଏବଂ ଏହାକୁ ଘୋଡ଼ାଇବା ପାଇଁ ଗଢ଼ାଯାଇଥିବା କାହାଣୀ କେତେ ମିଥ୍ୟା ଓ ଅନ୍ୟାୟ ଥିଲା ତାହା ହଲାଲ ସିଧାସଳଖ କହିଥିଲେ। ପାଲେଷ୍ଟିନୀୟମାନଙ୍କ ସାହାଯ୍ୟ ହେତୁ ଇସ୍ରାଏଲରେ ଆଦ୍ୟ ଉପନିବେଶୀମାନେ ରକ୍ଷା ପାଇଯାଇଥିଲେ, ଯେପରି ଆମେରିକାରେ ପ୍ରଥମେ ଉପନିବେଶୀମାନେ ବଞ୍ଚିଯାଇଥିଲେ। ପାଲେଷ୍ଟାଇନ୍‌ରେ ଯାହା ଘଟୁଥିଲା ତାହା ଏକ ଧର୍ମୀୟ ବିବାଦ ନ ଥିଲା, ତାହା ଥିଲା ଦଖଲକାରୀ ବିରୋଧରେ ଦଖଲଦାରଙ୍କ ସଂଘର୍ଷ। ଇସ୍ରାଏଲ-ପାଲେଷ୍ଟାଇନ୍ ପ୍ରସଙ୍ଗ କିପରି ବାସ୍ତବତାକୁ ଜଟିଳ କରିବା ପାଇଁ ବ୍ୟବହୃତ ହୋଇଥିଲା ତାହା ସେ ବ୍ୟାଖ୍ୟା କରିଥିଲେ। ତାହା ଥିଲା ବଳପୂର୍ବକ ଦଖଲ ଏବଂ ଉପନିବେଶବାଦ ଓ ଏକ ନିର୍ଦ୍ଦିଷ୍ଟ ଏଜେଣ୍ଡା ସହିତ ଇତିହାସର ପୁନର୍ଲିଖନ।

ଏହି ସମାବେଶକୁ ମୁଁ କାହିଁକି ଧ୍ୟାନଆକର୍ଷଣକାରୀ ମନେକଲି ତାହାର କାରଣ ହେଉଛି ଭାରତରେ ସରକାରଙ୍କୁ ସମର୍ଥନ କରୁଥିବା ଆମେରିକାର ଭାରତୀୟ ଗୋଷ୍ଠୀଙ୍କ ପାଇଁ ଏହା ସାଧାରଣ ନ ଥିଲା। ବିଶେଷକରି ଏହି ପ୍ରସଙ୍ଗରେ ସଂଖ୍ୟାଲଘୁ ଭାରତୀୟଙ୍କ ପ୍ରତି ଏବଂ ଦେଶ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ('ହାଉଡି')ରେ ସରକାର କ'ଣ କରିଛନ୍ତି। ଏହା ବିଶେଷ ଭାବରେ ମୋର ନିଜ ଗୁଜରାଟୀ ସମ୍ପ୍ରଦାୟ କ୍ଷେତ୍ରରେ ସତ୍ୟ ଓ ଦୁର୍ଭାଗ୍ୟଜନକ, ଯେଉଁମାନେ ପ୍ରାୟତଃ ସାମ୍ପ୍ରଦାୟିକବାଦ ସପକ୍ଷରେ ଆଗରେ ରହିଥାନ୍ତି। କିନ୍ତୁ ଏହାର ଆଉ ଏକ ଦିଗ ଅଛି ଏବଂ ସେଠାରେ ଅନ୍ୟ ଭାରତୀୟଙ୍କ ମଧ୍ୟରୁ ଅନେକ, ଯେଉଁମାନେ ନିକଟ ଅତୀତରେ ଆମେ ନେଇଥିବା ପଦକ୍ଷେପକୁ ବିରୋଧ କରୁଛନ୍ତି। ସେମାନଙ୍କ ସହ ମୁଁ ସେହିଦିନ ଯୋଗ ଦେଇଥିଲି। ସମାବେଶରେ ମୁଁ ସଂକ୍ଷେପରେ କହିଥିଲି, ବିଦେଶରେ ଥିବା ଭାରତୀୟମାନେ କ'ଣ କରିପାରିବେ। ଯାହା ଭାରତରେ ଘଟୁଥିଲା ସେଥିରେ ଜଡ଼ିତ ରହି ସେମାନେ ସେମାନଙ୍କ ଦେଶରେ ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରୟୋଗ କରିବା ଉଚିତ ଥିଲା। ୨୦୧୯ରେ ଭାରତରେ ଏକ ଭେଦଭାବପୂର୍ଣ୍ଣ ନାଗରିକତ୍ୱ ଆଇନ ପ୍ରଣୟନ ହୋଇଥିଲା। କିନ୍ତୁ ଏହା ବିରୋଧରେ ପ୍ରତିବାଦ କାରଣରୁ ଏହାକୁ କାର୍ଯ୍ୟକାରୀ କରାଯାଇ ନାହିଁ। ଅନ୍ୟ ଏକ କାରଣ ହେଉଛି ୟୁରୋପୀୟ ସଂସଦ ଦ୍ୱାରା ଏହା ବିରୋଧରେ ନିନ୍ଦନୀୟ ଆଭିମୁଖ୍ୟ ଗ୍ରହଣ କରାଯିବା। ଜଣେ ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ ଯେ, ଆମେ ଯାହାକୁ ଆମର ଆଭ୍ୟନ୍ତରୀଣ ବ୍ୟାପାର ବୋଲି ଭାବୁଛୁ ବିଦେଶରେ ସାଂସଦମାନେ କାହିଁକି ତା' ପ୍ରତି ଆଗ୍ରହୀ ହେଲେ। ସମ୍ଭବତଃ ବିଦେଶରେ ଥିବା ଭାରତୀୟମାନେ ସେମାନଙ୍କ ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ନେଇ ଆଇନ ଆଣିବା ଉପରେ ଅଧିକ ସଚେତନ ଥିଲେ। ମାନବ ଅଧିକାରର ବିଶ୍ୱସ୍ତରୀୟ ଘୋଷଣାନାମା ଏବଂ ନାଗରିକ ତଥା ରାଜନୈତିକ ଅଧିକାର ଉପରେ ଅନ୍ତର୍ଜାତୀୟ ଚୁକ୍ତିନାମାରେ ଭାରତ ସ୍ୱାକ୍ଷର କରିଛି। ଆମର ବନ୍ଧୁମାନେ ଆମକୁ ଏହି ବିଷୟକୁ ମନେ ନ ପକାଇବାର କୌଣସି କାରଣ ନାହିଁ। ଏହା ବଦଳରେ ଯଦି ବିଦେଶରେ ଦକ୍ଷିଣ ଏସୀୟମାନେ ଭାରତରେ ଘଟୁଥିବା ଘଟଣାଗୁଡ଼ିକ ସହିତ ଅଧିକ ଜଡ଼ିତ ହେବେ, ତେବେ ଏହା ଘଟିବାର ସମ୍ଭାବନା ଅଧିକ। ଏକତା ଗୁରୁତ୍ୱପୂର୍ଣ୍ଣ। କେବଳ ମଣିଷ ଭାବରେ ଆମେ ଅନ୍ୟମାନଙ୍କ ଯନ୍ତ୍ରଣା ବୁଝିବା ପାଇଁ ଏହା ଆବଶ୍ୟକ ତାହା ନୁହେଁ, ବରଂ ଏହିପରି ଭାଗୀଦାରି ବଜାୟ ରଖିବା ଆମର କର୍ତ୍ତବ୍ୟ। ସମ୍ବିଧାନର ପ୍ରାରମ୍ଭରେ କୁହାଯାଇଛି ଯେ, ଭାରତୀୟମାନଙ୍କ ପାଇଁ 'ଭାଇଚାରା, ବ୍ୟକ୍ତିର ସମ୍ମାନ ନିଶ୍ଚିତ କରିବା'କୁ ସୁରକ୍ଷିତ ରଖିବା ପାଇଁ ଆମେ ଭାରତୀୟମାନେ ସଂକଳ୍ପ ନେଇଛୁ। ଯେତେବେଳେ ଆମେ ପରସ୍ପର ପାଇଁ ଛିଡ଼ା ହେବା ସେତେବେଳେ ହିଁ ଭାଇଚାରା ଆସିପାରେ। ବୋଷ୍ଟନ୍ ସାଉଥ୍ ଏସିଆନ୍ କୋଆଲିଶନର ଦକ୍ଷିଣ ଏସୀୟମାନେ ବାସ୍ତବରେ ଏହା କରିବାକୁ ଚେଷ୍ଟା କରିବା ଦରକାର।

Email:aakar.patel@gmail.com

# ଅସ୍ମିତାର କୋଠଘର



ଡ. ପ୍ରଫୁଲ୍ଲ କୁମାର ସାହୁ

ଆପଣା ଭାଷାକୁ ନେଇ ଗର୍ବ ଅନୁଭବ କରେ ବିଶ୍ୱର ପ୍ରାୟ ପ୍ରତ୍ୟେକ ଜାତି। କୌଣସି ଜାତି ତା'ର ଧନ, ସମ୍ପତ୍ତି, ଧର୍ମ, ଦର୍ଶନ, ସାହିତ୍ୟ, ସଂସ୍କୃତି ଓ ଭାଷା ଆଦିକୁ ନେଇ ଅସ୍ମିତାର ଧ୍ୱଜା ଉଡ଼ାଏ ସତ, କିନ୍ତୁ ଏହି ସକଳ ବିଭବ ମଧ୍ୟରେ ସବୁଠାରୁ ସ୍ପର୍ଶକାତର ପ୍ରସଙ୍ଗ ହେଉଛି ଭାଷା। ଅନ୍ୟ କୌଣସି ଜାତୀୟ ବିଭବ ଉପରେ ଆଘାତ ଲାଗିଲେ ଜାତି ବରଦାସ୍ତ କରିପାରେ, କିନ୍ତୁ ମାତୃଭାଷା ଉପରେ ପ୍ରହାର ପଡ଼ିଲେ ବିଳପି ଉଠେ ଜାତିର ଆତ୍ମା। ଜାତୀୟ ଜୀବନରେ ସୃଷ୍ଟି ହୁଏ ଆନ୍ଦୋଳନ।

ଇଂରେଜମାନେ ଓଡ଼ିଶା ଅଧିକାର (୧୮୦୩) କଲାପରେ ଏ ଜାତି ଉପରେ ଅନ୍ୟାୟ ଓ ଅତ୍ୟାଚାର ହୋଇଛି ଏବଂ ଯେତେ କଷ୍ଟ ହେଲେ ବି ତାକୁ ସହିଯାଇଛି ଏ ଜାତି। କିନ୍ତୁ ସହିପାରି ନାହିଁ, ଯେତେବେଳେ ପଡ଼ୋଶୀ ରାଜ୍ୟର ଦଳେ ପଣ୍ଡିତଙ୍କ ଦ୍ୱାରା କୁଳ ଭାଷା ଉପରେ ପଡ଼ିଛି ପାହାର। ଓଡ଼ିଶାର ବିଦ୍ୟାଳୟରୁ ଓଡ଼ିଆ ଭାଷା ଉଠିଯାଇ ବଂଗଭାଷା ପ୍ରଚଳନ ହେଉ ବୋଲି ୧୯୬୪ ମସିହାରେ ପ୍ରସ୍ତାବ ରଖିଲେ ତତ୍କାଳୀନ ସ୍କୁଲ ଇନ୍‌ସପେକ୍ଟର ଉମାଚରଣ ହାଲଦାର। କଟକ ଡିବେଟିଂ କ୍ଲବରେ ଅନୁଷ୍ଠିତ ଏକ ଆଲୋଚନା ସଭାରେ (୯.୧୨.୧୯୬୮) ବକ୍ତବ୍ୟ ରଖି ରାଜେନ୍ଦ୍ର ଲାଲ ମିତ୍ର ଦାବି କଲେ ଯେ 'ଉତ୍କଳ ଭାଷା ପରିବର୍ତ୍ତେ ବଂଗଭାଷା ପ୍ରଚଳନ ହେବା ଉଚିତ ଏବଂ ଏହାଦ୍ୱାରା ହିଁ ସମ୍ଭବ ହେବ ଉତ୍କଳର ଉନ୍ନତି'। ଉତ୍କଳ ସଂକର ଭାଷା ଅଟେ ଏବଂ ବଂଗ ଭାଷାର ବିକୃତ ହେଲେ ଉତ୍କଳ ଭାଷା ହୁଏ ବୋଲି ଉତ୍କଳ ହିତୈଷିଣୀ (୧୮୬୮ ଜୁଲାଇ ସଂଖ୍ୟା)ରେ ଲେଖିଲେ କଟକ ହାଇସ୍କୁଲର ଆଇନ ଉପଦେଷ୍ଟା ରାମକୃଷ୍ଣ ମୁଖୋପାଧ୍ୟାୟ। ୧୯୭୦ ମସିହା ଜାନୁଆରୀ ମାସ 'ଉଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ' ବୋଲି ଲେଖି ଏକ ପୁସ୍ତିକା ପ୍ରକାଶ କଲେ ବାଲେଶ୍ୱର ସରକାରୀ ସ୍କୁଲର ପ୍ରଧାନଶିକ୍ଷକ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ। ଭାଷା ଉପରେ ଏଭଳି ଘନ ଘନ ଆକ୍ରମଣ ଯୋଗୁ ଜାତୀୟ ଜୀବନରେ ସୃଷ୍ଟି ହେଲା ଆଲୋଡ଼ନ। ଓଡ଼ିଆ ଭାଷାକୁ ବଙ୍ଗଳା ଲିପିରେ ଲେଖି ଓଡ଼ିଆ ଲିପିକୁ ଉଜାଡ଼ି ଦେବା ଓ ଓଡ଼ିଆ ଭାଷାକୁ ବିଦ୍ୟାଳୟ ପାଠ୍ୟକ୍ରମରୁ ଉଠାଇ ଦେବା ନିମନ୍ତେ ବଙ୍ଗାଳୀ ବାବୁମାନେ କରିଥିବା ଯୋଜନାକୁ ଭଣ୍ଡୁର କରିବା ପାଇଁ ଆଗକୁ ଆସିଲେ ଗୌରୀଶଙ୍କର ରାୟ ଓ ଫକୀର ମୋହନ ସେନାପତି ପ୍ରମୁଖ ଏ ମାଟିର ଅନେକ ବରପୁତ୍ର। ଓଡ଼ିଆର ଉପଯୁକ୍ତ ପାଠ୍ୟପୁସ୍ତକ ନାହିଁ ବୋଲି କହୁଥିବା ବଙ୍ଗାଳୀ ବାବୁମାନଙ୍କ ଯୁକ୍ତିକୁ ମିଥ୍ୟା ପ୍ରମାଣ କରିବା ପାଇଁ ପ୍ରାଥମିକ ଶ୍ରେଣୀରେ ବର୍ଣ୍ଣ ଶିକ୍ଷା ପାଇଁ ପ୍ରକାଶ ପାଇଲା ଗୋବିନ୍ଦ ମିଶ୍ରଙ୍କ ବର୍ଣ୍ଣବୋଧ ମଧୁସୂଦନ ମିଶ୍ରଙ୍କ 'ବର୍ଣ୍ଣ ନିୟମ', ଘନଶ୍ୟାମ ମିଶ୍ରଙ୍କ ବର୍ଣ୍ଣ ପରିଚୟ, କପିଳେଶ୍ୱର ବିଦ୍ୟା ଭୂଷଣଙ୍କ 'ବର୍ଣ୍ଣଶିକ୍ଷା', ଅଭୟ ନାୟକଙ୍କ 'ବର୍ଣ୍ଣବୋଧକ', ବଳରାମ ଦାଶଙ୍କ 'ଶିକ୍ଷା ମଞ୍ଜରୀ', କାଳୀପ୍ରସାଦ ଦାସଙ୍କ 'ବର୍ଣ୍ଣ ବିଜ୍ଞାନ', ଚତୁର୍ଭୁଜ ପଟ୍ଟନାୟକଙ୍କ 'ବାଳ ବୌଧିନୀ' ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକଙ୍କ 'ବର୍ଣ୍ଣ ବିଜ୍ଞାନ', ଜଗନ୍ନାଥ ରାଓଙ୍କ 'ପ୍ରଥମ ପାଠ' ଓ ମଧୁସୂଦନ ରାଓଙ୍କ 'ବର୍ଣ୍ଣବୋଧ' ଇତ୍ୟାଦି। ଏଥିମଧ୍ୟରେ ମଧୁସୂଦନଙ୍କ ବର୍ଣ୍ଣବୋଧ ଥିଲା ସର୍ବଜନଗ୍ରାହ୍ୟ। ବାସ୍ତବରେ ସେତେବେଳେ ଜାତିପ୍ରାଣମାନେ ପଡ଼ୋଶୀ ପଣ୍ଡିତଙ୍କ ଚକ୍ରାନ୍ତକୁ ପଣ୍ଡ କରିବା ପାଇଁ ଅନେକ ସଂଗ୍ରାମ କରିଛନ୍ତି ଏବଂ ସେମାନଙ୍କ ବୌଦ୍ଧିକ ଲଢ଼େଇ ଫଳରେ ବଞ୍ଚି ରହିଲା ଓଡ଼ିଆ ଭାଷା। ଏହି ମର୍ମରେ ଡ. ମାୟାଧର ମାନସିଂହ ଲେଖିଛନ୍ତି – 'ଅନ୍ୟ କୌଣସି ଭାରତୀୟ ଭାଷାକୁ କେବଳ ନିଜର ସ୍ଥିତି ରକ୍ଷା ପାଇଁ ଏଭଳି କଠିନ ସଂଗ୍ରାମ କରିବାକୁ ପଡ଼ିନାହିଁ, ଯେପରି ଘଟିଛି ବିଚାରା ଓଡ଼ିଆଙ୍କ ଭାଗ୍ୟରେ'। ସେତେବେଳେ ଓଡ଼ିଆ ଭାଷା ଯେ କେବଳ ସଙ୍କଟର ସମ୍ମୁଖୀନ ହୋଇଥିଲା ତାହା ନୁହେଁ, ବିପର୍ଯ୍ୟସ୍ତ ହୋଇପଡ଼ିଥିଲା ତା'ର ଅଧିକାର ଭୂମି ଓ ସାଂସ୍କୃତିକ ପରିଚୟ। ନିଜର ଅଧିକାର ତଥା ସାଂସ୍କୃତିକ ପରିଚୟର ପୁନଃ ପ୍ରତିଷ୍ଠା ପାଇଁ ଭାଷା ଆନ୍ଦୋଳନରୁ ବଳ ଗୋଟାଇ ଦାନା ବାନ୍ଧିଥିଲା ଦେଶ ମିଶ୍ରଣ ଅଭିଯାନ। ଏକ ବିରାଟ ରାଷ୍ଟ୍ରବୋଧରୁ ଜନ୍ମ ନେଇଥିଲା ଜାତୀୟ ମହାମଞ୍ଚ ଉତ୍କଳ ସମ୍ମିଳନୀ(୧୯୦୩)। ଦୀର୍ଘ ୩୩ବର୍ଷର ଲମ୍ବା ଲଢ଼େଇ ଲଢ଼ିବା ପରେ ଜନ୍ମ ନେଇଥିଲା ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ। ୧୯୩୬ ଏପ୍ରିଲ ପହିଲାରେ ରେଭେନ୍ସା କଲେଜ ହଲରେ ଅନୁଷ୍ଠିତ ସଭାରେ ରାଜ୍ୟର ପ୍ରଥମ ଗଭର୍ଣ୍ଣର ଜନ୍ ଅଷ୍ଟିନ ଉଦ୍‌ବୋଧନ ଦେଇ କହିଥିଲେ- 'ଅତୀତରେ ଥିବା ତୁମର ଭାଷା ଓ ପରିଚୟ ନାରଖାର ହୋଇଯାଇଛି। ଏବେ ସେ ପୂର୍ବ ଗୌରବ ଫେରାଇ ଆଣିବା ତୁମର ଦାୟିତ୍ୱ।' କିନ୍ତୁ ଦୁର୍ଭାଗ୍ୟର ବିଷୟ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପରେ ଆମର ଉଦାସୀନତା କାରଣରୁ ନାନା ଭାବରେ ଅବହେଳା ଓ ଅବଜ୍ଞାର ଶିକାର ହେଲା ଓଡ଼ିଆ ଭାଷା। ଦେଶ ସ୍ୱାଧୀନ ହେବା ପରେ ଓଡ଼ିଆ ଭାଷାକୁ ସରକାରୀ ଭାଷାର ମର୍ଯ୍ୟାଦା ମିଳିଲା (୧୯୫୪) ସତ, କିନ୍ତୁ ତାକୁ କାର୍ଯ୍ୟକାରୀ କରିବା ଦିଗରେ ଅନ୍ତରାୟ ହୋଇ ଠିଆହେଲା



ସରକାରୀ ବାବୁମାନଙ୍କ ପରମୁଖାପେକ୍ଷିତା।

ଭାଷା ଗୋଟିଏ ଜାତିର ବୌଦ୍ଧିକ ସଂପତ୍ତି। ଏହା ସଂସ୍କୃତିର ବାହକ ଓ ସଂହତିର ସାଧନ। ବିଳମ୍ବରେ ହେଲେ ବି ସରକାର ଏହି କଥାକୁ ଅନୁଭବ କରିଛନ୍ତି ଏବଂ ଚଳିତ ଶତାବ୍ଦୀ ଆରମ୍ଭରୁ ଭାଷା ସାହିତ୍ୟର ବିକାଶ କ୍ଷେତ୍ରରେ ପ୍ରକାଶ ପାଇଛି ସରକାରୀ ତତ୍ପରତା। ଓଡ଼ିଆ ଜାତିର ଅସ୍ମିତା ରକ୍ଷା ପାଇଁ ପ୍ରତିଷ୍ଠା ହୋଇଛି ଓଡ଼ିଆ ଭାଷା ପ୍ରତିଷ୍ଠାନ, କେନ୍ଦ୍ରୀୟ ଭାଷା ଉତ୍କର୍ଷ କେନ୍ଦ୍ର, ଓଡ଼ିଆ ବିଶ୍ୱବିଦ୍ୟାଳୟ ଓ ଓଡ଼ିଆ ଗବେଷଣା କେନ୍ଦ୍ର ଇତ୍ୟାଦି। ଏସବୁ ମଧ୍ୟରେ ଓଡ଼ିଆ ଜାତି ପାଇଁ ସବୁଠାରୁ ଗୌରବମୟ ଅନୁଭବର ଶିହରଣ ଥିଲା ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା। ଗଲା ଶତାବ୍ଦୀରେ ଆମ ଜାତୀୟ ଅସ୍ମିତାକୁ ପଲ୍ଲବିତ କରିଥିଲା ଭାଷା ଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ। ଚଳିତ ଶତାବ୍ଦୀରେ (୧୯୧୪) ସେହି ଅସ୍ମିତାକୁ ପୁଷ୍ପିତ ଓ ସୁରଭିତ କଲା ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା। ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ପଦାକୁ ଆସିଲା ଭାଷା ଓ ସାହିତ୍ୟର ପ୍ରାଚୀନତା ତଥା ମୌଳିକତା ସମ୍ପର୍କିତ ଅନେକ ତଥ୍ୟ। ହାତୀଗୁମ୍ଫା ଶିଳାଲେଖ ଭାରତର ପ୍ରଥମ ସାହିତ୍ୟ ବୋଲି ଡ. ମାୟାଧର ମାନସିଂହ ଯେଉଁ ତଥ୍ୟ ରଖିଥିଲେ ତାହା ଗୃହୀତ ହେଲା ଏବଂ ଓଡ଼ିଆ ଲିପି ସର୍ବପ୍ରାଚୀନ ତଥା ଓଡ଼ିଆ ଭାଷିକ ଓ ସାଂସ୍କୃତିକ ପରମ୍ପରା ଦୁଇ ହଜାର ବର୍ଷରୁ ଅଧିକ କାଳର ପ୍ରଲମ୍ବିତ ପ୍ରବାହ ବୋଲି ପ୍ରମାଣ ହେଲା ସର୍ବଭାରତୀୟ ସ୍ତରରେ। ବିଶ୍ୱ ଦରବାରରେ ବଢ଼ିଲା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ପ୍ରତିଷ୍ଠା।

କିନ୍ତୁ ଏକଥା ସତ୍ୟ ଯେ, ସମ୍ମିଳନୀର ଆଡ଼ମ୍ବରପୂର୍ଣ୍ଣ ଆୟୋଜନ ଦ୍ୱାରା ନୁହେଁ, ଭାଷାର ପରିଚୟ ଓ ପ୍ରତିଷ୍ଠା ନିର୍ଭର କରେ ତାହାର ବ୍ୟବହାରିକ ଦିଗ ଉପରେ। ଆମେ ଆଜି ଗର୍ବିତ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି, ବିଶ୍ୱ ଭାଷା ସମ୍ମିଳନୀ। ମାତ୍ର ଆମର ଦୁର୍ଭାଗ୍ୟ ଯେ, ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି ଆମ ସମୃଦ୍ଧ ଶାସ୍ତ୍ରୀୟ ଭାଷାର ବ୍ୟବହାରିକ ଦିଗ। ଆମେ ପ୍ରାୟତଃ ହରେଇ ସାରିଛୁ ନିରୁତା ଓଡ଼ିଆରେ କଥା କହିବାର ସାମର୍ଥ୍ୟ। ମାତୃଭାଷାରେ କହିପାରୁଥିବା ଲୋକଙ୍କଠାରୁ ପୁଣି ଲେଖିପାରୁଥିବା ଲୋକଙ୍କ ସଂଖ୍ୟା ଆହୁରି କମ୍।

ଭାଷା ସୁରକ୍ଷା କ୍ଷେତ୍ରରେ ସାହିତ୍ୟର ଭୂମିକା ସର୍ବାଧିକ। ସାରଳା ଦାସ, ଜଗନ୍ନାଥ ଦାସ, ଉପେନ୍ଦ୍ର ଭଞ୍ଜ, ଫକୀରମୋହନ, ରାଧାନାଥ ଓ ଭୀମ ଭୋଇ ପ୍ରମୁଖ ଯେଉଁ ଭାଷାରେ ସାହିତ୍ୟ ସର୍ଜନା କରିଛନ୍ତି, ତାହା କେବଳ ଭାରତ କାହିଁକି, ସାରା ବିଶ୍ୱରେ ସୃଷ୍ଟି କରିଛି ସ୍ୱତନ୍ତ୍ର ପରିଚୟ। କିନ୍ତୁ ଏକଥା କେବଳ କହି ବୁଲିଲେ ସମୃଦ୍ଧ ହେବନି ଭାଷା ଓ ସାହିତ୍ୟର ବର୍ତ୍ତମାନ ଓ ଭବିଷ୍ୟତ। ଏଥିପାଇଁ ଆବଶ୍ୟକ ଉନ୍ନତ ମାନର ସାହିତ୍ୟ ସର୍ଜନା। ମାତ୍ର ବିଡ଼ମ୍ବନାର ବିଷୟ ଏବେ ବାସ୍ତବତା ପରିବର୍ତ୍ତେ ମିଥ୍ୟାକୁ ମୁଖବନ୍ଧ କରି ଲେଖାଯାଉଛି ସାହିତ୍ୟ। ଜନଜୀବନର ସ୍ୱରକୁ ତୋଳି ଧରି ନ ପାରିବା କାରଣରୁ ସାହିତ୍ୟ ହରେଇ ବସୁଛି ପାଠକୀୟ ଆଦୃତି।

ମାତୃଭାଷା ଆମ ଅସ୍ମିତାର କୋଠଘର। ଯେମିତି ବିକଳ୍ପ ନାହିଁ ମେଘ, ଅରଣ୍ୟ ଓ ସୂର୍ଯ୍ୟ ରଶ୍ମିର, ସେମିତି ବିକଳ୍ପ ନାହିଁ ମା', ମାଟି ଓ ମାତୃଭାଷାର। ଏହି ଭାବନାରେ ଜଡ଼ସଡ଼ ହେଲେ ଦୀପ୍ତ ହେବ ସ୍ୱାଭିମାନର ବହ୍ନି। ସ୍ପର୍ଦ୍ଧିତ ହେବ ମାତୃଭାଷା ମାଧ୍ୟମରେ ଆପଣା ଅସ୍ମିତାକୁ ଜାହିର କରିବାର ପ୍ରତିବଦ୍ଧତା।

ଅବସରପ୍ରାପ୍ତ ଅଧ୍ୟକ୍ଷ
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ- ୬୩୭୧୬୪୨୪୬୪

# ବନ୍ଧୁ ନା ବଇରି



ଲଳିତେନ୍ଦୁ ପଲାଉରୀ

ମୂଳ ପାକିସ୍ତାନରୁ ଅଲଗା ହୋଇ ନୂଆ ଦେଶ ଭାବେ ପ୍ରତିଷ୍ଠା ହୋଇଥିବା ବାଂଲାଦେଶର ସ୍ୱାଧୀନତା ଦିବସ ୨୬ ମାର୍ଚ୍ଚ ୧୯୭୧। କିନ୍ତୁ ଡିସେମ୍ବର ୬କୁ କୂଟନୈତିକ ସମ୍ପର୍କ ଆରମ୍ଭର ଦିନ ବା ମୈତ୍ରି ଦିବସ ଭାବେ ପାଳିବାକୁ ଉଭୟ ଭାରତ ଓ ବାଂଲାଦେଶ ସହମତ ହୋଇଛନ୍ତି। ଏପରି କି ବିଶ୍ୱର ମୁସଲମାନବହୁଳ ରାଷ୍ଟ୍ରମାନେ ବାଂଲାଦେଶକୁ ନୂଆ ରାଷ୍ଟ୍ରର ମାନ୍ୟତା ଦେବା ପୂର୍ବରୁ ଭାରତ ପ୍ରଥମେ ମାନ୍ୟତା ଦେଇଥିଲା। ଇଷ୍ଟ ପାକିସ୍ତାନ ବା ବର୍ତ୍ତମାନ ବାଂଲାଦେଶରେ ୯୮ପ୍ରତିଶତ ବାସିନ୍ଦା ମୁସଲମାନ। ସେମାନଙ୍କ ଭାଷା ବଙ୍ଗଳା। ଦେଶରେ ୯୯ପ୍ରତିଶତ ଲୋକଙ୍କ କଥିତ ଭାଷା ମଧ୍ୟ ବଙ୍ଗଳା। ନଦୀ, ସମୁଦ୍ରଘେରା ବାଂଲାଦେଶରେ ପ୍ରାକୃତିକ ବିପର୍ଯ୍ୟୟ ଏକ ଚିରାଚରିତ ଘଟଣା। ବାଂଲାଦେଶର ବିକାଶ, ସ୍ଥିରତା, ଶାନ୍ତି ଓ ପ୍ରଗତି କ୍ଷେତ୍ରରେ ଭାରତ ଏକ ଉତ୍ତମ ପଡ଼ୋଶୀ ଓ ବନ୍ଧୁ ରାଷ୍ଟ୍ର ଭାବେ ସହଯୋଗ ଯୋଗାଇ ଆସୁଛି। ସ୍ୱାଧୀନତା ପରବର୍ତ୍ତୀ ବାଂଲାଦେଶ ଅନେକ ଘାତ ପ୍ରତିଘାତ, ଅସ୍ଥିରତା ଓ ମିଲିଟାରୀ ଶାସନର ସମ୍ମୁଖୀନ ହେବା ପରେ ବର୍ତ୍ତମାନ କିଛି ବର୍ଷ ହେଲା ଗ୍ରାମୀଣ ଅର୍ଥନୀତିରେ ସଂସ୍କାର ସହ ଦ୍ରୁତ ଓ ପ୍ରଗତିଶୀଳ ଅର୍ଥନୈତିକ ଦେଶ ଭାବେ ଆଗକୁ ବଢ଼ୁଛି। ଭାରତ ସହ ୨୦୧୫ରେ ଲ୍ୟାଣ୍ଡ ବାଉଣ୍ଡରି ରାଜିନାମା ଉଭୟ ଦେଶ ପାଇଁ ବଡ଼ ନିଷ୍ପତ୍ତି ମଧ୍ୟରୁ ଗୋଟିଏ। ନୌବାଣିଜ୍ୟଠାରୁ ଆରମ୍ଭ କରି ବାଂଲାଦେଶର ଭିତ୍ତିଭୂମି ବିକାଶ, ଗମନାଗମନ, ସଡ଼କ ଓ ରେଳ ସେବା ମଧ୍ୟ ଉଭୟ ଦେଶ ମଧ୍ୟରେ ଘନିଷ୍ଠତା ବଢ଼ାଇଛି। ଗତ ୯ବର୍ଷ ମଧ୍ୟରେ ଉଭୟ ଦେଶର ସୀମାରେ ୪ଟି ନୂଆ ଇମିଗ୍ରେସନ କ୍ୟାମ୍ପସ ଖୋଲିଛି। ଶକ୍ତି ଚାହିଦା ମେଣ୍ଟାଇବାକୁ ମୈତ୍ରୀ ଥର୍ମାଲ ପାୱାର ପ୍ଲାଣ୍ଟ ଉଦ୍‌ଘାଟନ ହୋଇଛି। ଉଭୟ ଦେଶ ମଧ୍ୟରେ ୪ ହଜାର ୧୭ କିଲୋମିଟର ଦୀର୍ଘ ସୀମାରେଖା, ୫୪ଟି ନଦୀ ମଧ୍ୟରେ ଭାଗୀଦାରିତା ସହ ୨୦ କିଲୋମିଟର ଦୀର୍ଘ ଚିକେନ ନେକ୍ ବା ସିଲିଗୁଡ଼ି କରିଡ଼ର ଭାରତର ଉତ୍ତରପୂର୍ବ ରାଜ୍ୟ ଆସାମ, ମିଜୋରାମ, ମେଘାଳୟ, ତ୍ରିପୁରା ସହ ସଂଯୋଗର ସେତୁ ପାଲଟିଛି।

ବାଂଲାଦେଶରେ ଲଗାତର ଚତୁର୍ଥ ଥର ଓ ସମୁଦାୟ ପଞ୍ଚମ ଥର ପାଇଁ ଶାସନ ଗାଦିରେ ବସିଥିବା ପ୍ରଧାନମନ୍ତ୍ରୀ ଶେଖ ହସିନା ଭାରତ ସହ ସମ୍ପର୍କକୁ ଏକ ନୂଆ ଦିଶା ଦେଇଛନ୍ତି। କରୋନା ପରବର୍ତ୍ତୀ ସମୟରେ ଦ୍ରୁତ ଅର୍ଥନୀତି ପ୍ରଗତି ପଥରେ ଆଗଉଥିବା ବାଂଲାଦେଶ ସହ ଭାରତର ଅର୍ଥନୈତିକ ସମ୍ପର୍କ ଶିଖରରେ ପହଞ୍ଚିଛି। ୨୦୧୧ ମସିହାରୁ ସାଉଥ ଏସିଆ ଫ୍ରି ଟ୍ରେଡ୍ ରାଜିନାମାରେ ଯୋଡ଼ି ହୋଇଛି ବାଂଲାଦେଶ। ୨୦୨୧-୨୨ରେ ଭାରତ ସହ ବାଂଲାଦେଶର ୧୮.୧୩ ବିଲିୟନ



ଡଲାର ଅର୍ଥନୈତିକ କାରବାର, ୨୦୨୨-୨୩ରେ ୧୪.୨ ବିଲିୟନ ଡଲାର ସହ ୨୦୨୨-୨୩ରେ ଭାରତ ବାଂଲାଦେଶରେ ସବୁଠାରୁ ଅଧିକ ପୁଞ୍ଜି ନିବେଶ ରାଷ୍ଟ୍ର ଭାବେ ଗଣାହେଉଛି।

ଅବକାରୀ ଓ ନିଶା କାରବାର ଉପରେ କଡ଼ା କଟକଣା ଥିବା ବେଳେ ଉଭୟ ଦେଶ ମଧ୍ୟରେ ଯେ କୌଣସି ବ୍ୟବସାୟ ପ୍ରୋତ୍ସାହନ ରାଜିନାମା ହୋଇଛି। ଆମେରିକା ଡଲାର ଉପରେ ମାତ୍ରାଧିକ ନିର୍ଭରଶୀଳତା ହ୍ରାସ କରିବାକୁ ଜୁଲାଇ ୨୦୨୩ରେ ବାଂଲାଦେଶ ସହ ଭାରତ ମୁକ୍ତ ଆର୍ଥିକ କାରବାର ରାଜିନାମା ସ୍ୱାକ୍ଷର ହୋଇଛି। ଉଭୟ ଦେଶ ମଧ୍ୟରେ ଗଙ୍ଗା ଜଳ ବଣ୍ଟନ, କୁସିୟାରା ନଦୀ ଜଳ ବଣ୍ଟନ ରାଜିନାମା ସମ୍ଭବ ହୋଇପାରିଛି। ତେବେ ୧୯୯୬ ତିସ୍ତା ନଦୀଜଳ ବଣ୍ଟନ ନେଇ ଉଭୟ ବାଂଲାଦେଶ ଓ ଭାରତ ସ୍ଥାୟୀ ସମାଧାନରେ ପହଞ୍ଚି ପାରି ନାହାନ୍ତି। ଭାରତର ପଡ଼ୋଶୀ ରାଷ୍ଟ୍ର ପଶ୍ଚିମରେ ପାକିସ୍ତାନ, ଦକ୍ଷିଣରେ ମାଳଦ୍ୱୀପ ଆଉ ଉତ୍ତରରେ ବିସ୍ତାରବାଦ ଚାଇନା ଓ ପୂର୍ବରେ ଥିବା ବାଂଲାଦେଶ ସହ ଭାରତ ସବୁବେଳେ ସମଭାବାପନ୍ନ ସମ୍ପର୍କ ଯୋଡ଼ିବାକୁ ଚେଷ୍ଟା ଜାରି ରଖିଛି। ବାଂଲାଦେଶ ସହ ଭାରତର ଘନିଷ୍ଠତାକୁ ଅନେକ ସମୟରେ ଚାଇନା ଅସହ୍ୟ ମନେକରୁଛି। ବାଂଲାଦେଶକୁ ନିଜ ନିୟନ୍ତ୍ରଣରେ ରଖି ଭାରତ ମହାସାଗରରେ ଏକଚାଟିଆ କାର୍ଯ୍ୟ କରିବାକୁ ଚାହୁଁଥିବା ଚାଇନାର ଉଦ୍ୟମ ବାରମ୍ବାର ବିଫଳ ହେଉଛି। ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ ପରିଯୋଜନାରେ ବାଂଲାଦେଶକୁ ସାମିଲ କରି ନିଜ ହାତରେ ରଖିବାକୁ ଚାହୁଁଛି ଚାଇନା। ଏତେ ସବୁ ଭିତରେ ଭାରତ ପାଇଁ ବଡ଼ ପ୍ରତିବନ୍ଧକ ହୋଇଛି ବାଂଲାଦେଶ ସୀମାରେ ବେଆଇନ ଅନୁପ୍ରବେଶ, ମାନବଚାଲାଣ, ଶରଣାର୍ଥୀ ଓ ରୋହିଙ୍ଗ୍ୟା ଶରଣାର୍ଥୀମାନେ ଭାରତକୁ ଅବାଧ ଅନୁପ୍ରବେଶ ; ଯାହା କି ଅନେକ ସମୟରେ ଭାରତର ଜାତୀୟ ସୁରକ୍ଷା ପ୍ରତି ଚ୍ୟାଲେଞ୍ଜ ହୋଇଛି।

ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ସହ ଥଇଥାନ ଭାରତ ପାଇଁ ବଡ଼ ଆହ୍ୱାନ ହୋଇଛି। ପଶ୍ଚିମବଙ୍ଗ ସୀମା ଦେଇ ହେଉ କିମ୍ବା ଉତ୍ତରପୂର୍ବ ରାଜ୍ୟଗୁଡ଼ିକ ଦେଇ ଅନୁପ୍ରବେଶ ଆମ ପାଇଁ ଚିନ୍ତାର ବିଷୟ ହୋଇଛି। ପଶ୍ଚିମବଙ୍ଗ ସୀମା ଦେଇ ଓଡ଼ିଶାର ବାଲେଶ୍ୱର, ଭଦ୍ରକ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ ପାରାଦୀପରେ ଏମାନେ ମଧ୍ୟ ଆଡ୍ଡା ଜମାଇ ସାରିଲେଣି। ଏପରି କି ସେମାନେ ରାଶନ କାର୍ଡ ହାତେଇ ଆମ ରାଜ୍ୟର ନାଗରିକ ଭାବେ ଗଣା ହେଲେଣି। ତେବେ ଭାରତ-ବାଂଲାଦେଶ ସମ୍ପର୍କ ମଧ୍ୟରେ ସବୁକିଛି ଠିକ୍ ଚାଲିଥିବା ଆମେ କହୁଥିବା ବେଳେ ପଶ୍ଚିମବଙ୍ଗ ସୀମା ହେଉ କି ଓଡ଼ିଶାରେ ଜଳପଥ ଦେଇ ଏଭଳି ଅନୁ ପ୍ରବେଶକାରୀଙ୍କ ପ୍ରାଦୁର୍ଭାବ ଓ ସେମାନଙ୍କୁ ହାତେଇ ଭୋଟ ବ୍ୟାଙ୍କ ରାଜନୀତି କରୁଥିବା କିଛି ଗୋଷ୍ଠୀ ପରବର୍ତ୍ତୀ ସମୟରେ ସାରା ଦେଶ ପାଇଁ ଏକ ବଡ଼ ବିପଦ ସୃଷ୍ଟି କରିବାକୁ ଯାଉଛନ୍ତି ଏକଥା ଭୁଲି ଯାଉଛନ୍ତି। ତେଣୁ ଉଭୟ ଭାରତ ଓ ବାଂଲାଦେଶ ବନ୍ଧୁରାଷ୍ଟ୍ର ଭାବେ ବେଆଇନ ଅନୁପ୍ରବେଶ ପ୍ରତି ଅଧିକ କଠୋର ନିୟମ ଆପଣାଇଲେ ଏହା ସମସ୍ତଙ୍କ ପାଇଁ ଶୁଭଙ୍କର ହେବ।

ବାଲିପନ୍ତାଳ, ନଗର, ଅସ୍ତରଙ୍ଗ, ପୁରୀ
ମୋ- ୯୭୭୮୬୯୭୦୩୬

## ଏଇ ଭାରତରେ

ଗ୍ରାମାଞ୍ଚଳର ପିଲାମାନଙ୍କ ପାଇଁ ଶିକ୍ଷା, ମନୋରଞ୍ଜନ ତଥା ଖେଳର ଆବଶ୍ୟକତାକୁ ଲକ୍ଷ୍ୟ କରି ଆଇଏଏସ୍ ଅଧିକାରୀ ବିବେକ ଜନ୍‌ସନ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ପ୍ରେରଣାଦାୟକ। ୨୦୨୨ରୁ ମହାରାଷ୍ଟ୍ର ଚନ୍ଦ୍ରପୁର ଜିଲାର ଚିଫ୍ ଏକ୍‌ଜିକ୍ୟୁଟିଭ ଅଫିସର ଭାବେ କାର୍ଯ୍ୟରତ ବିବେକ ଜନ୍‌ସନ ସରକାରୀ ପାଣ୍ଠି ଓ ବ୍ୟବସ୍ଥାର ସହଯୋଗରେ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ୨୮ଟି ସାଇନ୍ସ ପାର୍କ ନିର୍ମାଣ କରିସାରିଛନ୍ତି ଓ ଆଉ ୫୦ଟି ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ପାର୍କଗୁଡ଼ିକରେ ଉତ୍ସର୍ଗୀକୃତ ଶିକ୍ଷକମାନଙ୍କର ଏକ ଟିମ୍ ପିଲାମାନଙ୍କୁ ସହଯୋଗ କରୁଛନ୍ତି। ଶିକ୍ଷକମାନେ ସ୍କୁଲରେ ପଢ଼ାଇବା ସହ ଏହି କାର୍ଯ୍ୟ ପାଇଁ ସମୟ ଦେଉଛନ୍ତି। ଏହା ସହ ଚନ୍ଦ୍ରପୁର ଜିଲାର ୧୫ଟି ବ୍ଲକରେ ଜନ୍‌ସନ ୭୦ଟି ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ କରିଛନ୍ତି। ଏଠାରେ ପିଲାମାନେ ଦୌଡ଼, ବାସ୍କେଟବଲ, ଭଲିବଲ ଇତ୍ୟାଦି ଖେଳିବାର ସୁଯୋଗ ପାଉଛନ୍ତି। ସାଇନ୍ସ ପାର୍କ ଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସରୁ ଏବେ ପାଖାପାଖି ୧୦,୦୦୦ ଗ୍ରାମୀଣ ପିଲା ଉପକୃତ ହେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୫ ଫେବୃଆରୀ ୧୯୭୫

- ମନ୍ତ୍ରପାଠ ଓ ପାରମ୍ପରିକ ଉତ୍ସବ ମଧ୍ୟରେ ଆନୁଷ୍ଠାନିକ ଭାବେ ନେପାଳର ସର୍ବମୟ କର୍ତ୍ତା ରୂପେ ରାଜା ବୀରେନ୍ଦ୍ରଙ୍କ ଅଭିଷେକ।
- ପାକିସ୍ତାନକୁ ମାର୍କିନ ଅସ୍ତ୍ରଶସ୍ତ୍ର ମିଳିବା ସଂକ୍ରାନ୍ତ କଟକଣା ଉଠାଇ ଦିଆଯିବା ପାଇଁ ନିଷ୍ପତ୍ତି କରାଯାଇଥିବା ବିଷୟ ଯୁକ୍ତରାଷ୍ଟ୍ର ଆମେରିକା ସରକାରୀ ଭାବେ ଭାରତକୁ ଜଣାଇଦେଇଛି।
- କେନ୍ଦ୍ରୀୟ ସାହାଯ୍ୟପ୍ରାପ୍ତ ଯୋଜନା କାର୍ଯ୍ୟକ୍ରମ ଅନୁଯାୟୀ କ୍ଷୁଦ୍ର ବନ୍ଦରଗୁଡ଼ିକର ବିକାଶ ନିମନ୍ତେ ରାଜ୍ୟ ସରକାରମାନଙ୍କୁ ୧୬ ଲକ୍ଷ ଟଙ୍କାର କେନ୍ଦ୍ରୀୟ ଋଣ ପ୍ରଦାନ।

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 3 | 5 | 8 | | 4 | 2 | | |
| | 9 | | | | | | | |
| 4 | 2 | | 5 | | | | | 9 |
| | | 7 | | 6 | | | | |
| | | | | | | | 1 | 3 |
| 2 | 1 | | 3 | | | | | |
| | | | | 8 | | | 9 | 6 |
| 6 | | | | | | 1 | 4 | |
| 1 | | | 4 | | | 7 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 6 | 8 | 5 | 2 | 7 | 1 | 9 |
| 8 | 2 | 9 | 3 | 7 | 1 | 6 | 4 | 5 |
| 1 | 5 | 7 | 4 | 6 | 9 | 8 | 3 | 2 |
| 6 | 8 | 5 | 7 | 9 | 3 | 1 | 2 | 4 |
| 7 | 3 | 2 | 5 | 1 | 4 | 9 | 6 | 8 |
| 9 | 1 | 4 | 2 | 8 | 6 | 3 | 5 | 7 |
| 2 | 6 | 3 | 9 | 4 | 8 | 5 | 7 | 1 |
| 4 | 7 | 8 | 1 | 3 | 5 | 2 | 9 | 6 |
| 5 | 9 | 1 | 6 | 2 | 7 | 4 | 8 | 3 |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଡିଗ୍ରୀ ସାର୍ଟିଫିକେଟ ତୁରନ୍ତ ଦିଆଯାଉ

ମହାଶୟ,

କଟକରେ ରହିଛି ଓଡ଼ିଶା ସରକାରଙ୍କ ଏକମାତ୍ର ଚଳଚ୍ଚିତ୍ର ଅନୁଷ୍ଠାନ ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ପ୍ରତିଷ୍ଠାନ (ବିପିଏଫ୍‌ଟିଆଇଓ)। କିଛି ବର୍ଷ ପୂର୍ବେ ସରକାର ଏଠାରେ ଚଳଚ୍ଚିତ୍ର ସମ୍ପର୍କିତ ପାଠ୍ୟକ୍ରମକୁ ଡିପ୍ଲୋମାରୁ ଡିଗ୍ରୀକୁ ପରିବର୍ତ୍ତନ କଲେ। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ପରିତାପର ବିଷୟ ଯେ, ପୂର୍ବରୁ ଡିପ୍ଲୋମା ପାଇଥିବା ପୁରାତନ ଛାତ୍ରୀଛାତ୍ରମାନେ ଏକ କ୍ଷୁଦ୍ର ଡିଗ୍ରୀ ସଂଯୋଗ ପାଠ୍ୟକ୍ରମ କରି ସେମାନଙ୍କୁ ନୂତନ ଡିଗ୍ରୀ ଦେବାକୁ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଯାହାଫଳରେ ଡିପ୍ଲୋମା ଏବଂ ଡିଗ୍ରୀର ତାରତମ୍ୟ ଯୋଗୁଁ ଅନେକ ସରକାରୀ ଓ ବେସରକାରୀ ଚାକିରୀ ପାଇଁ ପୁରାତନ ଛାତ୍ରୀଛାତ୍ରମାନେ ବଞ୍ଚିତ ହେଉଛନ୍ତି। ଏଣୁ ଅନୁରୋଧ, ପୂର୍ବତନ ଛାତ୍ରୀଛାତ୍ରଙ୍କୁ ସରକାର ତୁରନ୍ତ ଡିଗ୍ରୀ ସାର୍ଟିଫିକେଟ ଦେବାପାଇଁ ବ୍ୟବସ୍ଥା କରନ୍ତୁ।

**– ସତ୍ୟଜିତ ମହାନ୍ତି(ପୁରାତନ ଛାତ୍ର, ବିପିଏଫ୍‌ଟିଆଇଓ), ତେନ୍ତୁଳିପଦା, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କିଏ ପରା କରୁଥିଲେ
ହରିପୁର ହାଟେ ସଭା
ସବୁ ଖାଲି ଭେଦା ଭୋଟ୍
ପୂଜା ରିସିପତ୍ ଅବା।

(ଚାଷୀର ଭାଗ୍ୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଖାତା ଖୋଲିବା ଲକ୍ଷ୍ୟରେ ଭାଜପା

## ସିମୁଳିଆ ବିଧାନସଭା ନିର୍ବାଚନମଣ୍ଡଳୀ

ଖଇରା, ୨୪।୨(ଉତ୍କଳବନ୍ଧୁ ପଣ୍ଡା)


ଜ୍ୟୋତି ପ୍ରକାଶ ପାଣିଗ୍ରାହୀ


ଅଭିଲିପ୍ସା ସାହୁ


ଠାକୁର ରଞ୍ଜିତ ଦାସ


ହିମାଂଶୁ ଶେଖର ବେହେରା

ବାଲେଶ୍ୱର ଜିଲାର ସିମୁଳିଆ ବିଧାନସଭା ନିର୍ବାଚନମଣ୍ଡଳୀ ଖଇରା ବ୍ଲକର ୩୭ ଓ ସିମୁଳିଆ ବ୍ଲକର ୨୨ ପଞ୍ଚାୟତକୁ ନେଇ ଗଠିତ। ଏହି ବିଧାନସଭା କ୍ଷେତ୍ର ବାଲେଶ୍ୱର ଜିଲା ଓ ଭଦ୍ରକ ସଂସଦୀୟ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଅର୍ଥାତ୍ ସିମୁଳିଆ ବାଲେଶ୍ୱର ଜିଲାରେ ଆସୁଥିଲେ ହେଁ ଭଦ୍ରକ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଭୁକ୍ତ। ଏଠାରୁ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସର ଆଶାୟୀ ପ୍ରାର୍ଥୀଙ୍କ ନାମକୁ ନେଇ ଗାଁଗହଳି, ଛକବଜାର ଓ ଚା' ଖଟିରେ ଚର୍ଚ୍ଚା ଜୋର ଧରିଲାଣି । ବିଜେଡିରେ ଆଶାୟୀ କମ୍ ଥିବା ବେଳେ ଭାଜପାରେ ସର୍ବାଧିକ, କିନ୍ତୁ କଂଗ୍ରେସରେ ମାତ୍ର ଜଣଙ୍କ ନାମ ଚର୍ଚ୍ଚା ହେଉଛି ।

ପୂର୍ବତନ ମନ୍ତ୍ରୀ ତଥା ଏଠାରୁ ଦୁଇ ଥର ବିଜେଡି ଟିକେଟରୁ ଜିତିଥିବା ଜ୍ୟୋତିପ୍ରକାଶ ପାଣିଗ୍ରାହୀ ହ୍ୟାଟ୍ରିକ ଲକ୍ଷ୍ୟରେ ଅଛନ୍ତି । ଅବଶ୍ୟ ଗତ ପଞ୍ଚାୟତ ନିର୍ବାଚନରେ ମିଳିତ ବିରୋଧୀ ଶକ୍ତିଙ୍କ ରଣନୀତି ବୁଝି ନ ପାରିବା କାରଣରୁ ବ୍ଲକ ଅଧ୍ୟକ୍ଷ ପଦବୀ ବିଜେଡିଠାରୁ ଅଳ୍ପକେ ଖସିଯାଇଥିଲା। ତାହା ବିରୋଧୀଙ୍କୁ ସମାଲୋଚନା କରିବା ପାଇଁ ଖୋରାକ ଯୋଗାଇଥିଲା। ତେବେ ଅନ୍ୟତମ ଆଶାୟୀ ହେଉଛନ୍ତି ବିଜେଡି ନେତା ତଥା କଳା, ସଂସ୍କୃତି ଓ ମାନବ ସମ୍ବଳ ବିଭାଗର ରାଜ୍ୟ ସମ୍ପାଦକ ଶଶି କୁମାର ସାହୁ। ସେ ୨୦୧୪ ମସିହାରୁ 'ମହୋତ୍ସବ ମଣିଷ' ଭାବେ ଖଇରା ଓ ସିମୁଳିଆ ଲୋକଙ୍କ ସହ ଜଡ଼ିତ ହୋଇରହିଛନ୍ତି । ସୋର ବାସିନ୍ଦା ସାହୁ ସିମୁଳିଆ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଭିନ୍ନ ସମୟରେ ମହୋତ୍ସବ କରି ଏଭଳି ନାମରେ ପରିଚିତ ହୋଇଆସିଛନ୍ତି। ପ୍ରଥମେ ଭାଜପାରୁ ୨୦୧୪ରେ ଲଢ଼ି ୨୮ହଜାର ଭୋଟ ପାଇ ସେତେବେଳେ ସେ ସମସ୍ତଙ୍କୁ ଚକିତ କରାଇଥିଲେ। ହେଲେ ୨୦୧୯ରେ ବିଜେଡିରେ ମିଶି ଥିଲେ ହେଁ ଦଳୀୟ କାର୍ଯ୍ୟକ୍ରମଗୁଡ଼ିକରୁ ଦୂରେଇ ରହୁଥିବାରୁ ସିମୁଳିଆ ବିଜେଡିରେ ସେତେଟା ଗ୍ରହଣୀୟ ହୋଇପାରୁନାହାନ୍ତି ବୋଲି ଲୋକେ କୁହାକୁହି ହେଉଛନ୍ତି। ଏହାଛଡ଼ା ବାଲେଶ୍ୱର-ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଗଣେଶ ପ୍ରସାଦ ମହାପାତ୍ର ଅନ୍ୟତମ ଟାଣୁଆ ନେତା ଭାବେ ଯୁବଗୋଷ୍ଠୀଙ୍କ ସହ ସମ୍ପର୍କ ବଢ଼ାଇ ଚାଲିଛନ୍ତି। ଏବେ ଦୁଇଟି ବ୍ଲକରେ ଟୁର୍ଣ୍ଣାମେଣ୍ଟ ହେଉ କି ସଚେତନତା କାର୍ଯ୍ୟକ୍ରମ ଅଧିକାଂଶ ସ୍ଥାନରେ ତାଙ୍କୁ ଦେଖିବାକୁ ମିଳୁଛି। ସେ ମଧ୍ୟ ବିଜେଡି ଟିକେଟ ଲବିରେ ଅଛନ୍ତି।

ସିମୁଳିଆରୁ ବହୁବାର ଜିତି କଂଗ୍ରେସ ଅମଳରେ ମନ୍ତ୍ରୀ ହୋଇଥିବା ପଦ୍ମଲୋଚନ ପଣ୍ଡା ୨୦୧୯ରେ ଭାଜପାରେ ମିଶି ଦଳୀୟ ପ୍ରାର୍ଥୀ ହୋଇଥିଲେ। ଏବେ ସେ ଟିକେଟ ଆଶାୟୀ ଥିଲେ ହେଁ ବୟସାଧିକ୍ୟ କାରଣରୁ ଦଳ ତାଙ୍କ ୨ ପୁତ୍ର ଅଶୁମାଧବ ଓ ନୀଳମାଧବଙ୍କ ମଧ୍ୟରୁ କାହାକୁ କିମ୍ବା ଅନ୍ୟ କୌଣସି ଯୁବନେତାଙ୍କୁ ସୁଯୋଗ ଦେଇପାରେ ବୋଲି ଭାଜପା ଭିତରୁ ଶୁଣିବାକୁ ମିଳୁଛି। ସେପଟେ ଓଡ଼ିଶା ବିଧାନସଭାର ପ୍ରଥମ ବାଚସ୍ପତି ସ୍ୱର୍ଗତ ମୁକୁନ୍ଦ ପ୍ରସାଦ ଦାସଙ୍କ ଅଣନାତି ତଥା ରାଷ୍ଟ୍ରୀୟ ଓ ରାଜ୍ୟ ରାଜନୀତିରେ ପ୍ରଭାବ ରଖିଥିବା ଠାକୁର ରଞ୍ଜିତ ଦାସଙ୍କ ନାମ ତାଲିକାର ଆଗରେ ରହିଥିବା ନେଇ ଦଳ ଭିତରେ ଆଲୋଚନା ହେଉଛି। ଏହାଛଡ଼ା ୨ ଥର ଖଇରା ବ୍ଲକ ଅଧ୍ୟକ୍ଷା ହୋଇଥିବା ଅଭିଲିପ୍ସା ସାହୁଙ୍କୁ ମଧ୍ୟ ଦଳ ସୁଯୋଗ ଦେବାର ସମ୍ଭାବନା ରହିଛି। ବିଜେଡି ଗଡ଼ କୁହାଯାଉଥିବା ଏହି ବିଧାନସଭା କ୍ଷେତ୍ରରେ ଭାଜପା ବିଜୟୀ ହେଲେ ପ୍ରଥମ ଥର ଖାତା ଖୋଲିବାର ସୌଭାଗ୍ୟ ଅର୍ଜନ କରିବ।

କଂଗ୍ରେସର ଏକମାତ୍ର ଆଶାୟୀ ଭାବେ ନୂଆ କରି ଦଳକୁ ଆସିଥିବା ଖଇରା ଅଞ୍ଚଳର ହିମାଂଶୁ ଶେଖର ବେହେରା ବର୍ତ୍ତମାନ ସଙ୍ଗଠନକୁ ମଜଭୁତ କରିବାକୁ ଆପ୍ରାଣ ଚେଷ୍ଟା କରୁଛନ୍ତି। ଅଳ୍ପଦିନର ରାଜନୀତିରେ ସେ ଯଥେଷ୍ଟ ଲୋକପ୍ରିୟତା ହାସଲ କରିଥିବା ଆଲୋଚନା ହେଉଛି। ପଦ୍ମଲୋଚନଙ୍କ ସହ କଂଗ୍ରେସ ଛାଡ଼ିଥିବା କର୍ମୀମାନଙ୍କର ଘରବାହୁଡାକୁ ସେ ପ୍ରାଥମିକତା ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୦୪ରେ କଂଗ୍ରେସ ଏହି ଆସନ ଲାଭ କରିଥିଲା।

## ଆସନ ବୁଝାମଣା

### ୪ ରାଜ୍ୟରେ ଏଏପି-କଂଗ୍ରେସ

ନୂଆଦିଲ୍ଲୀ,୨୪।୨(ପି.ଟି.)

ଆଗାମୀ ଲୋକ ସଭା ନିର୍ବାଚନ ଲାଗି ଦିଲ୍ଲୀ ସମେତ ୪ ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ କଂଗ୍ରେସ ଏବଂ ଆମ୍ ଆଦ୍ମୀ ପାର୍ଟି (ଏଏପି) ମଧ୍ୟରେ ଆସନ ବୁଝାମଣା ଚୂଡ଼ାନ୍ତ ହୋଇଛି। ଅନ୍ୟ ରାଜ୍ୟଗୁଡ଼ିକ ହେଲେ ଗୁଜରାଟ, ଗୋଆ ଏବଂ ହରିୟାଣା। ବୁଝାମଣା ଅନୁଯାୟୀ ଦିଲ୍ଲୀରେ ଏଏପି ୪ ଆସନ ଏବଂ କଂଗ୍ରେସ ୩ ଆସନରେ ଲଢ଼ିବ। ଏଏପି ନୂଆଦିଲ୍ଲୀ, ପଶ୍ଚିମ ଦିଲ୍ଲୀ, ଦକ୍ଷିଣ ଦିଲ୍ଲୀ ଏବଂ ପୂର୍ବ ଦିଲ୍ଲୀ ଆସନରେ ଲଢ଼ିବାକୁ ଥିବାବେଳେ କଂଗ୍ରେସ ଚାନ୍ଦିନୀଚୌକ, ଉତ୍ତରପୂର୍ବ ଦିଲ୍ଲୀ ଏବଂ ଉତ୍ତରପଶ୍ଚିମ ଦିଲ୍ଲୀ ଆସନରେ ପ୍ରାର୍ଥୀ ଦେବ ବୋଲି ଦଳର ନେତା ମୁକୁଲ ୱାସ୍‌ନିକ ଏକ ମିଳିତ ଖବରଦାତା ସମ୍ମିଳନୀରେ କହିଛନ୍ତି।

ସେହିପରି ଗୁଜରାଟର ମୋଟ ୨୬ ଲୋକ ସଭା ଆସନ ମଧ୍ୟରୁ ଏଏପି ୨ଟି ଏବଂ କଂଗ୍ରେସ ୨୪ ଆସନରେ ଲଢ଼ିବ। ଏହା ବ୍ୟତୀତ ଗୋଆର ସମସ୍ତ ଲୋକ ସଭା ଆସନ ଏବଂ ଚଣ୍ଡିଗଡ଼ର ଏକମାତ୍ର ଆସନରେ କଂଗ୍ରେସ ପ୍ରାର୍ଥୀ ଦେବ। ହରିୟାଣାର ୧୦ ଲୋକ ସଭା ଆସନ ମଧ୍ୟରୁ କଂଗ୍ରେସ ୯ଟିରେ ଲଢ଼ିବାକୁ ଥିବାବେଳେ କୁରୁକ୍ଷେତ୍ର ଆସନରେ ଏଏପି ପ୍ରାର୍ଥୀ ଦେବାକୁ ନିଷ୍ପତ୍ତି ହୋଇଛି।

### ଆନ୍ଧ୍ରରେ ଟିଡିପି-ଜନସେନାର ୧୧୮ ପ୍ରାର୍ଥୀ

ବିଜୟୱାଡ଼ା,୨୪।୨

ଆଗାମୀ ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନରେ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ତେଲୁଗୁଦେଶମ୍ ପାର୍ଟି (ଟିଡିପି) ଏବଂ ପୱନ କଲ୍ୟାଣଙ୍କ ଜନସେନା ଏକାଠି ଲଢ଼ିବେ। ଶନିବାର ଉଭୟ ଦଳ ପ୍ରଥମ ପର୍ଯ୍ୟାୟରେ ୧୧୮ ପ୍ରାର୍ଥୀଙ୍କ ମିଳିତ ତାଲିକା ଘୋଷଣା କରିଛନ୍ତି। ଜନସେନା ୨୪ ବିଧାନସଭା ଆସନ ଓ ୩ ଲୋକ ସଭା ଆସନରେ ପ୍ରାର୍ଥୀ ଦେବ। ଏହାକୁ ନେଇ ଦଳୀୟ ନେତା ଓ କର୍ମୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେବେ ପୱନ କେଉଁ ଆସନରୁ ଲଢ଼ିବେ ତାହା ସ୍ପଷ୍ଟ କରିନାହାନ୍ତି। ସେମାନଙ୍କ ସହ ମେଣ୍ଟରେ ଭାଜପା ସାମିଲ ହେବାକୁ ଥିବାରୁ ଏହାକୁ ଦୃଷ୍ଟିରେ ରଖି ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି।

# ପୁଅ ବିଜେଡିରୁ ଲଢ଼ିବା ନେଇ କାହାରିକୁ କହିନାହିଁ: ବିଜୟ

ଡେରାବିଶ,୨୪।୨
(ବେବର୍ତ୍ତା ଅଜୟ ଦାସ)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ କେନ୍ଦ୍ରାପଡ଼ା ଜିଲାର ପାଟକୁରା ବିଧାନସଭା କ୍ଷେତ୍ରର ରାଜନୈତିକ ବାତାବରଣ ଉଷ୍ମ ହେବାରେ ଲାଗିଛି। ଏକଦା ଏହି ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର କେବଳ କେନ୍ଦ୍ରାପଡ଼ା ଜିଲା ନୁହେଁ, ରାଜ୍ୟ ରାଜନୀତିରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ୨୦୦୯ ସାଧାରଣ ନିର୍ବାଚନ ଓ ୨୦୧୯ ଉପନିର୍ବାଚନରେ ଭାଜପାରୁ ଲଢ଼ି ସେ ବିଜେଡି ପ୍ରାର୍ଥୀଙ୍କୁ କଡ଼ା ଟକ୍କର ଦେଇଥିଲେ। ଏପରି କି ୨୦୧୯ ନିର୍ବାଚନ ପରେ ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟା ସହ ଜଡ଼ିତ ଥିବା ବିଜୟ ନିଜର ଦଳୀୟ ଓ ସାମାଜିକ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରୁଥିଲେ । ହେଲେ ଆସନ୍ତା ନିର୍ବାଚନରେ ସେ କେଉଁ ଦଳରୁ ପ୍ରାର୍ଥୀ ହେବେ ସେ ନେଇ ନିର୍ବାଚନମଣ୍ଡଳୀରେ କଳ୍ପନାଜଳ୍ପନା ପ୍ରକାଶ ପାଉଥିବା ବେଳେ ସେ ବେଶି କିଛି ସାଧାରଣରେ ପ୍ରକାଶ ନ କରି ନିଜ ସମର୍ଥକ ଓ ଶୁଭେଚ୍ଛୁଙ୍କ ସହ ବୈଠକ କରୁଥିବା ଦେଖିବାକୁ ମିଳୁଛି। ସମର୍ଥକଙ୍କ ପ୍ରସ୍ତାବ ଓ ପରାମର୍ଶକୁ ପାଥେୟ କରି ସେ ପରବର୍ତ୍ତୀ ପଦକ୍ଷେପ ନେଇପାରନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି।

ଶୁକ୍ରବାର ଡେରାବିଶ ବ୍ଲକର ନିଶ୍ଚିନ୍ତକୋଇଲିଠାରେ ବିଜୟ ସମର୍ଥକଙ୍କ ସହ ବୈଠକ କରିଥିଲେ। ପୁଅ ଅରବିନ୍ଦଙ୍କୁ ବିଜେଡିରୁ ପ୍ରାର୍ଥୀ କରାଯିବା ସଂକ୍ରାନ୍ତ ହେଉଥିବା ଆଲୋଚନା ପରିପ୍ରେକ୍ଷୀରେ ସେ କାଳେ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ ବୋଲି କଥା ପଦାକୁ ଆସିଥିଲା। ଶନିବାର ଗରଦପୁର ବ୍ଲକ ତଳକୁସୁମାସ୍ଥିତ ତାଙ୍କ ବାସଭବନରେ ନିଜ ଅନୁଗତଙ୍କୁ ନେଇ ହୋଇଥିବା ଅନୁରୂପ ବୈଠକ ପୁଣି ଚର୍ଚ୍ଚାକୁ ଆସିଛି। ଏ ବିଷୟରେ ବିଜୟଙ୍କୁ ଯୋଗାଯୋଗ କରାଯାଇଥିଲା । ତେବେ ଏ ନେଇ ସେ କୌଣସି ସ୍ପଷ୍ଟ ସୂଚନା ଦେଇ ନ ଥିବା ବେଳେ ପାଟକୁରାର ସ୍ୱାଭିମାନ ପାଇଁ ସେ ସବୁବେଳେ ସଂଗ୍ରାମ କରି ଆସିଥିବା କହିଛନ୍ତି । ରାଜନୈତିକ କାର୍ଯ୍ୟକ୍ରମ ନେଇ ତାଙ୍କର ଭୂମିକା କ'ଣ ରହିବ ବୋଲି ପଚରାଯିବାରୁ ସବୁ ସମୟରେ ତାଙ୍କ ସମର୍ଥକ ଓ ହିତୈଷୀମାନଙ୍କ ସହ ସେ ପରାମର୍ଶ କରିଥାନ୍ତି ବୋଲି କହିଛନ୍ତି। ଆସନ୍ତା ନିର୍ବାଚନ ପାଇଁ ମଧ୍ୟ ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ସମସ୍ତ ବ୍ଲକ ଅଞ୍ଚଳର ସମର୍ଥକଙ୍କ ସହ ଏ ବିଷୟରେ ମତ ଲୋଡୁଛନ୍ତି ବୋଲି କହିଛନ୍ତି । ଭାଜପା ଛାଡ଼ି ବିଜେଡିରେ ମିଶିବା ନେଇ ହେଉଥିବା ଚର୍ଚ୍ଚା ବିଷୟରେ ବିଜୟଙ୍କୁ ପଚାରିବାରୁ ସେ କହିଛନ୍ତି, ଏଭଳି କୌଣସି ସୂଚନା ସେ କାହାରିକୁ ଦେଇନାହାନ୍ତି । ସେହିପରି ଉତ୍ତରାଧିକାରୀ ଭାବେ ପୁଅ ଅରବିନ୍ଦଙ୍କ ବିଜେଡି ପ୍ରାର୍ଥିତ୍ୱ ନେଇ ହେଉଥିବା ଚର୍ଚ୍ଚା ସଂକ୍ରାନ୍ତରେ ପଚାରିବାରୁ ସେ ଉପରୋକ୍ତ ଉତ୍ତରକୁ ଦୋହରାଇଛନ୍ତି । ଏଭଳି ସ୍ଥଳେ ବିଜୟଙ୍କ ଭୂମିକା କ'ଣ ରହୁଛି ତାହା ନିର୍ବାଚନମଣ୍ଡଳୀ ବାସିନ୍ଦା ଅପେକ୍ଷାରେ ରହିବା ସ୍ୱାଭାବିକ ।


ଗରଦପୁର ବ୍ଲକ ତଳକୁସୁମାସ୍ଥିତ ବିଜୟ ମହାପାତ୍ରଙ୍କ ବାସଭବନରେ ଶନିବାର ଅନୁଗତଙ୍କୁ ନେଇ ହୋଇଥିବା ବୈଠକ।

# ନବୀନା, ସୁରେଶ ବିଜେଡି ଆଶାୟୀ


ନବୀନା ନାୟକ


ସୁରେଶ ଝାଙ୍କର


ସନରାଜ ଗଣ୍ଡ


ନିତ୍ୟାନନ୍ଦ ଗଣ୍ଡ

ଉମରକୋଟ, ୨୪।୨
(ସନ୍ତୋଷ ଶତପଥୀ)

## ଉମରକୋଟ ବିଧାନସଭା ନିର୍ବାଚନମଣ୍ଡଳୀ

ନବରଙ୍ଗପୁର ଜିଲା ଉମରକୋଟ ବିଧାନସଭା ନିର୍ବାଚନମଣ୍ଡଳୀରେ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସର ୪ ଆଶାୟୀଙ୍କୁ ନେଇ ଏବେ ଚାଲିଛି ଚର୍ଚ୍ଚା। କଂଗ୍ରେସରୁ ସନରାଜ ଗଣ୍ଡ ଜଣେମାତ୍ର ଆଶାୟୀ ଥିବା ବେଳେ ଭାଜପାର ସଂଖ୍ୟା ମଧ୍ୟ ସେହି ଏକ। ଅର୍ଥାତ୍ ବର୍ତ୍ତମାନ ଭାଜପାରୁ ବିଧାୟକ ଥିବା ନିତ୍ୟାନନ୍ଦ ଗଣ୍ଡଙ୍କ ବ୍ୟତୀତ ଆଉ କାହାରି ନାମ ଚର୍ଚ୍ଚାକୁ ଆସିନାହିଁ। ତେବେ ଶାସକ ବିଜେଡିରୁ ୨ ଜଣ ଆଶାୟୀ ଅଛନ୍ତି। ରାଇଘର ବ୍ଲକ ଅଧ୍ୟକ୍ଷା ନବୀନା ନାୟକଙ୍କ ନାମ ପୂର୍ବରୁ ଚର୍ଚ୍ଚା ହେଉଥିବା ବେଳେ ଏବେ ଯୁବ ଡାକ୍ତର ସୁରେଶ ଝାଙ୍କର ଆଶାୟୀ ତାଲିକାରେ ସାମିଲ ହୋଇଛନ୍ତି।

ଉମରକୋଟ ନିର୍ବାଚନମଣ୍ଡଳୀ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ରହିଛି। ଭାଜପାର ନିତ୍ୟାନନ୍ଦ ଗଣ୍ଡ ବିଧାୟକ ହେବା ପୂର୍ବରୁ ଓକିଲାତି କରୁଥିଲେ। ୨୦୧୯ରେ ଭାଜପା ତାଙ୍କ ଉପରେ ଭରସା କରିଥିଲା। ପ୍ରଥମ ଥର ରାଜନୀତିକୁ ଓହ୍ଲାଇଥିବା ନିତ୍ୟାନନ୍ଦ ବିଜେଡିରୁ ୨ ଥର (୨୦୧୧ ଉପନିର୍ବାଚନ ଓ ୨୦୧୪ ସାଧାରଣ ନିର୍ବାଚନ) ବିଧାୟକ ହୋଇଥିବା ସୁବାସ ଗଣ୍ଡଙ୍କୁ ପରାସ୍ତ କରିଥିଲେ। ଚଳିତ ଥର ଏଠାରେ ଶାସକ ବିଜେଡି ମହିଳା କାର୍ଡ ଖେଳିପାରେ ବୋଲି ଆଲୋଚନା ହେଉଛି। ସେହି ଅନୁଯାୟୀ ପୂର୍ବତନ ବିଧାୟକ ସୁବାସ ଗଣ୍ଡଙ୍କ ସ୍ତ୍ରୀ ତଥା ରାଇଘର ବ୍ଲକ ଅଧ୍ୟକ୍ଷା ନବୀନା ନାୟକଙ୍କ ନାମକୁ ନେଇ ଜୋରଦାର ଚର୍ଚ୍ଚା ଚାଲିଛି। ନବୀନା ୨ଥର ରାଇଘର ବ୍ଲକ ଅଧ୍ୟକ୍ଷା, ୩ଥର ସମିତି ସଭ୍ୟ ଓ ଥରେ ଜିଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ସେ ଏବେ ବିଜେଡି ମହିଳା ସେଲ୍ ରାଜ୍ୟ ସମ୍ପାଦକ ଅଛନ୍ତି। ଇତିମଧ୍ୟରେ ଡାକ୍ତର ସୁରେଶ ଝାଙ୍କର ବିଜେଡିରୁ ପ୍ରାର୍ଥୀ ହେବା ପାଇଁ ପାଗ ଭିଡ଼ିଥିବା କୁହାଯାଉଛି। ସୁରେଶଙ୍କ ଘର ରାଇଘର ବ୍ଲକ କାଲିଆପଦର। ସେ କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅଧୀନ ଡେଙ୍ଗାପଦର ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଭାବେ କାର୍ଯ୍ୟରତ। ତାଙ୍କର ରାଜନୀତିରେ କୌଣସି ପ୍ରତ୍ୟକ୍ଷ ଅଭିଜ୍ଞତା ନ ଥିଲେ ମଧ୍ୟ ରାଜନୀତିଆ ପରିବାରରୁ ଆସିଛନ୍ତି। ସୁରେଶଙ୍କ ବଡ଼ବାପା ଖେଦୁରାମ ଝାଙ୍କର ରାଇଘର ବ୍ଲକର କୁରାବେଡ଼ା ପଞ୍ଚାୟତରୁ ୪ଥର ସରପଞ୍ଚ ଓ ପୂର୍ବରୁ ଦୁଇଥର ରାଇଘର ବ୍ଲକ ଅଧ୍ୟକ୍ଷ ମଧ୍ୟ ରହିଥିଲେ। ସେ ବିଜୁ ବାବୁଙ୍କ ଅନୁଗାମୀ ରହିଆସିଛନ୍ତି। ପୂର୍ବରୁ ଜନତା ଦଳ ଓ ଏବେ ବିଜେଡିର ସମର୍ଥକ। ସେହିଭଳି ସୁରେଶଙ୍କ ବଡ଼ ଭାଇ ଗୁପ୍ତ ପ୍ରସାଦ ଝାଙ୍କର ବର୍ତ୍ତମାନ ରାଇଘର ବ୍ଲକ ଉପାଧ୍ୟକ୍ଷ ଏବଂ ଭାଉଜ କୁରାବେଡ଼ା ସମିତି ସଭ୍ୟ ରହିଛନ୍ତି। ସୁରେଶ ଜାନୁଆରୀ ୧୯ରେ ବିଜେଡି ଉଚ୍ଚ ନେତାଙ୍କୁ ଭୁବନେଶ୍ୱରରେ ଭେଟି ନିର୍ବାଚନମଣ୍ଡଳୀ ପାଇଁ ଆଶାୟୀ ଥିବା ଜଣାଇଛନ୍ତି ବୋଲି କହୁଛନ୍ତି। ସେ ଏବେ ଅନେକ ଗ୍ରାମରେ ଲୋକଙ୍କ ସହ ସମ୍ପର୍କ ସ୍ଥାପନ କରୁଥିବା ଦେଖିବାକୁ ମିଳୁଛି। ବିଜେଡିର ଗୋଟିଏ ଗୋଷ୍ଠୀ ସୁରେଶଙ୍କୁ ସମର୍ଥନ ଜଣାଇ ସାମାଜିକ ଗଣମାଧ୍ୟମରେ ବିଭିନ୍ନ ଫଟୋ ମଧ୍ୟ ପୋଷ୍ଟ କରୁଛନ୍ତି। ବିଜେଡି ତାଙ୍କୁ ବିଶ୍ୱାସକୁ ନେଇ ପ୍ରାର୍ଥୀ କରାଇଲେ ସେ ବହୁ ଭୋଟ ବ୍ୟବଧାନରେ ବିରୋଧୀଙ୍କୁ ହରାଇବେ ବୋଲି ତାଙ୍କ ସମର୍ଥକ କହୁଛନ୍ତି।

# ଭାଜପାରେ ଆଶାୟୀଙ୍କୁ ନେଇ ଚାଲିଛି ଅଙ୍କକଷା

## ବାରବାଟୀ-କଟକ ବିଧାନସଭା ନିର୍ବାଚନମଣ୍ଡଳୀ

କଟକ,୨୪।୨(ଶିଳ୍ପା ପ୍ରିୟଦର୍ଶିନୀ)

୨୦୨୪ ନିର୍ବାଚନ ପାଇଁ ଚାଲିଛି ସମସ୍ତ ଦଳ ମଧ୍ୟରେ ଅଙ୍କକଷା। ଏପରିକି ଦଳରୁ ଏକାଧିକ ଆଶାୟୀ ପ୍ରାର୍ଥୀଙ୍କ ନାମ ମଧ୍ୟ ସାମ୍ନାକୁ ଆସିବାରେ ଲାଗିଛି। ବିଧିବଦ୍ଧ ଭାବେ ଆଶାୟୀଙ୍କ ନାଁ ଘୋଷଣା ହୋଇନାହିଁ ସତ, ହେଲେ ଚର୍ଚ୍ଚା ଦିନକୁ ଦିନ ବଢୁଛି। ବାରବାଟୀ-କଟକ ଆସନ ପାଇଁ ଭାଜପାର ଆଶାୟୀଙ୍କ ନାଁକୁ ନେଇ ଚର୍ଚ୍ଚା ହେଉଛି। ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ସମୀର ଦେ, ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ସ୍ମୃତି ପଟ୍ଟନାୟକ, ନଗର ଭାଜପା ସଭାପତି ଲଲାଟେନ୍ଦୁ ବଡୁ, କର୍ପୋରେଟର ଗଗନ ଓଝା, ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା କୋଷାଧ୍ୟକ୍ଷ କଳ୍ପନା ପଟ୍ଟନାୟକ, ବରିଷ୍ଠ ନେତ୍ରୀ ଗୀତା ଦାସ, ବ୍ୟାଙ୍କ କର୍ମଚାରୀ ସଂଘ ନେତା ଦୁର୍ଯ୍ୟୋଧନ ଲେଙ୍କା, ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ରଙ୍କୁ ନେଇ ଏବେ କଳ୍ପନାଜଳ୍ପନା କରାଯାଉଛି। ୨୦୧୯ ନିର୍ବାଚନରେ ବାରବାଟୀ-କଟକ ଆସନରୁ ବରିଷ୍ଠ ନେତା ସମୀର ଦେ ଲଢ଼ିଥିବାବେଳେ ପ୍ରଥମ ସ୍ଥାନରେ କଂଗ୍ରେସ, ଦ୍ୱିତୀୟ ସ୍ଥାନରେ ବିଜେଡି ଓ ତୃତୀୟ ସ୍ଥାନରେ ଭାଜପା ରହିଥିଲା। ପ୍ରାୟ ୧୬ ହଜାର ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ ସମୀର। ହେଲେ ୨୦୨୪ ନିର୍ବାଚନରେ ଦଳର ଅନେକ ଚେହେରା ଧୀରେ ଧୀରେ ସାମ୍ନାକୁ ଆସୁଥିବାବେଳେ ସମୀରଙ୍କୁ ନେଇ ବି ଚର୍ଚ୍ଚା ଆରମ୍ଭ ହୋଇଛି। ସେହିପରି ନଗର ସଭାପତି ସମସ୍ତ କାର୍ଯ୍ୟ ଜାରି ରଖିଥିବାବେଳେ କର୍ପୋରେଟର ଗଗନ ଓଝା ନିଜ ୱାର୍ଡ ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରୁଛନ୍ତି । ଏପରିକି କିଛିଦିନ ତଳେ ଦଳୀୟ ବ୍ୟାନରରେ ନେତୃବୃନ୍ଦଙ୍କୁ ନେଇ ଶୋଭାଯାତ୍ରା କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ସେହିପରି ଅନ୍ୟ ଆଶାୟୀମାନେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସକ୍ରିୟ ଅଛନ୍ତି। ସମୀର କହିଛନ୍ତି, ଦଳ ଟିକେଟ ଦେଲେ ନିଶ୍ଚିତ ଲଢ଼ିବେ। ଅନ୍ୟପକ୍ଷରେ ପୂର୍ବ ନିର୍ବାଚନରେ ସମୀରଙ୍କ ପରାଜୟ ପରେ ନୂଆ ଚେହେରା ସାମ୍ନାକୁ ଆଣିବା ନେଇ ଦଳ ଭିତରୁ ନେତୃତ୍ୱ ଉପରେ ଚାପ ପଡୁଛି ବୋଲି ଏବେ ଶୁଣିବାକୁ ମିଳୁଛି।

# ଉତ୍ତରୀୟରେ ଶଙ୍ଖ ଚିହ୍ନ ନାହିଁ

ମାଲକାନଗିରି,୨୪।୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କାଲିମେଳା ବ୍ଲକ ବଦଲି ପଞ୍ଚାୟତ ବଦଲିରେ ଶନିବାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବାଙ୍କ ତରଫରୁ ବିଜୁ ଜନତା ଦଳ ଯୁବ, ଛାତ୍ର, ମହିଳାମାନଙ୍କୁ ନେଇ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ମୁକୁନ୍ଦ ସୋଡ଼ି, ପଡ଼ିଆ ଜିଲା ପରିଷଦ ସଭ୍ୟା ସୁରଭି ଭୌମିକ, ଜି. ଶ୍ରୀନିବାସ ରାଓ ଓ ପରିତୋଷ ସରକାର ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନକୁ ସୁଦୃଢ଼ କରିବା, ଆଗାମୀ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ରାବା କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲ। ବୈଠକରେ ଜିଲା ସଭାପତି ମାନସ ମାଡକାମି ଓ ଅନେକ ଦଳୀୟ ବରିଷ୍ଠ ନେତା ଉପସ୍ଥିତ ନ ଥିବା ଏବଂ ମଞ୍ଚାସୀନ ନେତାମାନେ ଦଳୀୟ ଚିହ୍ନ ନ ଥିବା ଉତ୍ତରୀୟ ପକାଇଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ବିଜେଡି ଜିଲା ସଭାପତି ମାନସ ମାଡକାମିଙ୍କୁ ପଚାରିବାରୁ ଜିଲାରେ ବିଜୁ ଜନତା ଦଳ ସଂଗଠନ ସୁଦୃଢ଼ ଅଛି। ଆମ ମଧ୍ୟରେ କୌଣସି ଭେଦଭାବ ନାହିଁ, ସମସ୍ତେ ମିଶି ଆମେ ଦଳ ପାଇଁ କାମ କରୁଛୁ, ଟିକେଟ କିଏ ପାଇବେ ନ ପାଇବେ ତାହା ଦଳୀୟ ମୁଖ୍ୟଙ୍କ ଉପରେ ନିର୍ଭର କରୁଛି ବୋଲି ସେ କହିଥିଲେ। ଏଭଳି କହି ମାନସ ଦଳୀୟ ଚିହ୍ନ ନ ଥିବା କଥାକୁ ଏଡାଇ ଯାଇଥିଲେ।

୨୦୧୯ ନିର୍ବାଚନରେ ମାଲକାନଗିରି ବିଧାନସଭା ନିର୍ବାଚନମଣ୍ଡଳୀରେ ଟିକେଟ ପାଇଁ ଦଳ ତରଫରୁ ୩ ଗୋଷ୍ଠୀ ନିଜର ସମର୍ଥକଙ୍କୁ ନେଇ ଭୁବନେଶ୍ୱରରେ ଦଳ ମୁଖ୍ୟଙ୍କଠାରେ ଦାବିକରି ଆସିଥିଲେ। ଏହି ଗୋଷ୍ଠୀଙ୍କ ମଧ୍ୟରେ ପୂର୍ବତନ ବିଧାୟକ ମୁକୁନ୍ଦ ସୋଡ଼ି, ମାନସ ମାଡକାମି ଓ ଯୁବନେତା ଆଡମା ରାବାଙ୍କ ସମର୍ଥକ ଥିଲେ। କିନ୍ତୁ ଶେଷରେ ମୁକୁନ୍ଦଙ୍କୁ ବିଧାୟକ ପ୍ରାର୍ଥୀ ଟିକେଟ ଦିଆଯାଇଥିଲା। କିନ୍ତୁ ସେ ନିର୍ବାଚନରେ ହାରିଯିବାରୁ ଭାଜପାର ଆଦିତ୍ୟ ମାଢ଼ି ବିଜୟୀ ହୋଇଥିଲେ । ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମାଲକାନଗିରି ଜିଲା ଗସ୍ତକରି ଦଳକୁ ସୁଦୃଢ଼ କରିବା ପାଇଁ ମାନସ ମାଡକାମି ଏବଂ ଆଡମା ରାବାଙ୍କୁ ବିଭିନ୍ନ ଦଳୀୟ ପଦପଦବୀରେ ଥଇଥାନ କରିଛନ୍ତି। ମାନସ କିଛି ବର୍ଷ ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭାବେ କାର୍ଯ୍ୟ କଲା ପରେ ତାଙ୍କୁ ଦଳ ଜିଲା ସଭାପତି ଦାୟିତ୍ୱ ଦିଆଯାଇଛି । ପରବର୍ତ୍ତୀ ସମୟରେ ଆଡମାଙ୍କୁ ପୁନର୍ବାର ଦ୍ୱିତୀୟ ଥର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭାବେ ଏବେ ଦାୟିତ୍ୱ ଦିଆଯାଇଛି। ୧ବର୍ଷ ହେବ ଏହି ନେତାମାନେ ଦଳର ଅନ୍ୟ କର୍ମକର୍ତ୍ତା ଓ କର୍ମୀମାନଙ୍କୁ ଧରି ମିଳିତ

## ବିଜୁ ଯୁବ, ଛାତ୍ର ଓ ମହିଳା କର୍ମୀ ସମ୍ମିଳନୀ

ଭାବେ ଦଳର ପ୍ରଚାର, ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତି, ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଗାଁକୁ ଗାଁ ବୁଲି ପ୍ରଚାର କରିଥିଲେ। ପରେ ଆମ ଓଡ଼ିଶା ନବୀନ ଓଡ଼ିଶା, ଘରେ ଘରେ ଶଙ୍ଖ, ଭୋଟରମାନଙ୍କୁ ନିଜ ସପକ୍ଷରେ ଆଣିବା ପାଇଁ ଚେଷ୍ଟା ଚଳାଇଛନ୍ତି।

ନିର୍ବାଚନ ଆଗକୁ ଥିବା ବେଳେ ଜିଲାର ବିଭିନ୍ନ ଅଞ୍ଚଳରେ ମାନସ ଟିକେଟ ପାଇବେ ବୋଲି ଚର୍ଚ୍ଚା ହେଉଥିବାରୁ ଅନ୍ୟ ଆଶାୟୀମାନେ ଏଥିରେ ଅସନ୍ତୁଷ୍ଟ ଥିବା ଜଣାପଡିଛି। ଆଡମା ଜଣେ ଯୁବ ସଂଗଠକ। ବର୍ତ୍ତମାନ ସେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲା ବେଳେ ଯୁବ, ଛାତ୍ର ଓ ମହିଳା ସଂଗଠନର ସଭାପତି ଅଛନ୍ତି। ତାଙ୍କ ସମର୍ଥକମାନେ ଦଳୀୟ ଟିକେଟ ପାଇବା ପାଇଁ ଆଶା ରଖିଥିବା ବେଳେ ମାନସ ମାଡକାମି ଟିକେଟ ପାଇବା ଅଧିକ ସମ୍ଭାବନା ଥିବା ବିଭିନ୍ନ ମହଲରେ ଆଲୋଚନା ହେଉଛି।



ମାଲକାନଗିରି ଜିଲା କାଲିମେଳା ବ୍ଲକ ବଦଲି ପଞ୍ଚାୟତରେ ଆୟୋଜିତ କର୍ମୀ ସମ୍ମିଳନୀରେ ଯୋଗ ଦେଇଥିବା ବିଜେଡି ନେତା ଓ କର୍ମୀମାନେ।

## ସଂକ୍ଷେପରେ

### ନଦୀରେ ବୁଡ଼ି ୪ବର୍ଷର ଝିଅ ମୃତ

ଲାଞ୍ଜିଗଡ଼,୨୪।୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଜେପୁର ଥାନା ଅଞ୍ଚଳ ବିଜେପୁର ପଞ୍ଚାୟତ ଅନ୍ତର୍ଗତ କଳାକୁପା ଗାଁର ମୁକୁନ୍ଦ ମାଝିଙ୍କ ୪ବର୍ଷର ଝିଅ ଚନ୍ଦ୍ରିକାଙ୍କ ଶନିବାର ପୂର୍ବାହ୍ନ ସାଢେ ୧୦ଟାରେ ନଦୀରେ ବୁଡ଼ି ମୃତ୍ୟୁ ଘଟିଛି। ସୂଚନାନୁସାରେ ଗାଁ ନିକଟସ୍ଥ କଲ୍ୟାଣୀ ନଦୀକୁ ନିଜ ମାଉସୀ ଓ ଗାଁ ଝିଅମାନଙ୍କ ସହିତ ଚନ୍ଦ୍ରିକା ଗୋଧୋଇବାକୁ ଯାଇଥିଲେ। ସମସ୍ତେ ଗୋଧୋଉ ଥିବାବେଳେ ଚନ୍ଦ୍ରିକାର ଗୋଡ଼ ଖସିଯିବାରୁ ନଦୀରେ ବୁଡ଼ିଯାଇଥିଲା। ସାଙ୍ଗରେ ଯାଇଥିବା ସମସ୍ତେ ସ୍ଥିର ପାଣିରେ ଅଚେତ ଅବସ୍ଥାରେ ଦେଖି ଗାଁ ଲୋକଙ୍କୁ ଖବର ଦେଇଥିଲେ। ଗାଁ ଲୋକେ ମୃତଦେହ ଉଦ୍ଧାର କରି ଘରକୁ ଆଣିବା ପରେ ମଧ୍ୟାହ୍ନ ୧୨ଟାରେ ବିଜେପୁର ପୋଲିସକୁ ଖବର ଦେଇଥିଲେ। ବିଜେପୁର ଥାନାଧିକାରୀ ରଘୁନାଥ ମାଝି ଘଟଣାସ୍ଥଳରେ ପହଞ୍ଚି ବିଜେପୁର ସରପଞ୍ଚ ପ୍ରତିନିଧି ଟୀକା ମାଝୀ, ପୂର୍ବତନ ସରପଞ୍ଚଙ୍କ ସମେତ ଗ୍ରାମବାସୀ କଲ୍ୟାଣୀ ନଦୀ ପହଞ୍ଚି ପରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ମୃତଦେହ ଜବତ କରିବା ସହିତ ଲାଞ୍ଜିଗଡ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ବିଜେପୁର ଥାନାଧିକାରୀ ସୂଚନା ଦେଇଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨/୨୪) ରୁଜୁ ହୋଇଛି।

### ୨୬ରୁ ଦୃଷ୍ଟିହୀନ କ୍ରିକେଟ ପ୍ରଶିକ୍ଷଣ ଶିବିର

ନୂଆପଡ଼ା,୨୪।୨(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅଧୀନ ତରବୋଡ ପଞ୍ଚାୟତ ବଞ୍ଜାରୀ ଜିଲା ସ୍ୱତନ୍ତ୍ର ବିଦ୍ୟାଳୟଠାରେ ୫ ଦିନିକିଆ ଦୃଷ୍ଟିହୀନ ବାଳିକାମାନଙ୍କ ପାଇଁ ମାଗଣା କ୍ରିକେଟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। କାଭି ଭୁବନେଶ୍ୱର ସଂସ୍ଥା ଓ ଜିଲା ସ୍ୱତନ୍ତ୍ର ବିଦ୍ୟାଳୟ ବଞ୍ଜାରୀଙ୍କ ମିଳିତ ଆନୁକୂଲ୍ୟରେ ୧ ରୁ ୩୦ ବର୍ଷ ଭିତରେ ଦୃଷ୍ଟିହୀନ ବାଳିକାମାନଙ୍କୁ ନେଇ ଆସନ୍ତା ୨୬ ରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ ୫ ଦିନ ଧରି ମାଗଣା କ୍ରିକେଟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଶିବିରରେ ପ୍ରଶିକ୍ଷାର୍ଥୀମାନଙ୍କ ପାଇଁ ଖାଇବା, ରହିବା ଓ ପ୍ରଶିକ୍ଷଣ ସରଞ୍ଜାମ ମାଗଣାରେ ପ୍ରଦାନ କରାଯିବ। ଏହି ପ୍ରଶିକ୍ଷଣ ଦ୍ୱାରା ରାଜ୍ୟ ତଥା ଜାତୀୟସ୍ତରରେ ଖେଳାଳି ହେବା ପାଇଁ ପ୍ରୋତ୍ସାହିତ ହୋଇ ପାରିବେ। ଇଚ୍ଛୁକ ଦୃଷ୍ଟିହୀନ ୧୦ ରୁ ୩୦ ବର୍ଷ ଭିତରେ ବାଳିକାମାନେ ଯୋଗଦେଇ ପାରିବେ। ବିଦ୍ୟାଳୟ ଶିକ୍ଷକ ରାଜକୁମାର ପଟେଲ, ଅମ୍ବିକା ବାଗ ବୋଲି ବିଦ୍ୟାଳୟ ସମ୍ପାଦକ ଅଶୋକ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

### ଷୋହଳ ପ୍ରହର ନାମଯଜ୍ଞ ପାଇଁ ଭବ୍ୟକଳସ ଶୋଭାଯାତ୍ରା

ଲାଞ୍ଜିଗଡ଼,୨୪।୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ଗୋପୀନାଥ ମନ୍ଦିର ପରିସରରେ ଷୋହଳ ପ୍ରହର ନାମଯଜ୍ଞ ନିମନ୍ତେ ଭବ୍ୟକଳସ ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହେଇଯାଇଛି। ଅପରାହ୍ନ ସାଢେ ୪ଟାରେ ବହୁ ସଂଖ୍ୟାରେ ମହିଳା ପୁରୁଷମାନେ ସଂକୀର୍ତନ ମଣ୍ଡଳୀ ସହିତ ବଂଶଧାରା ନଦୀରୁ ଭବ୍ୟ କଳସରେ ପବିତ୍ର ଜଳ ସଂଗ୍ରହ ଆଣି ଗୋପୀନାଥ ମନ୍ଦିରରେ ନାମଯଜ୍ଞ ସ୍ଥଳରେ କଳସ ସ୍ଥାପନ କରିଥିଲେ। ନାମଯଜ୍ଞର ଅଧିବାସ କାର୍ଯ୍ୟାରମ୍ଭ ହୋଇଥିବାବେଳେ ଶୁଭକଳସ ସ୍ଥାପନ କରାଯାଇଥିଲା । ଏଥିରେ କର୍ତ୍ତା ଭାବେ ଯୁଧିଷ୍ଠିର ପାତ୍ର ଓ ରଶ୍ମିତା ପାତ୍ର, ସହକର୍ତ୍ତା ଭାବେ ସନ୍ତୋଷ ଦଣ୍ଡସେନା ଓ ସରିତା ଦଣ୍ଡସେନା ଦାୟିତ୍ୱ ତୁଲାଉ ଥିବାବେଳେ ପୂଜକ ଭାବେ ମୁରଲୀ ତ୍ରିପାଠୀ, ଶ୍ରୀଧର ତ୍ରିପାଠୀ, ରବୀନ୍ଦ୍ର ଦାସ, ଚନ୍ଦ୍ର ମହାପାତ୍ର, ତରୁଣସେନ ରଥ ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ଦୀନବନ୍ଧୁ ବାରିକ ଏବଂ ମନୁ ବାରିକ କାର୍ଯ୍ୟରେ ସହଯୋଗ କରିଥିଲେ। ଏହି ଅବସରରେ ଶ୍ରୀ ହରିହର ସାଂସ୍କୃତିକ ସେବା ସମିତି ସମସ୍ତ କର୍ମକର୍ତ୍ତା, ପ୍ରହର କମିଟି ସମସ୍ତ ସଦସ୍ୟ ଏବଂ ଲାଞ୍ଜିଗଡ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

# ବସଷ୍ଟାଣ୍ଡ ଭିତରକୁ ଯାଉନି ଘରୋଇ ବସ, ଯାତ୍ରୀ ହନ୍ତସନ୍ତ

ନୂଆପଡ଼ା,୨୪।୨(ମକାରୁ ବେମାଲ)

ନୂଆପଡା ସଦର ମହକୁମାଠାରେ ନୂତନ ଭାବେ ଅତ୍ୟାଧୁନିକ ମଡେଲ ବସଷ୍ଟାଣ୍ଡ ଗତ ୧୫ ତାରିଖରେ ଉଦଘାଟିତ ହୋଇଯାଇଛି। ସରକାର ୯ କୋଟି ୭୨ ଲକ୍ଷ ୨୫ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରିଥିଲେ ମଧ ଲୋକଙ୍କ କାର୍ଯ୍ୟରେ ଆସୁନାହିଁ। ଦୀର୍ଘ ୨ବର୍ଷ ଧରି ନୂଆପଡା ଜିଲାର ଲୋକେ ଯେଉଁ ପରି ଖରା, ବର୍ଷା ରାସ୍ତାକଡ ବା ଗଛ ଛାଇରେ ଛିଡା ହୋଇ ବସକୁ ଅପେକ୍ଷା କରୁଥିଲେ। ବସଷ୍ଟାଣ୍ଡ ଉଦଘାଟନ ପରେ ମଧ ଲୋକେ ସେହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୂଆପଡା ଘରୋଇ ବସ ମାଲିକ ସଂଘ ଓ ଓଡିଶା ରାଜ୍ୟ ସଡକ ପରିବହନ ନିଗମ ମଧରେ ବୁଝାମଣାର ଅଭାବ ରହିଥିବାରୁ କୌଣସି ଘରୋଇ ବସ ବସଷ୍ଟାଣ୍ଡ ଭିତରକୁ ପ୍ରବେଶ କରୁନାହାନ୍ତି। ଫଳରେ ବିଭିନ୍ନସ୍ଥାନକୁ ଯିବା ପାଇଁ ଅଟକି ରହିଥିବା ଯାତ୍ରୀ



ନୂଆପଡା ବସଷ୍ଟାଣ୍ଡ।

ବସଷ୍ଟାଣ୍ଡ ବଦଳରେ ଘରୋଇ ବସ ରହୁଥିବା ସ୍ଥାନରେ ରାସ୍ତା କଡ କିମ୍ବା ଗଛ ମୂଳରେ ଠିଆ ହୋଇରହିଥିବା ଦେଖିବାକୁ ମିଳିଛି। ବିଶେଷ କରି କୋମଳମତି ଶିଶୁମାନଙ୍କୁ ଧରି ମା'ମାନେ ଖରାରେ ବସ ଅପେକ୍ଷାରେ ଜଗି ରହୁଛନ୍ତି। ଦୀର୍ଘ ୨ବର୍ଷ ଅପେକ୍ଷାରେ ଜିଲାବାସୀ ଏକ ଅତ୍ୟାଧୁନିକ ମଡେଲ ସର୍ବସୁବିଧା ବସଷ୍ଟାଣ୍ଡ ପାଇଁ ଯେଉଁ ସପ୍ନ ଦେଖିଥିଲେ, ତାହା ସରୋଇ ବସ ମାଲିକ ସଂଘ ଓ ସରକାରଙ୍କ ବିବାଦରେ ବଳି ପଡିଯାଇଛ। ଏ ନେଇ ଘରୋଇ ବସ ମାଲିକ ସଂଘ ଉପସଭାପତି ପ୍ରକାଶ କୁମାର ସ୍ୱାଇଁଙ୍କ କହିବା ଅନୁସାରେ ନୂଆପଡାରେ ଏକ ଅତ୍ୟାଧୁନିକ ମଡେଲ ବସଷ୍ଟାଣ୍ଡ ସରକାର ନର୍ମାଣ କଲା ତାହାକୁ ଆମେ ସ୍ୱାଗତ ଜଣାଉଛୁ। କିନ୍ତୁ ବଡ ଦୁଃଖ ଓ ପରିତାପର ବିଷୟ ବସଷ୍ଟାଣ୍ଡ ଉଦଘାଟନରେ ଓଏସଆରଟିସି ପକ୍ଷରୁ ସାମାନ୍ୟତମ ଔପଚାରିକତା ମଧ ରକ୍ଷା କରାଗଲାନାହିଁ। ଏହା ବ୍ୟତିତ୍ୱ ବର୍ତ୍ତମାନ ସମୟରେ ବସଷ୍ଟାଣ୍ଡ ମଧରେ ଘରୋଇ ବସ ମାଲିକ ସଂଘକୁ ନିଜସ୍ୱ ଏକ କାର୍ଯ୍ୟାଳୟ ଚଳାଇବା ପାଇଁ ସ୍ଥାନ ଦିଆଯାଇନାହିଁ। ନୂଆପଡାରୁ ରାତ୍ରିକାଳିନ ଅନେକ ଦ୍ରୁତଗାମୀ ବସ ଚଳାଚଳ କରୁଛି। ଟିକେଟ କାଉଣ୍ଟର କରିବା ପାଇଁ ଘରୋଇ ବସ ମାଲିକ ସଂଘକୁ କୌଣସି ସୁବିଧା ଦିଆ ଯାଇନାହିଁ। କଳାହାଣ୍ଡି, ବଲାଙ୍ଗୀର ଜିଲାରେ ଘରୋଇ ବସ ମାଲିକମାନଙ୍କୁ ଟିକେଟ କାଉଣ୍ଟର ପାଇଁ ଦିଆଯାଇଛି। ନୂଆପଡା ଜିଲାରେ ବୈମାତଡକ ମନୋଭାବ କାହିଁକି ବୋଲି ପ୍ରଶ୍ନ କରିଛନ୍ତି। ଓଡିଶା ରାଜ୍ୟ ସଡକ ପରିବହନ ନିଗମ ନୂଆପଡା ଜିଲା ପରିଚାଳକ ନଚିକେତା ତାଣ୍ଡିଙ୍କ କହିବାନୁଯାୟୀ ଘରୋଇ ବସ ମାଲିକ ସଂଘ କାର୍ଯ୍ୟାଳୟ ପାଇଁ କଠୋରି କିଛି ପ୍ରାବଧାନ ନାହିଁ। ବସଷ୍ଟାଣ୍ଡ ପରିଚାଳନା ପାଇଁ ଜିଲାପାଳଙ୍କ ଅଧକ୍ଷତାରେ ଏକ କମିଟି ରହିଛି। ଘରୋଇ ବସ ମାଲିକ ସଂଘ ଆବେଦନ କରି କରିପାରିବେ। କମିଟି ଯାହା ମୂଲ୍ୟ ନିର୍ଦ୍ଧାରଣ କରିବ ସେହି ମୂଲ୍ୟରେ ଭଡା ସୂତ୍ରରେ ଦେଇ ପାରିବୁ ବୋଲି କହିଛନ୍ତି।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧିତ ଶିକ୍ଷକ ଅତିଥି ଓ ଛାତ୍ରୀଛାତ୍ର।

ନୂଆପଡ଼ା,୨୪।୨(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅଧୀନ ସିଲଭା ପଞ୍ଚାୟତ ଛିଦପାଣି ଉଚ୍ଚ ବିଦ୍ୟାଳୟଠାରେ ଶନିବାର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଉମାବତୀ ରଣାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୋମନା ଗୋଷ୍ଠି ଶିକ୍ଷା ଅଧିକାରୀ ଅନିତା ପାଣ୍ଡା ମୁଖ୍ୟଅତିଥି, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ବଳମତ ମାଝି, ସିଆରସିସି ବିଶ୍ୱଦେବ ପଣ୍ଡା, ତ୍ରିଲୋଚନ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷକ ଗୁରୁଦେବ ପ୍ରଧାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ପରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ୟାମଲାଲ ପ୍ରଧାନ, ସୁନିଲ ମିଶ୍ର, ଧବଳେଶ୍ୱର ସୁନାନୀ, ଖୁବଚନ ମାଝି, ଅଞ୍ଜଳି ଦାସ, ପର୍ଶୁରାମ ମାଝି, ମନୋଜ ପାଣ୍ଡେ, ସନ୍ତୋଷ ଦାସ, ପିଲାବଚୋ ଦାସ, ନାରାୟଣ ପାଣ୍ଡେ, ମୃତ୍ୟୁଞ୍ଜୟ ମାଝି, କବିରାଜ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ଜୟପାଟଣା ହେବ ନୂତନ ଏନ୍‌ଏସି



ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଉଛନ୍ତି ଜୟପାଟଣା ସହରବାସୀ।

ଭବାନୀପାଟଣା,୨୪।୨(ଉତ୍ତମ କୁମାର ଦାଶ)

**ବାଣ ଫୁଟାଇ ଖୁସି ଜାହିର କଲେ ସ୍ଥାନୀୟ ଲୋକେ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୨୦ଟି ଜିଲାରେ ୩୪ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ର ନାମ ଶନିବାର ଘୋଷଣା କରିଛନ୍ତି। ଏହି ତାଲିକାରେ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀର ଜୟପାଟଣା ସହର ନାମ ରହିଥିବାରୁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଦେଖାଦେଇଛି। ଲୋକମାନେ ବାଜା ବଜାଇ, ବାଣ ଫୁଟାଇ ଖୁସି ଜାହିର କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଜୟପାଟଣା ୧୫ଟି ୱାର୍ଡକୁ ନେଇ ଏନଏସି ଘୋଷଣା ହୋଇଛି। ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀର ୧୮ ଓ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀର ୪ଟି ପଞ୍ଚାୟତକୁ ମିଶାଇ ସମୁଦାୟ ୨୨ଟି ପଞ୍ଚାୟତକୁ ନେଇ ଜୟପାଟଣା ବ୍ଲକ ଗଠିତ ହୋଇଛି। ଦୀର୍ଘ ଦିନରୁ ଜୟପାଟଣା ସହରକୁ ଏନଏସି ଘୋଷଣା ପାଇଁ ଦାବି ରହି ଆସୁଥିଲା। ତେବେ ମୁଖ୍ୟମନ୍ତ୍ରୀ ରାଜ୍ୟର କେତେକ ସହରକୁ ଏନଏସି ଘୋଷଣା କରିଥିବା ବେଳେ ଜୟପାଟଣାକୁ ମଧ ସାମିଲ କରିଛନ୍ତି। ଏନଏସି ଗଠିତ ହେବା ପରେ ଜୟପାଟଣା ସହରର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ହେବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଜିଲାରେ ପୂର୍ବରୁ ଜୁନାଗଡ଼, କେସିଙ୍ଗା, ଧର୍ମଗଡ ୩ଟି ଏନଏସି ରହିଥିବାବେଳେ ଜୟପାଟଣାକୁ ମିଶାଇଲେ ଏହାର ସଂଖ୍ୟା ୪ରେ ପହଞ୍ଚିବ।

### ୧୦୪ ପ୍ରହର ଅଖଣ୍ଡ ନାମଯଜ୍ଞ ଉଦ୍‌ଯାପିତ

କୋକସରା,୨୪।୨(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଶ୍ରୀ ଶ୍ରୀ ଶ୍ରୀ ନିତାଇ ଚୈତନ୍ୟ ସଂକୀର୍ତ୍ତନ କଳାକାର ସଂଘ ପକ୍ଷରୁ ରେଙ୍ଗାଲପାଲି ପଞ୍ଚାୟତ ଡଙ୍ଗରିଗୁଡା ଖେଳ ପଡ଼ିଆରେ ଚାଲିଥିବା ୧୦୪ ପ୍ରହର ଅଖଣ୍ଡ ନାମଯଜ୍ଞ ଶନିବାର ସକାଳେ ଉଦଯାପିତ ହୋଇଯାଇଛି। ଅଖଣ୍ଡ ନାମଯଜ୍ଞରେ ବ୍ଲକର ୨୨ଟି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୮୪ ଗୋଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରି ହରେକୃଷ୍ଣ ହରେ ରାମ ନାମାମୃତ ଗାନ କରି ଭବ୍ୟ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ। ପୁଜକ ଭାବେ ଗୋପାଳ ଠାକୁର, କିଶୋର ଚନ୍ଦ୍ର ଠାକୁର, ଭାସ୍କର ଠାକୁର ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ମୁଖ୍ୟ ପୂଜାକର୍ତ୍ତା ଭାବେ କୃତିବାସ ଶବର ଓ ତୁଳସା ଶବର ସପତ୍ନୀକ ଓ ଦ୍ୱିତୀୟ ଦିନରୁ ଶେଷ ଦିନର ପୂଜାକର୍ତ୍ତା ଭାବେ ଜବାହରଲାଲ ଗୁପ୍ତା ସହ ସରିତା ଗୁପ୍ତା, କେତନ ପାତ୍ର ସହ ପଦ୍ମିନୀ ପାତ୍ର, ରାଜୀବ ଅଗ୍ରୱାଲ ସହ ରିତା ଅଗ୍ରୱାଲ, ରୋହନ ପାଟ୍ଟଯୋଷୀ ସହ ନିହାରିକା ପାଟ୍ଟଯୋଷୀ, ପ୍ରବୀଣ କୁମାର ଗୋୟଲ ସହ କିରଣ ଦେବୀ ଗୋୟଲ, ହିମାଂଶୁ ରାଉତ ସହ ସଂଯୁକ୍ତା ରାଉତ, ଧର୍ମବ୍ରତ ପଣ୍ଡା ସହ ସସ୍ମିତାଞ୍ଜଳି ପଣ୍ଡା, ଖୁସିରାମ ନାଏକ ସହ ଦେମତି ନାଏକ, ରାଜେଶ ଅଗ୍ରୱାଲ ସହ ରେଖା ଅଗ୍ରୱାଲ, ଦୁଖାଲୁ ନାଏକ ସହ ନୃପମଣି ନାଏକ, ପ୍ରଶାନ୍ତ ସାହୁ ସହ ପୁଷ୍ପାଞ୍ଜଳି ସାହୁ, ବିକ୍ରମ କୁମାର ଗୁପ୍ତା ସହ ପାୟଲ ଗୁପ୍ତା ପୂଜାକର୍ତ୍ତା ଭାବେ ସମସ୍ତ ପ୍ରକାର ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନଭୋଗ, ପାନୀୟ ଜଳ, ବିଶ୍ରାମ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ନିତାଇ ଚୈତନ୍ୟ ସଂକୀର୍ତ୍ତନ କଳାକାର ପୂଜା କମିଟି ସଭାପତି ସୁଶୀଲ କୁମାର ପଣ୍ଡା, ସମ୍ପାଦକ ବିଜୟ କୁମାର ପଣ୍ଡା, ରାଜୀବ କୁମାର ଅଗ୍ରୱାଲ, ରେଙ୍ଗାଲପାଲି ସରପଞ୍ଚ ପଦ୍ମିନୀ ପାତ୍ର, କେତନ ପାତ୍ର, ରାଜେଶ କୁମାର ଗୁପ୍ତା, ଧର୍ମବ୍ରତ ପଣ୍ଡା, ରବି ନାରାୟଣ ପୁଝାରି, ହରଲାଲ ଗୁପ୍ତାଙ୍କ ସମେତ ଡଙ୍ଗରିଗୁଡା ଗ୍ରାମବାସୀ ସମେତ ବିଭିନ୍ନ ଗାଁର ଲୋକମାନେ ସହଯୋଗ କରିଥିଲେ।

# ସ୍ୱାମୀଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ

ଭବାନୀପାଟଣା,୨୪।୨(ଉତ୍ତମ କୁମାର ଦାଶ)

**ଯୌତୁକ ପାଇଁ ସ୍ତ୍ରୀଙ୍କୁ ହତ୍ୟା ଘଟଣାର ରାୟ ପ୍ରକାଶ**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଖସିଗୁଡା ଗ୍ରାମରେ ୨୦୧୮ରେ ଯୌତୁକ ପାଇଁ ସ୍ତ୍ରୀଙ୍କୁ ଶାଢୀରେ ତଣ୍ଟି ଚିପି ସ୍ୱାମୀ ହତ୍ୟା କରିଥିବା ଘଟଣାର ରାୟ ଶନିବାର ପ୍ରକାଶ ପାଇଛି। ଧର୍ମଗଡ ଅତିରିକ୍ତ ଜିଲା ଦୋରାଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ ଏହି ମାମଲାରେ ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭତ୍ତିକରି ସ୍ୱାମୀ ହରି ଲହଜଲଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଆହୁରି ବର୍ଷେ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ରାୟରେ ପ୍ରକାଶ କରିଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଗୋଲାମୁଣ୍ଡା ଥାନା ଖସିଗୁଡା ଗ୍ରାମରେ ୨୯।୪।୨୦୧୮ ରାତିରେ ହରି ସ୍ତ୍ରୀ ରଜନୀକୁ ଯୌତୁକ ପାଇଁ ଶାଢ଼ିରେ ତଣ୍ଟିଚିପି ହତ୍ୟା କରିଥିଲେ। ଏହି ଘଟଣାକୁ ନେଇ ମୃତକାଙ୍କ କାକା ଧନଞ୍ଜୟ ବନ୍ଦିଛୋଡ ସ୍ଥାନୀୟ ଥାନାରେ ଏତଲା ଦେଇଥିଲେ। ଏହାପରେ ପୋଲିସ ଏକ ମାମଲା (ନଂ.୫୫/୧୮) ରୁଜୁ କରି ସ୍ୱାମୀଙ୍କୁ ଗିରଫ କରି ସେତେବେଳେ କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଏହି ମାମଲା ସରକାରୀ ଓକିଲ ପୂର୍ଣ୍ଣଚନ୍ଦ୍ର ନାଗ ପରିଚାଳନା କରିଥିଲେ।

# ସାନବନ୍ଧ କାମ ଅଧାପନ୍ତରିଆ



ରିଷିଡ଼ା,୨୪।୨(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଗ୍ରାମପଞ୍ଚାୟତ ସାନବନ୍ଧରୁ ପଙ୍କଉଦ୍ଧାର ସହିତ ଗାଧୁଆ ତୁଠ ନିର୍ମାଣ ପାଇଁ ଗତବର୍ଷ ଅର୍ଥ ଅନୁଦାନ ମିଳିଥିଲା। ପଙ୍କ ଉଦ୍ଧାର ସହିତ ଗାର୍ଡୱାଲ ନିର୍ମାଣ କରାଯାଇଥିଲା। ଏଥିରେ କୌଣସି ସ୍ଥାନରେ ନୂତନ ଗାଧୁଆ ତୁଠ ନିର୍ମାଣ କରା ନ ଯାଇ ଅର୍ଥ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। କିନ୍ତୁ ପୁନଶ୍ଚ ବ୍ଲକ ପ୍ରଶାସନ ପକ୍ଷରୁ ଚଳିତବର୍ଷ ୬ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର କରାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ପୂର୍ବ ଟଙ୍କା ଠିକ ଭାବେ କାମ ନ ହୋଇ ଥିବାବେଳେ ପୁନର୍ବାର ଏହି ବନ୍ଧରେ ଅର୍ଥ ଖର୍ଚ୍ଚ କରାଯିବା ଯୋଜନା ରଖାଯାଇଛି। ପ୍ରକାଶ ଥାଉକି ଏହି ବନ୍ଧରେ ସୂଚନା ଫଳକ କେବଳ ଫଟୋ ଉଠାଇବା ପାଇଁ ତିଆରି କରି ପରେ ଭାଙ୍ଗି ଦିଆଯାଉଛି। ଏହାର ପଛର ରହସ୍ୟ ସଚେତନ ନାଗରିକମାନେ ଜଣିପାରୁନାହାନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିବେ ବୋଲି ରିଷିଡା ସ୍ୱାଭିମାନ ମଞ୍ଚ ଚେତାବନୀ ଦେଇଛି। ଏ ସମ୍ପର୍କରେ ବ୍ଲକ ଚେୟାମେନଙ୍କୁ ପଚାରିବାରୁ ରିଷିଡା ଅଞ୍ଚଳକୁ ଲକ୍ଷ ଲକ୍ଷ ଟଙ୍କାର କାମ ଦିଆଯାଇଥିବା ବେଳେ ଠିକ ଭାବେ ଖର୍ଚ୍ଚ ହେଉ ନ ଥିବାରୁ କାମସବୁ ପଡି ରହିଛି। ଠିକ ଭାବେ କାମ ହେଲେ ଅଞ୍ଚଳ ଉନ୍ନତି ହେବ ବୋଲି କହିଛନ୍ତି। ଏ ସମ୍ପର୍କରେ ସମିତିସଭ୍ୟ ନିମାଇଁ ଚରଣ ବେହେରାଙ୍କୁ ପଚାରିବାରୁ ୬ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର କରାଯାଇଛି। ଏହାକୁ ଆର୍ଦ୍ଦଶ ବନ୍ଧ କରାଯିବ ବୋଲି କହିଛନ୍ତି।

# ଚିକିତ୍ସା ଅବହେଳାରୁ ମୃତ୍ୟୁକୁ ନେଇ ଡାକ୍ତରଖାନାରେ ଉତ୍ତେଜନା

ଖଡ଼ିଆଳ,୨୪।୨(ସୁଜିତ୍ କୁମାର ପ୍ରଧାନ)

ଚିକିତ୍ସା ଅବହେଳାରୁ ରୋଗୀ ମୃତ୍ୟୁ ଅଭିଯୋଗ ନେଇ ନୂଆପଡ଼ା ଜିଲା ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଉତ୍ତେଜନା ଦେଖାଦେଇଛି। ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଗୋଇମୁଣ୍ଡି ଗ୍ରାମର ଚୈତନ୍ୟ ଚଲାନ (୭୦)ଙ୍କ ଦେହ ଅସୁସ୍ଥ ହୋବାରୁ ଶନିବାର ବୂର୍ବାହ୍ନ ୧୦ଟାରେ ତାଙ୍କ ପୁଅ ଗୁଡୁ ଚଲାନ ତାଙ୍କୁ ଖଡ଼ିଆଳ ଉପଖଣ୍ଡ ଚିକିତ୍ସା କେନ୍ଦ୍ରକୁ ଆଣିଥିଲେ। କିଛି ସମୟ ପରେ ତାଙ୍କର ମୃତ୍ୟ ହୋଇଥିଲା। ତାଙ୍କୁ ଅମ୍ଳଜାନ ଦରକାର ଥିବା ସତ୍ତ୍ୱେ ଅମ୍ଳଜାନ ସେ ସମୟରେ ଦିଆଯାଇ ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ କିଛି ସମୟ ହସ୍ପିଟାଲ ପରିସରରେ ଉତ୍ତେଜନା ଦେଖା ଦେଇଥିବା ବେଳେ ଖଡ଼ିଆଳ ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା। ପରେ ପରିବାର ଲୋକେ ମୃତଦେହ ଘର ନେଇଥିଲେ। ଏ ନେଇ ହସ୍ପିଟାଲ କର୍ତ୍ତୃପକ୍ଷ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ। ଠିକ ସମୟରେ ଅମ୍ଳଜାନ ଦେଇ ନ ଥିବାରୁ ଜଣେ ବ୍ୟକ୍ତିଙ୍କ ଜୀବନ ଚାଲି ଯାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଉଛି। ଆଗାମୀ ଦିନରେ ଏହି ଉତ୍ତେଜନା ଭୟଙ୍କର ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଉପଖଣ୍ଡ ଚିକିତ୍ସାଳୟରେ ଗତ ୩ ମାସ ହେଲା ଏକ୍ସରେ ଅପରେଟର ପଦବୀ ଖାଲି ପଡ଼ିଛି। ଫଳରେ ରୋଗୀ ଏକ୍ସରେ କରି ପାରୁନାହାନ୍ତି। ପ୍ରାଇଭେଟରେ ଏକ୍ସରେ କରି ଗରିବ ଲୋକ ଖର୍ଚ୍ଚନ୍ତ ହେଉଛନ୍ତି।

# ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା

ନୂଆପଡ଼ା,୨୪।୨(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅଧୀନ ତରବୋଡ ଥାନାପଡାରେ ଷୋହଳ ପ୍ରହର ଅଖଣ୍ଡ ମହାମନ୍ତ୍ର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ଓ ପୁରୁଷ ସଂକିର୍ତନ ଦଳ ସହ ଏକ କଳସ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ଗାଁସ୍ଥିତ ବଡବନ୍ଧରୁ ପୂର୍ଣ୍ଣ କଳସି ଆଣି ଯଜ୍ଞବେଦୀରେ ସ୍ଥାପନ କରିଥିଲେ। ଏହା ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ବୁଡୁ ଭୋଇ ଓ କୁମାରୀ ଭୋଇ କର୍ତ୍ତା ଦାୟିତ୍ୱରେ ଥିବା ବେଳେ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ପୂଜକ ଓ ଗୌରଚନ୍ଦ୍ର ପାଢୀ ଜପକ ଦାୟିତ୍ୱରେ ଅଛନ୍ତି। ଆୟୋଜକ କମିଟି ସଭାପତି ଅଜର କୁମାର ଅହିର, ସମ୍ପାଦକ ଦୟାନିଧି ଶବର, ଉପସଭାପତି ସୁଜିତ ଭୋଇ, ସହସମ୍ପାଦକ ମନୋଜ କୁମାର ବିଶ୍ୱାଳ, କୋଷାଧକ୍ଷ ଚନ୍ଦ୍ରଶେଖର ଅହିର, ସହକୋଷାଧକ୍ଷ ଯୋଗେନ୍ଦ୍ର ସାହୁ, ଲୋକନାଥ ସୋନି, ସଇବ ହଂସ, ଦୟାନିଧି ବନଛୋର, ଜଗଦୀଶ ସୁନାରୀ, ବିରଞ୍ଚି ଜାନି, ଘାସିରାମ ଭୋଇ, ପଞ୍ଚାନନ ପ୍ରଧାନ, ଗୁନା ମାଝି ପ୍ରମୁଖ ରହିଛନ୍ତି।



ଶତାଧିକ ମହିଳା ଓ ପୁରୁଷ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

# ମାଛଚାଷ କରି ସ୍ୱାବଲମ୍ବୀ ହେଉଛନ୍ତି ମହିଳା

ଖଡ଼ିଆଳ,୨୪।୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡିଆଳ ବ୍ଲକ ରୋହେନ ପଦର ଗାଁରେ ଜୟ ଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀ ୧୦ ଜଣ ମହିଳା ଏକତ୍ରିତ ହୋଇ ଚଳିତ ଜୁନରୁ ଗାଁ ପୋଖରୀରେ ମାଛ ଚାଷ ଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରିବା ସହ ସ୍ୱାବଲମ୍ବୀ ହେଉଛନ୍ତି। ଏହି ଚାଷରେ ମହିଳାମାନେ ବେସ ଖୁସି ଥିବା ବେଳେ ଆଗକୁ ଏହି ମାଛ ଚାଷ ବୃଦ୍ଧି ପାଇଁ ଅଣ୍ଟା ଭିଡିଛନ୍ତି। ରୋହେନ ପଦର ଗାଁର ଏହି ମହିଳାମାନଙ୍କ ମଧ୍ୟରୁ କିଏ ଘରେ ବସି ରୋଜଗାର ଖୋଜୁଥିଲେ ତ ଆଉ କିଏ ଦୈନିକ ଶ୍ରମିକ ଭାବେ କାର୍ଯ୍ୟ କରି ଅନ୍ୟ ଉପରେ ଭରଷା କରି ରହୁଥିଲେ। କିନ୍ତୁ ଏବେ ଏମାନଙ୍କୁ ରୋଜଗାରର ବାଟ ଦେଖାଇଲା ମିଶନ ଶକ୍ତି। ଗାଁର ୧୦ ମହିଳା ଏକାଠି ହୋଇ ଜୟ ଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରିଥିଲେ। ଗାଁରେ ମାଛ ଚାଷ



ପାଇଁ ମନବଳାଇ ଜିଲା ମତ୍ସ୍ୟ ବିଭାଗ ସହ ଯୋଗାଯୋଗ କରି ୪ ଲକ୍ଷ ୮୦ ହଜାର ଟଙ୍କା ଇନପୁଟ ସବସିଡି ଆଣି ଗାଁରେ ଥିବା ୨ ଏକର ବିଶିଷ୍ଟ ପୋଖରୀ ଚଳିତବର୍ଷ ପଞ୍ଚାୟତରୁ ଲିଜରେ ନେଇ ମାଛ ଚାଷ ଆରମ୍ଭ କରିଥିଲେ। ଏବର୍ଷ ପୋଖରୀରେ ମାଛ ବୃଦ୍ଧି ହୋଇଥିବା ଓ ଅଧିକ ଲାଭ ହୋଇଥିବାରୁ ମହିଳାମାନେ ଚଳିତବର୍ଷ ମାଛ ଚାଷରେ ୨୦ ଲକ୍ଷ ଟଙ୍କା ରୋଜଗାର ହେବ ବୋଲି ପ୍ରକାଶ କରିଛନ୍ତି। ମାଛ ଚାଷ ପ୍ରତି ମହିଳାଙ୍କ ବେଶ ଆଗ୍ରହ ଅଛି। ପୋଖରୀରୁ ମାଛ ଧରିବାଠାରୁ ବିକ୍ରୀ ପର୍ଯ୍ୟନ୍ତ ନିଜ ନିଜ ମଧରେ ଦାୟିତ୍ୱ ବଣ୍ଟନ କରି ଶୃଙ୍ଖଳିତ ଭାବେ କାର୍ଯ୍ୟ କରି ଆଗକୁ ଅଧିକ ଲାଭ ପାଇଁ ପ୍ରସ୍ତୁତି କରିଛନ୍ତି। ଏବେ ଜିଲାର ପ୍ରତି ଗାଁରେ ସ୍ୱୟଂ ସହାୟକ ମହିଳାମାନେ ପଞ୍ଚାୟତ ପୋଖରୀ ଲିଜ ଆକାରରେ ନେଇ ମାଛ ଚାଷ ଆରମ୍ଭ କରିଥିଲେ। ସକାଳ ଓ ସନ୍ଧ୍ୟାରେ ମହିଳାମାନେ ପୋଖରୀ ଯାଇ ମାଛକୁ ଖାଦ୍ୟ ପ୍ରଦାନ ସହ ପୋଖରୀ ସଫେଇ କାର୍ଯ୍ୟ ମଧ କରି ଆସୁଛନ୍ତି। ମହିଳାଙ୍କ ଚାଷ ପ୍ରତି ଆଗ୍ରହ ଦେଖି ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ମହିଳାମାନଙ୍କୁ ସମସ୍ତ ସହଯୋଗ କରୁଛନ୍ତି। ଫଳରେ ମିଶନ ଶକ୍ତି ମା'ମାନେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ପାଇଁ ଉଦାହରଣ ପାଲଟିଛନ୍ତି। ସ୍ୱୟଂ ସହାୟକ ମା'ମାନଙ୍କୁ ସେମାନଙ୍କ ଆଗ୍ରହ ଓ କାର୍ଯ୍ୟ ଦକ୍ଷତା ନେଇ ମାଛ ଚାଷ ତାଲିମ ପ୍ରଦାନ ସହ ସମସ୍ତ ସହଯୋଗ ହାତ ବଢ଼ାଇଛି ମତ୍ସ୍ୟ ବିଭାଗ। ଏସଏସଜି ମା'ମାନଙ୍କୁ ମିଶନ ଶକ୍ତି ସୁଯୋଗ ଦେଉଥିବା ବେଳେ ସରକାରୀ ସହାୟତା ଓ ମତ୍ସ୍ୟ ବିଭାଗ ସହଯୋଗରେ ମହିଳାମାନେ ସ୍ୱାବଲମ୍ବୀ ହୋଇପାରୁଛନ୍ତି।

## ସଂକ୍ଷେପରେ

### ଅନ୍ତର୍ଦୃଷ୍ଟିକୁ ବଦଳାଇପାରେ ପୁସ୍ତକ

ବରଗଡ଼,୨୪।୨(ପ୍ରେମାନନ୍ଦ ଖମାରୀ): ପୁସ୍ତକ ସର୍ବିଙ୍କ ବନ୍ଧୁ। ଦେଶର ଭଲନେତା ସୃଷ୍ଟି କରିବାର ଗୁଣ ଭଲ ପୁସ୍ତକ ପାଖରେ ରହିଛି। ପୁସ୍ତକ ମଣିଷର ଅନ୍ତଃଦୃଷ୍ଟିକୁ ବଦଳାଇ ଦେଇପାରେ। ତେଣୁ ଛାତ୍ରୀଛାତ୍ର, ଯୁବତୀ ଯୁବକମାନେ ଭଲ ପୁସ୍ତକ ପଠନ ପ୍ରତି ଧ୍ୟାନ ଦେବା ଉଚିତ୍ ବୋଲି ବରଗଡ଼ ସହରସ୍ଥିତ ବିକାଶ ଫାଷ୍ଟଷ୍ଟେପ୍ ପରିସରରେ ଅନୁଷ୍ଠିତ ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି । ସଭାପତି ମନୋରଞ୍ଜନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିକାଶ ଫାଷ୍ଟଷ୍ଟେପ୍‌ର ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ଭଲ ପୁସ୍ତକ ଭଲ ନେତା ସୃଷ୍ଟି କରିପାରିବାର କ୍ଷମତା ରଖିବା ସହିତ ମଣିଷର ଅନ୍ତଃଦୃଷ୍ଟିକୁ ବଦଳାଇ ଦେଇପାରେ ବୋଲି ସେ କହିଥିଲେ। ଭ୍ରାମ୍ୟମାଣ ପାଠାଗାର ସଂଯୋଜକ ପଣ୍ଡିତ ଗୋପବନ୍ଧୁ ପୁରୋହିତ ପୁସ୍ତକ ବ୍ୟକ୍ତିର ଚିନ୍ତା, ଚେତନାକୁ ପ୍ରସାରିତ କରିଥାଏ ବୋଲି କହିଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ମଧ୍ୟରୁ କଳ୍ପନା ଦାଶ, କପିଳ ପଟେଲ, ପ୍ରଭାତ ବେହେରା, ନୀଳିମା ନାଗ, ବଂଶିତା ଗ୍ରୋଭର ଛାତ୍ର ଜୀବନରେ ପୁସ୍ତକ ପଠନର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀ ସୌମ୍ୟା ମହାନ୍ତି, ସୁଦୀପ୍ତା ତ୍ରିପାଠୀ, ଅର୍ପିତା ପାଣିଗ୍ରାହୀଙ୍କୁ ପୁରସ୍କୃତ କରାଯାଇଥିଲା। ଆବାହକ ଡ. ରବିନାରାୟଣ ସାହୁ ଅତିଥି ପରିଚୟ ଏବଂ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

### ୨୭୫ ହିତାଧିକାରୀ ପାଇଲେ ଭତ୍ତା

ବରଗଡ଼,୨୪।୨(ପ୍ରେମାନନ୍ଦ ଖମାରୀ): ବରଗଡ଼ରେ ଶନିବାର ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨୭୫ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। ପୌରାଧ୍ୟକ୍ଷ କଳ୍ପନା ମାଝି, ପୌର ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ୱାର୍ଡର କାଉନସିଲରମାନେ ଉପସ୍ଥିତ ଥିଲେ। ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

### ରାମାୟଣ ପାରାୟଣ ଉଦ୍‌ଯାପିତ

ଗାଇସିଲେଟ,୨୪।୨(ଦୁର୍ଗାପ୍ରସାଦ ତ୍ରିବେଦୀ): ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ କନ୍ଦାଗାଡ଼ ଗ୍ରାମରେ ରାମାୟଣ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶତାଧିକ ମହିଳା ଶୋଭାଯାତ୍ରାରେ ଆସି ଯଜ୍ଞସ୍ଥଳରେ ଜଳପୂର୍ଣ୍ଣ କଳସ ସ୍ଥାପନ କରିଥିଲେ। ଜଗନ୍ନାଥ ମନ୍ଦିର ପୂଜକ ପଣ୍ଡିତ କାହ୍ନୁଚରଣ ମିଶ୍ର ପୂଜାର୍ଚ୍ଚନା କରିଥିଲେ। ଗୌନ୍ତିଆ ଟେଙ୍ଗନୁ ବରିହା ସସ୍ତ୍ରୀକ କର୍ତ୍ତା କାର୍ଯ୍ୟ ନିର୍ବାହ କରିଥିଲେ। ବଲାଙ୍ଗୀର ଜିଲା ପାଟଣାଗଡ଼ ନିକଟ ରେଖଡ଼ା ଗ୍ରାମର ଅଜିତ କୁମାର ଦାଶ ବ୍ୟାସକାର୍ଯ୍ୟ ସମ୍ପାଦନ କରିଥିଲେ। ଭକ୍ତଙ୍କ ପାଇଁ ଅନ୍ନକୋଟ ବ୍ୟବସ୍ଥା କରାଯାଇଥିଲା। ରଙ୍କମଣି ସ୍ୱାଇଁ, ମଧୁସୂଦନ ବରିହା, ଜୀବର୍ଦ୍ଧନ ବରିହା, ବିରେନ୍ଦ୍ର ବରିହା ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

# କଂଗ୍ରେସ ସ୍ୱାଗତକଲା, ଭାଜପାର ଭର୍ତ୍ସନା

## ବରଗଡ଼ରେ ୨ ନୂଆ ଏନ୍‌ଏସି

ବରଗଡ଼,୨୪।୨(ପ୍ରେମାନନ୍ଦ ଖମାରୀ)

ରାଜ୍ୟ ସରକାର ଶନିବାର ୩୪ଟି ନୂଆ ଏନ୍‌ଏସି ଘୋଷଣା କରିଛନ୍ତି। ଏଥିରେ ବରଗଡ଼ ଜିଲାର ଅତାବିରା ନିର୍ବାଚନ ମଣ୍ଡଳୀର ଭେଡ଼େନ ଏବଂ ପଦ୍ମପୁର ନିର୍ବାଚନ ମଣ୍ଡଳୀର ପାଇକମାଳ ରହିଛି। ଏନ୍‌ଏସି ଘୋଷଣା ପରେ ଉଭୟ ଅତାବିରା ଏବଂ ପାଇକମାଳ ଅଞ୍ଚଳର ଲୋକଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ପୂର୍ବାପେକ୍ଷା ଅଞ୍ଚଳ ଆହୁରି ସରସ, ସୁନ୍ଦର ଓ ବିକଶିତ ହେବ। ପରିମଳ, ଆଲୋକୀକରଣ, ପାନୀୟଜଳ ଯୋଗାଣ, ରାସ୍ତାଘାଟ ଆଦି ମୌଳିକ ବ୍ୟବସ୍ଥା ଅଧିକ ଉନ୍ନତ ହେବ ଏବଂ ଅଞ୍ଚଳର ଲୋକଙ୍କୁ କର୍ମ ମିଳିପାରିବ ବୋଲି ଅଞ୍ଚଳବାସୀ ଆଶାବାଦୀ ରହିଛନ୍ତି। କଂଗ୍ରେସ ନୂଆ ଏନ୍‌ଏସି ଗଠନକୁ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଛି। ଅନ୍ୟପଟେ ନିର୍ବାଚନ ସମୟରେ ଲୋକଙ୍କୁ ଭୂଆଁ ବୁଲାଇବା ପାଇଁ ଏହା ଉଦ୍ଦିଷ୍ଟ ବୋଲି କହି ବିରୋଧୀ ଭାଜପା ରାଜ୍ୟ ସରକାରଙ୍କ ଏଭଳି ଘୋଷଣାକୁ ଭର୍ତ୍ସନା କରିଛି।

### ଆମେ ବହୁତ ଖୁସି



“ଭେଡ଼େନକୁ ଏନ୍‌ଏସି ମାନ୍ୟତା ପାଇଁ ଆମେ ପୂର୍ବରୁ ସ୍ଥାନୀୟ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କୁ ଦାବି ଜଣାଇଥିଲୁ। ତାଙ୍କ ଉଦ୍ୟମରୁ ଭେଡ଼େନ ଏନ୍‌ଏସି ମାନ୍ୟତା ପାଇଥିବା ଯୋଗୁ ବିଧାୟିକା ଛୁରିଆଙ୍କୁ କୃତଜ୍ଞତା ଜଣାଉଛୁ। ଆମେ ମଧ୍ୟ ବହୁତ ଖୁସି ଅନୁଭବ କରୁଛୁ । ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମିଳିବ। ଡ୍ରେନେଜ, ଆଲୋକୀକରଣ ବ୍ୟବସ୍ଥା ହେବ। ଭେଡ଼େନର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବ ।

-ନରସିଂହ ରଥ, ସଭାପତି, ଭେଡ଼େନ ସଚେତନ ନାଗରିକ କମିଟି

### ପ୍ରତୀକ୍ଷାର ଅବସାନ



“ପାଇକମାଳକୁ ଏନ୍‌ଏସି ମାନ୍ୟତା ଆମର ବହୁ ପ୍ରତୀକ୍ଷିତ ଦାବି ଥିଲା। ଆଜି ତାହା ପୂରଣ ହୋଇଛି । ବହୁତ ଖୁସି ଲାଗୁଛି । ପାନୀୟଜଳ, ଷ୍ଟ୍ରିଟ ଲାଇଟ୍, ଭଲ ରାସ୍ତା ସାଙ୍ଗକୁ ମଇଳା ଆବର୍ଜନା ନିୟମିତ ସଫା ହେବ। ଲୋକଙ୍କୁ ଚାକିରି ମିଳିବ। ଏନ୍‌ଏସି ଘୋଷଣା ପରେ ସମଗ୍ର ପାଇକମାଳ ଅଞ୍ଚଳରେ ଉତ୍ସାହ ଦେଖାଯାଇଛି । ବାଣ ଫୁଟାଇ ଖୁସି ବି ମନାଉଛୁ ।

-ଡା. ବୁଲୁ ବାରିକ, ପାଇକକମାଳ

### ବଢ଼ିଆ ଏନ୍‌ଏସି ହେବ



“ଭେଡ଼େନ ଏବଂ ପାଇକମାଳ ଲୋକଙ୍କର ଦୀର୍ଘଦିନର ଦାବି ଥିଲା । ସେହି ଦାବି ପୂରଣ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଉଛୁ । ଏନ୍‌ଏସି ଗଠନ ଯୋଗୁ ଟାଉନଶିପ୍ ରୂପ ନେବ। ବିକାଶ ପାଇଁ ବଜେଟ୍ ମଧ୍ୟ ବଢ଼ିବ। ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ପାନୀୟଜଳ, ଗମନାଗମନ ପ୍ରତିକ୍ଷେତ୍ରରେ ଉନ୍ନତି ଆସିବ। ଆଗକୁ ଭେଡ଼େଡ଼, ପାଇକମାଳକୁ ବଢ଼ିଆ ଏନ୍‌ଏସି ରୂପ ଦେବା ପ୍ରୟାସ ଜାରି ରହିବ ।

-ଡ. ପ୍ରଭାସ ସିଂ, ଜିଲା ସଭାପତି, ବିଜେଡ଼ି

### “ସ୍ୱାଗତଯୋଗ୍ୟ ପଦକ୍ଷେପ



ନୂତନ ଏନ୍‌ଏସି ଘୋଷଣା ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ଲୋକଙ୍କର ବହୁଦିନର ଦାବି ଥିଲା। ହେଲେ ନିର୍ବାଚନ ସମୟ ବଦଳରେ ଆଗରୁ ଘୋଷଣା କରାଯାଇଥିଲେ ଆହୁରି ଭଲ ହୋଇଥାନ୍ତା। ପଦ୍ମପୁର ଜିଲା ଗଠନ ଏବଂ ଚାଷୀଙ୍କ ଦାବି ପୂରଣ ଦିଗରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକତା ରହିବା ଦରକାର। ଭଲକାମକୁ କଂଗ୍ରେସ ସ୍ୱାଗତ କରିବ ଏବଂ ଖରାପ କାମକୁ ନିଶ୍ଚୟ ବିରୋଧ କରିବ।

-ହରଦୀପ ସିଂ, ଜିଲା ସଭାପତି, କଂଗ୍ରେସ

### “ଜିଲା ଗଠନ ପ୍ରତିଶ୍ରୁତି ଗଲା କୁଆଡ଼େ



ପ୍ରଥମତଃ ପଦ୍ମପୁର ଜିଲା ଗଠନ ଦାବି ଉଠୁଥିଲା। ଉପନିର୍ବାଚନ ସମୟରେ ପ୍ରଚାରରେ ଆସି ମୁଖ୍ୟମନ୍ତ୍ରୀ ଏହି ଜିଲା ଗଠନ ନେଇ ପ୍ରତିଶ୍ରୁତି ଦେଇଥିଲେ। ହେଲେ ସେହି ପ୍ରତିଶ୍ରୁତି ଗଲା କୁଆଡ଼େ। ପଦ୍ମପୁର ଜିଲା ଗଠନ ପରିବର୍ତ୍ତେ ଏବେ ସାଧାରଣ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ୨ ଏନଏସି ଗଠନ ଘୋଷଣା କରି ଜିଲାବାସୀଙ୍କୁ ଭୂଆଁ ବୁଲାଇବାକୁ ଚେଷ୍ଟା କରୁଛନ୍ତି । ଭୋଟ୍‌ରେ ଲୋକେ ଏହାର ଜବାବ ଦେବେ ।

-ଅଶ୍ୱିନୀ ଷଡ଼ଙ୍ଗୀ, ଜିଲା ସଭାପତି, ଭାଜପା

## ବାଦ୍ ପଡ଼ିଲା ଭଟଲି ନିର୍ବାଚନମଣ୍ଡଳୀ

ବରଗଡ଼, ୨୪।୨(ପ୍ରେମାନନ୍ଦ ଖମାରୀ): ବରଗଡ଼, ଅତାବିରା, ବିଜେପୁର, ଭଟଲି ଏବଂ ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀକୁ ନେଇ ବରଗଡ଼ ଜିଲା ଗଠିତ। ଏହି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ଭଟଲିକୁ ଛାଡ଼ିଦେଲେ ଅନ୍ୟ ନିର୍ବାଚନ ମଣ୍ଡଳୀରେ କେଉଁଠି ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ତ ଆଉ କେଉଁଠି ପୌର ପରିଷଦ (ମ୍ୟୁନିସିପାଲିଟି) ରହିଛି। ଅତାବିରା ନିର୍ବାଚନ ମଣ୍ଡଳୀରେ ଅତାବିରା ଏନ୍‌ଏସି ରହିଥିବାବେଳେ ଶନିବାର ଏହି ନିର୍ବାଚନ ମଣ୍ଡଳୀର ଭେଡ଼େନକୁ ନୂତନ ଏନ୍‌ଏସି ଘୋଷଣା କରାଯାଇଛି। ସେହିପରି ବରଗଡ଼ ନିର୍ବାଚନ ମଣ୍ଡଳୀର ବରଗଡ଼ରେ ପୌର ପରିଷଦ ଥିବାବେଳେ ବିଜେପୁର ନିର୍ବାଚନ ମଣ୍ଡଳୀର ବରପାଲି ଏବଂ ବିଜେପୁରରେ ଏନ୍‌ଏସି ରହିଛି । ପଦ୍ମପୁର ନିର୍ବାଚନ ମଣ୍ଡଳୀ ପଦ୍ମପୁରରେ ଏନ୍‌ଏସି ଥିବାବେଳେ ଶନିବାର ଏହି ନିର୍ବାଚନ ମଣ୍ଡଳୀର ପାଇକମାଳକୁ ଏନ୍‌ଏସି ଘୋଷଣା କରାଯାଇଛି। ଅନ୍ୟପଟେ ଏପର୍ଯ୍ୟନ୍ତ ଭଟଲି ନିର୍ବାଚନ ମଣ୍ଡଳୀରେ ଏନ୍‌ଏସି କିମ୍ବା ମ୍ୟୁନିସିପାଲିଟି ନାହିଁ। ଏହି ନିର୍ବାଚନ ମଣ୍ଡଳୀରେ ଥିବା ଭଟଲି କିମ୍ବା ସୋହେଲାରେ ଏନ୍‌ଏସି ଗଠନ ପାଇଁ ଉପଯୁକ୍ତ ମାନଦଣ୍ଡ ରହିଛି। ଏହାସତ୍ତ୍ୱେ ଭଟଲି କିମ୍ବା ସୋହେଲାକୁ କାହିଁକି ନୂଆ ଏନ୍‌ଏସି ଘୋଷଣା କରାଗଲା ନାହିଁ ତାହା ଏବେ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ଭେଡେନକୁ ଏନ୍‌ଏସି ମାନ୍ୟତା, ଅଞ୍ଚଳରେ ଖୁସିର ଲହରି



ଭେଡେନ୍‌କୁ ଏନ୍‌ଏସି ମାନ୍ୟତା ଘୋଷଣା ପରେ ବିଧାୟିକାଙ୍କୁ ଫୁଲତୋଡ଼ା ଦେଇ କୃତଜ୍ଞତା ଜଣାଉଛନ୍ତି।

ଭେଡେନ,୨୪।୨(ସୁଦନ ମହାକୁର)

ବରଗଡ଼ ଜିଲା ଭେଡେନବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହୋଇଛି। ଭେଡେନକୁ ଏନଏସିରେ ସାମିଲ କରାଯାଇଥିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଏପରିକିପରସ୍ପରକୁମିଠା ଖୁଆଇ ଅଭିନନ୍ଦନ ଜଣାଇବା ସହ ଆତସବାଜି ଫୁଟାଇଥିଲେ। ଏଥିପାଇଁ ଅଞ୍ଚଳବାସୀ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କୁ ଶ୍ରେୟ ଦେଇ ଅଭିବାଦନ ଜଣାଇଛନ୍ତି। ଏହି ଅବସରରେ ବିଜେଡି କର୍ମୀ ବିଧାୟିକା ଛୁରିଆଙ୍କୁ ସ୍ୱାଗତ କରି ଏକ ବିଶାଳ ଶୋଭାଯାତ୍ରାରେ ବ୍ଲକ ଛକଠାରୁ ବାହାରି ଥିଲେ। ପରେ ଗ୍ରାମ ପରିକ୍ରମା କରି ବସ୍‌ଷ୍ଟାଣ୍ଡ ଠାରେ ପହଞ୍ଚି ଥିଲେ। ସେଠାରେ ଆୟୋଜିତ ସଭାରେ ବିଧାୟିକା ଛୁରିଆ ପ୍ରକାଶ କରିଥିଲେ, ଅଞ୍ଚଳର ବିକାଶ ହେଉଛି ତାଙ୍କର ପ୍ରଥମ ଲକ୍ଷ ଓ କର୍ତ୍ତବ୍ୟ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭେଡେନକୁ ଏନଏସି ଘୋଷଣା କରିଥିବାରୁ ତାଙ୍କୁ ବିଧାୟିକା କୃତଜ୍ଞତା ଜଣାଇଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧକ୍ଷ ଡୋଳାମଣି ଖେତି, ଭେଡେନ ସରପଞ୍ଚ ଅକ୍ଷୟ ନାଏକ, ଜିଲା ପରିଷଦ ସଭ୍ୟା ପଦ୍ମିନି ଗଡ଼ତିଆ, ପିଙ୍କି ବଢେଇ, ସତ୍ୟଜିତ ପୁରୋହିତ,ସମିତି ସଭ୍ୟ ତୋଷବନ୍ତ ବେହେରା,ରଷୁଡା ସରପଞ୍ଚ ସୁରେନ୍ଦ୍ର କର୍ମୀ,କୁବେଡେଗା ସରପଞ୍ଚ ଜନ୍ମଜୟ ମିଶ୍ର, ପୂର୍ବତନ ବ୍ଲକ ଉପାଧକ୍ଷା ସୁପ୍ରଭା ପଧାନ, ବ୍ଲକ ବିଜେଡି ସଭାପତି ହରିଶଙ୍କର ବେହେରା, ବ୍ଲକ ମହିଳା ସଭାନେତ୍ରୀ ନମିତା ସୁନା, ବରିଷ୍ଠ ବିଜେଡି ନେତା ଦିଲ୍ଲୀପ ରଥ, ଭରତ ବରେଇ,ସାନନ୍ଦ ବେହେରା,ନିତ୍ୟାନନ୍ଦ ମେହେର, ଗୌରା ଅଦାବର, ଚିତ୍ତରଞ୍ଜନ ମେହେର,ମାନ ମାଡ଼ପାଚି, ପ୍ରଦୀପ ସୁନା,ପ୍ରସୂନ ଶତପଥୀ, ନରସିଂହ ରଥ,ସାହାଦତ ଖାଁ, ପ୍ରମୋଦ ଲୁହା, ଠାକୁର ଦଳେଇ, ରାଜେଶ ଅଗ୍ରୱାଲ, ମହେନ୍ଦ୍ର ମେହେର, କୁନା ମିଶ୍ର, ଘନ ମେହେର, ବିମଳ ସାହୁଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

## ଶୁଣ୍ଢି ସମାଜର ବୈଠକ

ବରଗଡ଼,୨୪।୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ରେ ଶନିବାର ଶୁଣ୍ଢି ସମାଜର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଦ୍ଧବ ଚରଣ ବେହେରା ସଭାପତିତ୍ୱ କରିଥିଲେ। ବୈଠକରେ ସମାଜର ବିଭିନ୍ନ ସାମାଜିକ କାର୍ଯ୍ୟ, ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ରାଜକିରଣ ନାୟକଙ୍କୁ ଶୁଣ୍ଢି ସମାଜର ଯୁବ ସଭାପତି ଭାବେ ମନୋନୀତ କରାଯାଇଥିଲା। ବୈଠକରେ ଡ. ପାଣ୍ଡବ ବେହେରା, ଶରତ ବେହେରା, ନିରଞ୍ଜନ ବେହେରା, ସୁଧୀର ସାହୁ, ପ୍ରକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ନଦୀରେ ବୁଡ଼ି ୪ବର୍ଷର ଝିଅ ମୃତ

ଲାଞ୍ଜିଗଡ଼,୨୪।୨(ରମେଶ ଚନ୍ଦ୍ର ନାୟକ)

ଲାଞ୍ଜିଗଡ ବ୍ଲକ ବିଜେପୁର ଥାନା ଅଞ୍ଚଳ ବିଜେପୁର ପଞ୍ଚାୟତ ଅନ୍ତର୍ଗତ କଳାକୁପା ଗାଁର ମୁକୁନ୍ଦ ମାଝିଙ୍କ ୪ବର୍ଷର ଝିଅ ଚନ୍ଦ୍ରିକାଙ୍କ ଶନିବାର ପୂର୍ବାହ୍ନ ସାଢେ ୧୦ଟାରେ ନଦୀରେ ବୁଡ଼ି ମୃତ୍ୟୁ ଘଟିଛି। ସୂଚନାନୁସାରେ ଗାଁ ନିକଟସ୍ଥ କଲ୍ୟାଣୀ ନଦୀକୁ ନିଜ ମାଉସୀ ଓ ଗାଁ ଝିଅମାନଙ୍କ ସହିତ ଚନ୍ଦ୍ରିକା ଗୋଧୋଇବାକୁ ଯାଇଥିଲେ। ସମସ୍ତେ ଗୋଧୋଉ ଥିବାବେଳେ ଚନ୍ଦ୍ରିକାର ଗୋଡ଼ ଖସିଯିବାରୁ ନଦୀରେ ବୁଡ଼ିଯାଇଥିଲେ।

# ପତ୍ରପୋଡ଼ା, ଗଣ୍ଡିପୋକ ଚିନ୍ତାରେ ଧାନଚାଷୀ

ପଦ୍ମପୁର,୨୪।୨ (ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡ କନସିଂହା ପଞ୍ଚାୟତ ଅଧୀନସ୍ଥ ବଇଦପାଲି ଓ ନୂଆଁପାଲିରେ ରବି ଧାନ ଫସଲ ପତ୍ର ସବୁ ହଳଦିଆ ହୋଇ ପୋଡି ଯାଉଥିବା ସହ ଗଣ୍ଡି ପୋକ ନିୟନ୍ତ୍ରଣ ହେଉନାହିଁ । କୀଟନାଶକ ପ୍ରୟୋଗ କଲେ ମଧ କାମ ଦେଉନାହିଁ। ଫଳରେ ଚାଷୀମାନେ ଚିନ୍ତାରେ ଅଛନ୍ତି। ଧାନ ଚାଷ ପାଇଁ କ୍ଷେତ୍ର ପ୍ରସ୍ତୁତି, ସାର, କୀଟନାଶକ, ପହ୍ଲାରୁଆ ଓ ଆନୁସାଙ୍ଗିକ କାର୍ଯ୍ୟ ପାଇଁ ଖର୍ଚ୍ଚାନ୍ତ ହୋଉଛନ୍ତି। ଧାନର ରୋଗ ପୋକ ନିୟନ୍ତ୍ରଣ ହେଉ ନ ଥିବାରୁ ଆର୍ଥିକ, ମାନସିକ ଚିନ୍ତାର ଶୀକାର ହୋଇଛନ୍ତି। ଘଟଣାକୁ କୃଷି ଅଧିକାରୀମାନେ ସମୀକ୍ଷା କରି କ୍ଷୟ କ୍ଷତି ଆକଳନ କରି ସହାୟତା ପାଇଁ ଚାଷୀମାନେ ଦାବି କରିଛନ୍ତି ।

# ୧୯୪୮ ଜଣଙ୍କୁ ଭତ୍ତା ଟଙ୍କା ପ୍ରଦାନକଲେ ବିଧାୟିକା



ବିଧାୟିକା ଜଣେ ବୃଦ୍ଧାଙ୍କୁ ଭତ୍ତା ଟଙ୍କା ପ୍ରଦାନ କରୁଛନ୍ତି।

ଭେଡେନ,୨୪।୨(ସୁଦନ ମହାକୁର)

ବରଗଡ଼ ଜିଲା ଭେଡେନ ବ୍ଲକ କାର୍ଯ୍ୟାଳୟ ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ମଧୁବାବୁ ପେନ୍‌ସନ ଯୋଜନା, ଅବିବାହିତ,ସ୍ୱାମୀ ପରିତ୍ୟକ୍ତା, ଭିନ୍ନକ୍ଷମ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ତ୍ରିପୁର ମହାନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଯୋଗଦେଇ ଭତ୍ତା ପ୍ରଦାନ କରିଥିଲେ। ସେହିପରି ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧ୍ୟକ୍ଷ ଡୋଳାମଣି ଖେତି, ଜିଲା ପରିଷଦ ସଭ୍ୟା ପଦ୍ମନୀ ଗଡ଼ତିଆ, ପିଙ୍କି ବଢ଼େଇ, ସତ୍ୟଜିତ ପୁରୋହିତ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ତରଣିସେନ ଜେନା ଓ ବ୍ଲକ ବିଜେଡି ସଭାପତି ହରିଶଙ୍କର ବେହେରା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଛୁରିଆ ବ୍ଲକର ୧୯୪୮ଜଣ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏହି ଅବସରରେ ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ଚକ୍ରପାଣି ଦାଶ, ଚିନ୍ତାମଣି ମେହେର,ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଭକ୍ତବନ୍ଧୁ ମହାନ୍ତି ସହଯୋଗ କରିଥିବା ବେଳେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ବରପାଲିରେ ଚାୟ’ପେ ଚର୍ଚ୍ଚା କାର୍ଯ୍ୟକ୍ରମ

ବରପାଲି,୨୪।୨( ଚିତ୍ତରଞ୍ଜନ ସାହୁ)





କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା କର୍ମକର୍ତ୍ତା ଓ ଅନ୍ୟମାନେ।

ବରପାଲି ସ୍ଥାନୀୟ ଡାକବଙ୍ଗଳା ଛକ ମନୋଜ ଟା ଦୋକାନଠାରେ ସକାଳ ୭ଟାରେ ଚାୟ’ ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଡ. ରାମକୃଷ୍ଣ ପୁରୋହିତ,ସମ୍ମାନିତ ଅତିଥି ଭାବେ ଭାଜପା ସଙ୍ଗଠକ ସୁରେନ୍ଦ୍ର ପାତ୍ର ଯୋଗଦେଇଥିଲେ। ଚାୟ’ ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନହିତ ପାଇଁ କରାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଡା. ରାମକୃଷ୍ଣ ପୁରୋହିତ ବରଗଡ଼ ଲୋକସଭା ଆସନରେ ଆଶାୟୀ ପ୍ରାର୍ଥୀ ରହିଥିବା ଏବଂ ଜନସାଧାରଣ ତାଙ୍କ ପ୍ରତି ସମର୍ଥନ ରଖିଥିବା ଆଲୋଚନା ମଧ ହୋଇଥିଲା। ଏଥିସହ ପୁରୋହିତ ସ୍ୱାସ୍ଥ୍ୟ ସମ୍ପର୍କରେ ମଧ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରପାଲିର ବହୁ ଜନସାଧାରଣ, ଖବରଦାତା ତଥା ଭାଜପା କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ଅଷ୍ଟମ ରାଜେଶ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ

ପଦ୍ମପୁର,୨୪। ୨ (ପ୍ରଦୀପ୍ତ ଦାଶ )

ରାଜବୋଡ଼ାସମ୍ବର ହାଇସ୍କୁଲ ପଡିଆରେ ଚାଲିଥିବା ସର୍ବ ଭାରତୀୟ ରାଜେଶ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସେମିଫାଇନାଲରେ ପଦ୍ମପୁର ଦଳ ଅକୱା ମଧ୍ୟପ୍ରଦେଶ ଦଳକୁ ୪– ୩ ଗୋଲରେ ଏବଂ ଦ୍ୱିତୀୟ ସେମିଫାଇନାଲରେ ଭବାନିପାଟଣା ଆଠମଲ୍ଲିକ ଦଳକୁ ୧–୦ ଗୋଲରେ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ରବିବାର ପଦ୍ମପୁର ଓ ଭବାନିପାଟଣା ମଧରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଖେଳରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷକ ଦଦଶ କୁମାର ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ନିରୋଜ ଦୋରା, କୁନାଳ ସିଂ ବରିହା, ପ୍ରଦୀପ ଜାଲ, ଗୌରାଙ୍ଗ ଦେବତା, ଅଶୋକ କାଲସାଏ, ବଟକୃଷ୍ଣ ମଟିଆରୀ, ଦେବାରଚନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚକୁ ସଲିଳ, ସୁଜିତ ଭୀକକି, ଦୀପକ, ଦିଲ୍ଲୀପ ପରିଚାଳନା କରିଥିଲେ। ନରୋତ୍ତମ, ଶିବା, ଉମେଶ, ରିତେଶ, ରାଜେନ୍ଦ୍ର, ବୁଠି, କେଶରଞ୍ଜନ ନାଗ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗ୍ରହଣରେ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

# ନୃସିଂହନାଥରେ ମାଘମେଳା ଉଦ୍‌ଯାପିତ

ପାଇକମାଳ,୨୪।୨(ବଡ ଶତପଥି)





ଅତିଥିଙ୍କ ଗ୍ରହଣରେ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

ବରଗଡ ଜିଲା ପାଇକମାଳ ନୃସିଂହ ନାଥରେ୨ ଦିନ ଧରି ଚାଲି ଥିବା ମାଘ ମେଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ମାଘ ମେଳାରେ ମନ୍ଦିର ପରିସରରେ ରାଧାକୃଷ୍ଣ ମୂର୍ତ୍ତି ସ୍ଥାପନ ସହ ମଙ୍ଗଳା ରୋପଣ ପାଞ୍ଚଗବ୍ୟ ଶୋଧନକରାଯାଇ ୧୦୮ କଳସରେ ଜଳ ଆଣି ପୂଜା ପୀଠରେ ଶ୍ରଦ୍ଧାଳୁମାନେ ସ୍ଥାପନ କରିଥିଲେ। ଦେବଦେବୀ ନିମନ୍ତ୍ରଣ କଳାପରେ ପୂଜା ପାଠ ଆରମ୍ଭ ହୋଇ ଥିଲା। ଏହା ସହିତ ଅଷ୍ଟ ପ୍ରହରୀ ନାମ ଯଜ୍ଞ ହୋଇଥିଲା। ଏଥିରେ ୮ଟି ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ପୂଜାରେ ଯଜ୍ଞ କର୍ତ୍ତା ଭାବେ ଦିପେଶ ନାୟକ ଓ ତାଙ୍କର ସ୍ତ୍ରୀ ଦୀପ୍ତିମୟୀ ନାୟକ ଦାୟିତ୍ୱ ତୁଲାଇ ଥିବାବେଳେ ଦେବତା ପୂଜା ପାଠ ସହ ହୋମ ଯଜ୍ଞ କରିଥିଲେ। ଏଥିରେ ମନ୍ଦିରର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ସୁବୋଧ ପଣ୍ଡା ଅନ୍ୟ କର୍ମଚାରୀ ସହଯୋଗ କରିଥିବା ବେଳେ ଗିରିଶ ନାୟକ, ମାନସ ନାୟକ, ବିଶ୍ୱମ୍ଭର ମୁଣ୍ଡ, ସତ୍ୟ ପୂଝାରୀ, ବିଷ୍ଣୁ ପଶାୟତ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଇନ୍ଦିରା ଆବାସ ଯୋଜନାରେ ଘର କରାଇଦେବାକୁ କହି ଟଙ୍କା ହଡ଼ପ

ବନ୍ଧମୁଣ୍ଡା,୨୪।୨(ସୁବ୍ରତ ଦେ): ବିଶ୍ରା ପଞ୍ଚାୟତର ଜଣେ ଠିକାଦାର ଇନ୍ଦିରା ଆବାସରେ ଘର ନିର୍ମାଣ କରାଇଦେବାକୁ କହି ନିରୀହ ଆଦିବାସୀଙ୍କ ପାଖରୁ ପ୍ରାୟ ୨ ଲକ୍ଷ ଟଙ୍କା ହଡ଼ପ କରି ଫେରାର ହୋଇଯାଇଛନ୍ତି। ଠକାମିର ଶିକାର ହୋଇଥିବା ବୁଢୁଲଝର ଗାଁର ସୁମନ ନିଶା, ସୂର୍ଯ୍ୟ ମୁଣ୍ଡା, କେଶରୀ ମୁଣ୍ଡା, ମାରିୟାମ ମୁଣ୍ଡା, ଝିପା ତିଗା ଠିକାଦାରଙ୍କ ନାଁରେ ବିଶ୍ରା ଥାନାରେ ଅଭିଯୋଗ କରିଛନ୍ତି। ଶନିବାର ଘଟଣାର ତଦନ୍ତ ପାଇଁ ପୋଲିସ ହିତାଧିକାରୀଙ୍କ ଘରକୁ ଯାଇଥିଲେ। ମାତ୍ର ଏ ପର୍ଯ୍ୟନ୍ତ ଉକ୍ତ ଠିକାଦାରଙ୍କ ନାଁରେ ଥାନାରେ ମାମଲା ରୁଜୁ ହୋଇନାହିଁ।

### ଜରାଇକେଲାରେ ଅଷ୍ଟପ୍ରହର କୀର୍ତ୍ତନ

**ବନ୍ଧମୁଣ୍ଡା, ୨୪।୨(ସୁବ୍ରତ ଦେ):** ମାଘ ପୂର୍ଣ୍ଣିମା ଅବସରରେ ବିଶ୍ରା ବ୍ଲକ ଜରାଇକେଲା ଗ୍ରାମରେ ଜନସେବା ସମିତିଙ୍କ ଦ୍ୱାରା ୨୪ ଘଣ୍ଟିଆ ଅଖଣ୍ଡ ହରି କୀର୍ତ୍ତନ ଆୟୋଜିତ ହୋଇଥିଲା। ଏଥିରେ ଅଞ୍ଚଳର ୮ଟି କୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କମିଟିର ସୋମନାଥ ରାହା, ଶେଖର ସେନ, ପଦ୍ମନ ନାଗ, ଆକାଶ ପାଶ୍ୱାନ, କିଶୋର ତନ୍ତୀ, ଅଭିଷେକ ଠାକୁର, ସୁବ୍ରତ ମଜୁମଦାର, ସୋମନାଥ ମୁଖୀ, ଡୋମନ ପାଣ୍ଡେ, ଆଲୋକ ଶୁକ୍ଲା, ଦିବାନସୁ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ୨ବର୍ଷରେ ୬୦ଭାଗ ଜମି ଅଧିଗ୍ରହଣ

## ଏନ୍‌ଏଚ୍‌-୩୨୦(ଡି) ନିର୍ମାଣରେ ଅହେତୁକ ବିଳମ୍ବ

ରାଉରକେଲା,୨୪।୨(ବିପ୍ଳବ ରଞ୍ଜନ ଦାଶ)

ବନ୍ଧମୁଣ୍ଡା-ଜରେଇକେଲା ଏନ୍‌ଏଚ୍‌-୩୨୦(ଡି) ନିର୍ମାଣରେ ଅହେତୁକ ବିଳମ୍ବ ହେଉଛି। ରାସ୍ତା ନିର୍ମାଣ ପାଇଁ ଗତ ୨ବର୍ଷ ମଧ୍ୟରେ ୬୦ ଭାଗ ଜମି ଅଧିଗ୍ରହଣ କରାଯାଇଛି। ଆଉ ୨୦ ଭାଗ ଜମି ଅଧିଗ୍ରହଣ କରାଯାଇ ନ ଥିବାରୁ ରାସ୍ତାକାମ ଆରମ୍ଭ ହୋଇପାରୁନାହିଁ। ଏଥିପାଇଁ ରାଉରକେଲା ଜାତୀୟ ରାଜପଥ ବିଭାଜନ (ଏନ୍‌ଏଚ୍‌ଏଆଇ) ଏବଂ ଭୂ ଅର୍ଜନ ବିଭାଗର ଅବହେଳାକୁ ଦାୟୀ କରାଯାଉଛି।

ସୂଚନା ଅନୁସାରେ, ୨୦୨୨ ମଧ୍ୟରେ ଏନ୍‌ଏଚ୍‌-୩୨୦ଡି ନିର୍ମାଣ ପାଇଁ ୮୦ଭାଗ ଜମି ଅଧିଗ୍ରହଣ କରିବାକୁ ଧାର୍ଯ୍ୟ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ୬୦ଭାଗ ଜମି ଅଧିଗ୍ରହଣ ହୋଇଥିବା ବେଳେ ରାସ୍ତା ନିର୍ମାଣ କାର୍ଯ୍ୟ ଦୀର୍ଘ ୧୧ମାସ ହେଲା ଅଟକି ରହିଛି। ୨୫କିମି ବିଶିଷ୍ଟ ଦୁଇଥାକିଆ ରାସ୍ତା ନିର୍ମାଣ ପାଇଁ ମୋଟ ୫.୯୮ଏକର ବେସରକାରୀ ଏବଂ ୨୧.୧୪୦ ଏକର ସରକାରୀ ଜମି ଅଧିଗ୍ରହଣ ସହିତ ରାସ୍ତା ନିର୍ମାଣ ପାଇଁ ୨୨୨କୋଟି ୬୨ଲକ୍ଷ ଟଙ୍କା ବ୍ୟବବରାଦ ହୋଇଥିଲା। ସେହିପରି ମହିପାଣି, ଭାଲୁଲତା, ଜାମମାଲ ଓ ଭୂଲତାବାହାଲ ମୌଜାର ୮୧ଟି ଖତିୟାନର ଶହ ଶହ ଲୋକଙ୍କ ରୟତି ଜମି ଓ ଘରଡିହ ଅଧିଗ୍ରହଣ ହେବାର ରହିଥିଲା। ଏଥିପାଇଁ ୨୦୨୨ ଫେବୃୟାରୀ ୭ତାରିଖରେ ଜାତୀୟ ରାଜପଥ ବିଭାଗରୁ ବିଜ୍ଞପ୍ତି ଜାରି ହୋଇଥିଲା। ଖତିୟାନଧାରୀମାନଙ୍କୁ କ୍ଷତିପୂରଣ ଜମି ମୂଲ୍ୟ ଏକର ପିଛା ୧୦ଲକ୍ଷ ଟଙ୍କା ପ୍ରଦାନ ପାଇଁ ମଞ୍ଜୁର ହେଲା। ମାତ୍ର ପରବର୍ତ୍ତୀ ସମୟରେ ଅର୍ଥାତ ୨୦୨୨ ଏପ୍ରିଲ ମାସରେ ରାଜ୍ୟରେ ନିର୍ଦ୍ଧାରିତ ଜମି ମୂଲ୍ୟ ୨ଗୁଣ ବୃଦ୍ଧି ପାଇଲା। ବର୍ତ୍ତମାନ ବର୍ଦ୍ଧିତ କ୍ଷତିପୂରଣ ଅର୍ଥରାଶି ନ ମିଳିଲେ ଜମି ଛାଡିବୁ ନାହିଁ କି କ୍ଷତିପୂରଣ ନେବୁନି ବୋଲି ଜମିମାଲିକମାନେ ଅଡି ବସିଛନ୍ତି। ଫଳରେ ଜମି ଅଧିଗ୍ରହଣ ବିଳମ୍ବ ହେଉଛି। ଅନ୍ୟପଟେ ଆଗକୁ ସାଧାରଣ ନିର୍ବାଚନ ପାଇଁ ଆଚାର ସଂହିତା ଲାଗୁ ହେଲେ ଜମି ଅଧିଗ୍ରହଣ ପ୍ରକ୍ରିୟା ବନ୍ଦ ରହିବ। ବହୁବର୍ଷ ପରେ ରାଉରକେଲା ଜାତୀୟ ରାଜପଥ ବିଭାଜନ ବିଭାଗକୁ ଏହି ରାସ୍ତା ନିର୍ମାଣ କାମ ମିଳିଥିବା ବେଳେ ବିଳମ୍ବିତ ଜମି ଅଧିଗ୍ରହଣ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି।

ଏ ସମ୍ପର୍କରେ ରାଉରକେଲା ଜାତୀୟ ରାଜପଥ ବିଭାଜନ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଆଲୋକ କୁମାର ନାଏକଙ୍କୁ ପଚାରିବାରୁ ସେ କହିଲେ, ବର୍ତ୍ତମାନ ସୁଦ୍ଧା ୬୦ଭାଗ ଜମି ଅଧିଗ୍ରହଣ ହୋଇସାରିଛି। ୮୦ଭାଗ ଜମି ଅଧିଗ୍ରହଣ ହେବା ପରେ ୟୁପିସି ପ୍ରକ୍ରିୟା ଲାଗୁହେବ ଓ କାମ ଆରମ୍ଭ ହେବ। ଏଣୁ ଶୀଘ୍ର କିଭଳି ଆବଶ୍ୟକ ଜମି ଅଧିଗ୍ରହଣ ହେବ ସେ ନେଇ ବିଭାଗ ପକ୍ଷରୁ ଉଦ୍ୟମ ଚାଲିଥିବା ନାଏକ କହିଥିଲେ। ସେହିପରି ଭୁ-ଅର୍ଜନ ବିଭାଗ ମୁଖ୍ୟ କିରାଣୀ ରବିନ୍ଦ୍ର ଦାସଙ୍କୁ ପଚାରିବାରୁ ଜମି ଅଧିଗ୍ରହଣ ସମସ୍ୟାରେ ଆମେ କଣ କରିବୁ । ସରକାର ଯାହା କରିବେ ବୋଲି ମତ ଦେଇଥିଲେ।


ବନ୍ଧମୁଣ୍ଡା-ଜରେଇକେଲା ରାସ୍ତା।

> ଏନ୍‌ଏଚ୍‌-୩୨୦(ଡି) ନିର୍ମାଣ ହେଲେ ଓଡ଼ିଶା ଝାଡ଼ଖଣ୍ଡ ମଧ୍ୟରେ ଦୂରତା କମିଯିବ। ବିଶ୍ରା ଓ ରାଉରକେଲା ମଧ୍ୟରେ ଗମନାଗମନ ସୁଗମ ହେବ। ରାସ୍ତା ନିର୍ମାଣ ପାଇଁ ବିଭାଗକୁ ଜମି ଅଧିଗ୍ରହଣ ଆବଶ୍ୟକ। ଏଣୁ ବିଭାଗ ପକ୍ଷରୁ ଖତିଆନଧାରୀ ଓ ତାଙ୍କ ଅଂଶୀଦାରଙ୍କୁ ସମତୁଲ ଅନୁକମ୍ପା ପ୍ରଦାନ ବ୍ୟବସ୍ଥା ହେବା କଥା। କିଛିଦିନ ତଳେ ଜାମମାଲ ଗାଁର ସୀମା ଓରାମ ନାମକ ଜଣେ ଖତିଆନଧାରୀ ଏଭଳି ସମସ୍ୟାରେ ଜମି ଛାଡୁ ନ ଥିଲେ ଓ ଉଭୟ ବିଭାଗର ଦ୍ୱାରସ୍ଥ ହେବେ ବୋଲି କହିଥିଲେ। ଏଣୁ ବିଭାଗ ଖତିଆନଧାରୀମାନଙ୍କ ଜମି ଅଧିଗ୍ରହଣ ବାବଦ କ୍ଷତିପୂରଣ ରାଶି ଠିକ୍ ଭାବେ ପ୍ରଦାନ କଲେ ସମସ୍ୟାର ହେବ।
>
> 
>
> **-ସୁରେଶ ଓରାମ, ଜରେଇକେଲା ସରପଞ୍ଚ**

### ସୁସ୍ଥ ମାନସିକତା ପାଇଁ ଆଧ୍ୟାତ୍ମିକ ଚେତନା ଶକ୍ତି ଜରୁରୀ

ରାଉରକେଲା,୨୪।୨(ଦିନେଶ ମିଶ୍ର)

ରାଉରକେଲା ବାସନ୍ତୀ କଲୋନୀସ୍ଥିତ ଡାଇମଣ୍ଡ ଭବନ ପରିସରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଜଯୋଗିନୀ ବିମଳା ଦିଦିଙ୍କ ଅଧ୍ୟକ୍ଷତାରେ ଆଧ୍ୟାତ୍ମିକ ଚେତନା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ସୁସ୍ଥ ଜୀବନ ଓ ଉତ୍ତମ ମାନସିକତା ପାଇଁ ପ୍ରତ୍ୟେକ ମଣିଷର ଆଧ୍ୟାତ୍ମିକ ଚେତନା ଶକ୍ତି ଜରୁରୀ ବୋଲି ରାଜଯୋଗିନୀ ବିମଳା କହିଥିଲେ। ପରେ ଆତ୍ମଚେତନା ଶକ୍ତି ଓ ପରମାତ୍ମାଙ୍କ ଦିବ୍ୟବାଣୀ ସାମୂହିକ ପଠନ କରାଯାଇଥିଲା। ଜଣେ ମନୁଷ୍ୟ ଯଦି ନିଜକୁ ଆତ୍ମାର ବୃଦ୍ଧି ରୂପେ ବିଚାର କରି ପରମାତ୍ମା ସତ୍ତାକୁ ଜାଣିବାକୁ ପ୍ରୟାସ କରେ ତେବେ ଶାନ୍ତି ଓ ସୁଖ ମିଳିଥାଏ ବୋଲି ବ୍ରହ୍ମାକୁମାରୀ ଶ୍ୱେତା ଦିଦି ମତପ୍ରକାଶ କରିଥିଲେ। ସେହିପରି ଆତ୍ମାର ସ୍ୱଧର୍ମ ଶାନ୍ତି, ପ୍ରେମ, ପବିତ୍ର ହୋଇଥିବା ହେତୁ ଆମେ ଆତ୍ମିକ ସ୍ଥିତିରେ ରହିଲେ ଜୀବନ ସରଳ ଓ ସୁନ୍ଦର ହୋଇଥାଏ ବୋଲି ରାଜଯୋଗିନୀ ଜ୍ୟୋସ୍ନା ଦିଦି କହିଥିଲେ। ଏହି ଅବସରରେ ପ୍ରାତଃ ସମୟରେ ଶିବ ବାବାଙ୍କୁ ଯୋଗମାଧ୍ୟମରେ ଧ୍ୟାନ କରାଯାଇଥିଲା। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା: ଗୋପପାଲି ବିଜୟୀ

ରାଉରକେଲା,୨୪।୨(ବିପ୍ଳବ ରଞ୍ଜନ ଦାଶ)

ନେହେରୁ ଯୁବକେନ୍ଦ୍ର ତରଫରୁ ବେଦବ୍ୟାସ ମେଳା ମଣ୍ଡପ ପଡିଆରେ ଚାଲିଥିବା ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଗୋପପାଲି ଦଳ ବିଜୟୀ ହୋଇଛି। ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଭାବେ ବେଦବ୍ୟାସ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଉମାକାନ୍ତ ପଣ୍ଡା ଯୋଗଦେଇ ପ୍ରତିଯୋଗିତାରେ ଭାଗ ନେଇଥିବା ଯୁବ କ୍ରୀଡାବିତ୍‌ମାନଙ୍କୁ ବିଭିନ୍ନ କ୍ରୀଡ଼ାରେ ସାମିଲ ହୋଇ ମାନସିକ ଓ ଶାରୀରିକ ସ୍ତରରେ ସକ୍ଷମ ହେବାକୁ ଉତ୍ସାହିତ କରିଥିଲେ। ନେହେରୁ ଯୁବକେନ୍ଦ୍ର ବ୍ଲକ ସଂଯୋଜକ ଅମୂଲ୍ୟ କୁମାର ଜେନା ପୁରସ୍କାର ବିତରଣୀ ସମାରୋହ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଚନ୍ଦ୍ରଧ୍ୱଜ ମାଝୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ସମୁଦାୟ ୫ଟି ଦଳ ଭାଗ ନେଇଥିବା ବେଳେ ଗୋପପାଲି ଦଳ ବିଜେତା ଓ ମୁଣ୍ଡାଜୋର ଦଳ ଉପବିଜେତା ଘୋଷିତ ହୋଇଥିଲେ। ବିଜେତା ଓ ଉପବିଜେତା ଦଳକୁ ଅତିଥିମାନେ ଟ୍ରଫି ସହିତ ପୁରସ୍କାର ରାଶି ପ୍ରଦାନ କରିଥିଲେ।



ଅତିଥିମାନଙ୍କ ଗହଣରେ ବିଜେତା ଦଳର ଖେଳାଳି।

## ସ୍ୱସ୍ତି ସାହିତ୍ୟ ସଂସଦର ୪୩ତମ ବାର୍ଷିକୋତ୍ସବ



ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ରାଉରକେଲା,୨୪।୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସ୍ୱସ୍ତି ସାହିତ୍ୟ ସଂସଦର ୪୩ତମ ବାର୍ଷିକୋତ୍ସବ ଶନିବାର ପାଳିତ ହୋଇଯାଇଛି। ୧ମ ପର୍ଯ୍ୟାୟ ଉଦଘାଟନୀ ସମାରୋହ ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାରରେ ଅନୁଷ୍ଠିତ ହୋଇଥିଲା। ସଂସଦ ସଭାପତି ମହେନ୍ଦ୍ର କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଶିଷ୍ଟ ଗାଳ୍ପିକ ରାଜୁ ଷଡଙ୍ଗୀ ଉଦ୍‌ଘାଟନ କରିଥିଲେ। ଏଥିରେ ବିଶିଷ୍ଟ କବି ତଥା ସାହିତ୍ୟିକ ସୁକୁମାର ଦାଶ ମୁଖ୍ୟଅତିଥି, ପ୍ରଭାତ ମଲ୍ଲିକ ମୁଖ୍ୟବକ୍ତା ଏବଂ ସ୍ତମ୍ଭକାର ରାଜୀବ ପାଣି ଅନ୍ୟତମ ଅତିଥି ଭାବେ ଯୋଗଦାନ କରିଥିଲେ। କବିର କବିତା ଚିରଞ୍ଜୀବୀ, ତାର ମୃତ୍ୟୁ ନାହିଁ। କବିତା ପ୍ରତି ପ୍ରାଣରେ ଭରେ ଜୀବନର ମୁଖ୍ୟସ୍ରୋତ। ଭାରତବର୍ଷ ଏକ ଭୂଖଣ୍ଡ ନୁହେଁ, ଏକ ମଧୁଶାଳା। ଏଣୁ ମଧୁଶାଳା ରୂପକ ଏ ପବିତ୍ର ଭୂଇଁରେ ମଧୁରତା ବଜାୟ ରଖିବା ପାଇଁ କବି ସର୍ବଦା ନିଜ କବିତା ଧାରରେ ସଦାଚାର ଓ ମଧୁରତା ଭରି ଜନକ୍ରାନ୍ତି ସୃଷ୍ଟି କରେ ବୋଲି ଅତିଥିମାନେ କହିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ସୃଜନ ଆଳାପ କାର୍ଯ୍ୟକ୍ରମରେ କାବ୍ୟର ସ୍ଥପତି, ସୌନ୍ଦର୍ଯ୍ୟ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ ବ୍ରହ୍ମପୁରର ଡ. ବିପିନ ନାୟକ, ସମ୍ବଲପୁରର ପ୍ରଦୀପ କୁମାର ପଣ୍ଡା, କଟକର ଅମୀୟ ରଞ୍ଜନ ମହାପାତ୍ର, ରାଉରକେଲାର ବିଜୟ ରାୟ ଏବଂ ଭୁବନେଶ୍ୱରର ଇଂ. ସରୋଜ କୁମାର ମହାପାତ୍ର। ପ୍ରଫେସର ପରମେଶ୍ୱର ବିଶ୍ୱାଳ ଏବଂ ମୋନାଲିସା ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସଂସଦ ଉପସଭାପତି ତଥା ଅଧ୍ୟାପକ ଶଙ୍କର ପ୍ରସାଦ ତ୍ରିପାଠୀ ଆଲୋଚନାରେ ପୌରୋହିତ୍ୟ କରିଥିଲେ। ତୃତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ସେକ୍ଟର-୭ ସ୍ଥିତ ମଧୁମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆମ ସହରର ବରେଣ୍ୟ କବିଙ୍କ କବିତା ବୃତ୍ତି ଶୀର୍ଷକ କବିତାକୁ ସହରର କବିୟତ୍ରୀ କବିମାନେ ଆବୃତ୍ତି କରିଥିଲେ। ଏଥିରେ ଡ. କୃପାସିନ୍ଧୁ ନାୟକ, ବିଜୟଲକ୍ଷ୍ମୀ ପଟ୍ଟନାୟକ ଓ ନୃସିଂହ ଚରଣ ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରଶ୍ମୀ ସାହୁ ଓ ତ୍ରିଲୋଚନ ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ରାଜ କୁମାର ମହାନ୍ତି ପୌରୋହିତ୍ୟ କରିଥିଲେ। ଚତୁର୍ଥ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଶତାବ୍ଦୀର ସୃଜନ, ବ୍ୟକ୍ତି, ଦେଶ ଓ ବିଶ୍ୱ ଶୀର୍ଷକ ଆଲୋଚନା ହୋଇଥିଲା। ଏଥିରେ ରାଉରକେଲା ଏଡିଏମ୍‌ ଆଶୁତୋଷ କୁଲକର୍ଣ୍ଣୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାପୁରୁଷମାନଙ୍କ ଯୁଗାନ୍ତକାରୀ ଜୀବନୀ ଉପରେ ଆଲୋକପାତ କରିଥିଲେ। ଓଡିଆ କେନ୍ଦ୍ର ସାହିତ୍ୟ ଏକାଡେମୀ ଆବାହକ ଗୌରହରି ଦାସ, ବିଶିଷ୍ଟ କବି ଏବଂ ସାହିତ୍ୟିକ ବିପିନ ନାୟକ ଅନ୍ୟତମ ଅତିଥି ଭାବେ ଯୋଗଦାନ ଦେଇଥିଲେ। ଶର୍ମିଷ୍ଠା କବି ଶତପଥୀ ପ୍ରାକ୍ କଥନ ଉପସ୍ଥାପନ କରିଥିଲେ। ୫ମ ପର୍ଯ୍ୟାୟରେ କବିତା ଆମ ସମୟର ପ୍ରତିଶ୍ରୁତି ଶୀର୍ଷକ କବିତାୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥରେ ବହୁ କବି ଯୋଗ ଦେଇଥିଲେ।

## ରେଲୱେ ମନ୍ତ୍ରୀଙ୍କୁ ଦାବିପତ୍ର ଦେଲା ବଣିକ ସଂଘ

ରାଉରକେଲା,୨୪।୨(ଦିନେଶ ମିଶ୍ର)

ରାଉରକେଲା ବଣିକ ସଂଘ ସଭାପତି ସୁନିଲ କୟାଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବିଭିନ୍ନ ସମସ୍ୟା ନେଇ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଶେଷ କରି କଲିକତାରୁ ବମ୍ବେ ଚାଲୁଥିବା ଦୁରନ୍ତ ଏକ୍ସପ୍ରେସ୍‌କୁ ରାଉରକେଲା ଷ୍ଟେଶନରେ ରହଣି ବ୍ୟବସ୍ଥା କରିବା, ତାଳଚେର-ବିମଳାଗଡ ରେଳ ଲାଇନ୍ କାର୍ଯ୍ୟକୁ ତୁରନ୍ତ ଶେଷ କରିବା ସହ ଲାଠିକଟା-କୁଲୁଙ୍ଗା ରେଲୱେ ଫ୍ରାଇଟ୍ କରିଡର ନିର୍ମାଣ ପାଇଁ ସଂଘର କର୍ମକର୍ତ୍ତାମାନେ ମନ୍ତ୍ରୀ ବୈଷ୍ଣବଙ୍କ ସହ ଆଲୋଚନା କରିଥିଲେ। ଲାଠିକଟା-କୁଲୁଙ୍ଗା ରେଲୱେ କରିଡର ହେଲେ ଉକ୍ତ ଅଞ୍ଚଳରେ ଥିବା ବହୁ ଶିଳ୍ପସଂସ୍ଥାର ଆଇରନ ଓର୍ ଓ ଅନ୍ୟାନ୍ୟ ସାମଗ୍ରୀ ବିଭିନ୍ନ ଅଞ୍ଚଳକୁ ରପ୍ତାନୀ ଓ ଆମଦାନୀ ହୋଇପାରିବ ବୋଲି ସେମାନେ ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ମୋରିୟା ଏକ୍ସପ୍ରେସକୁ ହାଟିଆରୁ ରାଉରକେଲା ପର୍ଯ୍ୟନ୍ତ ସମ୍ପ୍ରସାରିତ କରିବାକୁ ସଂଘର କର୍ମକର୍ତ୍ତାମାନେ ଦାବି କରିଥିଲେ। ବଣିକ ସଂଘ ଉପସଭାପତି ଗୁରମିତ ସିଂ, ନରେଶ ଆରିୟା, ପ୍ରଭାତ ଟିବରିୱାଲ, ଶୁଭମ କାପୁର, ନିମୁ ଜେନ୍ ପ୍ରମୁଖ ଉପସ୍ଥିତ ଥିଲେ।


ବଣିକ ସଂଘ କର୍ମକର୍ତ୍ତା ରେଳମନ୍ତ୍ରୀଙ୍କୁ ସାକ୍ଷାତ କରୁଛନ୍ତି।

### ହେମଗିର ଡାକ୍ତରଖାନାର ହାଇମାଷ୍ଟ ଲାଇଟ ଜଳୁନି

ହେମଗିର,୨୪।୨ (ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଲାଗିଥିବା ୩ଟି ହାଇମାଷ୍ଟ ଲାଇଟ ଆଜିକୁ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଜଳୁନାହିଁ। ଫଳରେ ରାତିରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସ୍ୱାସ୍ଥ୍ୟ କେନ୍ଦ୍ର କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

### ରକ୍ତଦାନ ଶିବିର, ୧୫ ୟୁନିଟ ସଂଗ୍ରହ

**ରାଉରକେଲା,୨୪।୨(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ସେକ୍ଟର-୭ ସ୍ଥିତ ମାର୍କେଟ ପ୍ରାଙ୍ଗଣରେ ମାନବିକତା ପରିବାର ପକ୍ଷରୁ ରକ୍ତଦାନ ଶିବର ଅନୁଷ୍ଠିତ ହୋଇଯାଇଛି। ଯୁବନେତା ସୀମାଞ୍ଚଳ ଖଣ୍ଡୁଆଳଙ୍କ ନେତୃତ୍ୱରେ ଆୟୋଜିତ ଶିବିରକୁ ରଘୁନାଥପାଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ସାମାଜିକ କର୍ମୀ ପ୍ରଶାନ୍ତ ସେଠୀ ଓ ଡକ୍ଟର ଜ୍ଞାନରଞ୍ଜନ ଗିରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଅଞ୍ଚଳର ଯୁବବର୍ଗ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଶିବିରରେ ମୋଟ ୧୫ ୟୁନିଟ ରକ୍ତ ସଂଗ୍ରହ ହୋଇ ଆରଜିଏଚ୍‌କୁ ପଠାଯାଇଥିଲା। ବିରାଲ ବିଶ୍ୱାଳ, ପ୍ରଶାନ୍ତ ସାମଲ, ପ୍ରବୀଣ ପ୍ରଧାନ, ସଂଗ୍ରାମ ମହାନ୍ତି, ଆଶିଷ ଦାସ, ଅମରେଶ ଭଞ୍ଜ, କାମଦେବ ସାହୁ, ରଞ୍ଜନ ଲେଙ୍କା, ସରୋଜ ନାୟକ, ବିଶ୍ୱ ରଞ୍ଜନ ରାଉତ ପ୍ରମୁଖ ମାନବିକତା ପରିବାରର ସଦସ୍ୟ ଉପସ୍ଥିତ ଥିଲେ।

### ଟ୍ରକ ଜବତ, ମଦ୍ୟପ ଚାଳକ ଅଟକ

**କୁଆଁରମୁଣ୍ଡା,୨୪।୨(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ନିକଟସ୍ଥ ୧୪୩ ନଂ. ଜାତୀୟ ରାଜପଥରେ ଶନିବାର ଅପରାହ୍ଣରେ ବେପରୁଆଭାବେ ଯାଉଥିବା ୧୨ ଚକିଆ ଟ୍ରକକୁ ଫାଣ୍ଡି ପୋଲିସ ଜବତ କରିଛି। ଚାଳକଙ୍କୁ ଫାଣ୍ଡିରେ ଅଟକ ରଖିଯାଇଛି।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ


ପୁରସ୍କାର ବିଜେତାଙ୍କ ସହ ଅତିଥିଗଣ।

ରାଉରକେଲା,୨୪।୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଆଇନ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷା ସମ୍ପାଦିକା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଛାତ୍ର ସଂଘ ସଭାପତି ଡ. ସୁମନ ଦତ୍ତ, କଲେଜର ଲୋକସମ୍ପର୍କ ଅଧିକାରୀ କୁଞ୍ଜ ବିହାରୀ ରାଉତ, କ୍ରୀଡାବିତ୍ ସଞ୍ଜୟ ବବୁଟା, ଦେବଦତ୍ତ ଜେନା ଏବଂ ପରିଚାଳନା କମିଟି ସଦସ୍ୟା ଛବି ମହାନ୍ତି ପ୍ରମିଖ ଅତିଥି ଭାବେ ଯୋଗ ଦେଇଥିଲେ। ଯୁଗ ଯୁଗରୁ ମାନବ ସଭ୍ୟତାର ସାମଗ୍ରିକ ବିକାଶରେ କ୍ରୀଡ଼ା ଅଙ୍ଗାଙ୍ଗୀ ଭାବେ ଜଡିତ ରହିଆସିଛି । ଯୁବପିଢିଙ୍କ ମାନସିକ ଓ ଶାରିରୀକ ସୁସ୍ଥତା ପାଇଁ କ୍ରୀଡ଼ା ନିତାନ୍ତ ଜରୁରୀ ବୋଲି ଅତିଥିମାନେ କହିଥିଲେ। ପରେ କଲେଜ ଖେଳପଡିଆରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲ। ସେହିପରି କଲେଜ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ହିତକର ଖାଦ୍ୟ ପ୍ରଦର୍ଶନୀ ହୋଇଥିଲା। ଏହାପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯିବା ସହ କଲେଜର ପ୍ରାକ୍ତନ ଛାତ୍ର ଶୁଭମ ଓରାମ ଖେଳରତ୍ନ ପୁରସ୍କାର ପାଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତନ୍ମୟରାଜ ପାଢୀ, ଡ. ଦିବେନ୍ଦୁ ପଣ୍ଡା, ମନୋରଞ୍ଜନ ମହାନ୍ତି, ଲକ୍ଷ୍ମୀପ୍ରିୟା ସାହୁ, ସୁଜାତା ନାୟକ, ଦେବାଶିଷ ବେହେରା, ଅକ୍ଷୟ ଦାଶ, ନନ୍ଦକିଶୋର ଜେନା ଓ ଅମିତା ଜେନା ପ୍ରମୁଖ ସହଯୋଗ କରିଥିଲେ। ଡ. ପ୍ରଜ୍ଞା ପରିମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଲାଜରୁସ୍ ଲାକ୍ରା ମେମୋରିଆଲ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ରାଉରକେଲା,୨୪।୨(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୬ସ୍ଥିତ ଗ୍ରାସ୍ ଫିଲ୍ଡ ପରିସରରେ ଦ୍ୱିତୀୟ ଲାଜରୁସ୍ ଲାକ୍ରା ମେମୋରିଆଲ ନକ୍‌ଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫ୍ରେଣ୍ଡସ୍ କ୍ଲବ ପକ୍ଷରୁ ଶନିବାର ଉଦ୍‌ଘାଟିତ ହୋଇଯାଇଛି। କ୍ଲବ ସଭାପତି ପୁରୁଷୋତ୍ତମ ତନ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ମୁଖ୍ୟ ଅତିଥି, ଆରଏସ୍‌ପିର ସିଜିଏମ୍ ପ୍ରତାପ କୁମାର ସ୍ୱାଇଁ, ସାଗରିକା ୱେଲଫେୟାର କମିଟି ସଭାପତି ଜୟନ୍ତୀ ଦାସ, ପୂର୍ତ୍ତ ବିଭାଗର ବରିଷ୍ଠ ଯନ୍ତ୍ରୀ ମନୋଜ ମହାନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ରାଉରକେଲା ତଥା ଆଖପାଖ ଅଞ୍ଚଳରୁ ୨୦ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ଚାମ୍ପିୟନ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ ଦଳକୁ ୭ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ। ଏଥିସହ ବେଷ୍ଟ ଗୋଲକିପର, ବେଷ୍ଟ ଡିଫେଣ୍ଡର, ବେଷ୍ଟ ସ୍କୋରର ଭଳି ବହୁ ଆକର୍ଷଣୀୟ ପୁରସ୍କାର ଖେଳାଳିମାନଙ୍କୁ ପ୍ରଦାନ କରାଯିବ। ଉଦ୍‌ଘାଟନୀ ଉତ୍ସବରେ ପ୍ରଥମ ମ୍ୟାଚ୍ ଗର୍ଜନ ଫୁଟବଲ କ୍ଲବ ଓ ଷ୍ଟିଲସିଟି ରାଉରକେଲା ମଧ୍ୟରେ ଖେଳାଯାଇଥିଲା। ଏଥିରେ ଗର୍ଜନ ଦଳ ୨-୦ ଗୋଲରେ ଷ୍ଟିଲସିଟି ରାଉରକେଲାକୁ ପରାସ୍ତ କରି ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌କୁ ପ୍ରଫୁଲ୍ଲ ଜେନା, ନାଗେଶ୍ୱର ସୁନିଆନି, ମିଟୁ ପାଲ ଓ ରାଜେଶ ଛତରିଆ ରେଫରି ଭାବେ ପରିଚାଳନା କରିଥିଲେ। ଫେଣ୍ଡ୍‌ସ କ୍ଲବର ଉପଦେଷ୍ଟା ବାଳକୃଷ୍ଣ ଜେନା, ରାଜେଶ ପ୍ରସାଦ, ଅର୍ଜୁନ ଦାସ, ଜେ. ବି. କିଣ୍ଡୋ, ଶିବ ଗୋଚ୍ଛାୟତ, ରଜତ ମୁଖୀ, ଗୋବିନ୍ଦ ବେହେରା, ମଧୁ ନାୟକ, ଦୀପକ ସିଂ, ଫିରୋଜ କିସ୍‌ପଟ୍ଟା, ଶକ୍ତି ଲୋହାର, ସନ୍ତୋଷ ମୁଖୀ, ମହେଶ୍ୱର ସୁନାନି ପ୍ରମୁଖ ସହଯୋଗ କରିଥିଲେ।


ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳି।

## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ ୭ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ

**ଠିକାଦାରଙ୍କ ଘରୁ ଡକାୟତି ଘଟଣାର ରାୟ ପ୍ରକାଶ**

**ଧର୍ମଗଡ଼,୨୪।୨(ହିଂମାଂଶୁ ଶେଖର ପଣ୍ଡା)**

କଳାହାଣ୍ଡି ଜିଲା ଧର୍ମଗଡ଼ ବସ୍ତିପଡାରେ ବାସ କରୁଥିବା ନଳକୂପ ଠିକାଦାର ଦିନେଶ ଅଗ୍ରୱାଲଙ୍କ ଘରୁ ୨୦୨୨ରେ ୫୦ଲକ୍ଷ ଟଙ୍କା ଡକାୟତି ଘଟଣାର ରାୟ ଶନିବାର ପ୍ରକାଶ ପାଇଛି। ଧର୍ମଗଡ଼ ସହାୟକ ଦୌରା ଜଜ୍ ବିଶ୍ୱବିସୃତ କର ଏହି ମାମଲାର ସମସ୍ତ ତଥ୍ୟ ଓ ପ୍ରମାଣ ଭିତ୍ତିକରି ଅଭିଯୁକ୍ତ ରୋଷେୟା ଯୁଗେନ ପଟେଲ ଓ ଡକାୟତିରେ ପ୍ରତ୍ୟକ୍ଷ ସହଯୋଗ କରିଥିବା ବାସୁଦେବ ପଟେଲ, ନେପାଳ ଏଡୱୁଏଡ଼ ଓ କୈଳାଶ ହାତୀଙ୍କୁ ଦୋଷୀ ସାବ୍ୟସ୍ତ କରି ୭ବର୍ଷ ଲେଖାଏଁ ଜେଲ ଦଣ୍ଡା ଦେଶ ସହ ୨୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜରିମାନା ଅନାଦେୟ ସ୍ଥଳେ ଅତିରିକ୍ତ ୬ ମାସ ଆହୁରୁ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲା ଅତିରିକ୍ତ ସରକାରୀ ଓକିଲ ରାଜେନ୍ଦ୍ର କୁମାର ମୁନି ପରିଚାଳନା କରିଥିଲେ।

### ବନାଞ୍ଚଳସ୍ତରୀୟ ବନାଗ୍ନି ସଚେତନତା ଶିବିର

**ଟିଟିଲାଗଡ଼, ୨୪।୨(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବନାଞ୍ଚଳସ୍ତରୀୟ ବନାଗ୍ନି ନିବାରଣ ସଚେତନତା ଶିବିର ସ୍ଥାନୀୟ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ଗୀତା ବିଶି ମୁଖ୍ୟଅତିଥି, ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରୀ ଜାଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରମାକାନ୍ତି ପୁଟେଲ, ଓଡ଼ିଶା ବନ ଉନ୍ନୟନ ନିଗମର ପିଙ୍କୁ ଭୋଇ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଟିଟିଲାଗଡ଼ରେ ପରିବେଶ ସୁରକ୍ଷା ପାଇଁ ବନାଗ୍ନି ନିୟନ୍ତ୍ରଣ ନିତାନ୍ତ ଜରୁରୀ ଏବଂ ଏନେଇ ସଭିଏଁ ମିଳିମିଶି କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅଗ୍ନିଶମ ବିଭାଗ ଅଧିକାରୀ ଆର.ଏସ୍. ବାରିକ କୌଣସି ଗୃହରେ ନିଆଁ ଲାଗିବା ଠାରୁ ଜଙ୍ଗଲ ନିଆଁ ଅଧିକ ଭୟଙ୍କର ବୋଲି ସତର୍କ କରାଇଥିଲେ। ଏହି ଅବସରରେ ଉପସ୍ଥିତ ବନ ସୁରକ୍ଷା ସମିତି, ମହିଳା ଗୋଷ୍ଠୀ ସଦସ୍ୟା, ବନ କର୍ମଚାରୀଙ୍କୁ ବନାଞ୍ଚଳ ଅଧିକାରୀ ସଚ୍ଚିଦାନନ୍ଦ ସୁବୁଦ୍ଧି ବନାଗ୍ନି ନିବାରଣ ନେଇ ଶପଥପାଠ କରାଇଥିଲେ। ପ୍ରକୃତିବନ୍ଧୁ ରମାକାନ୍ତ ଗହିରଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଆମ ଜଙ୍ଗଲ ଯୋଜନା ଟିମ୍ ଲିଡର ଅଜୟ ମହାନ୍ତି ସଭା ପରିଚାଳନା କରିଥିଲେ। ଡିଓ ଦିବାକର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବନପାଳ ସୁରେନ୍ଦ୍ର ମହାରଣା, ବିପିନ ସାହୁ, ଅମରୀଶ ବୁଡ୍‌କ, ପ୍ରିୟଙ୍କା ପୋଡ଼, ବନରକ୍ଷୀ ପିତାମ୍ବର ମାଝି, ତପସ୍ୱିନୀ ସାହୁ, ପୂଜାରାଣୀ ସେଠ, ରଞ୍ଜିତା ପୋଡ଼, ନମିତା ତାଣ୍ଡି, ସୁନିତା ମୁଣ୍ଡା, ହିମାଂଶୁ ବେହେରା, ଅନିଲ ଢୁଙ୍ଗଢୁଙ୍ଗ, ସଞ୍ଜୀବ କଟା, ଏଜେୱାଇ ଡିଓ ଦିବାକର ପ୍ରଧାନ, ବନ ସୁରକ୍ଷା ସମିତି ସଭାପତି ରାଧେଶ୍ୟାମ କବାଟ, ଶଙ୍କର ଭୋଇ, ପ୍ରଶାନ୍ତ ନାଗ, ରମାକାନ୍ତ ବିଶି, ଶିକ୍ଷାବିତ ଚୌବନ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଆଦିବାସୀ, ଜନଜାତିର ଆତ୍ମସମ୍ମାନ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ




ସ୍ୱତନ୍ତ୍ର ବୈଠକରେ ଯୋଗଦେଇଥିବା ଅତିଥି।

**ଉନ୍ନୟନ ପରିଷଦର ସ୍ୱତନ୍ତ୍ର ବୈଠକ**

**ଭବାନୀପାଟଣା,୨୪।୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡି କଳା, ସଂସ୍କୃତି ଓ ଐତିହ୍ୟ ତଥା ପରମ୍ପରାକୁ ପିଢ଼ି ପରେ ପିଢ଼ି ବଞ୍ଚାଇ ରଖିଥିବା ଆଦିବାସୀ, ଜନଜାତିର ଅସ୍ମିତା ଓ ଆତ୍ମସମ୍ମାନ ରକ୍ଷା କରିବା ସହିତ ସେମାନଙ୍କ ଜୀବନ ଜୀବିକାରେ ସୁଧାର ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏ ଦିଗରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଆଗାମୀ ଦିନରେ ସଶକ୍ତ ଆଦିବାସୀ ସମାଜ ଗଠନ ସହିତ ସମୃଦ୍ଧ ରାଜ୍ୟ ଗଠନରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଶନିବାର ଭବାନୀପାଟଣାସ୍ଥିତ ଟାଉନହଲଠାରେ ଆୟୋଜିତ ସ୍ୱତନ୍ତ୍ର ବୈଠକରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଶିବାଜୀ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝି ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ଧର୍ମଗଡ଼ ବିଧାୟକ ମୋଷଧି ବାଗ, ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ, ଜିଲାପାଳ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପି. ଅନଷୋ ରେଡ୍ଡୀ, ଜିଲା ପରିଷଦ ଉପାଧ୍ୟକ୍ଷା ସୁଧୀରା ମେହେର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମଧୁଛନ୍ଦା ସାହୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ସ୍ୱର୍ଣ୍ଣ ଚମ୍ପା ମାଝି, ଭବାନୀପାଟଣା ପୌର ପରିଷଦ ଅଧ୍ୟକ୍ଷା ସଂଯୁକ୍ତା ବେହେରା ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ହଲବା ସମାଜ ଜିଲା ସଭାପତି ସହଦେବ ନେଗୀ, ବିଞ୍ଝାଲ ସମାଜ ସଭାପତି ସମ୍ପଦ ବରିହା, କନ୍ଧ ସମାଜ ଜିଲା ସଭାପତି ରାଜେନ୍ଦ୍ର ଭୋଇ, ଭତ୍ରା ସମାଜର ସଭାପତି କୈଳାସ ଚନ୍ଦ୍ର ମାଝୀ, ମିର୍ଦ୍ଧା ସମାଜର ସଭାପତି ସ୍ୱୟଂମ୍ବର ମିର୍ଦ୍ଧା, ଧ୍ରୁବଗଣ୍ଡ ସମାଜ ସଭାପତି ଜଗମୋହନ ମାଝି, ଗଣ୍ଡ ସମାଜର ସଭାପତି ପଦ୍ମନ ପାତ୍ର, ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝି, ସମ୍ପାଦକ ଋତୁରାଜ ମାଝି, ବଞ୍ଜାରା ସମାଜର ସଭାପତି ଲଳିତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଯୋଜନା ସମନ୍ୱୟ ବିଭାଗ ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ଅଞ୍ଚଳରୁ ବିଭିନ୍ନ ବର୍ଗର ଆଦିବାସୀ ଜନଜାତି ସମୁହର ବହୁସଂଖ୍ୟକ ନେତୃସ୍ଥାନୀୟ ପୁରୁଷ, ମହିଳା ଯୋଗଦେଇଥିଲେ।

# ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ସୂର୍ଯ୍ୟପୂଜା, ମଣ୍ଡାଦି ଦେବତା ପୂଜା



**ଲାଞ୍ଜିଗଡ଼,୨୪।୨(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ର ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଶନିବାର ସକାଳ ୭ଟାରେ ସୂର୍ଯ୍ୟପୂଜା, ମଣ୍ଡାଦି ଦେବତା ପୂଜା, କାରୁଶାଳା କର୍ମ, ଧାନ୍ୟାଦିବାଶ, ହୋମ କାର୍ଯ୍ୟକ୍ରମ ହୋଇଯାଇଛି। ବିଭିନ୍ନ ମଠର ବାବାମାନଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରତିଷ୍ଠା ଉତ୍ସବରେ କର୍ତ୍ତା ଭାବେ ଲାଞ୍ଜିଗଡ ରାଜା ସୁରେନ୍ଦ୍ର ପ୍ରତାପ ସିଂଦେଓ ଓ ଗୌରୀସ୍ୱପ୍ନ ସିଂଦେଓ, ବେଦାନ୍ତ ଡେପୁଟି ସିଇଓ ଗୋବିନ୍ଦ ଗୋପାଲ ପାଲ ଓ ଶୁଭେସ୍ୱା ପାଲ, ଚନ୍ଦ୍ରଧଜ ପେଶନିଆ ଓ ଶାନ୍ତିଲତା ପେଶନିଆ, ଶରତଚନ୍ଦ୍ର ସିଂ ଓ ସବିତା ସିଂ, ସୁବାସ ଚନ୍ଦ୍ର ଅଗ୍ରୱାଲ ଓ ପିଙ୍କିବାଇ ଅଗ୍ରୱାଲ ଏବଂ ଶ୍ରୀକାନ୍ତ ବହିଦାର ଓ ସୁସ୍ମିତା ବହିଦାର କାର୍ଯ୍ୟ ସମ୍ପାଦନ କରୁଛନ୍ତି। ମୁଖ୍ୟ ପୁରୋହିତ ଭାବେ ଅନନ୍ତ ଚରଣ ରଥ କାର୍ଯ୍ୟକ୍ରମ କରୁଥିବା ବେଳେ ପୂଜକ ଭାବେ ବିଶନାଥ ମିଶ୍ର, ପ୍ରକାଶ ରଥ, ଜଗନ୍ନାଥ ମହାପାତ୍ର, ସୁନୀଲ କୁମାର ମିଶ୍ର, ସନ୍ତୋଷ ମହାପାତ୍ର, ଜ୍ଞାନ ରଞ୍ଜନ ରଥ, ବିରଞ୍ଚି ନାରାୟଣ ରଥ, ସନ୍ତୋଷ ପାଣିଗ୍ରାହୀ, ସନ୍ତୋଷ ସାମନ୍ତରାୟ, ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ, ବଦ୍ରି ନାରାୟଣ ମିଶ୍ର, ନିକୁଞ୍ଜ ଶତପଥୀ, ଦାମୋଦର ରଥ, ଦୁର୍ଗା ପ୍ରସାଦ ରଥ, ସୁଦାମ ରଥ ପ୍ରମୁଖ ପୂଜା କାର୍ଯ୍ୟ କରିଥିଲେ। କାର୍ଯ୍ୟକ୍ରମରେ ଲାଞ୍ଜିଗ ଶ୍ରୀ ହରିହର ସାଂସ୍କୃତିକ ସେବା ସମିତି ସଭାପତି ରାଜେନ୍ଦ୍ର ପ୍ରତାପ ସିଂ ଦେଓଙ୍କ ସମେତ ସମସ୍ତ କର୍ମକର୍ତ୍ତା, ଲାଞ୍ଜିଗଡ଼ ଯୁବଗୋଷ୍ଠୀ, ଲାଞ୍ଜିଗଡ ମହିଳା ମଣ୍ଡଳୀ ପ୍ରମୁଖ ସହଯୋଗ କରୁଛନ୍ତି। ପ୍ରତିଷ୍ଠା ଉତ୍ସବରେ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିବା ଶ୍ରୀ ହରିହର ସାଂସ୍କୃତିକ ସେବା ସମିତି ପକ୍ଷରୁ ସୂଚନା ମିଳିଛି।

# ଜିଲା ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ



ନୂତନ ଜିଲା ସଭାପତିଙ୍କ ସହ ଅନ୍ୟମାନେ।

**ଜିଲା ସଭାପତି ଭାବେ ବୀରେନ୍ଦ୍ର ବାଗ ମନୋନୀତ**

**ଭବାନୀପାଟଣା,୨୪।୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଶିକ୍ଷକ ଭବନଠାରେ ଶନିବାର ଅପରାହ୍ନରେ ଜିଲା ପ୍ରାଥମିକ ଶିକ୍ଷକ ସଂଘର ଜରୁରିକାଳୀନ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ସୁରେନ୍ଦ୍ର ମୋହନ ଯୋଶୀଙ୍କ ସଭାପତିତ୍ୱରେ ଜିଲାର ୧୩ଟି ବ୍ଲକ ସଭାପତି ଓ ସମ୍ପାଦକମାନେ ଯୋଗଦେଇଥିଲେ। ଏହା ପୂର୍ବରୁ ଅଗ୍ରପୂଜ୍ୟଶ୍ରୀ ଗଣେଶ ଓ ବିଦ୍ୟାଦାତ୍ରୀ ମା' ସରସତୀଙ୍କ ପୂଜାର୍ଚ୍ଚନା କଲା ପରେ ଦିବଂଗତ ଶିକ୍ଷକ ଶିକ୍ଷୟିତ୍ରୀ ଉଦ୍ଦେଶ୍ୟରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସଭାରେ ଥୁଆମୂଳ ରାମପୁର ଅସର ପ୍ରାପ୍ତ ଶିକ୍ଷକ ଯୁଗଳ ବିଶ୍ୱାଳଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଜିଲା ସାଧାରଣ ସମ୍ପାଦକ ଧୀରେନ୍ଦ୍ର କୁମାର ପଟ୍ଟନାୟକ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସାମ୍ପ୍ରତିକ ସ୍ଥିତିରେ ସଂଘର ଭୂମିକା ଓ ମିଳିତ ସଂଘ ଦ୍ୱାରା ନିଆଯାଉଥିବା ପଦକ୍ଷେପ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଏହା ପରେ ଜିଲା ସଭାପତି ସୁରେନ୍ଦ୍ର ମୋହନ ଯୋଶୀ ନିଜ କାର୍ଯ୍ୟଚାପ ଓ ବ୍ୟସ୍ତବହୁଳ କର୍ମ ଯୋଗୁ ଇସ୍ତଫା ପତ୍ର ପ୍ରଦାନ କରିଥିଲେ। ତାହା କାର୍ଯ୍ୟକାରିଣୀ ବୈଠକରେ ଗୃହୀତ ହେଲା। ପରବର୍ତ୍ତୀ ନିର୍ବାଚନ ପର୍ଯ୍ୟନ୍ତ ଜିଲା ଉପସଭାପତି ବୀରେନ୍ଦ୍ର ବାଗ ସଭାପତି ଦାୟିତ୍ୱ ତୁଲାଇବା ପାଇଁ ମନୋନୀତ କରାଯାଇଛି। ପ୍ରକାଶ ଥାଉକି ବାଗ ହରିପୁର ସଂଘର ବ୍ଲକ ଓ ଜିଲା ସଂଘର ବିଭିନ୍ନ ପଦ ପଦବୀରେ କାର୍ଯ୍ୟ କରି ଆସୁଥିଲେ। ଆଗାମୀ ନିର୍ବାଚନ ପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇବେ।

### କଣ୍ଟାବାଞ୍ଜିକୁ ମ୍ୟୁନିସିପାଲିଟି ଘୋଷଣାକୁ ବିଭିନ୍ନ ମହଲରେ ସ୍ୱାଗତ

**କଣ୍ଟାବାଞ୍ଜି, ୨୪।୨(ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନ୍ଏସିକୁ ଓଡ଼ିଶା ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମ୍ୟୁନିସିପାଲିଟି ଘୋଷଣା କରିଥିବାରୁ କଣ୍ଟାବାଞ୍ଜି ନଗରବାସୀ ସ୍ୱାଗତ ଓ ପ୍ରଶଂସା କରିଛନ୍ତି। ଏପରିକି ବିଭିନ୍ନ ମହଲରୁ କଣ୍ଟାବାଞ୍ଜିରେ ବାଣ ଫୁଟାଯିବା ସହିତ ମିଷ୍ଟାନ୍ନ ମଧ ବଣ୍ଟନ କରାଯାଇଛି। କଣ୍ଟାବାଞ୍ଜି ଏକ ବ୍ୟବସାୟିକ ସହର ହୋଇଥିବାବେଳେ ଦିନକୁ ଦିନ ଦ୍ରୁତ ଗତିରେ ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ପୂର୍ବରୁ ଥିବା କାଉନସିଲ କଣ୍ଟାବାଞ୍ଜିକୁ ବିଭିନ୍ନ ସମୟରେ ମ୍ୟୁନିସିପାଲିଟି ଘୋଷଣା କରିବା ପାଇଁ ଲିଖିତ ଜଣାଇ ଆସିଥିଲେ। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଏହା ଘୋଷଣା କରିଥିବାରୁ ତାହା ସାକାର ହୋଇଥିବା ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି। ଏପରିକି ବର୍ତ୍ତମାନର ନଗରପାଳ ବରିୟାମ ସିଂ ସାଲୁଜା, ଉପନଗରପାଳ ମନୋରମା ରାଉତଙ୍କ ସହ ସମସ୍ତ କାଉନସିଲର ମଧ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି। ବିଧାୟକ ସନ୍ତୋଷ ସିଂ ସାଲୁଜା, ପୂର୍ବତନ ବିଧାୟକ ଅୟୁବ ଖାନ, ବିଜେଡି ନେତା ଅଜୟ ଦାସ, ଫିରୋଜ ଖାନ, ଜିଲା ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୁପମା ମାଝି, ଗିରିରାଜ ସିଂ ମାଝି ମଧ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି।

# କେନ୍ଦୁମୁଣ୍ଡିଠାରେ କଂଗ୍ରେସର କର୍ମୀ ସମ୍ମିଳନୀ

**ପାଟଣାଗଡ଼,୨୪।୨(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ୧୬ନଂ. ଜୋନ ଅନ୍ତର୍ଗତ କେନ୍ଦୁମୁଣ୍ଡି ଗାଁରେ କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜଗନ୍ନାଥଙ୍କ ମନ୍ଦିର ପ୍ରାଣଙ୍ଗରୁ କର୍ମୀମାନେ ଏକ ଶୋଭାଯାତ୍ରରେ ବାହାରି ଗାଁ ପରିକ୍ରମା କରି ହାଟପଦା ପଡ଼ିଆଠାରେ ପହଞ୍ଚିଥିଲେ। ସେଠାରେ ବ୍ଲକ ସଭାପତି ପତିତପାବନ ପଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ପିସିସି ସଭ୍ୟ ତଥା ଏଆଇସିସି ସଂଯୋଜକ ଅନିଲ ମେହେର ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ରାଏଧର ସା, ବନମାଳୀ ମେହେର, ସାଧୁ ମେହେର, ବିଦ୍ୟା ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କର୍ମୀ ସମ୍ମିଳନୀରେ ଅଞ୍ଚଳର ବହୁ କର୍ମୀ ନିଜ ଦଳଛାଡି କଂଗ୍ରେସରେ ମିଶିଥିଲେ। ଏହି କର୍ମୀ ସମ୍ମିଳନୀରେ ଅଞ୍ଚଳର ବହୁ ସଂଖ୍ୟକ ମହିଳା ଓ ପୁରୁଷ ଯୋଗଦେଇଥିଲେ।

सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
Central Mine Planning & Design Institute Ltd.
( A Subsidiary of Coal India Limited)
Gondwana Place, Kanke Road, Ranchi - 834031, JHARKHAND, INDIA

NOTICE

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in/ respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in. In addition, procurement is also done through GeM portal https://gem.gov.in."

# ସୂଚନା ଅଧିକାର ଆଇନ କାର୍ଯ୍ୟକାରିତା ଉପରେ କର୍ମଶାଳା

**ଲୋଇସିଂହା,୨୪।୨(ସୁଶାନ୍ତ ବାରିକ)**




କର୍ମଶାଳାରେ ଜଣେ ବକ୍ତା ଉଦ୍‌ବୋଧନ ଦେଉଛନ୍ତି।

ବଲାଙ୍ଗୀର ଜିଲା ଲୋଇସିଂହା ଆଦିବାସୀ ଭବନରେ ଆନ୍ତଃ ଜିଲା ସୂଚନା ଅଧିକାର ଆଇନ ଓ ଏହାର କାର୍ଯ୍ୟକାରିତା ନେଇ ଦୁଇଦିନିଆ କର୍ମଶାଳା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଦୁର୍ନୀତି ପ୍ରତିରୋଧ ଉଦ୍ଦେଶ୍ୟରେ ୨୦୦୫ ମସିହାରୁ ଏହି ଆଇନ ଲାଗୁ ହୋଇଛି। ହେଲେ ସଚେତନତା ଅଭାବରୁ ଠିକ ଢଙ୍ଗରେ ଏହାର କାର୍ଯ୍ୟକାରିତା ହୋଇ ପାରୁନାହିଁ। ଦୁର୍ନୀତି ଗ୍ରସ୍ତ ଏହାର ଫାଇଦା ନେଉଛନ୍ତି। ଯୁବ ଗୋଷ୍ଠୀ ସଚେତନ ହୋଇ ସୂଚନା ଅଧିକାରକୁ ଅମୋଘ ଅସ୍ତ୍ର ଭାବେ ପାଳନ କରନ୍ତୁ। ସରକାରୀ ଯୋଜାନର ବାଟମାରଣାକୁ ରୋକି ଲୋକଙ୍କ ଜୀବନ ଧାରଣର ମାନରେ ଉନ୍ନତି ଆସୁ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। କେଦାର ନାଥ ସାହୁ କର୍ମଶାଳାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସୂଚନା ଅଧିକାର ଅଭିଯାନର ଆବାହକ ପ୍ରଦୀପ ପଧାନ, ଜତି ପଧାନ, କେଦାର ସାହୁ ଯୋଗଦେଇଥିଲେ। ରାଜ୍ୟ ଆବାହକ ପଧାନ ତାଙ୍କ ବକ୍ତବ୍ୟରେ ସୂଚନା ଆଇନ ଅଧିକାର ବିଶେଷତ୍ୱ ଏବଂ ଏପରି କର୍ମଶାଳାର ଆୟୋଜନ ସମ୍ପର୍କରେ କହିଥିଲେ। କେଦାର ସାହୁ ସୂଚନା ଅଧିକାର ବ୍ୟବସ୍ଥା ଏବଂ ସଫଳତା ଉପରେ କହିଥିଲେ। ଶଙ୍କର ପାଣିଗ୍ରାହୀ ସଭା କାର୍ଯ୍ୟକୁ ସଂଯୋଜନା କରିଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-TELE-ZONAL-KUR1-370, ତା.19.02.2024ରିଖ

କାର୍ଯ୍ୟର ନାମ: 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ଆବଶ୍ୟକତା ଅନୁଯାୟୀ ସିନିୟର ସେକ୍ସନ ଇଞ୍ଜିନିୟର ଦୂରସଂଚାର/ଖୋର୍ଦ୍ଧା ରୋଡ଼ ଅର୍ଥାତ୍ ଖୋର୍ଦ୍ଧା ରୋଡ଼, ଏକ୍ସ-ରେଟଙ୍ଗ, ହରିପୁରଗ୍ରାମ, ମୋଟାରି, ଖୋର୍ଦ୍ଧା ରୋଡ଼-ନୂଆଗାଁ-ଦଶପଲ୍ଲା, ଅରଗୁଳ, ଏକ୍ସ-କାଇପଦର ରୋଡ଼ ପରିସୀମା ଅଧୀନସ୍ଥ ସେକ୍ସନରେ ଏବଂ ଅନ୍ୟ ଯେକୌଣସି ସ୍ଥାନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଦୂରସଂଚାର ଜୋନାଲ (Zonal) କାର୍ଯ୍ୟ।

ଟେଣ୍ଡର ମୂଲ୍ୟ(₹): 68,64,754.48, EMD (₹): 1,37,300/-।

ବିଡ୍ ଆରମ୍ଭ ହେବା ତାରିଖ: ତା.27.02.2024ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.12.03.2024 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼
PR-1117/O/23-24

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ସାମଗ୍ରୀ ପରିଚାଳନା ବିଭାଗ**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍ଆଇଟି/୧୪/୨୪/୮, ତାରିଖ: ୨୦-ଫେବୃଆରୀ-୨୦୨୪

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ସମାପ୍ତି/ ଖୋଲାଯିବା ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୨୨୪୪୦୭୭ | ଲାବିରିନ୍ଥ ରିଙ୍ଗ ଓ ବିୟରିଂ କ୍ୟାପ୍ (ଡିଇ) ଟ୍ରାକ୍ସନ୍ ମୋଟର୍ସ ଟାଇପ୍ ୬ଏଫ୍ଆର୍ଏ ୬୦୬୮ର ସେଟ୍ | ୧୧।୦୩।୨୦୨୪ ୧୦.୩୦ ଘଟିକାରେ | ୬୫ ସେଟ୍ |
| ୨ | ୦୩୨୪୩୧୮୨ | ବୁଶ୍ (ବ୍ରୋଞ୍ଜି) ଆର୍‌ଡିଏସ୍‌ଓ ଡିଆର୍‌କି ନଂ. ଡବ୍ଲ୍ୟୁଡି-୯୨୦୮୧ ଅନୁରୂପ | ୧୫।୦୩।୨୦୨୪ ୧୦.୩୦ ଘଟିକାରେ | ୩୬୦୦ ଗୋଟି |
| ୩ | ୦୩୨୪୩୩୯୨ | ବ୍ରେକ୍ ପାଇପ୍ ସପୋର୍ଟ ଆଙ୍ଗଲ୍ | ୧୫।୦୩।୨୦୨୪ ୧୦.୩୦ ଘଟିକାରେ | ୧୮୦୦୦ ଗୋଟି |
| ୪ | ୦୩୨୪୧୬୬୭ | ଫ୍ଲାପ୍ ଡୋର୍ ଚେନ୍‌ଲେସ୍ କଟର୍ ରିଭେଟ୍ | ୧୮।୦୩।୨୦୨୪ ୧୦.୩୦ ଘଟିକାରେ | ୯୬୬୯୪ ଗୋଟି |
| ୫ | ୦୩୨୪୨୭୭୩ | ଆର୍‌ଡିଏସ୍‌ଓ ଡ୍ରଇଂ ନଂ.ଡବ୍ଲ୍ୟୁଡି-୦୮୦୯୩-ଏସ୍/୨ ଅନୁଯାୟୀ ସେକେଣ୍ଡାରୀ ବ୍ରେକ୍ ବିନ୍ ଆସେମ୍ବ୍ଲି | ୧୮।୦୩।୨୦୨୪ ୧୦.୩୦ ଘଟିକାରେ | ୧୨୫ ଗୋଟି |
| ୬ | ୦୮୨୩୬୨୯୪ଏ | କଲର୍ ଡୋପ୍‌ଲର୍ ସିଷ୍ଟମ୍ ସହିତ ଅଲ୍‌ଟ୍ରାସୋନୋଗ୍ରାଫି | ୦୪।୦୩।୨୦୨୪ ୧୦.୩୦ ଘଟିକାରେ | ୦୧ ଗୋଟି |
| ୭ | ଏସ୍-କି ଫଟୋକପି ୨୪ | ବିଳାସପୁରରେ ୦୫ (ପାଞ୍ଚ) ଗୋଟି ସ୍ଥାନରେ (୦୫ ମେଶିନ୍) ସହିତ ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ କାର୍ଯ୍ୟାଳୟ ପରିସରରେ ଫଟୋକପି ସେବା ଯୋଗାଇବା | ୧୧।୦୩।୨୦୨୪ ୧୦.୩୦ ଘଟିକାରେ | ପାଖାପାଖି ୭୯୩୬୦୦୦ ପୃଷ୍ଠା |

ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖିଛି। ଶୁଦ୍ଧିପତ୍ର ଏବଂ ବିକ୍ରେତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୋଟିସ ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।
ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ
CPR/10/452 ଦ.ପୂ.ମ. ରେଳପଥ, ବିଳାସପୁରଙ୍କ ପାଇଁ
South East Central Railway @secrail

# ବିପଦପୂର୍ଣ୍ଣ ଲାଠିଆଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ








**ଥୁଆମୂଳ ରାମପୁର,୨୪।୨(ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଥୁଆମୂଳ ଗ୍ରାମପଞ୍ଚାୟତ ଲାଠିଆଗୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ଅବସ୍ଥା ଅତି ଶୋଚନୀୟ ହୋଇପଡିଛି। ସରକାର ୫-ଟି ଯୋଜନାରେ ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଲାଠିଆଗୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ଉପରେ ଏ ପର୍ଯ୍ୟନ୍ତ କୃପାଦୃଷ୍ଟି ପଡ଼ି ନ ଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅବସ୍ଥିତ ଏହି ବିଦ୍ୟାଳୟରେ ୨୫ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟ କୋଠା ଦୁର୍ବଳ ହୋଇ ପଡିଛି। ଛାତରୁ ସିମେଣ୍ଟ ଖସି ଯାଇ ଲୁହାରଡଗୁଡ଼ିକ ଦେଖାଯାଉଛି। ବର୍ଷାଦିନେ ଛାତରୁ ପାଣି ଝରିବା ଫଳରେ ସମୁଦାୟ ୩ଟି କୋଠରି ମଧ୍ୟରୁ ଦୁଇଟି କୋଠରିରେ ପାଠ ପଢିବା ପଢାଇବା ଅର୍ଥ ଜୀବନକୁ ବାଜି ଲଗାଇବା ସହ ସମାନ। ଶିକ୍ଷକ ଓ ଛାତ୍ରୀଛାତ୍ର ପ୍ରାଣଭୟରେ ଯେନତେନ ପ୍ରକାରେଣ ଗୋଟିଏ ମାତ୍ର କୋଠରୀରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଏକାଠି ବସି ପଢିବାକୁ ବାଧ ହେଉଛନ୍ତି। ସରକାର ଅନେକ ବିଦ୍ୟାଳୟକୁ ଅନୁଦାନର ସୁଅ ଛୁଟୁଥିବା ବେଳେ ଲାଠିଆଗୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରତି କାହାର ଦୃଷ୍ଟି ନ ପଡ଼ିବା ପରିତାପର ବିଷୟ। ବିଦ୍ୟାଳୟ ଅବସ୍ଥା ଅତି ଦୟନୀୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ପାନୀୟ ଜଳର ଘୋର ଅଭାବ ରହିଛି। ସରକାର ତୁରନ୍ତ ନୂତନ ଗୃହ ଯୋଗାଇ ଦେବାକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଙ୍କୀର୍ତ୍ତନ ନାଏକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMC-TADIRAN-KUR-368, ତା.15.02.2024ରିଖ

କାର୍ଯ୍ୟର ନାମ : ସର୍ଭର ଗେଟୱେ ଆର୍କିଟେକ୍ଚରରେ ରେଳ ସଦନ ମେନ୍ ଟେଲିଫୋନ ଏକ୍ସଚେଞ୍ଜ (Tadiran IPX 4000), ସର୍ଭର ଗେଟୱେ ଆର୍କିଟେକ୍ଚର (ରେଳ ସଦନ, ରେଳ ବିହାର ଏବଂ ମଞ୍ଚେଶ୍ୱର ଜିଏମ୍ ଇଣ୍ଟରକମ୍ ଏକ୍ସଚେଞ୍ଜ-TADIRAN IPX 3000)ରେ Tadiran GM Intercom ତଥା ମଣ୍ଡଳ ରେଳ ପ୍ରବନ୍ଧକ ଇଣ୍ଟରକମ୍ TADIRAN Exchange, ଖୋର୍ଦ୍ଧା ରୋଡ଼ର ବ୍ୟାପକ ବାର୍ଷିକ ଅନ୍‌ସାଇଟ୍ ରକ୍ଷଣାବେକ୍ଷଣ ଚୁକ୍ତି।

ଟେଣ୍ଡର ମୂଲ୍ୟ : ₹15,52,886.64, EMD : ₹31,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 2360/-(18% GST ସହିତ)।

(2) ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMC-AVAYA-KUR-369, ତା.15.02.2024ରିଖ

କାର୍ଯ୍ୟର ନାମ : ତିନି ବର୍ଷ (36 ମାସ) ନିମନ୍ତେ ଖୋର୍ଦ୍ଧା ରୋଡ଼ ଠାରେ AVAYA ଦ୍ୱାରା ନିର୍ମିତ IP ଏକ୍ସଚେଞ୍ଜ ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।

ଟେଣ୍ଡର ମୂଲ୍ୟ : ₹26,72,699.76, EMD : ₹53,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 3,540/-(18% GST ସହିତ)।

ବିଡ୍ ଆରମ୍ଭ ହେବା ତାରିଖ : ତା.26.02.2024ରିଖ (ଉଭୟ ଟେଣ୍ଡର ନିମନ୍ତେ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.11.03.2024 ରିଖ 1100 ଘଟିକା (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼
PR-1115/O/23-24

**ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ**

No.XXXIII-32

**ନୋଟିସ**

**ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା- ୧୯୦୮ ଅନୁଯାୟୀ**
**ଏଲ୍.ଏ. କେସ୍ ନଂ.-୨୪୫/୨୦୧୯**

ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର, ଖୋର୍ଦ୍ଧା ... ... ... ଆବେଦନକାରୀ
ବନାମ
୧. ଟିକନ ଜେନା, ପିତା- ଅଗାଧୁ ଚନ୍ଦ୍ର ଜେନା, ସା- ଖୋଲାଦ୍ୱାର, ୨. ଇନ୍ଦୁମତି ସାହୁ, ପିତା- ଅର୍ଜ୍ଜୁନ ସାହୁ, ସା- ବେଲପଡ଼ା, ୩. ରବିନ୍ଦ୍ରନାଥ ସାହୁ, ୪. ଭୁବନାନନ୍ଦ ସାହୁ, ପିତା- ଅର୍ଜ୍ଜୁନ ସାହୁ, ସା- ବେଲପଡ଼ା, ୫. ଅର୍ଜ୍ଜୁନ ସାହୁ, ୬. ଭୀମସେନ ସାହୁ, ୭. ପଦ୍ମାବତୀ ସାହୁ, ପିତା- ଉଚ୍ଛବ ସାହୁ, ୮. କାଳୀକା ସାହୁ, ୯. କୁନ୍ତଳା ସାହୁ, ୧୦. ଶକୁନ୍ତଳା ସାହୁ, ପିତା- କୁମର ସାହୁ, ୧୧. ସାରଙ୍ଗ ସାହୁ, ୧୨. ସଞ୍ଜୟ ସାହୁ, ୧୩. ଜୟେଶ୍ୱର ସାହୁ, ୧୪. ପ୍ରମିଳା ସାହୁ, ୧୫. ବିମଳା ସାହୁ, ୧୬. ଉର୍ମିଳା ସାହୁ, ପିତା- ଶଙ୍କର ସାହୁ, ସା- ଖୋଲାଦ୍ୱାର ... ... ... ବିରୋଧୀ ପକ୍ଷମାନେ।

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ଥିରୀକୃତ କ୍ଷତି ପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି. -୧ (ଏ) କ୍ୟାଣ୍ଟନମେଣ୍ଟ ରୋଡ, କଟକଙ୍କ ଇଜିଲାସ / ଅଦାଲତରେ ଏଲ୍.ଏ. କେସ୍ ନଂ. ୨୪୫/୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି। ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା- ଖୋଲାଦ୍ୱାର, ଖାତା ନଂ.- ୩୨୫, ପ୍ଲଟ୍ ନଂ.- ୩୬୨, ରକବା ଏ୦.୦୫୦ଡି. ଅଟେ। ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ / ତଦ୍‌ବିର କରିପାରିବେ। ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା୨୧।୦୩।୨୪ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ / ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ। ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ। ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହି ମୋହର ସହ ଦିନାଙ୍କ ତା୧୯।୦୧।୨୪ରିଖ।

ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକ
OIPR-24351/14/0037/2324

## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ ୭ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ

**ଠିକାଦାରଙ୍କ ଘରୁ ଡକାୟତି ଘଟଣାର ରାୟ ପ୍ରକାଶ**

**ଧର୍ମଗଡ଼, ୨୪।୨ (ହିମାଂଶୁ ଶେଖର ପଣ୍ଡା)**

କଳାହାଣ୍ଡି ଜିଲା ଧର୍ମଗଡ଼ ବସ୍ତିପଡାରେ ବାସ କରୁଥିବା ନଳକୂପ ଠିକାଦାର ଦିନେଶ ଅଗ୍ରୱାଲଙ୍କ ଘରୁ ୨୦୨୨ରେ ୫୦ଲକ୍ଷ ଟଙ୍କା ଡକାୟତି ଘଟଣାର ରାୟ ଶନିବାର ପ୍ରକାଶ ପାଇଛି। ଧର୍ମଗଡ଼ ସହାୟକ ଦୌରା ଜଜ୍ ବିଶ୍ୱବିସ୍ତୃତ କର ଏହି ମାମଲାର ସମସ୍ତ ତଥ୍ୟ ଓ ପ୍ରମାଣ ଭିତ୍ତିକରି ଅଭିଯୁକ୍ତ ରୋଷେୟା ୟୁଗେନ ପଟେଲ ଓ ଡକାୟତିରେ ପ୍ରତ୍ୟକ୍ଷ ସହଯୋଗ କରିଥିବା ବାସୁଦେବ ପଟେଲ, ନେପାଳ ଏଡକ୍ୟୁଏଡ଼ ଓ କୈଳାଶ ହାତୀଙ୍କୁ ଦୋଷୀ ସାବ୍ୟସ୍ତ କରି ୭ବର୍ଷ ଲେଖାଏଁ ଜେଲ ଦଣ୍ଡା ଦେଶ ସହ ୨୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜରିମାନା ଅନାଦେୟ ସ୍ଥଳେ ଅତିରିକ୍ତ ୬ ମାସ ଆହୁରି ଜେଲ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲା ଅତିରିକ୍ତ ସରକାରୀ ଓକିଲ ରାଜେନ୍ଦ୍ର କୁମାର ମୁନି ପରିଚାଳନା କରିଥିଲେ।

### ବନାଞ୍ଚଳସ୍ତରୀୟ ବନାଗ୍ନି ସଚେତନତା ଶିବିର

**ଟିଟିଲାଗଡ଼, ୨୪।୨ (ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବନାଞ୍ଚଳସ୍ତରୀୟ ବନାଗ୍ନି ନିବାରଣ ସଚେତନତା ଶିବିର ସ୍ଥାନୀୟ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ଗୀତା ବିଶି ମୁଖ୍ୟଅତିଥି, ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରୀ ଜାଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରମାକାନ୍ତ ପୁଟେଲ, ଓଡ଼ିଶା ବନ ଉନ୍ନୟନ ନିଗମର ପିଙ୍କୁ ଭୋଇ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଟିଟିଲାଗଡ଼ରେ ପରିବେଶ ସୁରକ୍ଷା ପାଇଁ ବନାଗ୍ନି ନିୟନ୍ତ୍ରଣ ନିତାନ୍ତ ଜରୁରୀ ଏବଂ ଏନେଇ ସଭିଏଁ ମିଳିମିଶି କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅଗ୍ନିଶମ ବିଭାଗ ଅଧିକାରୀ ଆର.ଏସ୍. ବାରିକ କୌଣସି ଗୃହରେ ନିଆଁ ଲାଗିବା ଠାରୁ ଜଙ୍ଗଲ ନିଆଁ ଅଧିକ ଭୟଙ୍କର ବୋଲି ସତର୍କ କରାଇଥିଲେ। ଏହି ଅବସରରେ ଉପସ୍ଥିତ ବନ ସୁରକ୍ଷା ସମିତି, ମହିଳା ଗୋଷ୍ଠୀ ସଦସ୍ୟା, ବନ କର୍ମଚାରୀଙ୍କୁ ବନାଞ୍ଚଳ ଅଧିକାରୀ ସଚ୍ଚିଦାନନ୍ଦ ସୁବୁଦ୍ଧି ବନାଗ୍ନି ନିବାରଣ ନେଇ ଶପଥପାଠ କରାଇଥିଲେ। ପ୍ରକୃତିବନ୍ଧୁ ରମାକାନ୍ତ ଗହିରଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଆମ ଜଙ୍ଗଲ ଯୋଜନା ଟିମ୍ ଲିଡର ଅଜୟ ମହାନ୍ତି ସଭା ପରିଚାଳନା କରିଥିଲେ। ଡିଓ ଦିବାକର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବନପାଳ ସୁରେନ୍ଦ୍ର ମହାରଣା, ବିପିନ ସାହୁ, ଅମରୀଶ ବୁଡ଼େକ, ପ୍ରିୟଙ୍କା ପୋଡ଼, ବନରକ୍ଷୀ ପିତାମ୍ବର ମାଝି, ତପସ୍ୱିନୀ ସାହୁ, ପୂଜାରାଣୀ ସେଠ, ରଞ୍ଜିତା ପୋଡ଼, ନମିତା ତାଣ୍ଡି, ସୁନିତା ମୁଣ୍ଡା, ହିମାଂଶୁ ବେହେରା, ଅନିଲ ଡୁଙ୍ଗଡୁଙ୍ଗ, ସଞ୍ଜୀବ କଟା, ଏଜେୱାଇ ଡିଓ ଦିବାକର ପ୍ରଧାନ, ବନ ସୁରକ୍ଷା ସମିତି ସଭାପତି ରାଧେଶ୍ୟାମ କବାଟ, ଶଙ୍କର ଭୋଇ, ପ୍ରଶାନ୍ତ ନାଗ, ରମାକାନ୍ତ ବିଶି, ଶିକ୍ଷାବିତ ଚୌବନ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଆଦିବାସୀ, ଜନଜାତିର ଆତ୍ମସମ୍ମାନ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ



ସ୍ୱତନ୍ତ୍ର ବୈଠକରେ ଯୋଗଦେଇଥିବା ଅତିଥି।

**ଉନ୍ନୟନ ପରିଷଦର ସ୍ୱତନ୍ତ୍ର ବୈଠକ**

**ଭବାନୀପାଟଣା, ୨୪।୨ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି କଳା, ସଂସ୍କୃତି ଓ ଐତିହ୍ୟ ତଥା ପରମ୍ପରାକୁ ପିଢ଼ି ପରେ ପିଢ଼ି ବଞ୍ଚାଇ ରଖିଥିବା ଆଦିବାସୀ, ଜନଜାତିର ଅସ୍ମିତା ଓ ଆତ୍ମସମ୍ମାନ ରକ୍ଷା କରିବା ସହିତ ସେମାନଙ୍କ ଜୀବନ ଜୀବିକାରେ ସୁଧାର ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏ ଦିଗରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଆଗାମୀ ଦିନରେ ସଶକ୍ତ ଆଦିବାସୀ ସମାଜ ଗଠନ ସହିତ ସମୃଦ୍ଧ ରାଜ୍ୟ ଗଠନରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଶନିବାର ଭବାନୀପାଟଣାସ୍ଥିତ ଟାଉନହଲଠାରେ ଆୟୋଜିତ ସ୍ୱତନ୍ତ୍ର ବୈଠକରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଶିବାଜୀ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝି ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ଧର୍ମଗଡ଼ ବିଧାୟକ ମୋଷଧି ବାଗ, ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ, ଜିଲାପାଳ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପି. ଅନଷୋ ରେଣ୍ଡୀ, ଜିଲା ପରିଷଦ ଉପାଧ୍ୟକ୍ଷା ସୁଧୀରା ମେହେର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମଧୁଛନ୍ଦା ସାହୁ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ସ୍ୱର୍ଣ୍ଣ ଚମ୍ପା ମାଝି, ଭବାନୀପାଟଣା ପୌର ପରିଷଦ ଅଧ୍ୟକ୍ଷା ସଂଯୁକ୍ତା ବେହେରା ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ହଲବା ସମାଜ ଜିଲା ସଭାପତି ସହଦେବ ନେଗୀ, ବିଞ୍ଝାଲ ସମାଜ ସଭାପତି ସମ୍ପଦ ବରିହା, କନ୍ଧ ସମାଜ ଜିଲା ସଭାପତି ରାଜେନ୍ଦ୍ର ଭୋଇ, ଭତ୍ରା ସମାଜର ସଭାପତି କୈଳାସ ଚନ୍ଦ୍ର ମାଝୀ, ମିର୍ଦ୍ଧା ସମାଜର ସଭାପତି ସ୍ୱୟଂମ୍ବର ମିର୍ଦ୍ଧା, ଧୁରୁବଗଣ୍ଡ ସମାଜ ସଭାପତି ଜଗମୋହନ ମାଝି, ଗଣ୍ଡ ସମାଜର ସଭାପତି ପଦ୍ମନ ପାତ୍ର, ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝି, ସମ୍ପାଦକ ରତ୍ନରାଜ ମାଝି, ବଞ୍ଜାରା ସମାଜର ସଭାପତି ଲଳିତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଯୋଜନା ସମନ୍ୱୟ ବିଭାଗ ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ଅଞ୍ଚଳରୁ ବିଭିନ୍ନ ବର୍ଗର ଆଦିବାସୀ ଜନଜାତି ସମୁହର ବହୁସଂଖ୍ୟକ ନେତୃସ୍ଥାନୀୟ ପୁରୁଷ, ମହିଳା ଯୋଗଦେଇଥିଲେ।

# ରାସ୍ତା ଓ ହାଇସ୍କୁଲ କୋଠା ପାଇଁ ଶିଳାନ୍ୟାସ


ଶିଳାନ୍ୟାସ ଅବସରରେ ମନ୍ତ୍ରୀ ଓ ଅନ୍ୟମାନେ।

**ତରଭା, ୨୪।୨ (ମାନଭଞ୍ଜନ ମିଶ୍ର)**

ସୋନପୁର ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ତରଭା ବ୍ଲକର ଝାରତରଭାଠାରେ ରାସ୍ତା ଓ ହାଇସ୍କୁଲ କୋଠା ନିର୍ମାଣ ପାଇଁ ଶନିବାର ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ଝାରତରଭା ଗ୍ରାମପଞ୍ଚାୟତର ଖେଳପଡିଆଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା । ସରପଞ୍ଚ ସୌଦାମିନୀ ସାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ପୂଜାରୀ ଯୋଗଦେଇ ଝାରତରଭା ପିତାବଳି ପଥେଇ ଠାରୁ ଠକପାଲି ଛକ ପର୍ଯ୍ୟନ୍ତ ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ରାସ୍ତା ଓ ୩ କୋଟି ୪୫ ଲକ୍ଷ ୩ ହଜାର ବ୍ୟୟ ଅଟକଳରେ ହେବାକୁ ଥିବା ନୂତନ ହାଇସ୍କୁଲ କୋଠାର ଶିଳାନ୍ୟାସ କରିଥିଲେ। ସଚେତନତା କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ, ବିଡ଼ିଓ ଅନିଲ କୁଲୁ, ଏବିଡିଓ ନିରଞ୍ଜନ ନାଏକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶତ୍ରୁଘ୍ନ ପୃଷ୍ଟି, ସମିତି

**ସଚେତନତା କାର୍ଯ୍ୟକ୍ରମ**

ସଭ୍ୟା ମାନସୀ ଦଳବେହେରା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତର କଳାକାର, ବରିଷ୍ଠ ନାଗରିକ, ୱାର୍ଡ଼ ସଭ୍ୟାସଭ୍ୟ, ଏମବିକେ, ସିଆରପି, ଅଙ୍ଗନୱାଡି କର୍ମୀଙ୍କୁ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ କଳା ସଂସ୍କୃତି ସଂଘ ଉପ ସଭାପତି ମାନଭଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲୋ । ପିଇଓ ରମେଶ ସୁନା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଶଙ୍କର ବେହେରା ଓ ସାଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ଦଶରଥ ସାହୁ, ପରେଶ ଦଳବେହେରା, ଭରତ ମେହେର, ବସନ୍ତ ସା, ଏମ. ଦଳବେହେରା, ଏମବିକେ, ଅଙ୍ଗନୱାଡି କର୍ମୀ, ସିଆରପି, ଆଶାକର୍ମୀଙ୍କ ସହ ପଞ୍ଚାୟତବାସୀ ସହଯୋଗ କରିଥିଲେ।

# ସୁବର୍ଣ୍ଣପୁରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ



ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

**ସୋନପୁର, ୨୪।୨ (ମୃତ୍ୟୁଞ୍ଜୟ ଶତପଥୀ)**

**୬୧୬ ଛାତ୍ରୀଛାତ୍ରଙ୍କ ସମେତ ମୋଟ ୯୪୫ ଜଣ ପୁରସ୍କୃତ ହେଲେ**

ସୁବର୍ଣ୍ଣପୁର ସହର ରାମେଶ୍ୱର ଷ୍ଟାଡିୟମଠାରେ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଅନୁଷ୍ଠିତ ଏହି ଉତ୍ସବରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗଦାନ କରି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଛାତ୍ରୀଛାତ୍ର ଓ ଶିକ୍ଷୟତ୍ରୀଶିକ୍ଷକଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର ଉତ୍ସବରେ ସଭାପତିତ୍ୱ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡତିଆ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ସ୍ୱାଗତ ଅଭିଭାଷଣ ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସୁବର୍ଣ୍ଣପୁର ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ଅକ୍ଷୟ ଦେହେରି ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିକ୍ଷକ ହୃଷୀକେଶ ଚାନ୍ଦ ଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଛଅ ଗୋଟି ବ୍ଲକର ଶିକ୍ଷା ଅଧିକାରୀ, ଅତିରିକ୍ତ ଶିକ୍ଷା ଅଧିକାରୀ, ଆଞ୍ଚଳିକ ସାଧନ ସଂଯୋଜକ, ଶିକ୍ଷକ, ଜିଲା ଶିକ୍ଷା କାର୍ଯ୍ୟାଳୟ ଓ ସମଗ୍ର ଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ। ଏହି ଅବସରରେ ୬୧୬ ଛାତ୍ରୀଛାତ୍ରଙ୍କ ସମେତ ମୋଟ ୯୪୫ ଜଣଙ୍କୁ ପୁରସ୍କୃତ କରାଯାଇଥିଲା ।

### କଣ୍ଟାବାଞ୍ଜିକୁ ମ୍ୟୁନିସିପାଲିଟି ଘୋଷଣାକୁ ବିଭିନ୍ନ ମହଲରେ ସ୍ୱାଗତ

**କଣ୍ଟାବାଞ୍ଜି, ୨୪।୨ (ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନ୍ଏସିକୁ ଓଡ଼ିଶା ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମ୍ୟୁନିସିପାଲିଟି ଘୋଷଣା କରିଥିବାରୁ କଣ୍ଟାବାଞ୍ଜି ନଗରବାସୀ ସ୍ୱାଗତ ଓ ପ୍ରଶଂସା କରିଛନ୍ତି। ଏପରିକି ବିଭିନ୍ନ ମହଲରୁ କଣ୍ଟାବାଞ୍ଜିରେ ବାଣ ଫୁଟାଯିବା ସହିତ ମିଷ୍ଟାନ୍ନ ମଧ୍ୟ ବଣ୍ଟନ କରାଯାଇଛି। କଣ୍ଟାବାଞ୍ଜି ଏକ ବ୍ୟବସାୟିକ ସହର ହୋଇଥିବାବେଳେ ଦିନକୁ ଦିନ ଦ୍ରୁତ ଗତିରେ ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ପୂର୍ବରୁ ଥିବା କାଉନସିଲ କଣ୍ଟାବାଞ୍ଜିକୁ ବିଭିନ୍ନ ସମୟରେ ମ୍ୟୁନିସିପାଲିଟି ଘୋଷଣା କରିବା ପାଇଁ ଲିଖିତ ଜଣାଇ ଆସିଥିଲେ। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଏହା ଘୋଷଣା କରିଥିବାରୁ ତାହା ସାକାର ହୋଇଥିବା ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି। ଏପରିକି ବର୍ତ୍ତମାନର ନଗରପାଳ ବରିୟାମ ସିଂ ସାଲୁଜା, ଉପନଗରପାଳ ମନୋରମା ରାଉତଙ୍କ ସହ ସମସ୍ତ କାଉନସିଲର ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି। ବିଧାୟକ ସନ୍ତୋଷ ସିଂ ସାଲୁଜା, ପୂର୍ବତନ ବିଧାୟକ ଅୟୁବ ଖାନ, ବିଜେଡି ନେତା ଅଜୟ ଦାସ, ଫିରୋଜ ଖାନ, ଜିଲା ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୁପମା ମାଝି, ଗିରିରାଜ ସିଂ ମାଝି ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି।

cmpdi
सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
**Central Mine Planning & Design Institute Ltd.**
( A Subsidiary of Coal India Limited)
Gondwana Place, Kanke Road, Ranchi - 834031, JHARKHAND, INDIA

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal https://gem.gov.in."

# ସୂଚନା ଅଧିକାର ଆଇନ କାର୍ଯ୍ୟକାରିତା ଉପରେ କର୍ମଶାଳା

**ଲୋଇସିଂହା, ୨୪।୨ (ସୁଶାନ୍ତ ବାରିକ)**



କର୍ମଶାଳାରେ ଜଣେ ବକ୍ତା ଉଦ୍‌ବୋଧନ ଦେଉଛନ୍ତି।

ବଲାଙ୍ଗୀର ଜିଲା ଲୋଇସିଂହା ଆଦିବାସୀ ଭବନରେ ଆନ୍ତଃ ଜିଲା ସୂଚନା ଅଧିକାର ଆଇନ ଓ ଏହାର କାର୍ଯ୍ୟକାରିତା ନେଇ ଦୁଇଦିନିଆ କର୍ମଶାଳା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଦୁର୍ନୀତି ପ୍ରତିରୋଧ ଉଦ୍ଦେଶ୍ୟରେ ୨୦୦୫ ମସିହାରୁ ଏହି ଆଇନ ଲାଗୁ ହୋଇଛି। ହେଲେ ସଚେତନତା ଅଭାବରୁ ଠିକ ଢଙ୍ଗରେ ଏହାର କାର୍ଯ୍ୟକାରିତା ହୋଇ ପାରୁନାହିଁ। ଦୁର୍ନୀତି ଗ୍ରସ୍ତ ଏହାର ଫାଇଦା ନେଉଛନ୍ତି। ଯୁବ ଗୋଷ୍ଠୀ ସଚେତନ ହୋଇ ସୂଚନା ଅଧିକାରକୁ ଅମୋଘ ଅସ୍ତ୍ର ଭାବେ ପାଳନ କରନ୍ତୁ। ସରକାରୀ ଯୋଜାନର ବାଟମାରଣାକୁ ରୋକି ଲୋକଙ୍କ ଜୀବନ ଧାରଣର ମାନରେ ଉନ୍ନତି ଆସୁ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। କେଦାର ନାଥ ସାହୁ କର୍ମଶାଳାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସୂଚନା ଅଧିକାର ଅଭିଯାନର ଆବାହକ ପ୍ରଦୀପ ପଧାନ, ଜତି ପଧାନ, କେଦାର ସାହୁ ଯୋଗଦେଇଥିଲେ। ରାଜ୍ୟ ଆବାହକ ପଧାନ ତାଙ୍କ ବକ୍ତବ୍ୟରେ ସୂଚନା ଆଇନ ଅଧିକାର ବିଶେଷତ୍ୱ ଏବଂ ଏପରି କର୍ମଶାଳାର ଆୟୋଜନ ସମ୍ପର୍କରେ କହିଥିଲେ। କେଦାର ସାହୁ ସୂଚନା ଅଧିକାର ବ୍ୟବସ୍ଥା ଏବଂ ସଫଳତା ଉପରେ କହିଥିଲେ। ଶଙ୍କର ପାଣିଗ୍ରାହୀ ସଭା କାର୍ଯ୍ୟକୁ ସଂଯୋଜନା କରିଥିଲେ ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-TELE-ZONAL-KUR1-370, ତା.19.02.2024ରିଖ

**କାର୍ଯ୍ୟର ନାମ:** 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ଆବଶ୍ୟକତା ଅନୁଯାୟୀ ସିନିୟର ସେକ୍ସନ ଇଂଜିନିୟର ଦୂରସଂଚାର/ଖୋର୍ଦ୍ଧା ରୋଡ଼ ଅର୍ଥାତ୍ ଖୋର୍ଦ୍ଧା ରୋଡ଼, ଏକ୍ସ-ରେଡଙ୍ଗ, ହରିପୁରଗ୍ରାମ, ମୋଟାରି, ଖୋର୍ଦ୍ଧା ରୋଡ଼-ନୂଆଗାଁ-ଦଶପଲ୍ଲା, ଅରଗୁଳ, ଏକ୍ସ-କାଇପଦର ରୋଡ଼ ପରିସୀମା ଅଧୀନସ୍ଥ ସେକ୍ସନରେ ଏବଂ ଅନ୍ୟ ଯେକୌଣସି ସ୍ଥାନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଦୂରସଂଚାର ଜୋନାଲ (Zonal) କାର୍ଯ୍ୟ ।

**ଟେଣ୍ଡର ମୂଲ୍ୟ(₹):** 68,64,754.48, EMD (₹): 1,37,300/- ।

ବିଡ୍ ଆରମ୍ଭ ହେବା ତାରିଖ: ତା.27.02.2024ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.12.03.2024 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼
PR-1117/O/23-24

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ସାମଗ୍ରୀ ପରିଚାଳନା ବିଭାଗ**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍ଆଇଟି/୧୪/୨୪/୮, ତାରିଖ: ୨୦-ଫେବୃଆରୀ-୨୦୨୪

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ସମାପ୍ତି/ ଖୋଲାଯିବା ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୨୨୪୪୦୭୭ | ଲାବିରିନ୍ଥ ରିଙ୍ଗ ଓ ବିୟରିଂ କ୍ୟାପ୍ (ଡିଇ) ଟ୍ରାକ୍ସନ୍ ମୋଟର୍ସ ଟାଇପ୍ ୬ଏଫ୍ଆର୍ଏ ୬୦୬୮ର ସେଟ୍ | ୧୧।୦୩।୨୦୨୪ ୧୦.୩୦ ଘଟିକାରେ | ୬୫ ସେଟ୍ |
| ୨ | ୦୩୨୪୩୧୮୨ | ବୁଶ୍ (ବ୍ରୋଞ୍ଜି) ଆରଡିଏସ୍ଓ ଡିଆରଜି ନଂ. ଡବ୍ଲ୍ୟୁଡି-୯୨୦୮୧ ଅନୁରୂପ | ୧୫।୦୩।୨୦୨୪ ୧୦.୩୦ ଘଟିକାରେ | ୩୬୦୦ ଗୋଟି |
| ୩ | ୦୩୨୪୩୩୯୨ | ବ୍ରେକ୍ ପାଇପ୍ ସପୋର୍ଟ ଆଙ୍ଗଲ୍ | ୧୫।୦୩।୨୦୨୪ ୧୦.୩୦ ଘଟିକାରେ | ୧୮୦୦୦ ଗୋଟି |
| ୪ | ୦୩୨୪୧୬୬୭ | ଫ୍ଲାପ୍ ଡୋର୍ ଚେନ୍‌ଲେସ୍ କଟର୍ ରିଭେଟ୍ | ୧୮।୦୩।୨୦୨୪ ୧୦.୩୦ ଘଟିକାରେ | ୯୬୬୯୪ ଗୋଟି |
| ୫ | ୦୩୨୪୨୭୭୩ | ଆରଡିଏସ୍ଓ ଡ୍ରଇଂ ନଂ.ଡବ୍ଲ୍ୟୁଡି-୦୮୦୯୩-ଏସ୍/୨ ଅନୁଯାୟୀ ସେକେଣ୍ଡାରୀ ବ୍ରେକ୍ ବିନ୍ ଆସେମ୍ବ୍ଲି | ୧୮।୦୩।୨୦୨୪ ୧୦.୩୦ ଘଟିକାରେ | ୧୨୫ ଗୋଟି |
| ୬ | ୦୮୨୩୬୨୯୪ଏ | କଲର୍ ଡୋପ୍‌ଲର୍ ସିଷ୍ଟମ୍ ସହିତ ଅଲଟ୍ରାସୋନୋଗ୍ରାଫି | ୦୪।୦୩।୨୦୨୪ ୧୦.୩୦ ଘଟିକାରେ | ୦୧ ଗୋଟି |
| ୭ | ଏସ୍-କି ଫଟୋକପି ୨୪ | ବିଳାସପୁରରେ ୦୫ (ପାଞ୍ଚ) ଗୋଟି ସ୍ଥାନରେ (୦୫ ମେଶିନ୍) ସହିତ ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ କାର୍ଯ୍ୟାଳୟ ପରିସରରେ ଫଟୋକପି ସେବା ଯୋଗାଇବା | ୧୧।୦୩।୨୦୨୪ ୧୦.୩୦ ଘଟିକାରେ | ପାଖାପାଖି ୭୯୩୬୦୦୦ ପୃଷ୍ଠା |

ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖିଛି। ଶୁଦ୍ଧିପତ୍ର ଏବଂ ବିକ୍ରେତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୋଟିସ ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।

*ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ*
CPR/10/452 *ଦ.ପୂ.ମ. ରେଳପଥ, ବିଳାସପୁରଙ୍କ ପାଇଁ*
South East Central Railway @secrail

# ବିପଦପୂର୍ଣ୍ଣ ଲାଠିଆଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ







**ଥୁଆମୂଳ ରାମପୁର, ୨୪।୨ (ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଥୁଆମୂଳ ଗ୍ରାମପଞ୍ଚାୟତ ଲାଠିଆଗୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ଅବସ୍ଥା ଅତି ଶୋଚନୀୟ ହୋଇପଡିଛି। ସରକାର ୫-ଟି ଯୋଜନାରେ ବିଦ୍ୟାଳୟଗୁଡିକର ରୂପାନ୍ତରଣରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଲାଠିଆଗୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ଉପରେ ଏ ପର୍ଯ୍ୟନ୍ତ କୃପାଦୃଷ୍ଟି ପଡ଼ି ନ ଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅବସ୍ଥିତ ଏହି ବିଦ୍ୟାଳୟରେ ୨୫ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟ କୋଠା ଦୁର୍ବଳ ହୋଇ ପଡିଛି। ଛାତରୁ ସିମେଣ୍ଟ ଖସି ଯାଇ ଲୁହାରଡଗୁଡ଼ିକ ଦେଖାଯାଉଛି। ବର୍ଷାଦିନେ ଛାତରୁ ପାଣି ଝରିବା ଫଳରେ ସମୁଦାୟ ୩ଟି କୋଠରି ମଧ୍ୟରୁ ଦୁଇଟି କୋଠରିରେ ପାଠ ପଢିବା ପଢାଇବା ଅର୍ଥ ଜୀବନକୁ ବାଜି ଲଗାଇବା ସହ ସମାନ। ଶିକ୍ଷକ ଓ ଛାତ୍ରୀଛାତ୍ର ପ୍ରାଣଭୟରେ ଯେନତେନ ପ୍ରକାରେଣ ଗୋଟିଏ ମାତ୍ର କୋଠରୀରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଏକାଠି ବସି ପଢିବାକୁ ବାଧ୍ୟ ହେଉଛନ୍ତି। ସରକାର ଅନେକ ବିଦ୍ୟାଳୟକୁ ଅନୁଦାନର ସୁଅ ଛୁଟୁଥିବା ବେଳେ ଲାଠିଆଗୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରତି କାହାର ଦୃଷ୍ଟି ନ ପଡ଼ିବା ପରିତାପର ବିଷୟ। ବିଦ୍ୟାଳୟ ଅବସ୍ଥା ଅତି ଦୟନୀୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ପାନୀୟ ଜଳର ଘୋର ଅଭାବ ରହିଛି। ସରକାର ତୁରନ୍ତ ନୂତନ ଗୃହ ଯୋଗାଇ ଦେବାକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଙ୍କୀର୍ତ୍ତନ ନାଏକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMC-TADIRAN-KUR-368, ତା.15.02.2024ରିଖ

**କାର୍ଯ୍ୟର ନାମ :** ସର୍ଭର ଗେଟୱେ ଆର୍କିଟେକ୍ଟରେ ରେଳ ସଦନ ମେନ୍ ଟେଲିଫୋନ ଏକ୍ସଚେଞ୍ଜ (Tadiran IPX 4000), ସର୍ଭର ଗେଟୱେ ଆର୍କିଟେକ୍ଟର (ରେଳ ସଦନ, ରେଳ ବିହାର ଏବଂ ମଞ୍ଚେଶ୍ୱର ଜିଏମ୍ ଇଣ୍ଟରକମ୍ ଏକ୍ସଚେଞ୍ଜ-TADIRAN IPX 3000)ରେ Tadiran GM Intercom ତଥା ମଣ୍ଡଳ ରେଳ ପ୍ରବନ୍ଧକ ଇଣ୍ଟରକମ୍ TADIRAN Exchange, ଖୋର୍ଦ୍ଧା ରୋଡ଼ର ବ୍ୟାପକ ବାର୍ଷିକ ଅନ୍‌ସାଇଟ୍ ରକ୍ଷଣାବେକ୍ଷଣ ଚୁକ୍ତି ।

**ଟେଣ୍ଡର ମୂଲ୍ୟ :** ₹15,52,886.64, EMD : ₹31,100/-, ଟେଣ୍ଡର ନଥିପତ୍ର ମୂଲ୍ୟ (₹) : 2360/-(18% GST ସହିତ) ।

(2) ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMC-AVAYA-KUR-369, ତା.15.02.2024ରିଖ

**କାର୍ଯ୍ୟର ନାମ :** ତିନି ବର୍ଷ (36 ମାସ) ନିମନ୍ତେ ଖୋର୍ଦ୍ଧା ରୋଡ଼ ଠାରେ AVAYA ଦ୍ୱାରା ନିର୍ମିତ IP ଏକ୍ସଚେଞ୍ଜ ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।

**ଟେଣ୍ଡର ମୂଲ୍ୟ :** ₹26,72,699.76, EMD : ₹53,500/-, ଟେଣ୍ଡର ନଥିପତ୍ର ମୂଲ୍ୟ (₹) : 3,540/-(18% GST ସହିତ) ।

ବିଡ୍ ଆରମ୍ଭ ହେବା ତାରିଖ : ତା.26.02.2024ରିଖ (ଉଭୟ ଟେଣ୍ଡର ନିମନ୍ତେ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.11.03.2024 ରିଖ 1100 ଘଟିକା (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼
PR-1115/O/23-24

**ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ**

No.XXXIII-32

**ନୋଟିସ**

**ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା- ୧୯୦୮ ଅନୁଯାୟୀ**

**ଏଲ୍.ଏ. କେସ୍ ନଂ.-୨୪୫/୨୦୧୯**

ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର, ଖୋର୍ଦ୍ଧା ... ... ... ଆବେଦନକାରୀ

ବନାମ

୧. ଟିକନ ଜେନା, ପିତା- ଅଗାଧୁ ଚନ୍ଦ୍ର ଜେନା, ସା- ଖୋଲାଦ୍ୱାର, ୨. ଇନ୍ଦୁମତି ସାହୁ, ପିତା- ଅର୍ଜ୍ଜୁନ ସାହୁ, ସା- ବେଲପଡ଼ା, ୩. ରବିନ୍ଦ୍ରନାଥ ସାହୁ, ୪. ଭୁବନାନନ୍ଦ ସାହୁ, ପିତା- ଅର୍ଜ୍ଜୁନ ସାହୁ, ସା- ବେଲପଡ଼ା, ୫. ଅର୍ଜ୍ଜୁନ ସାହୁ, ୬. ଭୀମସେନ ସାହୁ, ୭. ପଦ୍ମାବତୀ ସାହୁ, ପିତା- ଉଛବ ସାହୁ, ୮. କାଳୀକା ସାହୁ, ୯. କୁନ୍ତଳା ସାହୁ, ୧୦. ଶକୁନ୍ତଳା ସାହୁ, ପିତା- କୁମର ସାହୁ, ୧୧. ସାରଙ୍ଗ ସାହୁ, ୧୨. ସଞ୍ଜୟ ସାହୁ, ୧୩. ଜନ୍ମେଶ୍ୱର ସାହୁ, ୧୪. ପ୍ରମିଳା ସାହୁ, ୧୫. ବିମଳା ସାହୁ, ୧୬. ଉର୍ମିଳା ସାହୁ, ପିତା- ଶଙ୍କର ସାହୁ, ସା- ଖୋଲାଦ୍ୱାର ... ... ... ବିରୋଧୀ ପକ୍ଷମାନେ।

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ଥିରୀକୃତ କ୍ଷତି ପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି. -୧ (ଏ) କ୍ୟାଣ୍ଟନମେଣ୍ଟ ରୋଡ, କଟକଙ୍କ ଇଜିଲାସ / ଅଦାଲତରେ ଏଲ୍.ଏ. କେସ୍ ନଂ. ୨୪୫/୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି। ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା- ଖୋଲାଦ୍ୱାର, ଖାତା ନଂ.- ୩୨୫, ପ୍ଲଟ୍ ନଂ.- ୩୬୨, ରକବା ଏ୦.୦୫୦ଡି. ଅଟେ। ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ / ତଦ୍‌ବିର କରିପାରିବେ। ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା୨୧।୦୩।୨୪ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ / ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ। ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ। ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହି ମୋହର ସହ ଦିନାଙ୍କ ତା୧୯।୦୧।୨୪ରିଖ।

**ପ୍ରିଜାଇଡିଂ ଅଫିସର**
**ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକ**
OIPR-24351/14/0037/2324

## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ ୭ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ

**ଠିକାଦାରଙ୍କ ଘରୁ ଡକାୟତି ଘଟଣାର ରାୟ ପ୍ରକାଶ**

ଧର୍ମଗଡ଼,୨୪।୨(ହିମାଂଶୁ ଶେଖର ପଣ୍ଡା)

କଳାହାଣ୍ଡି ଜିଲା ଧର୍ମଗଡ଼ ବସ୍ତିପଡାରେ ବାସ କରୁଥିବା ନଳକୂପ ଠିକାଦାର ଦିନେଶ ଅଗ୍ରୱାଲଙ୍କ ଘରୁ ୨୦୨୨ରେ ୫୦ଲକ୍ଷ ଟଙ୍କା ଡକାୟତି ଘଟଣାର ରାୟ ଶନିବାର ପ୍ରକାଶ ପାଇଛି। ଧର୍ମଗଡ଼ ସହାୟକ ଦୌରା ଜଜ୍ ବିଶ୍ୱବିସୃତ କର ଏହି ମାମଲାର ସମସ୍ତ ତଥ୍ୟ ଓ ପ୍ରମାଣ ଭିତ୍ତିକରି ଅଭିଯୁକ୍ତ ରୋଷେୟା ଯୁଗେନ ପଟେଲ ଓ ଡକାୟତିରେ ପ୍ରତ୍ୟକ୍ଷ ସହଯୋଗ କରିଥିବା ବାସୁଦେବ ପଟେଲ, ନେପାଳ ଏଡଜୁଏଡ଼ ଓ କୈଳାଶ ହାତୀଙ୍କୁ ଦୋଷୀ ସାବ୍ୟସ୍ତ କରି ୭ବର୍ଷ ଲେଖାଏଁ ଜେଲ ଦଣ୍ଡା ଦେଶ ସହ ୨୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜରିମାନା ଅନାଦେୟ ସ୍ଥଳେ ଅତିରିକ୍ତ ୬ ମାସ ଆହୁରୁ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲା ଅତିରିକ୍ତ ସରକାରୀ ଓକିଲ ରାଜେନ୍ଦ୍ର କୁମାର ମୁନି ପରିଚାଳନା କରିଥିଲେ।

### ବନାଞ୍ଚଳସ୍ତରୀୟ ବନାଗ୍ନି ସଚେତନତା ଶିବିର

ଟିଟିଲାଗଡ଼, ୨୪।୨(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବନାଞ୍ଚଳସ୍ତରୀୟ ବନାଗ୍ନି ନିବାରଣ ସଚେତନତା ଶିବିର ସ୍ଥାନୀୟ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ଗୀତା ବିଶି ମୁଖ୍ୟଅତିଥି, ପୌର ଉପାଧକ୍ଷା ପୁଷ୍ପାମଞ୍ଜରୀ ଜାଲ, ପୂର୍ବତନ ବ୍ଲକ ଅଧକ୍ଷା ରମାକାନ୍ତି ପୁଟେଲ, ଓଡ଼ିଶା ବନ ଉନ୍ନୟନ ନିଗମର ପିଙ୍କୁ ଭୋଇ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଟିଟିଲାଗଡ଼ରେ ପରିବେଶ ସୁରକ୍ଷା ପାଇଁ ବନାଗ୍ନି ନିୟନ୍ତ୍ରଣ ନିତାନ୍ତ ଜରୁରୀ ଏବଂ ଏନେଇ ସଭିଏଁ ମିଳିମିଶି କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅଗ୍ନିଶମ ବିଭାଗ ଅଧିକାରୀ ଆର.ଏସ୍. ବାରିକ କୌଣସି ଗୃହରେ ନିଆଁ ଲାଗିବା ଠାରୁ ଜଙ୍ଗଲ ନିଆଁ ଅଧିକ ଭୟଙ୍କର ବୋଲି ସତର୍କ କରାଇଥିଲେ। ଏହି ଅବସରରେ ଉପସ୍ଥିତ ବନ ସୁରକ୍ଷା ସମିତି, ମହିଳା ଗୋଷ୍ଠୀ ସଦସ୍ୟା, ବନ କର୍ମଚାରୀଙ୍କୁ ବନାଞ୍ଚଳ ଅଧିକାରୀ ସଚ୍ଚିଦାନନ୍ଦ ସୁବୁଦ୍ଧି ବନାଗ୍ନି ନିବାରଣ ନେଇ ଶପଥପାଠ କରାଇଥିଲେ। ପ୍ରକୃତିବନ୍ଧୁ ରମାକାନ୍ତ ଗହିରଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଆମ ଜଙ୍ଗଲ ଯୋଜନା ଟିମ୍ ଲିଡର ଅଜୟ ମହାନ୍ତି ସଭା ପରିଚାଳନା କରିଥିଲେ। ଡିଓ ଦିବାକର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବନପାଳ ସୁରେନ୍ଦ୍ର ମହାରଣା, ବିପିନ ସାହୁ, ଅମରୀଶ ବୁଢ଼େକ, ପ୍ରିୟଙ୍କା ପୋଢ଼, ବନରକ୍ଷୀ ପିତାମ୍ବର ମାଝି, ତପସ୍ୱିନୀ ସାହୁ, ପୂଜାରାଣୀ ସେଠ, ରଞ୍ଜିତା ପୋଢ଼, ନମିତା ତାଣ୍ଡି, ସୁନିତା ମୁଣ୍ଡା, ହିମାଂଶୁ ବେହେରା, ଅନିଲ ଡୁଙ୍ଗଡୁଙ୍ଗ, ସଞ୍ଜୀବ କଟା, ଏଜେୱାଇ ଡିଓ ଦିବାକର ପ୍ରଧାନ, ବନ ସୁରକ୍ଷା ସମିତି ସଭାପତି ରାଧେଶ୍ୟାମ କବାଟ, ଶଙ୍କର ଭୋଇ, ପ୍ରଶାନ୍ତ ନାଗ, ରମାକାନ୍ତ ବିଶି, ଶିକ୍ଷାବିତ ଚୌବନ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଦେଶର ନାରୀଶକ୍ତି ନୂଆ ଉଚ୍ଚତାକୁ ଯାଇଛି: ଧର୍ମେନ୍ଦ୍ର

- ଦେବଗଡ଼ରେ 'ଲାଭାର୍ଥୀ ସମ୍ପର୍କ ଅଭିଯାନ'ରେ କେନ୍ଦ୍ରମନ୍ତ୍ରୀ
- ମୋଦି ସରକାରଙ୍କ କଲ୍ୟାଣକାରୀ ଯୋଜନା ଉପରେ ଅବଗତ କରାଇଲେ କେନ୍ଦ୍ରମନ୍ତ୍ରୀ
- ଘର ଘର ବୁଲି ମୋଦିଙ୍କ ଷ୍ଟିକର ଲଗାଇବା ସହ ଲିଫଲେଟ ବାଣ୍ଟିଲେ
- ଉଚ୍ଚଶିକ୍ଷା କ୍ଷେତ୍ରରେ ଛାତ୍ରୀଙ୍କ ନାମଲେଖା ଅଭିବୃଦ୍ଧି ବିକଶିତ ଭାରତ ନିର୍ମାଣ ପାଇଁ ମାର୍ଗ ପ୍ରଶସ୍ତ କରିଛି



ଦେବଗଡ଼, ୨୪।୨(ଶଶାଙ୍କ ଶେଖର ଝାଙ୍କର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆଜି ଦେଶର ନାରୀଶକ୍ତି ଓ ମହିଳା ଆଧାରିତ ବିକାଶ ନୂଆ ଉଚ୍ଚତାକୁ ଯାଇଛି ବୋଲି ଶନିବାର ଦେବଗଡ଼ର ରଜାମୁଣ୍ଡା ଅଞ୍ଚଳରେ 'ଲାଭାର୍ଥୀ ସମ୍ପର୍କ ଅଭିଯାନ'ରେ ସାମିଲ ହେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅଭିଯାନ ଅଧୀନରେ କେନ୍ଦ୍ରମନ୍ତ୍ରୀ ମୋଦୀ ସରକାରଙ୍କ କଲ୍ୟାଣକାରୀ ଯୋଜନାର ଲାଭାର୍ଥୀ ବିଶେଷ ଭାବରେ ସ୍ଥାନୀୟ ଅଞ୍ଚଳର ମା'ଭଉଣୀମାନଙ୍କୁ ଭେଟିବା ସହ ଆଲୋଚନା ଆଲୋଚନା କରିଥିଲେ । ଘର ଘର ବୁଲି ମୋଦିଙ୍କ ଷ୍ଟିକର ଲଗାଇବା ସହ ଲିଫଲେଟ ବାଣ୍ଟିଥିଲେ । ସେ କହିଥିଲେ ଯେ ମୋଦି ସରକାର ଲୋକଙ୍କ ଜୀବନକୁ ସହଜ କରିବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେଇଛନ୍ତି। ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ, ଜଳ ଜୀବନ ମିଶନରେ ପ୍ରତି ଘରକୁ ପାଇପ ଯୋଗେ ବିଶୁଦ୍ଧ ପାଣି ପହଞ୍ଚାଯାଇଛି । ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ଚାଉଳ, ଉଜ୍ଜ୍ୱଳା ଯୋଜନାରେ ମାଗଣାରେ ରନ୍ଧନ ଗ୍ୟାସ ସହ କରୋନା ସମୟରେ ଟିକା ଉପଲବ୍ଧ କରାଇଛନ୍ତି। ଜନଧନରେ ଟଙ୍କା ଓ ଲକ୍ଷପତି ଦିଦି ଭଳି ଅନେକ ଯୋଜନା ବିଶେଷତଃ ମାତୃଶକ୍ତିଙ୍କ ଜୀବନରେ ପରିବର୍ତ୍ତନ ଆଣିଛି । ଉଚ୍ଚଶିକ୍ଷା କ୍ଷେତ୍ରରେ ଛାତ୍ରୀଙ୍କ ନାମଲେଖା ଅଭିବୃଦ୍ଧି ଓ ଅନ୍ୟାନ୍ୟ ସଫଳତା ବିକଶିତ ଭାରତ ନିର୍ମାଣ ପାଇଁ ଆମର ମାର୍ଗ ପ୍ରଶସ୍ତ କରିଛି। ଏହି ଅବସରରେ ପ୍ରଧାନ ପ୍ରଧାନମନ୍ତ୍ରୀ ମୋଦିଙ୍କ କଲ୍ୟାଣକାରୀ ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ସହ ତାଙ୍କ ହାତମୁଠାକୁ ଟାଣ କରିବା ପାଇଁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଦେବଗଡ଼ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, କାଉନସିଲର୍ ଇତିଶ୍ରୀ ମିଶ୍ର, ମଧୁସୂଦନ ବାଘ, କାର୍ତ୍ତିକ ମହକୁଲ, ପିଙ୍କି ସାହୁ, ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ, ସାଧାରଣ ସମ୍ପାଦକ ସଚିକାନ୍ତ ଦାଶ, ଉପସଭାପତି ଭାରତ ଭୂଷଣ ପ୍ରଧାନ, ବରିଷ୍ଠ ଭାଜପା ନେତା ରୋହିତ ଗଙ୍ଗଦେବ, ସୁଧୀର କୁମାର ବ୍ରହ୍ମା, ଭୋଲେଶ୍ୱର୍ ପ୍ରଧାନ, ରାଜେନ୍ଦ୍ର ଆଚାର୍ଯ୍ୟ , ମାଧବୀ ଦେବୀ ଓ ପ୍ରୀତି ପରିମିତା ବେହେରାଙ୍କ ସମେତ ବହୁ ଭାଜପା ନେତା ଓ କର୍ମୀ ଉପସ୍ଥିତ ଥିଲେ।

## କଂଗ୍ରେସର ସାଙ୍ଗଠନିକ ବୈଠକ



ଦେବଗଡ,୨୪।୨(ଶଶାଙ୍କ ଶେଖର ଝାଙ୍କର)

ରିଆମାଳ ବ୍ଲକ ଆଦିବାସୀ ଅଧ୍ୟୁଷିତ କୋହ୍ଲବସା ପଞ୍ଚାୟତ ଜୁଆଳିଭଙ୍ଗା ଗ୍ରାମରେ ଜିଲା କଂଗ୍ରେସର ଏକ ସାଙ୍ଗଠନିକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ ଯୋଗଦେଇ ଦଳୀୟ କର୍ମୀଙ୍କ ସହିତ ସମ୍ପୃକ୍ତ ଅଞ୍ଚଳର ବିଭିନ୍ନ ସମସ୍ୟା ଓ ଏଗୁଡିକର ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ କଂଗ୍ରେସ ସଙ୍ଗଠନକୁ ଅଧିକ ସୁଦୃଢ଼ କରିବା ପାଇଁ ପ୍ରତ୍ୟେକ କର୍ମୀ ଘର ଘର ବୁଲି ଜନସାଧାରଣଙ୍କୁ ସାହାଯ୍ୟ ସହଯୋଗ କରିବାସହ ଦଳ ପ୍ରତି ଅଧିକରୁ ଅଧିକ ସମର୍ଥନ ଜୁଟାଇବାକୁ ଉପସ୍ଥିତ କର୍ମୀମାନେ ସଂକଳ୍ପ କରିଥିଲେ। ବୈଠକରେ ଦଳୀୟ କର୍ମୀଙ୍କ ସମେତ ସମ୍ପୃକ୍ତ ଅଞ୍ଚଳର ବହୁ ମହିଳା ଓ ପୁରୁଷ ଯୋଗ ଦେଇଥିଲେ।

# ବଜରଙ୍ଗ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ



ମୁଖ୍ୟ ଅତିଥି ଫିତାକାଟି ଖେଳକୁ ଉଦ୍‌ଘାଟନ କରୁଛନ୍ତି।

ଦେବଗଡ଼,୨୪।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ପୌରାଞ୍ଚଳ ମହୁଲଡିପାସାହି ୧୧ନଂ. ୱାର୍ଡ ନାଳ ପଡିଆଠାରେ ମହାବୀର କ୍ଲବ ଆନୁକୂଲ୍ୟରେ ବଜରଙ୍ଗ କ୍ରିକେଟ ପ୍ରତିଯୋଗିତା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମହାବୀର କ୍ଲବର ସଭାପତି କାର୍ତ୍ତିକ ମହାକୁଲଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଜୁ ଜନତା ଦଳର ଦେବଗଡ ଜିଲା ପର୍ଯ୍ୟବେକ୍ଷକ ଗୌତମ ବୁଦ୍ଧ ଦାସ, ସମ୍ମାନୀତ ଅତିଥି ଦେବଗଡ ପୌରପରିଷଦ ଅଧକ୍ଷା ଶାନ୍ତି ମଞ୍ଜରୀ ଦେଇ, ଦେବଗଡ ଜିଲା ବିଜେଡି ସଭାପତି ଇଂ ଚିତରଞ୍ଜନ ପ୍ରଧାନ ଓ ସୌମ୍ୟରଞ୍ଜନ ମହାପାତ୍ର ଯୋଗଦେଇ ଫିତାକାଟି ପ୍ରତିଯୋଗୀତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଆୟୋଜକ ମହାବୀର କ୍ଲବ ଓ ରାଜୀବ ଗାନ୍ଧୀ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରାଜୀବ ଗାନ୍ଧୀ କ୍ରିକେଟ କ୍ଲବକୁ ୨୮ ରନରେ ପରାସ୍ତ କରି ଆୟୋଜକ ମହାବୀର କ୍ଲବ ବିଜୟୀ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚକୁ ଅମ୍ପାୟାର ଭାବେ ଟଙ୍କଧର ନାୟକ ଓ ମୁକେଶ ଦଳେଇ ପରିଚାଳନା କରିଥିଲେ। ମ୍ୟାଚରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା କିରଣ ନାୟକଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଅପରାହ୍ନରେ କ୍ଲବର ଉପସଭାପତି ପ୍ରିତମ କୁମାର ବେହେରାଙ୍କ ସଂଯୋଜନାରେ ଆୟୋଜିତ ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଜେଡିର ଦେବଗଡ ନଗର ସଭାପତି ଶୁକଦେବ ଭଞ୍ଜ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ମହାବୀର କ୍ଲବର ଯୁଗ୍ମ କୋଷାଧକ୍ଷ ଆଲୋକ ମହାପାତ୍ର, ସଦସ୍ୟ ସୁବାସ ପ୍ରଧାନ, ପ୍ରଶାନ୍ତ କୁମାର ଭଞ୍ଜ,ସୱସ୍ତିକ ମହାପାତ୍ର, ଅଭିଳାଶ ମିଶ୍ର,ବିକାଶ କୁମାର ପ୍ରଧାନ, ଦୀପକ କୁମାର ସାହୁ,ରାକେଶ ଦାଶ, ତନ୍ମୟ ଘୋଷ, ରଞ୍ଜନ ଶଙ୍ଖାରୀ, ଆଶିଷ ଦଣ୍ଡିଆ, ଅଜିତ ଦଣ୍ଡିଆ, ତନ୍ମୟ ପ୍ରଧାନ, ନିଳାଞ୍ଚଳ ନାଏକ, ରଞ୍ଜନ କୁମାର ସାହୁ, ବି . କ୍ଷୀରୋଦ କୁମାର, ଅମରେଶ ଦେବ, ଗଣେଶ ବାଘ ଓ ପରିତୋଷ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସମ୍ପାଦକ ରାଜୀବ ଗଡନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## କଣ୍ଟାବାଞ୍ଜିକୁ ମ୍ୟୁନିସିପାଲିଟି ଘୋଷଣାକୁ ବିଭିନ୍ନ ମହଲରେ ସ୍ୱାଗତ

କଣ୍ଟାବାଞ୍ଜି, ୨୪।୨(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନ୍‌ଏସିକୁ ଓଡ଼ିଶା ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମ୍ୟୁନିସିପାଲିଟି ଘୋଷଣା କରିଥିବାରୁ କଣ୍ଟାବାଞ୍ଜି ନଗରବାସୀ ସ୍ୱାଗତ ଓ ପ୍ରଶଂସା କରିଛନ୍ତି। ଏପରିକି ବିଭିନ୍ନ ମହଲରୁ କଣ୍ଟାବାଞ୍ଜିରେ ବାଣ ଫୁଟାଯିବା ସହିତ ମିଷ୍ଟାନ୍ନ ମଧ୍ୟ ବଣ୍ଟନ କରାଯାଇଛି। କଣ୍ଟାବାଞ୍ଜି ଏକ ବ୍ୟବସାୟିକ ସହର ହୋଇଥିବାବେଳେ ଦିନକୁ ଦିନ ଦ୍ରୁତ ଗତିରେ ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ପୂର୍ବରୁ ଥିବା କାଉନସିଲ କଣ୍ଟାବାଞ୍ଜିକୁ ବିଭିନ୍ନ ସମୟରେ ମ୍ୟୁନିସିପାଲିଟି ଘୋଷଣା କରିବା ପାଇଁ ଲିଖିତ ଜଣାଇ ଆସିଥିଲେ। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଏହା ଘୋଷଣା କରିଥିବାରୁ ତାହା ସାକାର ହୋଇଥିବା ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି। ଏପରିକି ବର୍ତ୍ତମାନର ନଗରପାଳ ବରିୟାମ ସିଂ ସାଲୁଜା, ଉପନଗରପାଳ ମନୋରମା ରାଉତଙ୍କ ସହ ସମସ୍ତ କାଉନସିଲର ମଧ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି। ବିଧାୟକ ସନ୍ତୋଷ ସିଂ ସାଲୁଜା, ପୂର୍ବତନ ବିଧାୟକ ଅୟୁବ ଖାନ, ବିଜେଡି ନେତା ଅଜୟ ଦାସ, ଫିରୋଜ ଖାନ, ଜିଲା ଉନ୍ନୟନ ପରିଷଦ ଉପାଧକ୍ଷା ନିରୁପମା ମାଝି, ଗିରିରାଜ ସିଂ ମାଝି ମଧ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି।

## ପରିଶ୍ରମର ଫଳ କେବେ ବୃଥା ହୁଏନି

ସମ୍ବଲପୁର,୨୪।୨(ବି.ଶଙ୍କର)



ସମ୍ବଲପୁର ଜିଲା ଶାଶନସ୍ଥିତ ବିକାଶ ସ୍କୁଲ ସମୂହ କ୍ୟାମ୍ପସ ପରିସରରେ ଉଦୀୟମାନ କ୍ଷେତ୍ରରେ କର୍ମ ନିଯୁକ୍ତି ସୁଯୋଗ ଶୀର୍ଷକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ସଞ୍ଜୀବ କୁମାର ବାବୁ ସ୍ୱାଗତ ଭାଷଣ ଦେଇଥିଲେ। ସିଏସ୍‌ଆଇଆର୍‌- ଏମ୍‌ବିଆର୍‌ଆଇ ମୁଖ୍ୟ ନିର୍ଦ୍ଦେଶକ ଡ. ଅଜିତ କୁମାର ଶାସନୀ ମୁଖ୍ୟଅତିଥି ଓ ବିଜ୍ଞାନ ସଂଯୋଜକ ଏବଂ ଦୂରଦର୍ଶନ ସଞ୍ଚାଳକ ଲକ୍ଷ୍ମୀନାରାୟଣ ବକ୍ସି ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ବୈଜ୍ଞାନିକ ଡ. କେ. ଜୀବନ ସିଂ ପରିଶ୍ରମର ଫଳ କେବେ ବୃଥା ହୁଏ ନାହିଁ ବୋଲି ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଡ. ପ୍ରଶାନ୍ତ କୁମାର ରାଉତ, ଡ. ଚନ୍ଦ୍ରଶେଖର ମହାନ୍ତି ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କରିଥିଲେ। ଇଂରାଜୀ ବିଭାଗ ଅଧ୍ୟାପିକା ଶୁଭଶ୍ରୀ ମିଶ୍ର ଓ କମ୍ପ୍ୟୁଟର ବିଜ୍ଞାନର ଅଧ୍ୟାପକ ମନୋରଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଶେଷରେ ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲର ଅଧକ୍ଷା ଡ. ପୁଷ୍ପିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

**सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड**
**cmpdi Central Mine Planning & Design Institute Ltd.**
( A Subsidiary of Coal India Limited)
Gondwana Place, Kanke Road, Ranchi - 834031, JHARKHAND, INDIA

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal https://gem.gov.in."

# ଜିଏମ୍‌ୟୁ ବାଣିଜ୍ୟ ବିଭାଗ ଛାତ୍ରୀଛାତ୍ରଙ୍କ ଶିଳ୍ପୋଦ୍ୟୋଗ ପରିଦର୍ଶନ

ସମ୍ବଲପୁର,୨୪।୨(ପ୍ରମୋଦ ବହିଦାର)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର ଶନିବାର ଶାସନସ୍ଥିତ ଏଜି ସୋଲାର ଉଦ୍ୟୋଗ ପରିଦର୍ଶନ କରିଛନ୍ତି। ବିଭାଗୀୟ ମୁଖ୍ୟ ଡ. ପ୍ରିୟବ୍ରତ ପଣ୍ଡାଙ୍କ ନେତୃତ୍ୱରେ ପ୍ରାୟ ୫୦ ଛାତ୍ରୀଛାତ୍ର ଏଥିରେ ସାମିଲ ଥିଲେ। ଏହି ଅବସରରେ ଶିଳ୍ପଦ୍ୟୋଗୀ ପ୍ରାଞ୍ଜଳ ଅଗ୍ରୱାଲ ଓ ଆୟୁଶ ଅଗ୍ରୱାଲ ବିଦ୍ୟାର୍ଥୀମାନଙ୍କୁ ସେମାନଙ୍କ ବ୍ୟବସାୟ ସମ୍ପର୍କିତ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଏମ୍‌ୟୁ ବାଣିଜ୍ୟ ବିଭାଗର ସୁବାସ ଚନ୍ଦ ଝାଙ୍କର, ଶୁଭେଚ୍ଛା ନାୟକ, ଝାଂଶିରାଣୀ ପରିଡ଼ା ଗବେଷକ ବିକାଶ ସେଠୀ ଓ ପ୍ରମୁଖ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସହ ଅରୁଣା ଶର୍ମା ସାମିଲ ହୋଇଥିଲେ।



ଜିଏମ୍‌ୟୁ ଛାତ୍ରୀଛାତ୍ରଙ୍କ ଶିଳ୍ପୋଦ୍ୟୋଗ ପରିଦର୍ଶନ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-TELE-ZONAL-KUR1-370, ତା.19.02.2024ରିଖ

**କାର୍ଯ୍ୟର ନାମ:** 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ଆବଶ୍ୟକତା ଅନୁଯାୟୀ ସିନିୟର ସେକ୍ସନ ଇଂଜିନିୟର ଦୂରସଂଚାର/ଖୋର୍ଦ୍ଧା ରୋଡ଼ ଅର୍ଥାତ୍ ଖୋର୍ଦ୍ଧା ରୋଡ଼, ଏକ୍ସ-ରେଟଙ୍ଗ, ହରିପୁରଗ୍ରାମ, ମୋଟାରି, ଖୋର୍ଦ୍ଧା ରୋଡ଼-ନୂଆଗାଁ-ଦଣପଲ୍ଲା, ଅରଗୁଳ, ଏକ୍ସ-କାଇପଦର ରୋଡ଼ ପରିସୀମା ଅଧୀନସ୍ଥ ସେକ୍ସନରେ ଏବଂ ଅନ୍ୟ ଯେକୌଣସି ସ୍ଥାନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଦୂରସଂଚାର ଜୋନାଲ (Zonal) କାର୍ଯ୍ୟ ।

**ଟେଣ୍ଡର ମୂଲ୍ୟ(₹):** 68,64,754.48, EMD (₹): 1,37,300/- ।

ବିଡ୍ ଆରମ୍ଭ ହେବା ତାରିଖ: ତା.27.02.2024ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.12.03.2024 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼
PR-1117/O/23-24

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ସାମଗ୍ରୀ ପରିଚାଳନା ବିଭାଗ**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୪/୨୪/୮, ତାରିଖ: ୨୦-ଫେବୃଆରୀ-୨୦୨୪

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ସମାପ୍ତି/ ଖୋଲାଯିବା ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୨୨୪୪୦୭୭ | ଲାବିରିନ୍ଥ ରିଙ୍ଗ ଓ ବିୟରିଂ କ୍ୟାପ୍ (ଡିଇ) ଟ୍ରାକ୍ସନ୍ ମୋଟର୍ସ ଟାଇପ୍ ୬ଏଫ଼ଆର୍‌ଏ ୬୦୬୮ର ସେଟ୍ | ୧୧।୦୩।୨୦୨୪ ୧୦.୩୦ ଘଟିକାରେ | ୬୫ ସେଟ୍ |
| ୨ | ୦୩୨୪୩୧୮୨ | ବୁଶ୍ (ବ୍ରୋଞ୍ଜି) ଆରଡିଏସ୍‌ଓ ଡିଆରଜି ନଂ. ଡବ୍ଲ୍ୟୁଡି-୯୨୦୮୧ ଅନୁରୂପ | ୧୫।୦୩।୨୦୨୪ ୧୦.୩୦ ଘଟିକାରେ | ୩୬୦୦ ଗୋଟି |
| ୩ | ୦୩୨୪୩୩୯୨ | ବ୍ରେକ୍ ପାଇପ୍ ସପୋର୍ଟ ଆଙ୍ଗଲ୍ | ୧୫।୦୩।୨୦୨୪ ୧୦.୩୦ ଘଟିକାରେ | ୧୮୦୦୦ ଗୋଟି |
| ୪ | ୦୩୨୪୧୬୬୭ | ଫ୍ଲାପ୍ ଡୋର୍ ଚେନ୍‌ଲେସ୍ କଟର୍ ରିଭେଟ୍ | ୧୮।୦୩।୨୦୨୪ ୧୦.୩୦ ଘଟିକାରେ | ୯୬୬୯୪ ଗୋଟି |
| ୫ | ୦୩୨୪୨୭୭୩ | ଆରଡିଏସ୍‌ଓ ଡ୍ରଇଂ ନଂ.ଡବ୍ଲ୍ୟୁଡି-୦୮୦୯୩-ଏସ୍/୨ ଅନୁଯାୟୀ ସେକେଣ୍ଡାରୀ ବ୍ରେକ୍ ବିନ୍ ଆସେମ୍ବ୍ଲି | ୧୮।୦୩।୨୦୨୪ ୧୦.୩୦ ଘଟିକାରେ | ୧୨୫ ଗୋଟି |
| ୬ | ୦୮୨୩୬୨୯୪ଏ | କଲର୍ ଡୋପ୍‌ଲର୍ ସିଷ୍ଟମ୍ ସହିତ ଅଲ୍‌ଟ୍ରାସୋନୋଗ୍ରାଫି | ୦୪।୦୩।୨୦୨୪ ୧୦.୩୦ ଘଟିକାରେ | ୦୧ ଗୋଟି |
| ୭ | ଏସ୍-ଜି ଫଟୋକପି ୨୪ | ବିଳାସପୁରରେ ୦୫ (ପାଞ୍ଚ) ଗୋଟି ସ୍ଥାନରେ (୦୫ ମେଶିନ୍) ସହିତ ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ କାର୍ଯ୍ୟାଳୟ ପରିସରରେ ଫଟୋକପି ସେବା ଯୋଗାଇବା | ୧୧।୦୩।୨୦୨୪ ୧୦.୩୦ ଘଟିକାରେ | ପାଖାପାଖି ୭୯୩୬୦୦୦ ପୃଷ୍ଠା |

ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖିଛି। ଶୁଦ୍ଧିପତ୍ର ଏବଂ ବିକ୍ରେତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୋଟିସ ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।

ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ
CPR/10/452 ଦ.ପୂ.ମ. ରେଳପଥ, ବିଳାସପୁରଙ୍କ ପାଇଁ
South East Central Railway @secrail

# ରେଳ ସଂଯୋଗ, ମେଡିକାଲ କଲେଜ, କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ଉପରେ ଗୁରୁତ୍ୱାରୋପ

ଦେବଗଡ଼, ୨୪।୨(ଶଶାଙ୍କ ଶେଖର ଝାଙ୍କର)



**ଜିଲା ନାଗରିକ କମିଟି ପକ୍ଷରୁ ବୌଦ୍ଧିକ ଆଲୋଚନାଚକ୍ର**

ଦେବଗଡ଼ ଜିଲା ନାଗରିକ କମିଟି ଆନୁକୂଲ୍ୟରେ ଦେବଗଡ଼ ମହାବିଦ୍ୟାଳୟ ପରିସରରେ ଥିବା ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ 'ଦେବଗଡ଼ ଜିଲା- ବର୍ତ୍ତମାନ ଓ ଭବିଷ୍ୟତ' ଶୀର୍ଷକ ଏକ ବୌଦ୍ଧିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଦେବଗଡ ଜିଲା ନାଗରିକ କମିଟିର ସଭାପତି ସୁଶୀଳ କୁମାର କପରଦାରଙ୍କ ସଭାପତିତ୍ୱ ଓ ଆଇନଜୀବୀ ମନୋଜ କୁମାର ପାଢ଼ୀଙ୍କ ପରିଚାଳନାରେ ଆୟୋଜିତ ଏହି ବୌଦ୍ଧିକ ଆଲୋଚନାଚକ୍ରକୁ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ପ୍ରଫେସର ଡକ୍ଟର ପ୍ରଭାତ କୁମାର ମହାପାତ୍ର, ପ୍ରଫେସର ଡକ୍ଟର ସଦାଶିବ ପ୍ରଧାନ, ଅର୍ଥ ବିଭାଗର ଅବସରପ୍ରାପ୍ତ ସ୍ୱତନ୍ତ୍ର ସଚିବ ଜଗନ୍ନାଥ ପ୍ରଧାନ ଓ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ତିଲେଇବଣି ବ୍ଲକ ଅଧକ୍ଷା ବୃନ୍ଦାବତୀ ଭୋଇ ପ୍ରମୁଖ ଯୋଗଦେଇଥିଲେ। ଦେବଗଡ଼ ଜିଲା ନାଗରିକ କମିଟିର ସମ୍ପାଦକ ସୁଧୀର କୁମାର କପରଦାର ପ୍ରାରମ୍ଭିକ ଅଭିଭାଷଣ ଦେଇ ଆୟୋଜିତ ବୌଦ୍ଧିକ ଆଲୋଚନା ଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେବା ସହ ଦେବଗଡ ଜିଲାର ବର୍ତ୍ତମାନ ଓ ଭବିଷ୍ୟତ ସ୍ଥିତି ସମ୍ପର୍କରେ ତଥ୍ୟ ସମ୍ବଳିତ ଆଲୋଚନା କରିଥିଲେ। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ପ୍ରଧାନଙ୍କୁ ଜିଲା ନାଗରିକ କମିଟି ପକ୍ଷରୁ ପୁଷ୍ପମାଲ୍ୟ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ଦେବଗଡ ଦେଶବିଦେଶରେ ସୁନାମ ଅର୍ଜନ କରି ଦେବଗଡ଼ ଜିଲାର ଗୌରବ ବୃଦ୍ଧି କରିଥିବା ପ୍ରଫେସର ଡକ୍ଟର ପ୍ରଭାତ କୁମାର ମହାପାତ୍ର, ପ୍ରଫେସର ଡକ୍ଟର ସଦାଶିବ ପ୍ରଧାନ, ଅର୍ଥ ବିଭାଗର ଅବସର ପ୍ରାପ୍ତ ସ୍ୱତନ୍ତ୍ର ସଚିବ ଜଗନ୍ନାଥ ପ୍ରଧାନଙ୍କୁ ମାନପତ୍ର (ଫଳକ) ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ସମ୍ମାନିତ ଅତିଥିମାନେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିବାସହ ଜିଲାର ବିକାଶ ପାଇଁ ବିଭିନ୍ନ ଗଠନ ମୂଳକ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷାବିତ ରାମଚନ୍ଦ୍ର ମହାପାତ୍ର, ଯୋଗେଶ୍ୱର ବିଶ୍ୱାଳ, ବରିଷ୍ଠ ନାଗରିକ ପ୍ରଫୁଲ୍ଲ କୁମାର ମହାପାତ୍ର,ହେମନ୍ତ କୁମାର ମହାପାତ୍ର ଏବଂ କୃଷକ ନେତା ସନ୍ତୋଷ କୁମାର ସାହୁ ପ୍ରମୁଖ ରେଳ ଲାଇନ ସଂଯୋଗ, ମେଡିକାଲ କଲେଜ ସ୍ଥାପନ, ଦେବଗଡ ଜିଲା ଏକ ଚାଷୀ ବହୁଳ ଜିଲା ହୋଇଥିବାରୁ ଜିଲାରେ ଏକ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନ, ଶୀତଳ ଭଣ୍ଡାର, ଫୁଡପାର୍କ ଓ ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ସ୍ଥାପନ, ପର୍ଯ୍ୟଟନ କେନ୍ଦ୍ରର ଉନ୍ନତି, ଆକାଶବାଣୀ କେନ୍ଦ୍ରର କ୍ଷମତା ବୃଦ୍ଧି ସମେତ ବିଭିନ୍ନ ପ୍ରସଙ୍ଗରେ ଗଠନମୂଳକ ପ୍ରସ୍ତାବ ଦେଇଥିଲେ। ତେବେ ସମୟ ଅଭାବରୁ ବିଧାୟକ ପାଣିଗ୍ରାହୀ ଓ ତିଲେଇବଣି ବ୍ଲକ ଅଧକ୍ଷା ଭୋଇଙ୍କ ସମେତ ଉପସ୍ଥିତ ବହୁ ବୁଦ୍ଧିଜୀବୀ କୌଣସି ବକ୍ତବ୍ୟ କିମ୍ବା ପ୍ରସ୍ତାବ ଉପସ୍ଥାପନ କରିବାରୁ ବଞ୍ଚିତ ହୋଇଥିଲେ। କେନ୍ଦ୍ର ମନ୍ତ୍ରୀ ପ୍ରସ୍ତାବଗୁଡିକ ଶୁଣିବା ପରେ ସମସ୍ତ ପ୍ରସ୍ତାବକୁ ବିଚାରକୁ ନିଆଯିବ ଓ ଯଥାର୍ଥ ଦାବିଗୁଡିକୁ ଅବିଳମ୍ବେ ପୂରଣ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ତାଙ୍କ ବକ୍ତବ୍ୟରେ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଜିଲା ନାଗରିକ କମିଟିର ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ କୁମାର ନାୟକ, ମଞ୍ଜୁଳ କୁମାର ନାଏକ, ବିଜୟ କୁମାର ପ୍ରଧାନ, ନରୋତମ ସାହୁ ଓ ଗୁରୁଚରଣ ସାମଲଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMC-TADIRAN-KUR-368, ତା.15.02.2024ରିଖ

**କାର୍ଯ୍ୟର ନାମ :** ସର୍ଭର ଗେଟୱେ ଆର୍କିଟେକ୍‌ଚରରେ ରେଳ ସଦନ ମେନ୍ ଟେଲିଫୋନ ଏକ୍ସଚେଞ୍ଜ (Tadiran IPX 4000), ସର୍ଭର ଗେଟୱେ ଆର୍କିଟେକ୍‌ଚର (ରେଳ ସଦନ, ରେଳ ବିହାର ଏବଂ ମଞ୍ଚେଶ୍ୱର ଜିଏମ୍ ଇଣ୍ଟରକମ୍ ଏକ୍ସଚେଞ୍ଜ-TADIRAN IPX 3000)ରେ Tadiran GM Intercom ତଥା ମଣ୍ଡଳ ରେଳ ପ୍ରବନ୍ଧକ ଇଣ୍ଟରକମ୍ TADIRAN Exchange, ଖୋର୍ଦ୍ଧା ରୋଡ଼ର ବ୍ୟାପକ ବାର୍ଷିକ ଅନ୍‌ସାଇଟ୍ ରକ୍ଷଣାବେକ୍ଷଣ ଚୁକ୍ତି ।

**ଟେଣ୍ଡର ମୂଲ୍ୟ :** ₹15,52,886.64, EMD : ₹31,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 2360/-(18% GST ସହିତ) ।

(2) ଟେଣ୍ଡର ବିଜ୍ଞପ୍ତି ସଂ.ST-OT-AMC-AVAYA-KUR-369, ତା.15.02.2024ରିଖ

**କାର୍ଯ୍ୟର ନାମ :** ତିନି ବର୍ଷ (36 ମାସ) ନିମନ୍ତେ ଖୋର୍ଦ୍ଧା ରୋଡ଼ ଠାରେ AVAYA ଦ୍ୱାରା ନିର୍ମିତ IP ଏକ୍ସଚେଞ୍ଜ ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।

**ଟେଣ୍ଡର ମୂଲ୍ୟ :** ₹26,72,699.76, EMD : ₹53,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 3,540/-(18% GST ସହିତ) ।

ବିଡ୍ ଆରମ୍ଭ ହେବା ତାରିଖ : ତା.26.02.2024ରିଖ (ଉଭୟ ଟେଣ୍ଡର ନିମନ୍ତେ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.11.03.2024 ରିଖ 1100 ଘଟିକା (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼
PR-1115/O/23-24

**ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ**

No.XXXIII-32

**ନୋଟିସ**

**ଆଦେଶ-୫ ନିୟମ-୨୦ ଦେୱାନୀ କାର୍ଯ୍ୟବିଧି ସଂହିତା- ୧୯୦୮ ଅନୁଯାୟୀ**
**ଏଲ୍.ଏ. କେସ୍ ନଂ.-୨୪୫/୨୦୧୯**

ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର, ଖୋର୍ଦ୍ଧା ... ... ... ଆବେଦନକାରୀ

ବନାମ

୧. ଟିକନ ଜେନା, ପିତା- ଅଗାଧୁ ଚନ୍ଦ୍ର ଜେନା, ସା- ଖୋଲାଦ୍ୱାର, ୨. ଇନ୍ଦୁମତି ସାହୁ, ପିତା- ଅର୍ଜ୍ଜୁନ ସାହୁ, ସା- ବେଲପଡ଼ା, ୩. ରବିନ୍ଦ୍ରନାଥ ସାହୁ, ୪. ଭୁବନାନନ୍ଦ ସାହୁ, ପିତା- ଅର୍ଜ୍ଜୁନ ସାହୁ, ସା- ବେଲପଡ଼ା, ୫. ଅର୍ଜ୍ଜୁନ ସାହୁ, ୬. ଭୀମସେନ ସାହୁ, ୭. ପଦ୍ମାବତୀ ସାହୁ, ପିତା- ଉଚ୍ଛବ ସାହୁ, ୮. କାଳୀକା ସାହୁ, ୯. କୁନ୍ତଳା ସାହୁ, ୧୦. ଶକୁନ୍ତଳା ସାହୁ, ପିତା- କୁମର ସାହୁ, ୧୧. ସାରଙ୍ଗ ସାହୁ, ୧୨. ସଞ୍ଜୟ ସାହୁ, ୧୩. ଜନ୍ମେଶ୍ୱର ସାହୁ, ୧୪. ପ୍ରମିଳା ସାହୁ, ୧୫. ବିମଳା ସାହୁ, ୧୬. ଉର୍ମିଳା ସାହୁ, ପିତା- ଶଙ୍କର ସାହୁ, ସା- ଖୋଲାଦ୍ୱାର ... ... ... ବିରୋଧୀ ପକ୍ଷମାନେ।

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ଥିରୀକୃତ କ୍ଷତି ପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି. -୧ (ଏ) କ୍ୟାଣ୍ଟନମେଣ୍ଟ ରୋଡ, କଟକଙ୍କ ଇଜିଲାସ / ଅଦାଲତରେ ଏଲ୍.ଏ. କେସ୍ ନଂ. ୨୪୫/୨୦୧୯ ମକଦ୍ଦମା ରୁଜୁ କରିଅଛନ୍ତି। ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା- ଖୋଲାଦ୍ୱାର, ଖାତା ନଂ.- ୩୨୫, ପ୍ଲଟ୍ ନଂ.- ୩୬୨, ରକବା ଏ୦.୦୫୦ଡି. ଅଟେ। ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କର ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ / ତଦ୍‌ବିର କରିପାରିବେ। ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା୨୧।୦୩।୨୪ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ / ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ। ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ। ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହି ମୋହର ସହ ଦିନାଙ୍କ ତା୧୯।୦୧।୨୪ରିଖ।

ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକ
OIPR-24351/14/0037/2324

## ସଂକ୍ଷେପରେ

### ଚାନ୍ଦିଲି ପାହାଡକୁ ରାସ୍ତାର ଶିଳାନ୍ୟାସ କଲେ ବିଧାୟକ

**ଦେଓଗାଁ,୨୪।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗିର ଜିଲା ଦେଓଗାଁ ବ୍ଲକ ଦେଷଣ୍ଡଠାରେ ଥିବା ପର୍ଯ୍ୟଟନସ୍ଥଳୀ ଚାନ୍ଦିଲି ପାହାଡକୁ ଯିବା ରାସ୍ତାର ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର। ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥିଭାବେ ବିଧାୟକ ନରସିଂହ ମିଶ୍ର ଯୋଗଦେଇ ପୂର୍ତ୍ତରାସ୍ତାରୁ ଚାନ୍ଦିଲି ପାହାଡ ପର୍ଯ୍ୟନ୍ତ ରାସ୍ତାର ଶିଳାନ୍ୟାସ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୩ କୋଟି ୨୬ ଲକ୍ଷ ୧୦ ହଜାର ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ନିର୍ମାଣ ହେବାର ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି କାନ୍ତେଶ୍ୱର ପଧାନ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ବିଶ୍ୱଜିତ ପାତ୍ର, ପୂର୍ବତନ ସରପଞ୍ଚ ସ୍ୱୟମ୍ବର ମେହେର, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡି, ଡୁମେରପିଟା ସମିତି ସଭ୍ୟ ସଙ୍କିର୍ତ୍ତନ ବାଗ, ଯୁଗନୁ ପଧାନ, ଦିନବନ୍ଧୁ ମେହେର, ଦାମ ରଣା, ଦଳେନ୍ଦ୍ର କଲେତ, ଭକ୍ତ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ।

### ସଙ୍ଗୀତ ଶିକ୍ଷକ ଝୁମକଲାଲ ବର୍ମାଙ୍କ ଦେହାନ୍ତ

**ଖଡ଼ିଆଳ,୨୪।୨(ସୁଜିତ୍ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳ ସହର ବରିଷ୍ଠ ନାଗରିକ, ସଙ୍ଗୀତ ଶିକ୍ଷକ ଝୁମକଲାଲ ବର୍ମା(୯୪)ଙ୍କ ଶନିବାର ଦେହାନ୍ତ ହୋଇଛି। ୧୯୩୧ରେ ଜନ୍ମ ଗ୍ରହଣ କରି ଖଡିଆଳଠାରେ ତାଙ୍କ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ସେ ଖଡିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲରେ ସିଲେଇ ଶିକ୍ଷକ ରୂପେ କାର୍ଯ୍ୟକାରୀ ଶିକ୍ଷକଦାନ କରିବା ସହ ରୋଜଗାର ଏବଂ ଆତ୍ମନିର୍ଭରଶୀଳ ହେବା ପ୍ରୟାସ କରିଥିଲେ। ତାଙ୍କ ଦୁଇ ପୁଅ ଏବଂ ଦୁଇ ଝିଅ ଅଛନ୍ତି। ଶିକ୍ଷକତା ଜୀବନରୁ ଅବସର ନେବା ପରେ ଭବାନୀପାଟଣାରେ ସଙ୍ଗୀତ ଶିକ୍ଷାଦାନ କରିଥିଲେ। ତାଙ୍କ ଅନ୍ତିମକ୍ରିୟା ଖଡିଆଳଠାରେ ଅନୁଷ୍ଠିତ ହୋଇଯାଇଛି। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଗଭୀର ଶ୍ରଦ୍ଧାଞ୍ଜଳୀ ଜଣାଇବା ସହଶୋକ ବ୍ୟକ୍ତ କରିଛନ୍ତି।

### ଲୋଇସିଂହାକୁ ଏନ୍‌ଏସିରୁ ବାଦ୍ ନେଇ ପ୍ରତିବାଦ

**ଲୋଇସିଂହା,୨୪।୨(ସୁଶାନ୍ତ ବାରିକ)**

୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି ରାଜ୍ୟର ୩୪ଟି ସ୍ଥାନକୁ ଏନ୍‌ଏସି ଏବଂ ମୁନିସିପାଲିଟି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ହେଲେ ଦୀର୍ଘଦିନରୁ ଦାବି ହୋଇ ଆସୁଥିବା ଲୋଇସିଂହାକୁ ଏନ୍‌ଏସି ଘୋଷଣା କରାଯାଇନାହିଁ । ଏହାକୁ ନେଇ ଅଞ୍ଚଳବାସୀଙ୍କ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ ବିଜେଡି ସରକାର ଲୋଇସିଂହା ବିରୋଧୀ ବୋଲି ଲୋଇସିଂହା ବ୍ଲକ କଂଗ୍ରେସ ପକ୍ଷରୁ କୁହାଯାଇଛି। ଶନିବାର ଲୋଇସିଂହା ଷ୍ଟାଡିୟମ ଆଗରେ ଅନୁଷ୍ଠିତ ପ୍ରତିବାଦ ସଭା କରି ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ପ୍ରତିବାଦ ସଭାରେ ବ୍ଲକ କଂଗ୍ରେସ ସଭାପତି ଅରବିନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା, ଆଗଲପୁର ବ୍ଲକ କଂଗ୍ରେସ ସଭାପତି ମନମୋହନ ପଟେଲ, ଜିଲା ଯୁବ କଂଗ୍ରେସ ସଭାପତି ଗଣେଶ ସାହୁ, ଭୋଳାନାଥ ନାଏକ, ଶିବ କୁମାର ଅଗ୍ରୱାଲଙ୍କ ସମେତ ଯୁବକ ଗୋଷ୍ଠୀ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ପ୍ରତିକ୍ରିୟାରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ବେହେରା କହିଛନ୍ତି, ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରା ଏନଏସି ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଲୋଇସିଂହା ନିର୍ବାଚନମଣ୍ଡଳିବାସୀ ବିଜେଡିକୁ ୨ ଥର ସମର୍ଥନ ଦେଇଆସିଛନ୍ତି। ଅଞ୍ଚଳବାସୀଙ୍କ ଆବେଗ ସତ୍ତ୍ୱେ ଏନଏସି ଘୋଷଣା ନ ହେବା ଦୁଃଖଦାୟକ ଘଟଣା। ୨୦୨୪ ସାଧାରଣ ନିର୍ବାଚନରେ ନିର୍ବାଚନ ମଣ୍ଡଳୀବାସୀ ଏହାର ଦୃଢ ଜବାବ ଦେବେ ବୋଲି କହିଛନ୍ତି ଯୁବ କଂଗ୍ରେସ ସଭାପତି ଗଣେଶ ସାହୁ ଏବଂ ଆଗଲପୁର ବ୍ଲକ କଂଗ୍ରେସ ସଭାପତି ମନମୋହନ ପଟେଲ। ଉଲ୍ଲେଖଯୋଗ୍ୟ ଯେ,୨୦୧୪ରୁ ଲୋଇସିଂହାକୁ ଏନଏସି ମାନ୍ୟତା ଦାବି ହେଉଛି। ବିଭିନ୍ନ ସଙ୍ଗଠନ ଏଥିରେ ସାମିଲ ହୋଇ ଆନ୍ଦୋଳନକୁ ଓହ୍ଲାଇଥିଲେ ।

# ମନମୋହିଲା ନାଟକ ଚିନ୍ହା, ରାବଣ



ନାଟକ ଚିନ୍ହାର ଏକ ଦୃଶ୍ୟ।



ଅତିଥିମାନେ ଦୁଇ ପ୍ରତିଭାଧରଙ୍କୁ ସମ୍ମାନିତ କରୁଛନ୍ତି।

**ବଲାଙ୍ଗୀର,୨୪।୨(ବୀରେନ୍ଦ୍ର କୁମାର ଝାଙ୍କର)**

**ନଟରାଜ କଳାପରିଷଦ ପକ୍ଷରୁ ପୌଷା-୨୦୨୪**

■ ଶ୍ରୀକରଙ୍କୁ କୌଶଳ ଗୌରବ, ଜୟନ୍ତଙ୍କୁ ନଟରାଜ ନାଟ୍ୟ ସମ୍ମାନ

ବଲାଙ୍ଗୀର କଳାମଣ୍ଡଳ ପଡିଆଠାରେ ଅଗ୍ରଣୀ ଅନୁଷ୍ଠାନ ନଟରାଜ କଳା ପରିଷଦ ପକ୍ଷରୁ ପୌଷା-୨୦୨୪ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। କଳା ପରିଷଦ ସଭାପତି ହରି ନାରାୟଣ ପୂଜାରୀଙ୍କ ସଭାପତିତ୍ୱରେ ଏବଂ ଶ୍ରୀକର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବଲାଙ୍ଗୀର ଅତିରିକ୍ତ ଏସ୍‌ପି ବିଦ୍ୟୁତ ପଣ୍ଡା ମୁଖ୍ୟ ଅତିଥି, ମନୋରଞ୍ଜନ ଯୋଷୀ ଓ ଜିଲା ସଂସ୍କୃତି ଅଧିକାରୀ ରଶ୍ମୀରଞ୍ଜନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ନିର୍ଦ୍ଦେଶକ ପ୍ରଶାନ୍ତ ଖମାରୀଙ୍କ ସଂଯୋଜନାକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାଟ୍ୟକାର ସୁବାସ ପୂଝାରୀଙ୍କ ସ୍ମୃତିରେ ଶ୍ରୀକର ମିଶ୍ରଙ୍କୁ କୌଶଳ ଗୌରବ ନାଟ୍ୟ ସମ୍ମାନ ଓ ସମାଜସେବୀ ଲଳିତ କୁମାର ନାୟକଙ୍କ ସ୍ମୃତିରେ ଜୟନ୍ତ ବାଗଙ୍କୁ ନଟରାଜ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପୌରାଣିକ ନାଟକ ରାବଣ ଓ ସାମାଜିକ ନାଟକ ଚିନ୍ହା ପରିବେଷଣ କରାଯାଇଥିଲା। ରାବଣ ନାଟକରେ ପ୍ରହଲ୍ଲାଦ ଦର୍ଜୀ, ଶୈଳିନ ବାବୁ, କୁମୁଦ ନାଏକ, ଦେବବ୍ରତ ଶର୍ମା, ଅରୁଣ ରାଉତ, ରାସେଶ୍ୱରୀ ଚଣ୍ଡି, ଐଶ୍ୱର୍ଯ୍ୟା ପୋଢ ଓ ଦେବରାଜ ସାହୁ ନିଖୁଣ ଅଭିନୟ କରିଥିଲେ। ନାଟକ ଚିନ୍ହାଁରେ ଲଳିତ ପୂଝାରୀ, ରାମପ୍ରସାଦ ଦାଶ, ପ୍ରଶାନ୍ତ ପଣ୍ଡା, ସତ୍ୟବ୍ରତ ଆଚାର୍ଯ୍ୟ ଓ ଅଶୋକ ବହିଦାର ନିଖୁଣ ଅଭିନୟ କରି ଦର୍ଶକଙ୍କୁ ଭାବବିହ୍ୱଳ କରି ଦେଇଥିଲେ। ଉଭୟ ନାଟକକୁ ପ୍ରଶାନ୍ତ ଖମାରୀ ନିର୍ଦ୍ଦେଶନା ଦେଇଥିଲେ। ସହନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ସଙ୍ଗୀତ ନିର୍ଦ୍ଦେଶକ ଜୟପ୍ରକାଶ ପୂଝାରୀ, ମଞ୍ଚ ସଜ୍ଜାରେ ବଳରାମ ରାଉତ, ବେଶଭୂଷାରେ କିଶୋର ଜାଲ, ନିଶିକାନ୍ତ ଧରୁଆ, ଲକ୍ଷ୍ମଣ ଠାକୁର, ନୃତ୍ୟ ନିର୍ଦ୍ଦେଶନା ପଙ୍କଜିନୀ ପୋଢ ଓ ବାଦ୍ୟଯନ୍ତ୍ରରେ ସାନ ଓ ବଡ ସହଯୋଗ କରିଥିଲେ।

# ଖଲିଆଖମାରକୁ ହରାଇ କୁଡ୍‌ସୁଡ୍ ଚାମ୍ପିୟନ

**ମୁରିବାହାଲ,୨୪।୨(ଶ୍ରୀବତ୍ସ ବେହେରା)**

**ଗୋପାଳକାଣ୍ଡ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗୁଡିଘାଟ ଗ୍ରାମପଞ୍ଚାୟତର ଘୁଷୁରାମୁଣ୍ଡା ଗ୍ରାମର ଖେଳ ପଡ଼ିଆରେ ଚାଲିଥିବା ୨ୟ ବାର୍ଷିକ ଗୋପାଳକାଣ୍ଡ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କୁଡ୍‌ସୁଡ୍ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଜୟ ହନୁମାନ କ୍ଲବ ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ଗୋପାଳକାଣ୍ଡ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଗତ ୧୬ ତାରିଖଠାରୁ ଆରମ୍ଭ ହୋଇଥିଲା। ଫାଇନାଲ ଖେଳ କୁଡ୍‌ସୁଡ୍ ଦଳ ଓ ଖଲିଆଖମାର ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ୧-୧ଗୋଲ ବରାବର ହେବା ଯୋଗୁ ଟ୍ରାଇବେକର ମାଧ୍ୟମରେ ୫-୪ ଗୋଲରେ କୁଡ୍‌ସୁଡ୍ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଭାଜପା ନେତା ଲକ୍ଷ୍ମଣ ବାଗ ଉପସ୍ଥିତ ରହି ବିଜେତା ଦଳକୁ ଟ୍ରଫି ସହ ନଗଦ ୭ ହଜାର ଟଙ୍କା, ଉପବିଜେତା ଦଳକୁ ଟ୍ରଫି ସହ ନଗଦ ୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ନୃପ ବରିହା, ଶ୍ରେଷ୍ଠ ଗୋଲକିପର ଭାବେ ଗୁଡୁ ପଟେଲ, ପ୍ଲେୟର ଅଫ୍ ଦି ମ୍ୟାଚ ଭାବେ ସଂକୀର୍ତ୍ତନ ମାଝିଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କ୍ରୀଡ଼ାବିତ ସରାଜ ସିଂ ମାଝି, ରବି ମେହେର, ମକୁନ୍ଦ ବାଗତି ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ମ୍ୟାଚକୁ ଶ୍ରୀବତ୍ସ ବେହେରା, ଗଣେଶ ଭୋଇ, ଯୁବରାଜ ଭୋଇ, ସାନ ଭୋଇ ପ୍ରମୁଖ ପରିଚାଳନା କରିଥିଲେ। ଉକ୍ତ ଟୁର୍ନାମେଣ୍ଟକୁ ସଫଳ କରିବା ପାଇଁ ସଭାପତି ରୁଗଧର କୁଆର, ସମ୍ପାଦକ ଗଣେଶ ଭୋଇ, କୋଷାଧ୍ୟକ୍ଷ ରୁମାନ ଭୋଇଙ୍କ ନେତୃତ୍ୱରେ ମକରନ୍ଦ ମାଝି, ବାଳକୃଷ୍ଣ କାଣ୍ଡ, ମଧୁସୂଦନ କୁଅର, ମହେନ୍ଦ୍ର ଭୋଇ, ଧର୍ମୁ କୁଅର, କାନ୍ତ କୁଅଁର, ବୈରାମ ଭୋଇ, ସଞ୍ଜୟ କାଣ୍ଡ ପ୍ରମୁଖ ସହଯୋଗ କରିଥିଲେ।

# ଗନ୍ଧମାର୍ଦ୍ଦନରେ କୋମ୍ବିଂ ଅପରେଶନ ଜୋରଦାର

**ଖପ୍ରାଖୋଲ, ୨୪।୨(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍‌ର ଗନ୍ଧମାର୍ଦ୍ଦନ ପାହାଡ଼ରେ ପୋଲିସ ତରଫରୁ କୋମ୍ବିଂ ଅପରେସନ ଶନିବାର ଜୋରଦାର କରାଯାଇଛି। ବଲାଙ୍ଗୀର ଏସପି ଋଷିକେଶ ଦ୍ୟାନଦେଓ ଖିଲାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୋମ୍ବିଂ ଅପରେସନ ଚାଲିଛି। ନିଜେ ଏସପି ଗନ୍ଧମାର୍ଦ୍ଦନ ଅଞ୍ଚଳ ପରିଦର୍ଶନ କରି କୋମ୍ବିଂ ଅପରେସନ୍ ତଦାରଖ କରିଥିବା ଜଣାଯାଇଛି। ଶୁକ୍ରବାର ଗନ୍ଧମାର୍ଦ୍ଦନ ପାହାଡ଼ ଉପରେ ବରଗଡ଼ ଜିଲା ସୀମାନ୍ତରେ କୋମ୍ବିଂ ବେଳେ ମାଓବାଦୀ ଓ ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିବା ବରଗଡ଼ ପୋଲିସ ସୂଚନା ଦେଇଥିଲା। ଏହା ପରେ ବଲାଙ୍ଗୀର ପୋଲିସ ମଧ ବଲାଙ୍ଗୀର ସୀମା ପଟରୁ କୋମ୍ବିଂ ଅପରେସନ ଜୋରଦାର କରିଥିଲା। ଶନିବାର ପୋଲିସ ଯବାନ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖିଥିବା ନେଇ ଚର୍ଚ୍ଚା ହୋଇଥିଲା। ଏନେଇ ବଲାଙ୍ଗୀର ଏସପି ଖିଲାରୀଙ୍କୁ ପଚାରିବାରୁ ଏହାକୁ ଖଣ୍ଡନ କରିଥିଲେ। ତେବେ ଗନ୍ଧମାର୍ଦ୍ଦନ ପାହାଡରେ ପୋଲିସ କୋମ୍ବିଂ ଅପରେସନ୍ ଚାଲିଥିବା ସୂଚନା ଦେଇଛନ୍ତି।

# କାମ ଦେଲାନି କଲିକେଶଙ୍କ ଚିଠି

**ଲୋଇସିଂହା,୨୪।୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ପୂର୍ବତନ ଏମ୍‌ପି ତଥା ରାଜ୍ୟ ହାଉସିଂ ବୋର୍ଡ ସଭ୍ୟ କଲିକେଶ ନାରାୟଣ ସିଂଦେଓ ୨୨ଫେବୃଆରୀରେ ଜିଲାର ବେଲପଡା ଏବଂ ଲୋଇସିଂହାକୁ ଏନଏସି ଘୋଷଣା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ । ପ୍ରସ୍ତାବିତ ଏନଏସି ଉପରେ କୁଆଡେ ସିଂଦେଓ ଆଗୁଆ ସୂଚନା ପାଇ ମୁଖ୍ୟମନ୍ତ୍ରୀଙ୍କୁ ପତ୍ରାଳାପ କରିଥିଲେ। ସତକୁ ସତ ମୁଖ୍ୟମନ୍ତ୍ରୀ ୩୪ ଟି ଏନଏସି ଓ ମୁନିସିପାଲିଟି ଶନିବାର ଘୋଷଣା କରିଛନ୍ତି। ସିଂଦେଓ ତାଙ୍କ ନିବେଦନପତ୍ରରେ ବେଲପଡା ଏବଂ ଲୋଇସିଂହା ନାମ ଉଲ୍ଲେଖ କରିଥିଲେ । ଘୋଷଣାରେ ବେଲପଡା ନାମ ରହିଛି । ହେଲେ ଲୋଇସିଂହାର ନାମ ନ ଥିବାରୁ ସିଂଦେଓଙ୍କ ନିବେଦନ କାମ ଦେଲାନି ବୋଲି ଲୋଇସିଂହାରେ ସାଧାରଣରେ ଆଲୋଚନା ହେଉଛି ।

# ଦଳୀୟ ନେତୃତ୍ୱ ପରିବର୍ତ୍ତନ ପାଇଁ ଦାବି କଲା ବିଜେଡି

**ବେଲପଡ଼ା,୨୪।୨(ମନୋଜ ମିଶ୍ର)**




ଉପଖଣ୍ଡ ଅନ୍ତର୍ଗତ ବେଲପଡା ବ୍ଲକ ଅଞ୍ଚଳରେ ବିଜୁ ଜନତା ଦଳର ବହୁ କର୍ମୀ ଏବଂ ନେତା ରହିଛନ୍ତି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଏବଂ ମୁଖ୍ୟମନ୍ତ୍ରୀ ତଥା ଦଳୀୟ ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଏବଂ ନୀତିକୁ ସମ୍ମାନ ଜଣାଇ ଦଳର ଶୃଙ୍ଖଳିତ ସୈନିକ ଭାବରେ କାର୍ଯ୍ୟ କରି ଆସୁଛନ୍ତି। କିନ୍ତୁ ସେମାନେ ସେମାନଙ୍କର ପରିଚୟ ଖୋଜୁଥିବା ପ୍ରକାଶ କରିଛନ୍ତି ଶନିବାର ଏକ ଖବରଦାତା ସମ୍ମିଳନୀରେ।

ବେଲପଡା ବ୍ଲକ ଅନ୍ତର୍ଗତ ସମସ୍ତ ବିଜୁ ଜନତା ଦଳ କର୍ମୀ ଏବଂ ନେତା ଦଳ ପାଇଁ କାର୍ଯ୍ୟକରି ଆସୁଥିବା ସହ ନିଷ୍ଠାର ସହ ୨୦୧୯ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ସରୋଜ କୁମାର ମେହେରଙ୍କୁ ବିଜୟୀ କରାଇଥିଲେ। କିନ୍ତୁ ସରୋଜ ବିଜୟୀ ହେବା ପରେ ଅନେକ ପ୍ରତିଷ୍ଠାତା ସଦସ୍ୟଙ୍କ ସମେତ ଦଳୀୟ କର୍ମୀଙ୍କୁ ଅଣଦେଖା କରି ଆସୁଥିବା ଉକ୍ତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ଦଳୀୟ କର୍ମୀ। ଉକ୍ତ ଖବରଦାତା ସମ୍ମିଳନୀରେ ଏକତ୍ରିତ ହୋଇଥିବା ଶତାଧିକ ଦଳୀୟ କର୍ମୀ ସମସ୍ୱରରେ ଚଳିତ ନିର୍ବାଚନ ପାଇଁ ପାଟଣାଗଡ ନିର୍ବାଚନ ମଣ୍ଡଳୀରେ ଜଣେ ନୂତନ ପ୍ରାର୍ଥୀ ଦେବାକୁ ଶୀର୍ଷ ନେତୃତ୍ୱ ମଣ୍ଡଳୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍, ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବଲାଙ୍ଗିର ଜିଲା ପର୍ଯ୍ୟବେକ୍ଷକ ନିରଞ୍ଜନ ପୂଜାରୀ, ସୁଶାନ୍ତ ସିଂ, ଜିଲାର ମନ୍ତ୍ରୀ ଟୁକୁନୀ ସାହୁ ତଥା ରାଜ୍ୟ ଉପ ସଭାପତି ଅନଙ୍ଗ ଉଦୟ ସିଂଦେଓଙ୍କୁ ଅନୁରୋଧ କରିଛନ୍ତି। ସଦ୍‌ଭାବନା ମଧ୍ୟରେ ଗଣତାନ୍ତ୍ରିକ ପଦ୍ଧତିରେ ଜଣେ ନୂତନ ପ୍ରାର୍ଥୀଙ୍କୁ ଦଳୀୟ ଟିକେଟ ଦେବାକୁ ଅନୁରୋଧ କରିଛନ୍ତି କର୍ମୀ। ଉକ୍ତ ଖବରଦାତା ସମ୍ମିଳନୀରେ ଦଳର ପ୍ରତିଷ୍ଠାତା ସଦସ୍ୟ ବନମାଳୀ ଖମାରୀ, ମଧୁ ଦାଶ, ମହେଶ୍ୱର ସାହୁ, ରାମ ମିଶ୍ରଙ୍କ ସମେତ ଗଣେଶ କୁମ୍ଭାର, ଆଲୋକ ବେହେରା, ବୀରେନ୍ଦ୍ର ମିଶ୍ର, ପ୍ରମୋଦ ବୁଡେକ, ପ୍ରେମ ପୁଟେଲ, ଲଳିତ ସାହୁ, ଅକ୍ଷୟ ହୋତା, ଅନାଦି କରୁଆଁ, ସଞ୍ଜୁ ଶର୍ମାଙ୍କ ସମେତ ଶତାଧିକ ନେତା ଏବଂ କର୍ମୀ ଉପସ୍ଥିତ ଥିଲେ ।

# ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ଦେଓଗାଁ,୨୪।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗିର ଜିଲା ଦେଓଗାଁ ବ୍ଲକ ବ୍ରାହ୍ମଣୀଯୋର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରଦୀପ କୁମାର ଛତ୍ରିଆଙ୍କୁ ଆଦର୍ଶ ଶିକ୍ଷକ ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ କରାଯାଇଛି। ସୂଚନାନୁସାରେ ବ୍ଲକ ସ୍ତରରେ ଏକ ସ୍ୱତନ୍ତ୍ର କମିଟି ଦ୍ୱାରା ଆଦର୍ଶ ଶିକ୍ଷକ ଚୟନ କରାଯାଇ ରାଜ୍ୟ ସରକାରଙ୍କୁ ମନୋନୀତ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଶନିବାର ବଲାଙ୍ଗିର ପୃଥୀରାଜ ହାଇସ୍କୁଲ ଖେଳ ପଡିଆରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଏହି ବିଦ୍ୟାଳୟର ଶିକ୍ଷକ ଛତ୍ରିଆଙ୍କୁ ଅତିଥିମାନେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରିଥିଲେ ।

# ବିଭିନ୍ନ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ



ତୁଷୁରା ଏନଏସି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ଟୁକୁନୀ ସାହୁ ଓ ଅନ୍ୟମାନେ।

**ଗୁଡଭେଲା,୨୪।୨(ମନୋଜ କୁମାର ଜୈନ)**

**ମନ୍ତ୍ରୀଙ୍କ ଗୁଡଭେଲା ବ୍ଲକ ଓ ତୁଷୁରା ଏନଏସି ଗସ୍ତ**

ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ ଶନିବାର ଦିନିକିଆ ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଓ ତୁଷୁରା ଏନଏସି ଗସ୍ତ କରିବା ସହ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ତୁଷୁରା ଏନଏସି ଅନ୍ତର୍ଗତ ଟିକିରିପଡା ଠାରେ ଶିବମନ୍ଦିର ନିର୍ମାଣର ଶିଳାନ୍ୟାସ, ତୁଷୁରା ଏନଏସି କାର୍ଯ୍ୟାଳୟ ପରିସରରେ ହିତାଧିକାରୀମାନଙ୍କୁ ଜୀବିକା ସହାୟତା ରାଶି ଓ ନୂତନ ବର୍ଦ୍ଧିତ ଭତ୍ତା ପ୍ରଦାନ, ତୁଷୁରା କଲ୍ୟାଣ ମଣ୍ଡପଠାରେ ଶ୍ରମିକମାନଙ୍କୁ ଜୀବିକା ସହାୟତା ରାଶି ବଣ୍ଟନ, ଏମଆଇପି ଦ୍ୱାରା ହେବାକୁ ଥିବା ତୁଷୁରା ସର୍ବପୁରାତନ ପୋଖରୀ ଉନ୍ନତିକରଣର ଭିତ୍ତିପ୍ରସ୍ତର ସ୍ଥାପନ, ସମରାଠାରେ ଓଏଲଆଇସି ଓ ଏମଆଇ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ତେନ୍ତୁଲିଖୁଣ୍ଟି ଠାରେ ଏମଆଇ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ଗୁଡଭେଲାବ୍ଲକ କାର୍ଯ୍ୟାଳୟ ପରିସରରେ ହିତାଧିକାରୀମାନଙ୍କୁ ଜୀବିକା ସହାୟତା ରାଶି ଓ ନୂତନ ବର୍ଦ୍ଧିତ ଭତ୍ତା ପ୍ରଦାନ ଆଦି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ତୁଷୁରା ଏନଏସି ଅଧ୍ୟକ୍ଷ ଅଜୟ କୁମାର ଜୟଶ୍ୱାଲ, ଜିଲା ପରିଷଦ ସଭ୍ୟ ରାମନିବାଶ ଅଗ୍ରୱାଲ, ତେନ୍ତୁଲିଖୁଣ୍ଟି ଗ୍ରାମପଞ୍ଚାୟତର ସରପଞ୍ଚ ଗୃଦା ନନ୍ଦ, ସମିତି ସଭ୍ୟା ଲଳିତା ସାହୁ, ଯୁବନେତା ବିକାଶ ଶର୍ମା, ୱାକିଲ ମହମ୍ମଦ, କଳାକାହ୍ନୁ ପାଣ୍ଡେ, ରାମଶଙ୍କର ବାଗ, ଯୋଗେନ୍ଦ୍ର ଗହିର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଗୁଡଭେଲା ବ୍ଲକ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୁଡଭେଲା ବ୍ଲକ ଅଧ୍ୟକ୍ଷା ବେବୀ ଦୋରାଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ କିଛି ସୂଚନା ନ ଦେଇ ମନଇଚ୍ଛା କାର୍ଯ୍ୟକ୍ରମଗୁଡିକ କରୁଥିବାରୁ ଦୋରା କ୍ଷୋଭ ପ୍ରକାଶ କରିଥିଲେ। ଏନେଇ ଗୁଡଭେଲା ବିଡିଓଙ୍କୁ ପଚାରିବାରୁ କହିଥିଲେ ଯେ, କାର୍ଯ୍ୟକ୍ରମ ହଠାତ ହୋଇ ଗଲା। ଜିପିଓଙ୍କୁ କହିଥିଲି ବ୍ଲକ ଅଧ୍ୟକ୍ଷାଙ୍କୁ କହିବାକୁ କିନ୍ତୁ ସେ ଭୁଲି ଗଲେ ବୋଲି ସଫେଇ ଦେଇଥିଲେ। ଏନେଇ ବ୍ଲକ ଉପାଧ୍ୟକ୍ଷ ଟୁକୁରାମ ପାଣିଗ୍ରାହୀ କହନ୍ତି ଯେ, ମତେ କିମ୍ବା ଆମ୍ଭର ସମର୍ଥକ ସମିତିସଭ୍ୟାସଭ୍ୟଙ୍କୁ ଖବର ଦିଆଯାଇ ନାହିଁ। ଏପରି ବାରମ୍ବାର ହେଉଥିବାରୁ କ୍ଷୋଭ ପ୍ରକାଶ କରିଥିଲେ।

# ବ୍ରାହ୍ମଣୀଯୋରରେ ପରିବେଶ ସଚେତନତା କାର୍ଯ୍ୟକ୍ରମ

**ଦେଓଗାଁ,୨୪।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗିର ଜିଲା ଦେଓଗାଁ ବ୍ଲକ ବ୍ରାହ୍ମଣୀଯୋର ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଆନୁକୁଲ୍ୟରେ ଗାଁରେ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ତଥା ଚଳଚ୍ଚିତ୍ର ଅଭିନେତା ରତନ କୁମାର ମେହେରଙ୍କ ପରିଚାଳନାରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ପ୍ଲା କାର୍ଡ ଧରି ଶୋଭାଯାତ୍ରାରେ ସ୍ଲୋଗାନ ମାଧ୍ୟମରେ ପରିବେଶ ସ୍ୱଚ୍ଛତା ଏବଂ ବୃକ୍ଷରୋପଣର ମହତ୍ୱ ବିଷୟରେ ଜନଜାଗରଣ ସୃଷ୍ଟି କରିଥିଲେ। ପରେ ଗାଁର ଭାଗବତ ମନ୍ଦିର ନିକଟରେ ଏକ ସଭା ଆୟୋଜନ ହୋଇଥିଲା। ଏଥିରେ ପରିଚାଳନା କମିଟିର ସଭାପତି ମଞ୍ଜୁଲତା ବାଗ, ଉପସଭାପତି ଲୋକନାଥ ଭୋଇ ତଥା ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ରହି ପରିବେଶ ସଚେତନତା ଉପରେ ଲୋକଙ୍କୁ ସଚେତନ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଶ ଉପରେ ପଥପ୍ରାନ୍ତ ନାଟକ, ନୃତ୍ୟ ଓ ଗୀତ ମାଧ୍ୟମରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଦେବଦତ୍ତ ଦ୍ୱିବେଦୀ ସଂଯୋଜନା କରିଥିବାବେଳେ ଶିକ୍ଷୟିତ୍ରୀ ଲିନା ସାହୁ, ପୁଷ୍ପାଞ୍ଜଳୀ ସାହୁ, ଦିପାଳୀ ସେଠ, ଶିକ୍ଷକ ବିରେନ୍ଦ୍ର ସୁନା, ଅନିଲ ପଧାନ, ସଦାନନ୍ଦ ନାଏକ, ଜ୍ୟୋତି ରଞ୍ଜନ ମହାଲିଙ୍ଗ ପ୍ରମୁଖ ସହଯୋଗ କରିଥିଲେ।




ବ୍ରାହ୍ମଣୀଯୋରରେ ପରିବେଶ ସଚେତନତା କାର୍ଯ୍ୟକ୍ରମ।

# 'ଲୋକଙ୍କ ଆର୍ଥିକ ଉନ୍ନତି କରିବାରେ ସରକାର ବିଫଳ'

**ବଲାଙ୍ଗୀର,୨୪।୨(ବୀରେନ୍ଦ୍ର କୁମାର ଝାଙ୍କର)**



ବାରପୁଡଗିଆଠାରେ ଆୟୋଜିତ ସାଧାରଣ ସଭାରେ ବିଧାୟକ ନରସିଂହ ମିଶ୍ର, ଏଆଇସିସି ସଦସ୍ୟ ସମରେନ୍ଦ୍ର ଓ ଅନ୍ୟମାନେ ମଞ୍ଚାସୀନ।

**ବାରପୁଡୁଗିଆଠାରେ କଂଗ୍ରେସର ସାଧାରଣ ସଭା**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ବାରପୁଡୁଗିଆଠାରେ କଂଗ୍ରେସ ପକ୍ଷରୁ ଶନିବାର ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ଏଆଇସିସି ସଭ୍ୟ ତଥା ପିସିସି ସାଧାରଣ ସମ୍ପାଦକ ସମରେନ୍ଦ୍ର ମିଶ୍ର ଯୋଗଦାନ କରି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରକୁ କଡା ସମାଲୋଚନା କରିଥିଲେ। ସଭାରେ ସମରେନ୍ଦ୍ର କହିଥିଲେ ଯେ, ୨୩ ବର୍ଷ ଗୋଟିଏ ସରକାର ପାଇଁ ଦୀର୍ଘ ସମୟ ଅଟେ। ଏତେ ପର୍ଯ୍ୟାପ୍ତ ସମୟ ପାଇ ମଧ ସରକାର ଲୋକଙ୍କର ମଙ୍ଗଳ ପାଇଁ କୌଣସି ପ୍ରକାର ସ୍ଥାୟୀ ସମାଧାନ କରିପାରିନାହିଁ । ଫଳ ଏଭଳି ହୋଇଛି ଯେ, ଜିଲାରେ ଯୁବକମାନଙ୍କ ସଂଖ୍ୟା କମିବାରେ ଲାଗିଛି। ଯିଏ ଭଲ ପାଠ ପଢିବାକୁ ଚାହୁଁଛି ଜିଲାରେ ଭଲ ଶିକ୍ଷାନୁଷ୍ଠାନ ନ ଥିବାରୁ ଜିଲା ଛାଡିବାକୁ ବାଧ ହେଉଛି। ଶିଳ୍ପ, କାରଖାନା ନ ଥିବାରୁ ରୋଜଗାର ପାଇଁ ଯୁବକମାନେ ଜିଲା ଛାଡୁଛନ୍ତି। ଜିଲାର ଦାଦନ ସମସ୍ୟା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦାୟୀ। ଲୋକଙ୍କ ଆର୍ଥିକ ଉନ୍ନତି କରିବାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଏଣୁ ଏବେ ଉଭୟ ସରକାରକୁ ଉଚିତ୍ ଜବାବ ଦେବାର ସମୟ ଉପନୀତ ବୋଲି ସମରେନ୍ଦ୍ର କରିଥିଲେ। ମୁଖ୍ୟ ଅତିଥି ବିଧାୟକ ମିଶ୍ର ଆଗାମୀ ନିର୍ବାଚନରେ କଂଗ୍ରେସ ଯଦି ରାଜ୍ୟରେ ସରକାର କରେ ତେବେ କୃଷି ଋଣ ସମ୍ପୂର୍ଣ୍ଣ ମାଫ, ବିଧବା ବାର୍ଦ୍ଧକ୍ୟ ଭତ୍ତା ବର୍ତ୍ତମାନ ଯେତେ ହୋଇଥିବ, ତାର ଦ୍ୱିଗୁଣ, ସ୍ୱୟଂ ସହାୟକ ଗୋଷ୍ଠୀର ଋଣ ମାଫ, ବେକାରୀ ଭତ୍ତା ନିଶ୍ଚିତ ପ୍ରଦାନ କରାଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ପୂର୍ବରୁ ବିଧାୟକ ମିଶ୍ର ଗେଡାବାଞ୍ଜିରୁ ବାନ୍ଧନଘୋର ରାସ୍ତା, ବନସୁରକ୍ଷା ସମିତି, ପିଇବା ପାଣି ପ୍ରକଳ୍ପ, ହରିଜନପଡା କଂକ୍ରିଟ ରାସ୍ତାର ଭିତ୍ତିପ୍ରସ୍ତର ସହ ହର୍ଡାଟାଲ ଧ୍ରୁବା ହାଇସ୍କୁଲ, ସାରସପିଟା କମ୍ୟୁନିଟି ସେଣ୍ଟରର ଶୁଭ ଉଦ୍‌ଘାଟନ କରିଥିଲେ। ବାରପୁଡୁଗିଆଠାରେ ଯୁବନେତା ସମରେନ୍ଦ୍ର ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ବାରପୁଡୁଗିଆ ଠାରେ ଆୟୋଜିତ ସାଧାରଣ ସଭାରେ ବରିଷ୍ଠ ଆଇନଜୀବୀ ବୈଷ୍ଣବ ମିଶ୍ର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ପ୍ରସନ୍ନ ମିଶ୍ର, ଘାସିରାମ ବେହେରା, ନିମାଇଁ ପାଣିଗ୍ରାହୀ, ସରପଞ୍ଚ ଜନ୍ମେଜୟ ମିଶ୍ର ମଞ୍ଚାସୀନ ଥିଲେ। ସଭାକୁ ଜୟକୃଷ୍ଣ ମିଶ୍ର ଏବଂ ଲକ୍ଷ୍ମୀକାନ୍ତ ସାହୁ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ଅଷ୍ଟପ୍ରହର ନାମଯଜ୍ଞ, ସୁନ୍ଦରାକାଣ୍ଡ ପାରାୟଣ

**ବାଉଁଶୁଣୀ,୨୪।୨(ଦେବାଶିଷ ନେପାକ)**

ବୌଦ୍ଧ ଜିଲା ବହିରା ପଞ୍ଚାୟତ ବଡ଼ ଖାରକଟା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶନିବାର ଦିନ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଥିଲା। ବ୍ୟାସ ଭାବରେ ରଶ୍ମିତା ମିଶ୍ର ଥିଲେ। କର୍ତ୍ତା ଭାବରେ ବାବୁଲାଲ ବଘାର ଓ ସୁପ୍ରଭା ବଘାର ଥିବା ବେଳେ ପୂଜକ ଭାବେ ସୁଧୀର ଦାସ ପୂଜା କାର୍ଯ୍ୟ ତୁଲାଇଥିଲେ। ପ୍ରଥମେ ଖାରକଟା ସଙ୍କୀର୍ତ୍ତନ୍ୟ ମଣ୍ଡଳୀ ଅଧିବାସ କରିଥିଲେ। ୩୦ଟି କୀର୍ତ୍ତନ୍ୟ ମଣ୍ଡଳୀ ଯୋଗ ଦେଇଥିଲେ ବୋଲି କମିଟି ତରଫରୁ ଜଣାପଡିଛି। ଏହାସହିତ ସନ୍ଧ୍ୟା ସମୟରେ ମହିଳା କୀର୍ତ୍ତନ୍ୟ ହୋଇଥିଲା ବୋଲି କମିଟିର ସଭାପତି କହିଛନ୍ତି। ଅଷ୍ଟପ୍ରହର ନାମଯଜ୍ଞରେ ଖାରକଟା ଗ୍ରାମବାସୀ ସହଯୋଗ କରିଥିଲେ।

### ନାମଯଜ୍ଞ ଉଦ୍‌ଯାପିତ: ଶ୍ରଦ୍ଧାଳୁଙ୍କ ଭିଡ଼

**ଘଣ୍ଟାପଡ଼ା,୨୪।୨( ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା-ପୋଡାପଦର ମାଘମେଳା ପୂଜା କମିଟି ପକ୍ଷରୁ ତିନିଦିନ ଧରି ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ଶନିବାର ଦିନ ଉଦ୍‌ଯାପିତ ହୋଇଯାଇଛି। ପରେ ଦଧିହାଣ୍ଡିକୁ ସଂକୀର୍ତ୍ତନ ମାଧ୍ୟମରେ ନଗର ପରିକ୍ରମା କରାଯାଇ ଯଜ୍ଞମଣ୍ଡପରେ ଭଙ୍ଗାଯାଇଥିଲା। ଉକ୍ତ ନାମଯଜ୍ଞରେ ୧୨ଟି ସଂକୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ। ଗୁରୁବାରଠାରୁ ଆରମ୍ଭ ହୋଇଥିବା ଉକ୍ତ ନାମଯଜ୍ଞରେ ପଣ୍ଡିତ ରାଧାରମଣ ପାଣିଗ୍ରାହୀ, ରାଜେନ୍ଦ୍ର ପାଣିଗ୍ରାହୀ ଓ ଗଜେନ୍ଦ୍ର ପାଣିଗ୍ରାହୀ ହୋମଯଜ୍ଞ ଓ ପୂଜା କାର୍ଯ୍ୟ କରିଥିଲେ। କର୍ତ୍ତା ଭାବେ ଗ୍ରାମର ଗଉଁନ୍ତିଆ ଅନନ୍ତ ମାଝୀଙ୍କ ସହ ଧର୍ମପତ୍ନୀ ଶଙ୍ଖିନି ମାଝୀ ଦାୟିତ୍ୱ ତୁଲାଇଥିଲେ। ମାଘମେଳାର ସଭାପତି ପୁରନ୍ଦର ମହାକୁଡ଼, ସଂପାଦକ ଗଜେନ୍ଦ୍ର କହଁର, ସଂକ୍ରାନ୍ତି କମିଟିର ସଂପାଦକ ଶ୍ରୀପତି ମଲିକଙ୍କ ତତ୍ତ୍ୱାବଧାନରେ ସମସ୍ତ ସଦସ୍ୟଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

### ତୁଳସୀ ରାମାୟଣ ପାରାୟଣ

**ବାଉଁଶୁଣୀ,୨୪।୨(ଦେବାଶିଷ ନେପାକ)**

ବୌଦ୍ଧ ବ୍ଲକ ବାଉଁଶୁଣୀ ଭୁବନେଶ୍ୱର ବାବା ମନ୍ଦିରଠାରେ ୧୯ ତମ ମାସିକ ତୁଳସୀ ରାମାୟଣ ପାରାୟଣ ଶେଷ ହୋଇଛି। ମାଘ ମାସ ଆରମ୍ଭରୁ ମାଘ ପୂର୍ଣ୍ଣିମା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ତୁଳସୀ ରାମାୟଣ ପାରାୟଣ ହୋଇଥିଲା। ଏଥିରେ ବ୍ୟାସ ଭାବରେ ତ୍ରିବିକ୍ରମ ପାଢ଼ୀ ତୁଳସୀ ରାମାୟଣ ପାଠ କରିଥିଲେ। କର୍ତ୍ତା ଭାବେ ଚାପଧାରୀ ମେହେର ଓ ତାଙ୍କ ସ୍ତ୍ରୀ ମିଳି ମେହେର ଦାୟିତ୍ୱ ତୁଲାଇଥିବା ବେଳେ ପୂଜକ ସୌମିତ୍ରୀ ଦାସ ପୂଜା କାର୍ଯ୍ୟ ତୁଲାଇଥିଲେ। ଏଥିରେ ଭଗବାନ ତରିଆ, ଶରତ ଖମାରୀ, ଦୁର୍ଯ୍ୟୋଧନ ବେହେରା, ଭୁବନ ମେହେର, ଜୟଦେବ ସାହୁ, ଜେନାମଣି ମେହେର, ମୁରଲୀ ମେହେର ସହଯୋଗ କରିଥିଲେ।

# ମହିମା ପୀଠ ଭିତ୍ତିଭୂମିର ବିକାଶ ଜାରି ରହିବ

**ସୋନପୁର,୨୪।୨(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଖଲିଆପାଲିସ୍ଥିତ ସନ୍ଥ କବି ଭୀମ ଭୋଇଙ୍କ ସାଧନା, ସିଦ୍ଧି ଓ ସମାଧି ପୀଠରେ ସାରସ୍ୱତ ମାଘମେଳା ୨୧ ତାରିଖ ବୁଧବାର ଠାରୁ ଆରମ୍ଭ ହୋଇଛି। ଭୀମ ଭୋଇ ସମାଧି ପୀଠ ଟ୍ରଷ୍ଟ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ରାତିରେ ଅନୁଷ୍ଠିତ ସାରସ୍ୱତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସୋନପୁର ବିଧାୟକ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇ କହିଥିଲେ, ଜିଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ମହିମା ପୀଠ ଓ ଖଲିଆପାଲି ଅଞ୍ଚଳର ଭିତ୍ତିଭୂମିର ବିକାଶ କରାଯାଉଛି। ଖଲିଆପାଲିକୁ ସବୁ ଦିଗରୁ ଗମନାଗମନର ସୁବିଧା ପାଇଁ ଉନ୍ନତ ରାସ୍ତା ନିର୍ମାଣ କରାଯାଇଛି। ଏବେ ଅଙ୍ଗନଦୀରେ ଆଉ ଏକ ପୋଲ ନିର୍ମାଣ ପାଇଁ ଟେଣ୍ଡର ହୋଇଛି ବୋଲି ସୂଚନା ଦେଇଥିଲେ। ମହିମା ପୀଠ ଭିତ୍ତିଭୂମିର ଉନ୍ନତି ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ୫୦ଲକ୍ଷ ଟଙ୍କାର ଅନୁଦାନ ମିଳିଥିଲା । ୫-ଟି ସଚିବଙ୍କ ପରିଦର୍ଶନ ପରେ ଆଉ ୭୦ଲକ୍ଷ ଟଙ୍କାର ଅନୁଦାନ ପାଇଁ ପ୍ରସ୍ତାବ ଦିଆଯାଇଛି। ଭୀମଭୋଇଙ୍କ ପବିତ୍ର ପୀଠର ଭିତ୍ତିଭୂମି ବିକାଶ କାର୍ଯ୍ୟ ଜାରି



ସାରସ୍ୱତ କାର୍ଯ୍ୟକ୍ରମରେ ଅତିଥି ବୃନ୍ଦ ପତ୍ରିକା ଉନ୍ମୋଚନ କରୁଛନ୍ତି।

ରହିବ ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ। ସମାଧି ପୀଠ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଛତ୍ରଧାରୀ ଅଗ୍ରୱାଲଙ୍କ ସଭାପତିତ୍ୱରେ ଓ ମାନଭଞ୍ଜନ ମିଶ୍ରଙ୍କ ସଂଯୋଜନାରେ ଏହି ସାରସ୍ୱତ ସମାରୋହ ଅୟୋଜିତ ହୋଇଥିଲା। ସମ୍ମାନିତ ଅତିଥି ଭାବରେ ସୋନପୁର ଉପଜିଲାପାଳ ସୁବ୍ରତ ପଟ୍ଟନାୟକ ଓ ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ ଯୋଗ ଦେଇଥିଲେ। ମ୍ୟାନେଜିଂ ଟ୍ରଷ୍ଟି ଅଗ୍ରୱାଲ ବାର୍ଷିକ ବିବରଣୀ ପାଠ କରିଥିଲେ । ଟ୍ରଷ୍ଟ ପକ୍ଷରୁ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମିହିର ଚାନ୍ଦ ମଲ୍ଲିକଙ୍କୁ ଭୀମଭୋଇ ସ୍ମୃତି ସମ୍ମାନ, କବି ଆର୍ତ୍ତତ୍ରାଣ ବାବୁଙ୍କୁ

### ଖଲିଆପାଲିରେ ସାରସ୍ୱତ ମାଘମେଳା

ଭୀମଭୋଇ ସାହିତ୍ୟ ସମ୍ମାନ, ଡ.ଶଙ୍କର ରାମଚନ୍ଦାନୀଙ୍କୁ ଭୀମଭୋଇ ଯୁବପ୍ରତିଭା ସମ୍ମାନ, ଭକ୍ତ ଠାକୁର ସୁନାଙ୍କୁ ଭୀମଭୋଇ ମହିମା ସମ୍ମାନ, ବନବାସ ମେହେରଙ୍କୁ ଭୀମଭୋଇ କଳା ସମ୍ମାନ ଓ ସୁଶ୍ରୀ ପ୍ରାଚୀ ପରମିତା ସାହୁଙ୍କୁ ଭୀମଭୋଇ କ୍ରୀଡା ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ସମାଧିପୀଠ ଟ୍ରଷ୍ଟର ମୁଖପତ୍ର ମହିମା ପତ୍ରିକାକୁ ଅତିଥିଗଣ ଉନ୍ମୋଚନ କରିଥିଲେ। ଗତ ୨୧ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ମାଘମେଳା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ସନ୍ଧ୍ୟାରେ ଭୀମଭୋଇ କଳା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି। ଶୁକ୍ରବାର ସନ୍ଧ୍ୟାରେ ଓଡ଼ିଆ ସିନେ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେପଟେ ପବିତ୍ର ମାଘମେଳା ପାଇଁ ମହିମାଧର୍ମୀଙ୍କ ଭିଡ ପରିଲକ୍ଷିତ ହୋଇଛି। ଭକ୍ତ ଓ ମହିମା ସାଧୁସନ୍ଥମାନେ ବହୁ ଦୂରଦୂରାନ୍ତରୁ ଆସି ସନ୍ଥକବି ଭୀମଭୋଇଙ୍କ ସମାଧି ମନ୍ଦିରରେ ଦର୍ଶନ କରୁଛନ୍ତି।

# ବୀରମହାରାଜପୁରରେ ଏନ୍‌ଏସି ନୋହିଲା

**ସୋନପୁର,୨୪।୨(ମୃତ୍ୟୁଞ୍ଜୟ ଶତପଥୀ)**

■ଅଞ୍ଚଳବାସୀ ନିରାଶ
■ପୌରାଞ୍ଚଳରୁ ବଞ୍ଚିତ ହେଲା ରାଜ୍ୟର ଏକମାତ୍ର ଉପଖଣ୍ଡ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ୩୪ଟି ନୂଆ ଏନ୍‌ଏସି(ବିଜ୍ଞାପିତ ଅଞ୍ଚଳ ପରିଷଦ) ଗଠନ ପାଇଁ ଶନିବାର ଘୋଷଣା କରିଛନ୍ତି। ସେହିପରି ୫ଟି ଏନ୍‌ଏସିକୁ ପୌର ପରିଷଦ ଭାବେ ଉନ୍ନୀତ କରାଯିବା ବିଷୟ ଘୋଷଣା କରାଯାଇଛି। ୫-ଟି ଅଧ୍ୟକ୍ଷ ଭି.କେ.ପାଣ୍ଡିଆନଙ୍କ ବିଭିନ୍ନ ଜିଲା ଗସ୍ତ ଅବସରରେ ଜନସାଧାରଣଙ୍କ ପ୍ରସ୍ତାବ ଓ ବିକାଶର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଥିବା କୁହାଯାଇଛି। ଏହି କ୍ରମରେ ସୁବର୍ଣ୍ଣପୁର ଜିଲାର ଡୁଙ୍ଗୁରିପାଲିକୁ ନୂତନ ଏନ୍‌ଏସି ଭାବେ ଘୋଷଣା କରାଯାଇଛି। ଅଞ୍ଚଳବାସୀ ଏହାକୁ ସ୍ୱାଗତ କରିଛନ୍ତି। ତେବେ ସରକାର ବୀରମହାରାଜପୁରକୁ ଏନ୍‌ଏସି ଭାବେ ଘୋଷଣା କରି ନ ଥିବାରୁ ତାହା ସ୍ଥାନୀୟ ଅଧିବାସୀଙ୍କୁ ନିରାଶ କରିଛି। ଦଳମତ ନିର୍ବିଶେଷରେ ଅଞ୍ଚଳବାସୀ ସରକାରଙ୍କ ଏହି ପଦକ୍ଷେପକୁ ବିରୋଧ କରିଛନ୍ତି।

ସୂଚନା ଅନୁଯାୟୀ, ରାଜ୍ୟରେ ଏବେ ମୋଟ ୫୮ଟି ଉପଖଣ୍ଡ ରହିଛି। ସେଥିମଧ୍ୟରୁ ପୂର୍ବରୁ ୫୫ଟି ଉପଖଣ୍ଡ ପୌରାଞ୍ଚଳରେ ସାମିଲ ହୋଇ ସାରିଥିଲା। ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ଉପଖଣ୍ଡ, ଅନୁଗୋଳ ଜିଲାର ପାଲଲହଡା ଓ ସୁନ୍ଦରଗଡ ଜିଲାର ବଣାଇଁ ଉପଖଣ୍ଡ ପଞ୍ଚାୟତ ଅଧୀନରେ ଥିଲା। ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାଲଲହଡା ଓ ବଣାଇଁକୁ ନୂତନ ଏନ୍‌ଏସି ଭାବେ ଘୋଷଣା କରିଛନ୍ତି। ମାତ୍ର ବୀରମହାରାଜପୁର ଉପଖଣ୍ଡକୁ ସରକାର ଭୁଲିଗଲେ। ଅଥଚ ଅନେକ ବ୍ଲକ ମୁଖ୍ୟାଳୟ ଓ ପଞ୍ଚାୟତ ମୁଖ୍ୟାଳୟକୁ ସରକାର ଏନ୍‌ଏସି ଭାବେ ଘୋଷଣା କରିଛନ୍ତି। ତେଣୁ ବୀରମହାରାଜପୁର ଏବେ ରାଜ୍ୟର ଏକମାତ୍ର ଉପଖଣ୍ଡ ଯାହା ପୌରାଞ୍ଚଳରୁ ବଞ୍ଚିତ ହୋଇଛି। ଏଥିପାଇଁ ବିରୋଧି ଭାଜପା ଓ କଂଗ୍ରେସ ରାଜ୍ୟ ସରକାର ଏବଂ ବିଶେଷ କରି ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରାଙ୍କ ପାରିବାପଣିଆକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସୂଚନା ଅନୁଯାୟୀ, ୧୯୮୫ ମସିହାରେ ତତ୍କାଳୀନ କଂଗ୍ରେସ ସରକାର ବୀରମହାରାଜପୁରକୁ ଉପଖଣ୍ଡ ଭାବେ ଘୋଷଣା କରିଥିଲେ। ମାତ୍ର ଏହା ଏନ୍‌ଏସି ହୋଇ ପାରି ନ ଥିଲା। ପରବର୍ତ୍ତୀ ସମୟରେ ବୀରମହାରାଜପୁରକୁ ଏନ୍‌ଏସି କରିବା ପାଇଁ ଦାବି ଉଠିଥିଲା। ବ୍ଲକର ଉଫୁଲା ଓ ଚମ୍ପାମାଳ ପଞ୍ଚାୟତ ଏବଂ ବାଗବର ଓ ହିଲୁଙ୍ଗ ପଞ୍ଚାୟତର କିଛି ଅଂଶକୁ ନେଇ ନୂତନ ବୀରମହାରାଜପୁର ଏନ୍‌ଏସି ଗଠନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆ ଯାଇଥିଲା। ସେହିପରି ଜିଲାର ଡୁଙ୍ଗୁରିପାଲି, ରାମପୁର ଓ ସୁବଳୟାକୁ ଏନ୍‌ଏସି କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲା। ତେବେ ସରକାର ଜିଲାର ଡୁଙ୍ଗୁରିପାଲିକୁ ନୂତନ ଏନ୍‌ଏସି କରି ଅଞ୍ଚଳବାସୀଙ୍କୁ ଖୁସି କରିଥିବା ବେଳେ ନିର୍ବାଚନ ପୂର୍ବରୁ ବୀରମହାରାଜପୁର ଅଧିବାସୀକୁ ନିରାଶ କରିଛନ୍ତି। ଏ ସମ୍ପର୍କରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା କହିଛନ୍ତି, ନୂତନ ଏନ୍‌ଏସି ପାଇଁ ବୀରମହାରାଜପୁର ସମସ୍ତ ମାନଦଣ୍ଡ ପୂରଣ କରୁଥିଲା। ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଗୃହ ଓ ନଗର ଉନ୍ନୟନ ବିଭାଗକୁ ପ୍ରସ୍ତାବ ଯାଇଥିଲା। କ'ଣ ପାଇଁ ଘୋଷଣା ହେଲାନି ସେ ଜାଣିନାହାନ୍ତି। ଏ ସମ୍ପର୍କରେ ବୁଝିବା ପାଇଁ ସେ ଆଜି ଭୁବନେଶ୍ୱର ଯାଉଥିବା କହିଥିଲେ।

# ବୀରମହାରାଜପୁରକୁ ଏନ୍‌ଏସି ଘୋଷଣା ପାଇଁ ପୁନର୍ବିଚାର କରାଯାଉ



ଖବରଦାତା ସମ୍ମିଳନୀରେ ନେତୃବୃନ୍ଦ।

**ଅମରପାଲି,୨୪।୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ବୀରମହାରାଜପୁରକୁ ଏନଏସି ଘୋଷଣା ନ କରିବା ସମସ୍ତଙ୍କୁ ଚକିତ କରିଛି ବୋଲି ବ୍ଲକ ବିଜେଡି ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି ପ୍ରକାଶ କରିଛନ୍ତି। ଶନିବାର ଦିନ ରାଜ୍ୟ ସରକାରଙ୍କ ତରଫରୁ ୩୪ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରାଯାଇଛି । ତେବେ କେଉଁ କାରଣରୁ ବୀରମହାରାଜପୁରକୁ ଏନଏସି ଘୋଷଣାରୁ ବାଦ ଦିଆଗଲା ତାର ପୁନଃ ବିଚାର କରିବା ପାଇଁ ବୀରମହାରାଜପୁର ବିଧାୟକ ସମସ୍ତ ସରକାରୀ କାର୍ଯ୍ୟକ୍ରମକୁ ବାତିଲ କରି ଭୁବନେଶ୍ୱରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କୁ ଭେଟି ବୀରମହାରାଜପୁରକୁ ଏନଏସି ଘୋଷଣା କରିବାକୁ ଅନୁରୋଧ କରିବେ ବୋଲି ସୂଚନା ମିଳିଛି । ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ବିଧାନସଭାରେ ଉତ୍ତର ଦେବାକୁ ଯାଇ ୨୭ଟି ନୂତନ ଏନଏସି ଘୋଷଣାରେ ବୀରମହାରାଜପୁର ନାମ ରହିଥିବାର ସୂଚନା ୨୦୨୨ ମସିହାରେ ଦେଇଥିବା ବେଳେ ନର୍ଲା ବିଧାୟକ ଭୂପିନ୍ଦର ସିଂହଙ୍କ ପ୍ରଶ୍ନର ଉତ୍ତର ଦେଇ ଉଷା ଦେବୀ ବୀରମହାରାଜପୁରକୁ ଏନଏସି ଘୋଷଣା କଥା ପ୍ରସ୍ତାବ ରହିଥିବା ସୂଚନା ଦେଇଥିଲେ । ବୀରମହାରାଜପୁର ଉପଖଣ୍ଡ ମୁଖ୍ୟାଳୟ ଓ ବିଧାନସଭା ସଭା କ୍ଷେତ୍ର ହୋଇଥିବାରୁ ସୁବର୍ଣ୍ଣପୁର ଜିଲା ଗସ୍ତ ସମୟରେ ବୀରମହାରାଜପୁରକୁ ଏନଏସି ଘୋଷଣା କରିବାକୁ ୫-ଟି ଅଧ୍ୟକ୍ଷଙ୍କୁ ଲିଖିତ ଭାବରେ ବୀରମହାରାଜପୁର ସଚେତନ ନାଗରିକଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିବା ଶନିବାର ବୀରମହାରାଜପୁରସ୍ଥିତ ମୈତ୍ରୀ ସଦନଠାରେ ଅନୁଷ୍ଠିତ ଖବରଦାତା ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦିଆଯାଇଛି। ସରକାର ପୁନଃ ବିଚାର କରି ବୀରମହାରାଜପୁରକୁ ଏନଏସି ଘୋଷଣା କରିବେ ବୋଲି ଆଶା ପୋଷଣ କରିବା ସହିତ ଏଥିପାଇଁ ଦରକାର ପଡିଲେ ଆନ୍ଦୋଳନକୁ ଓହ୍ଲାଇବାକୁ ପଡିବ ବୋଲି ବୀରମହାରାଜପୁର ବିଜେଡି ତରଫରୁ ଖବରଦାତା ସମ୍ମିଳନୀରେ ଚେତାଇ ଦିଆଯାଇଛି । ଉକ୍ତ ଖବରଦାତା ସମ୍ମିଳନୀରେ ବିଜେଡି ଜିଲା ଉପସଭାପତି କିଶୋର ହୋତା, ରଞ୍ଜିତ କୁମାର ରଥ, ଜିଲା ସାଧାରଣ ସମ୍ପାଦକ ସତ୍ୟଞ୍ଜୀବ ମିଶ୍ର, ଶ୍ରୀନିବାସ ଚାନ୍ଦ, ସଞ୍ଜୀବ କୁମାର ଦେହୁରୀ, କଲ୍ଲୋଳ ମିଶ୍ର, ପ୍ରଦୀପ କୁମାର ମିଶ୍ର, ପ୍ରକାଶ କୁମାର ହୋତା, ଭଗବାନ କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ।

### ମୁକୁଳା ଡ୍ରେନ୍‌ରେ ପଡ଼ି ଯୁବକ ଗୁରୁତର

**ଆଖିରେ ପଶିଲା ଲୁହାଛଡ଼**

**ବୌଦ୍ଧ,୨୪।୨(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅଧୀନ ଧଳପୁର ବଜାରର ମୁକୁଳା ଡ୍ରେନରେ ଶନିବାର ଦିନ ଜଣେ ସାଇକେଲ ଆରୋହୀ ପଡିଯାଇ ଗୁରୁତର ହୋଇଛନ୍ତି । ପ୍ରକାଶ ଯେ, ପୂର୍ବାହ୍ନ ୧୧ଟା ସମୟରେ ପୁରୁଣାକଟକ ଥାନା ଅନ୍ତର୍ଗତ ସରଧାପୁର ବାଲିସାହି ଗ୍ରାମର ସୁଶିଲ କର୍ଣ୍ଣ ଏକ ସାଇକେଲ ଯୋଗେ ଆସୁଥିବା ବେଳେ ଧଳପୁର -ପୁରୁଣାକଟକ ପୂର୍ତ୍ତ ରାସ୍ତାର ଧଳପୁରଠାରେ କୌଣସି କାରଣରୁ ଭାରସାମ୍ୟ ହରାଇ ଡ୍ରେନରେ ଖସି ପଡିଥିଲେ। ଡ୍ରେନରେ ଲୁହାଛଡ ବାହାରିଥିବା ଯୋଗୁ ଯୁବକଙ୍କ ଆଖିରେ ଛଡଟି ପଶିଯାଇଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଧଳପୁର ଓ ପରେ ଆଠମଲିକ ମେଡିକାଲକୁ ନେଇଥିଲେ। ସେଠାରୁ ତାଙ୍କୁ ଅନୁଗୋଳ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଡ୍ରେନ ମୁକୁଳା ଥିବାରୁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ପୂର୍ତ୍ତବିଭାଗର ଖାମଖିଆଲି ନୀତି ଯୋଗୁ ଆଜି ଏଭଳି ଦୁର୍ଘଟଣା ଘଟିଥିବା ସାଧାରଣରେ ଆଲୋଚନା ହେଉଛି।

# ନିର୍ମାଣ ଶ୍ରମିକଙ୍କୁ ସହାୟତା ବଣ୍ଟନ



ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

**ଉଲୁଣ୍ଡା,୨୪।୨(ଉରୁକ୍ରମ ପାଣ୍ଡିଆ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ଧର୍ମଶାଳା ଆରଏମସିଠାରେ ଶନିବାର ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା ଶ୍ରମ ଅଧିକାରୀ ଡିଲେଶର ଖାଖାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ବିଧାୟକ ପଦ୍ମନାଭ ବେହରା ମୁଖ୍ୟଅତିଥି ଭାବରେ ଯୋଗଦେଇ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ଲଲାଟେନ୍ଦୁ ସି, ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ଶ୍ରମିକ ନେତା ଗୋବିନ୍ଦ ମହାରଣା ଏବଂ ସ୍ଥାନୀୟ ସରପଞ୍ଚ ଯୋଗ ଦେଇ ଥିଲେ । ଏହି ଅବସରରେ ଉଲୁଣ୍ଡା, ବୀରମହାରାଜପୁର ଏବଂ ବିନିକା ବ୍ଲକର ୨୧୨୮ ଜଣ ଶ୍ରମିକଙ୍କୁ ଶିକ୍ଷା, ବିବାହ, ମୃତ୍ୟୁକାଳୀନ ଆଦି ବିଭିନ୍ନ ବାବଦରେ ୭ କୋଟି ୩୬ ଲକ୍ଷ ୪୨ହଜାର ୮ଶହ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା । ବାଙ୍କା ବିହାରୀ ମହଲା ମଞ୍ଚ ପରିଚାଳନା କରିଥିଲେ । ଶିବିରରେ ତିନୋଟି ବ୍ଲକର ନିର୍ମାଣ ଶ୍ରମିକ ଏବଂ ଶ୍ରମିକ ସଂଘ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

# ମନମୁଣ୍ଡାକୁ ଏନ୍‌ଏସି ଘୋଷଣା ନ ହେବାରୁ ଅସନ୍ତୋଷ

**କଣ୍ଟାମାଳ,୨୪।୨(ଆଦିତେଶ୍ୱର ମିଶ୍ର)**

ଶନିବାର ରାଜ୍ୟ ସରକାର ୫ ଗୋଟି ମ୍ୟୁନିସିପାଲିଟି ଓ ୩୪ ଗୋଟି ନୂତନ ଏନଏସି ଘୋଷଣା କରିବା ପରେ ସେହି ଅଞ୍ଚଳର ଲୋକେ ଖୁସି ମନାଉଥିବା ବେଳେ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ମନମୁଣ୍ଡାଠାରେ ଅସନ୍ତୋଷ ଦେଖାଦେଇଛି। ମନମୁଣ୍ଡାବାସୀ ଦୀର୍ଘ ଦିନ ହେବ ମନମୁଣ୍ଡାକୁ ଏନଏସି ଘୋଷଣା କରିବାକୁ ଦାବି କରି ଆସୁଥିଲେ। କିନ୍ତୁ ରାଜ୍ୟ ସରକାର ମନମୁଣ୍ଡାକୁ କରି ନ ଥିବାରୁ ଏନେଇ ଶନିବାର ସନ୍ଧ୍ୟାରେ ମନମୁଣ୍ଡା ଆହ୍ୱାନ କମିଟି ପକ୍ଷରୁ ବରିଷ୍ଠ ସଦସ୍ୟ ଆଶିଷ ସାହୁଙ୍କ ଆବାହକତ୍ୱରେ ଏକ ଜରୁରୀ ବୈଠକ ସ୍ଥାନୀୟ ସୁବର୍ଣ୍ଣମେରୁ ବାବା ମନ୍ଦିରଠାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସ୍ଥାନୀୟ ଲୋକମାନେ ମନମୁଣ୍ଡାକୁ ଏନଏସି ଘୋଷଣା ନ କରିବା ଦୁଃଖର ବିଷୟ ବୋଲି କହିବା ସହ

### ପୁନର୍ବିଚାର କରି ଘୋଷଣା ନ କଲେ ଆନ୍ଦୋଳନ

ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅଞ୍ଚଳବାସୀ ୨୦୨୦ ମସିହାରୁ ଏନଏସି ଘୋଷଣା କରିବା ପାଇଁ ଦାବି କରି ଆସୁଥିବା ବେଳେ ରାଜ୍ୟ ସରକାର ମନମୁଣ୍ଡାବାସୀଙ୍କୁ ଅଣଦେଖା କରିଥିବା ନେଇ ଅଭିଯୋଗ କରିଥିଲେ। ଏନେଇ ପୁର୍ନବାର ରାଜ୍ୟ ସରକାରଙ୍କୁ ଏକ ଦାବିପତ୍ର ଦେବାକୁ ବୈଠକରେ ସ୍ଥିର ହୋଇଥିଲା । ନିର୍ବାଚନ ଆଚରଣ ବିଧି ଲାଗୁ ପୂର୍ବରୁ ମନମୁଣ୍ଡାକୁ ଏନଏସି ଘୋଷଣା କରା ନ ଗଲେ ଆଗାମୀ ନିର୍ବାଚନ ବର୍ଜନ ସହ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି । ଏହି ଘଟଣାରେ କଣ୍ଟାମାଳ ବିଧାୟକ ମହୀଧର ରଣାଙ୍କ ବିରୋଧରେ ଏକ ରାଲି କରାଯାଇ ବିଧାୟକଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା।




# ବୌଦ୍ଧଗଡ଼ ଏନ୍‌ଏସିକୁ ମ୍ୟୁନିସିପାଲିଟି ଘୋଷଣା

**ବୌଦ୍ଧ,୨୪।୨(ଅଜିତ କୁମାର ବାରିକ)**

ଗଡଜାତ ବୌଦ୍ଧବାସୀଙ୍କ ଦୀର୍ଘ ଦିନର ଦାବି ରାଜ୍ୟ ସରକାର ପୂରଣ କରିବା ପରେ ଜିଲାରେ ଖୁସିର ଲହରୀ ଖେଳିଯାଇଛି । ବୌଦ୍ଧ ବାସୀଙ୍କ ମୁଖ୍ୟ ଦାବି ଥିଲା ବୌଦ୍ଧଗଡ ଏନଏସିକୁ ମ୍ୟୁନିସିପାଲିଟିର ମାନ୍ୟତା । ଜିଲାର ଓକିଲ ସଂଘ, ନାଗରିକ କମିଟି, ବରିଷ୍ଠ ନାଗରିକ ମଞ୍ଚ, ଜିଲାର ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ, ଭାଜପା ଓ ସହରର ବିଭିନ୍ନ ସଂଗଠନ ପକ୍ଷରୁ ଏହି ଦାବି ହୋଇଆସୁଥିଲା । ବୌଦ୍ଧଗଡ ଏନଏସି ପକ୍ଷରୁ ମଧ ବହୁବାର କାଉନସିଲ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇ ମ୍ୟୁନିସିପାଲଟି କରିବାକୁ ରାଜ୍ୟ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଥିଲା । ଐତିହାସିକ ବୌଦ୍ଧ ଗଡଜାତ ସହର ୧୯୬୧ ମସିହାରେ ଏନଏସି ମାନ୍ୟତା ପାଇଥିଲା । ବର୍ତ୍ତମାନ ବୌଦ୍ଧ ଏନଏସି ୧୭ ଗୋଟି ୱାର୍ଡକୁ ନେଇ ଗଠିତ । ବହୁବାର ଜିଲା କଂଗ୍ରେସ ପକ୍ଷରୁ ମ୍ୟୁନିସିପାଲଟି ଦାବି ନେଇ ଗଣଧାରଣା ଦିଆଯିବା ସହ ଆନ୍ଦୋଳନ ହୋଇଆସୁଥିଲା । ୨୦୧୧



ଲୋକେ ଖୁସିରେ ମିଠା ବାଣ୍ଟୁଛନ୍ତି।

■ବୌଦ୍ଧବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ
■ଆତସବାଜିରେ କମ୍ପିଲା ସହର, ମିଠା ଖାଇ ଖୁସି ମନାଇଲେ ସହରବାସୀ

ଜନଗଣନା ଅନୁସାରେ ବୌଦ୍ଧ ସହରର ଜନସଂଖ୍ୟା ୨୨ହଜାର ଉପରେ ଥିବା ବେଳେ ବର୍ତ୍ତମାନ ସହରର ଜନସଂଖ୍ୟା ପ୍ରାୟ ୨୫ ହଜାର ମଧ୍ୟରେ ରହିଥିବା ଜଣାପଡିଛି । ସହର ନିକଟସ୍ଥ କେତେକ ଗ୍ରାମକୁ ମିଶାଯାଇ ନୂତନ ମ୍ୟୁନିସିପାଲଟି ଘୋଷଣା କରାଯାଇଛି । ଦୀର୍ଘ ବର୍ଷ ପରେ ରାଜ୍ୟ ସରକାର ମ୍ୟୁନିସିପାଲଟି ଘୋଷଣା କରିବା ପରେ ଆଜି ପୁରା ସହର ଉତ୍ସବମୁଖର ହୋଇପଡିଛି । ସେହିପରି ଜିଲାର କଣ୍ଟାମାଳକୁ ମଧ୍ୟ ଏନଏସି ମାନ୍ୟତା ଘୋଷଣା କରିବା ପରେ କଣ୍ଟାମାଳରେ ଆନନ୍ଦ ଖେଳିଯାଇଛି । ଏହି ଘୋଷଣା ପରେ ସହର ଆତସବାଜିରେ କମ୍ପି ଉଠିବା ସହ ଲୋକମାନେ ଖୁସି ମନାଇ ମିଠା ବାଣ୍ଟିଥିଲେ । ପ୍ରକାଶଥାଉ କି ବୌଦ୍ଧ ଜିଲାବାସୀଙ୍କ ଅନ୍ୟ ଏକ ପ୍ରମୁଖ ଦାବି ଜିଲାକୁ ଉତ୍ତରାଞ୍ଚଳ ରାଜସ୍ୱ ଅଧୀନରେ ସାମିଲ ନେଇ ଗତ ୨୨।୧୧।୨୨ ରେ ରାଜ୍ୟ ସରକାର ପୂରଣ କରିଥିଲେ ।

### ସେମାନେ ଯାହା କୁହନ୍ତି



"ବୌଦ୍ଧ ଜିଲାବାସୀଙ୍କ ବହୁ ଦିନର ଆଶା ଆଜି ପୂରଣ ହୋଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ ଓ ମନ୍ତ୍ରୀ ପ୍ରଦୀପ ଅମାତଙ୍କୁ ବୌଦ୍ଧବାସୀଙ୍କ ପକ୍ଷରୁ ଶୁଭେଚ୍ଛା ଜଣାଉଛି । ମ୍ୟୁନିସିପାଲଟି ହେବା ଦ୍ୱାରା ସହରର ଉନ୍ନତି ଆହୁରି ହୋଇପାରିବ।

**ମୃତ୍ୟୁଞ୍ଜୟ ମିଶ୍ର, ଏନଏସି ଅଧ୍ୟକ୍ଷ, ବୌଦ୍ଧଗଡ**



"ଜିଲାବାସୀଙ୍କ ମୁଖ୍ୟ ଦାବି ଆଜି ପୂରଣ ହୋଇଛି। ଏଥିପାଇଁ ଦୀର୍ଘ ୩ ବର୍ଷ ହେବ କଂଗ୍ରେସ ପକ୍ଷରୁ ଦାବି ହୋଇ ଆସୁଥିଲା। ଏପରି କି କଂଗ୍ରେସ ଦଳ ପକ୍ଷରୁ ଅହୋରାତ୍ର ଗଣଧାରଣା ସହ ଗତ ଡିସେମ୍ବର ମାସରେ ଦଳ ପକ୍ଷରୁ ଜିଲାପାଳଙ୍କ ଜରିଆରେ ଦାବି କରାଯାଇଥିଲା। ଦଳ ପକ୍ଷରୁ ବୌଦ୍ଧ ବଞ୍ଚାଅ ଆନ୍ଦୋଳନରେ ମଧ ଦାବି କରାଯାଇଥିଲା ଶେଷରେ ଜିଲାବାସୀଙ୍କ ପାଇଁ ଖୁସି ଖବର ମିଳିଛି। ତେବେ ଜିଲାର ପୁରୁଣାକଟକ, ଚାରିଛକ, ବାଉଁଶୁଣୀ ଓ ମନମୁଣ୍ଡାକୁ ମଧ ଏନଏସି କରାଯିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି ।

**ନବକୁମାର ମିଶ୍ର, ଜିଲା ସଭାପତି, କଂଗ୍ରେସ କମିଟି ବୌଦ୍ଧ**

## ସଂକ୍ଷେପରେ

### ନଦୀରେ ବୁଡ଼ି ୪ବର୍ଷର ଝିଅ ମୃତ

**ଲାଞ୍ଜିଗଡ଼,୨୪।୨(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଜେପୁର ଥାନା ଅଞ୍ଚଳ ବିଜେପୁର ପଞ୍ଚାୟତ ଅନ୍ତର୍ଗତ କଳାକୁପା ଗାଁର ମୁକୁନ୍ଦ ମାଝିଙ୍କ ୪ବର୍ଷର ଝିଅ ଚନ୍ଦ୍ରିକାଙ୍କ ଶନିବାର ପୂର୍ବାହ୍ନ ସାଢେ ୧୦ଟାରେ ନଦୀରେ ବୁଡ଼ି ମୃତ୍ୟୁ ଘଟିଛି। ସୂଚନାନୁସାରେ ଗାଁ ନିକଟସ୍ଥ କଲ୍ୟାଣୀ ନଦୀକୁ ନିଜ ମାଉସୀ ଓ ଗାଁ ଝିଅମାନଙ୍କ ସହିତ ଚନ୍ଦ୍ରିକା ଗୋଧୋଇବାକୁ ଯାଇଥିଲେ। ସମସ୍ତେ ଗୋଧୋଉ ଥିବାବେଳେ ଚନ୍ଦ୍ରିକାର ଗୋଡ଼ ଖସିଯିବାରୁ ନଦୀରେ ବୁଡ଼ିଯାଇଥିଲା। ସାଙ୍ଗରେ ଯାଇଥିବା ସମସ୍ତେ ସ୍ଥିର ପାଣିରେ ଅଚେତ ଅବସ୍ଥାରେ ଦେଖି ଗାଁ ଲୋକଙ୍କୁ ଖବର ଦେଇଥିଲେ। ଗାଁ ଲୋକେ ମୃତଦେହ ଉଦ୍ଧାର କରି ଘରକୁ ଆଣିବା ପରେ ମଧ୍ୟାହ୍ନ ୧୨ଟାରେ ବିଜେପୁର ପୋଲିସକୁ ଖବର ଦେଇଥିଲେ।

### ଶୁଣ୍ଢି ସମାଜର ବୈଠକ

**ବରଗଡ଼,୨୪।୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ରେ ଶନିବାର ଶୁଣ୍ଢି ସମାଜର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଦ୍ଧବ ଚରଣ ବେହେରା ସଭାପତିତ୍ୱ କରିଥିଲେ। ବୈଠକରେ ସମାଜର ବିଭିନ୍ନ ସାମାଜିକ କାର୍ଯ୍ୟ, ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ରାଜକିରଣ ନାୟକଙ୍କୁ ଶୁଣ୍ଢି ସମାଜର ଯୁବ ସଭାପତି ଭାବେ ମନୋନୀତ କରାଯାଇଥିଲା। ବୈଠକରେ ଡ. ପାଣ୍ଡବ ବେହେରା, ଶରତ ବେହେରା, ନିରଞ୍ଜନ ବେହେରା, ସୁଧୀର ସାହୁ, ପ୍ରକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



କ୍ଷୁଦ୍ରଶସ୍ୟ ବ୍ୟଞ୍ଜନ ଉତ୍ସବ ଓ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଗ୍ରାମବାସୀ।

# କ୍ଷୁଦ୍ର ଶସ୍ୟ ବ୍ୟଞ୍ଜନ ଉତ୍ସବ, ସଚେତନତା କାର୍ଯ୍ୟକ୍ରମ

**ବଡ଼ଗାଁ,୨୪।୨(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଶଙ୍କରାପୋଷ ଗ୍ରାମରେ ଶନିବାର ସାମାଜିକ ସେବା ସଦନ ପକ୍ଷରୁ କ୍ଷୁଦ୍ର ଶସ୍ୟ ବ୍ୟଞ୍ଜନ ଉତ୍ସବ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ବ୍ଲକ କୃଷି ଅଧିକାରୀ ପ୍ରଫୁଲ୍ଲ ନାଏକ, ସାମାଜିକ ସେବା ସଦନର ନିର୍ଦ୍ଦେଶକ ଇମାନୁଏଲ ପାଥିଲ, ସାହାଜବାହାଲ ସରପଞ୍ଚ ଶୁକ୍ରୁତା ବିଶାଳଙ୍କ ସହିତ ୱାର୍ଡ ମେମ୍ବରମାନେ ଯୋଗଦେଇଥିଲେ। ଓଡ଼ିଶା ମିଲେଟ ମିଶନର ବ୍ଲକ ସଂଯୋଜକ ଜନ ତିର୍କୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯକ୍ରମରେ ମାଣ୍ଡିଆରେ ତିଆରି ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରଦର୍ଶିତ କରାଯାଇଥିଲା। ଆୟୋଜିତ ମାଣ୍ଡିଆ ଚାଷ ସମ୍ପର୍କିତ ସଚେତନତା ସଭାରେ ଚାଷୀଙ୍କୁ ସାମାଜିକ ସେବା ସଦନ ଓ ବିଭାଗୀୟ ଅଧିକାରୀମାନେ ମାଣ୍ଡିଆ ଚାଷ କରି ଚାଷୀ ମାନେ କିପରି ଲାଭବାନ ହୋଇପାରିବେ ବୁଝାଇଥିଲେ। ମାଣ୍ଡିଆ କୁଇଣ୍ଟାଲ ପ୍ରତି ୩ ହଜାର ୮ ଶହ ୪୬ଟଙ୍କା ( ୩୮୪୬) ରେ ସରକାର୍ କିଣି ନେଉଥିବାରୁ ବିକ୍ରି ପାଇଁ ସମସ୍ୟା ନ ଥିବା କହିଥିଲେ। ମାଣ୍ଡିଆ ଚାଷ କରି କୃଷକ ଲାଭବାନ ହେବା ସହ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଜନକ ହୋଇଥିବାରୁ ପୁଷ୍ଟିକର ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ବ୍ୟଞ୍ଜନକୁ ଦୈନନ୍ଦିନ ଖାଦ୍ୟରେ ସାମିଲ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଓଡ଼ିଶା ମିଲେଟ ମିଶନର ବ୍ଲକ ସହ ସଂଯୋଜକ ମନୀଷା କୁଜୁରଙ୍କ ସହିତ ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

# ବନ ବିଭାଗର ଚଢ଼ାଉ, କାଠ ବୋଝେଇ ଟ୍ରାକ୍ଟର ଜବତ

**ବଣାଇଁ,୨୪।୨(ପ୍ରଦୀପ ତ୍ରିପାଠୀ)**



ବଣାଇଁ ବନଖଣ୍ଡ ଅଧିନସ୍ଥ ସୋଲ ରେଞ୍ଜ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଏକ ଚୋରା କାଠ ବୋଝେଇ ଟ୍ରାକ୍ଟରକୁ ସୋଲଗୁଡା ସଂରକ୍ଷିତ ଜଙ୍ଗଲ ଭିତରୁ ବନ ବିଭାଗ ଜବତ କରିଛି। ଟ୍ରାକ୍ଟରଟି ନମ୍ବର ବିହୀନ ଥିବା ବେଳେ ତାହାକୁ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଛି। ଉକ୍ତ ଗାଡ଼ିର ମାଲିକ ସୋଲଗୁଡା ଅଞ୍ଚଳର ବୋଲି ଅନୁମାନ କରାଯାଉଛି। ଗାଡି ପଞ୍ଜୀକରଣ ସମ୍ବନ୍ଧରେ ଅଧିକ ତଥ୍ୟ ଜାଣିବା ପାଇଁ ବନ ବିଭାଗ ପକ୍ଷରୁ ସୁନ୍ଦରଗଡ଼ ମୋଟର ଯାନ ଅଧିକାରୀଙ୍କୁ ଲିଖିତ ଆକାରରେ ଅବଗତ କରାଯାଇଛି। ସୋଲ ରେଞ୍ଜ ଅଧିକାରୀ କୈଳାସ ଚନ୍ଦ୍ର କିଷାନ ଜଙ୍ଗଲ ସଂରକ୍ଷଣ ଆଇନ ଅନୁସାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଏକ ବୈଠକ ସାରି ସୋଲ ରେଞ୍ଜରେ ଅବସ୍ଥାପିତ ଥିବା ଶିକ୍ଷାନବୀଶ ସହକାରୀ ବନ ସଂରକ୍ଷକ ମେହେର ବାନ ଅଲ୍ଲୀ, ବନପାଳ ପ୍ରତାପ କୁମାର ସାହୁ, ବନରକ୍ଷୀ ସଞ୍ଜିବ କିଷାନ, ଅନୀଲ ପଲେଇ ଫେରୁଥିବା ବେଳେ ସୋଲଗୁଡା ସଂରକ୍ଷିତ ଜଙ୍ଗଲ ଭିତରୁ ଏକ ଚୋରା କାଠ ବୋଝେଇ ଟ୍ରାକ୍ଟର ମୁଖ୍ୟ ରାସ୍ତା ଉପରକୁ ଆସୁଥିବା ଦେଖିବାକୁ ପାଇଥିଲେ। ବନବିଭାଗ ଗାଡି ଓ ଅଧିକାରୀଙ୍କୁ ଦେଖି ଡ୍ରାଇଭର ଅନ୍ଧାରର ସୁଯୋଗ ନେଇ ଗାଡ଼ି ଛାଡ଼ି ଘଟଣା ସ୍ଥଳରୁ ଖସି ପଳାଇଥିଲେ। ଏହା ଦେଖି ବନପାଳ ତୁରନ୍ତ ରେଞ୍ଜ ଅଫିସକୁ ଯୋଗାଯୋଗ କରି ଅନ୍ୟ କର୍ମଚାରୀଙ୍କୁ ଘଟଣା ସ୍ଥଳକୁ ଡାକିଥିଲେ।

# ଖେଲୋ ଇଣ୍ଡିଆ ମହିଳା ସିନିୟର ଜାତୀୟ ଉଷୁ ଲିଗ୍‌ରେ ଲିପ୍ସା

**ସୁନ୍ଦରଗଡ,୨୪।୨(ଜୟ ନାରାୟଣ ମେଣ୍ଡୁଲି)**




ଫେବୃଆରୀ ୨୪ରୁ ୨୭ ପର୍ଯ୍ୟନ୍ତ ଖେଲୋ ଇଣ୍ଡିଆ ମହିଳା ସିନିୟର ଜାତୀୟ ଉଷୁ ଲିଗ ପ୍ରତିଯୋଗିତା ଝାଡ଼ଖଣ୍ଡ ରାଜ୍ୟର ରାଞ୍ଚିରେ ଥିବା ଠାକୁର ବିଶ୍ୱନାଥ ସହଦେଓ ଇଣ୍ଡୋର ଷ୍ଟାଡିୟମ, ମେଗା ସ୍ପୋର୍ଟସ କମ୍ପ୍ଲେକ୍ସରେ ଚାଲିଛି । ଓଡ଼ିଶା ତରଫରୁ ସୁନ୍ଦରଗଡ ଜିଲାର ଜନ ସେବା ସମିତି ଯୋଗୀମାଲର ଲିପ୍ସା ଷଡ଼ଙ୍ଗୀ ପ୍ରତିନିଧିତ୍ୱ କରିବେ। ସେ ସିନିୟର ମହିଳା ସାଣ୍ଡା ବିଭାଗର ୫୬ କେଜି ବର୍ଗରେ ପ୍ରତିଯୋଗିତା କରିବେ। ଜାନୁଆରୀ ମାସରେ କୋଏମ୍ବାଟୁର ଜୋନ ଲିଗ ଉଷୁ ମ୍ୟାଚରେ ରୌପ୍ୟ ପଦକ ହାସଲ କରି ଏହି ଜାତୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହା ପୂର୍ବରୁ ସେ ୨ଟି ଜାତୀୟ ସ୍ତରୀୟ ପ୍ରତିଯୋଗିତା ଓ ୨ଟି ଖେଲୋ ଇଣ୍ଡିଆ ମହିଳା ଉଷୁ ଲିଗରେ ଭାଗ ନେଇଥିଲେ । ତାଙ୍କ ସଫଳତା ପାଇଁ ରାଜ୍ୟ ଉଷୁ ସଂଘର ଅଧ୍ୟକ୍ଷ ଇଂ ସୁଧାଂଶୁ ଶେଖର ହରିଚନ୍ଦନ, ବୈଷୟିକ ଅଧିକାରୀ ପ୍ରଦ୍ୟୁମ୍ନ ବେହେରା, ଜିଲା ଉଷୁ ସଂଘର ସାଧାରଣ ସମ୍ପାଦକ ସୁଜନ ରଥ, ସୁନ୍ଦରଗଡ ଜିଲା ଆମେଚର ବକ୍ସିଂ ସଂଘ, ସୁନ୍ଦରଗଡ ଜିଲା ସିପକ ଟାକ୍ରୋ ସଂଘ, ଜନ ସେବା ସମିତି ଯୋଗୀମାଲ ଅନୁଷ୍ଠାନର ସମସ୍ତ ସଦସ୍ୟ ଓ ଜିଲା କ୍ରୀଡ଼ା ଅଧିକାରୀ ସୁଦୀପ୍ତ କୁମାର ନାୟକ ଶୁଭେଚ୍ଛା ଜଣାଇଛନ୍ତି।

# ସର୍ବଭାରତୀୟ କ୍ରିକେଟ: ଫାଇନାଲରେ ଓପି ଜିନ୍ଦଲ

**ବ୍ରଜରାଜନଗର,୨୪।୨(ବିଜୟ ବରାଡ଼)**

ବ୍ରଜରାଜନଗର ସହରାଞ୍ଚଳର ବ୍ରଜରାଜନଗର ଓ ଆମ୍ବିସନ କ୍ଲବ ମିଳିତ ଆନୁକୂଲ୍ୟରେ ତୃତୀୟ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ ଚାଲୁରହିଛି। ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଏନ୍‌ସିଏ ବଲାଙ୍ଗୀର ଓ ଓପି ଜିନ୍ଦଲ କ୍ରିକେଟ ଏକାଡେମୀ ମଧ୍ୟରେ ଖେଳାଯାଇଥିଲା। ବଲାଙ୍ଗୀର ଦଳ ପ୍ରଥମେ ବ୍ୟାଟିଂକରି ୨୯.୫ ଓଭରରେ ୧୦ ଉଇକେଟ ହରାଇ ୧୨୮ ରନ ସଂଗ୍ରହ କରିଥିଲା। ଜବାବରେ ଓପି ଜିନ୍ଦଲ ଦଳ ୨୪.୩ ଓଭରରେ ୩ ଉଇକେଟ ବିନିମୟରେ ୧୨୯ ରନକରି ବିଜୟ ହାସଲ କରି ଫାଇନାଲକୁ ପ୍ରବେଶ କରିଛି। ବିଜୟୀ ଦଳର ସକ୍ଷମ ଚୌବେ ୧୭ ବଲରେ ୧୮ ରନ ସହ ୬ ଓଭରରେ ୧୦ ରନ ଦେଇ ୨ଉଇକେଟ ଅକ୍ତିଆର କରି ମ୍ୟାନ୍ ଅଫ୍ ଦି ମ୍ୟାଚ ଘୋଷିତ ହୋଇଥିଲେ। ରମେଶ ଯାଦବ ଅତିଥି ଭାବେ ଯୋଗଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଜ୍ୱଳ କୁମାର ପଟେଲ ଓ ଦୀପକ ପଟେଲ ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ରବିବାର ଫାଇନାଲ ମ୍ୟାଚ ଆମ୍ବିସନ କ୍ଲବ ବ୍ରଜରାଜନଗର ଓ ଓପି ଜିନ୍ଦଲ କ୍ରିକେଟ ଏକାଡେମୀ ମଧ୍ୟରେ ଖେଳାଯିବ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

# ନିର୍ମାଣର ବର୍ଷେ ନ ପୂରୁଣୁ ଢଳେଇ ଫାଟି ଆଁ

**କୁଆଁରମୁଣ୍ଡା,୨୪।୨(ମହେନ୍ଦ୍ର କୁମାର ସାହୁ)**

୧୪୩ ନଂ ଜାତୀୟ ରାଜପଥର ବାରକୋଟରୁ ବୀରମିତ୍ରପୁର ପର୍ଯ୍ୟନ୍ତ ରାସ୍ତା ନୂତନଭାବେ ଢଳେଇ କରାଯାଇ ୪ ଥାକିଆ କରାଯାଇଛି। ମାତ୍ର ନିର୍ମାଣ ସମ୍ପୂର୍ଣ୍ଣ ହେବାର ବର୍ଷେ ନ ପୂରୁଣୁ ଏବେ ରାଜପଥର ଅଧିକାଂଶ ସ୍ଥାନରେ ଫାଟ ସୃଷ୍ଟି ହେଲାଣି। ଏପରିକି କେତେକ ସ୍ଥାନରେ ଢଳେଇ ଫାଟି ରାଜପଥରୁ ଉଠି ଗର୍ତ୍ତ ଆରମ୍ଭ ହେବାକୁ ବସିଲାଣି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି କୁଆଁରମୁଣ୍ଡା – ପଦମପୁର ବାଇପାସ୍ ରାସ୍ତା। ନିର୍ମାଣ କାର୍ଯ୍ୟର ସ୍ଥାୟୀତ୍ୱକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବଳ ଏହି ସ୍ଥାନ ନୁହେଁ, ଏକାଧିକ ସ୍ଥାନରେ ମଧ୍ୟ ଫାଟ ସୃଷ୍ଟି ହୋଇଥିବା ପରିଲକ୍ଷିତ ହୋଇଛି। ତେଣୁ ଏ ଦିଗରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ କୁଆଁରମୁଣ୍ଡା ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି।



ନବନିର୍ମିତ ୧୪୩ ନମ୍ବର ଜାତୀୟ ରାଜପଥ ଢଳେଇ ଫାଟି ଉଠି ଗଲାଣି।

# ମୁକୁଳା ଡ୍ରେନ୍‌ରେ ପଡ଼ି ଯୁବକ ଗୁରୁତର

**ବୌଦ୍ଧ,୨୪।୨(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅଧୀନ ଧଳପୁର ବଜାରର ମୁକୁଳା ଡ୍ରେନରେ ଶନିବାର ଦିନ ଜଣେ ସାଇକେଲ ଆରୋହୀ ପଡିଯାଇ ଗୁରୁତର ହୋଇଛନ୍ତି। ପ୍ରକାଶ ଯେ, ପୂର୍ବାହ୍ନ ୧୧ଟା ସମୟରେ ପୁରୁଣାକଟକ ଥାନା ଅନ୍ତର୍ଗତ ସରଧାପୁର ବାଲିସାହି ଗ୍ରାମର ସୁଶିଲ କର୍ଣ୍ଣ ଏକ ସାଇକେଲ ଯୋଗେ ଆସୁଥିବା ବେଳେ ଧଳପୁର -ପୁରୁଣାକଟକ ପୂର୍ତ୍ତ ରାସ୍ତାର ଧଳପୁରଠାରେ କୌଣସି କାରଣରୁ ଭାରସାମ୍ୟ ହରାଇ ଡ୍ରେନରେ ଖସି ପଡିଥିଲେ। ଡ୍ରେନରେ ଲୁହାଛଡ ବାହାରିଥିବା ଯୋଗୁ ଯୁବକଙ୍କ ଆଖିରେ ଛଡଟି ପଶିଯାଇଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଧଳପୁର ଓ ପରେ ଆଠମଲିକ ମେଡିକାଲକୁ ନେଇଥିଲେ। ସେଠାରୁ ତାଙ୍କୁ ଅନୁଗୋଳ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଡ୍ରେନ ମୁକୁଳା ଥିବାରୁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ପୂର୍ତ୍ତବିଭାଗର ଖାମଖିଆଲିନୀତିଯୋଗୁଆଜିଏଭଳିଦୁର୍ଘଟଣା ଘଟିଥିବା ସାଧାରଣରେ ଆଲୋଚନା ହେଉଛି।

# ବଣାଇଁକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା, ଅଞ୍ଚଳରେ ଉତ୍ସବର ମାହୋଲ

**ବଣାଇଁ,୨୪।୨ (ପ୍ରଦୀପ ତ୍ରିପାଠୀ)**

ବଣାଇଁ ବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ସାକାର ହୋଇଛି। ବଣାଇଁକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଦଳ ମତ ନିର୍ବିଶେଷରେ ସମସ୍ତେ ଏହାକୁ ସ୍ୱାଗତ କରିବା ସହ ବାଣ ଫୁଟାଇ ଉତ୍ସବ ପାଳନ କରିଛନ୍ତି। ଦୀର୍ଘଦିନ ଧରି ଥିବା ଏହି ଦାବି ପୂରଣ ପାଇଁ ନିକଟ ଅତୀତରେ ୫-ଟି ଅଧ୍ୟକ୍ଷଙ୍କ ବଣାଇଁ ଗସ୍ତ ସମୟରେ ପୁନଃ ଉପସ୍ଥାପିତ ହେବା ଓ ଏହାକୁ ମୁଖ୍ୟମନ୍ତ୍ରୀ ସ୍ୱୀକୃତି ପ୍ରଦାନ କରିବା ନେଇ ସମସ୍ତେ କୃତଜ୍ଞତା ଜ୍ଞାପନ କରିଛନ୍ତି । ବଣାଇଁ, କେନ୍ଦ୍ରିକେଲା ଓ ଜର୍କେଳା ପଞ୍ଚାୟତର କିଛି ଅଂଶକୁ ନେଇ ବହୁ ପ୍ରତୀକ୍ଷିତ ପ୍ରସ୍ତାବିତ ବିଜ୍ଞାପିତ ଅଞ୍ଚଳ ସ୍ୱପ୍ନ ସାକାର ହେବା ପରେ ବଣାଇଁ ଓକିଲ ସଂଘ, ସାମ୍ବାଦିକ ସଂଘ, ବଣିକ ସଂଘ, ନାଗରିକ ସଂଘ, ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି ।

# ଅବହେଳିତ ସମାଜ ଓ ଓଡ଼ିଆ ସାହିତ୍ୟ ଆଲୋଚନାଚକ୍ର

**ରାଉରକେଲା,୨୪।୨(ବିପ୍ଳବ ରଞ୍ଜନ ଦାଶ)**

କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ସରକାରୀ ସ୍ୱୟଂଶାସିତ କଲେଜର ମିଳିତ ଆନୁକୂଲ୍ୟରେ ଏକ ଦିବସୀୟ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାର ଶୀର୍ଷକ ଥିଲା 'ଅବହେଳିତ ସମାଜ ଏବଂ ଓଡ଼ିଆ ସାହିତ୍ୟ'। ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଗୌରହରି ଦାସ ଯୋଗଦେଇ ଓଡ଼ିଆ ସାହିତ୍ୟରେ ହେଉଥିବା ଅବହେଳାଜନିତ ବହୁ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ବଳରାମ ଦାସଙ୍କ ରଚିତ ଲକ୍ଷ୍ମୀପୁରାଣ, ଭୀମ ଭୋଇଙ୍କ ରଚିତ ସ୍ତୁତି ଚିନ୍ତାମଣି ଆଦି ସାହିତ୍ୟରେ ହୋଇଥିବା ଅବହେଳା ଉପରେ ଅବତାରଣା କରିଥିଲେ। ପ୍ରଥମେ ସାହିତ୍ୟ ଏକାଡେମୀ, କଲିକତା ଆଞ୍ଚଳିକ କାର୍ଯ୍ୟାଳୟର ସହକାରୀ ସମ୍ପାଦକ କ୍ଷେତ୍ରବାସୀ ନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ରଜନୀ କିଷାନଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ କଲେଜ ଅଧ୍ୟକ୍ଷ ଡକ୍ଟର ବିଜୟ କୁମାର ବେହେରା ବଳରାମ ଦାସଙ୍କ ଶ୍ରୀୟା ଚଣ୍ଡାଲୁଣୀ ଉପାଖ୍ୟାନ ମାଧ୍ୟମରେ ଜଗନ୍ନାଥ ସଂସ୍କୃତିର ଉଦାହରଣ ଦେଇଥିଲେ। ବିଶିଷ୍ଟ ଗବେଷକ ତଥା ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଅବହେଳିତ ସାହିତ୍ୟ ପାଇଁ ସାହିତ୍ୟିକ ଏବଂ ସମାଜ ଶାସ୍ତ୍ରୀ ଏକଜୁଟ ହେବାର ଆବଶ୍ୟକ ବୋଲି କହିଥିଲେ। ପରେ ଦଳିତ ସାହିତ୍ୟିକ ପୀତାମ୍ବର ତରାଇ ଓଡିଆ କବିତାରେ ଦଳିତ ସାହିତ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଅଧ୍ୟାପକ କରୁଣାକର ପାଟଶାଣୀ ପୁରାଣ ଯୁଗ ବର୍ଣ୍ଣ ଜାତିବାଦ ସମ୍ପର୍କରେ ଆଲୋକପାତ କରିବା ସହ ଚର୍ଯ୍ୟାପଦରୁ ନେଇ ଆଧୁନିକ ଓଡିଆ ସାହିତ୍ୟରେ ଦଳିତ ଚେତନା ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପିକା ସୁଷମା ମୋଦି ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଦଳିତ ଚେତନା ଉପରେ କହିଥିଲେ, ସଂସାରରେ ସାମାଜିକ ପ୍ରାଣୀ ଭାବେ ସମସ୍ତଙ୍କ ବଞ୍ଚିବାର ଅଧିକାର ରହିଛି। ତେଣୁ କରୁଣା ଥିବା ବ୍ୟକ୍ତି ହିଁ ଏକଦା ମଣିଷ ପଦବାଚ୍ୟ ବୋଲି ସେ କହିଥିଲେ। ପରେ ସାହିତ୍ୟିକ ଗୋପୀନାଥ ବାଗଙ୍କ ଅଧ୍ୟକ୍ଷତାରେ ହୋଇଥିବା ଆଲୋଚନାରେ ଆଲୋଚକ ଭାବେ ଡକ୍ଟର ସଞ୍ଜୟ ବାଗ, ଗଙ୍ଗାଧର ବେହେରା, ଡକ୍ଟର ରଞ୍ଜନ ସେଠୀ, ରଜନୀ କିଷାନ ପ୍ରମୁଖ ଅବହେଳିତ ସମାଜ ଏବଂ ସାହିତ୍ୟର ଭିନ୍ନ ଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପରେ କଲେଜ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା କବିତା ଆସର ହୋଇଥିଲା। ଶେଷରେ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ସୁଷମା ମୋଦି ଧନ୍ୟବାଦ ଅର୍ପଣ କରିଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିଗଣ।

# ଜାତୀୟ ଶିକ୍ଷାନୀତି-୨୦୨୦ ସମ୍ବନ୍ଧୀୟ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ

**ସୁନ୍ଦରଗଡ,୨୪।୨(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ଓ ଦର୍ଶନ ଏକା ମହୁଲପାଲିର ମିଳିତ ସହଯୋଗରେ ଜାତୀୟ ଶିକ୍ଷାନୀତି-୨୦୨୦ ସମ୍ବନ୍ଧୀୟ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ ଶିକ୍ଷକ ଶିକ୍ଷା ବିଭାଗର ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଓ ଗୋଷ୍ଠୀ ସଦସ୍ୟଙ୍କୁ ନିମନ୍ତ୍ରଣ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଲଳିତରଞ୍ଜନ ସାହୁ ଗୁରୁ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ କଳା ଓ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ପରେ ଛାତ୍ରୀଛାତ୍ର ,ଅଧ୍ୟାପିକା ଅଧ୍ୟାପକ ଏବଂ ଗୋଷ୍ଠୀର ସଦସ୍ୟମାନେ ଗୁରୁ ଛାତ୍ରୀଛାତ୍ରଙ୍କ ଦ୍ୱାରା ନିର୍ମିତ କଳା ଓ ଶିକ୍ଷଣ ସାମଗ୍ରୀ ଗୁଡିକୁ ବୁଲି ଦେଖି ଥିଲେ। ପରେ ଶିକ୍ଷକ ଶିକ୍ଷା ବିଭାଗର ସମ୍ମିଳନୀ କକ୍ଷରେ ଜାତୀୟ ଶିକ୍ଷା ନୀତି ଆଧାରିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ଉଦ୍‌ଘାଟନ କରି ଗୁଣାତ୍ମକ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଲଳିତରଞ୍ଜନ ସାହୁ ଜାତୀୟ ଶିକ୍ଷାନୀତି ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ଏବଂ ଏହା ଭାରତକୁ ଏକ ବିକଶିତ ରାଷ୍ଟ୍ର ଓ ବିଶ୍ୱ ଗୁରୁ ହେବାରେ ସହାୟକ ହେବ ବୋଲି ମତ ପୋଷଣ କରିଥିଲେ। ମହବିଦ୍ୟାଳୟର ବରିଷ୍ଠ ପ୍ରଫେସର ତଥା ଆଇକ୍ୟୁଏସି ସଂଯୋଜକ ଆଲୋକ କୁମାର ନାଏକ ଜାତୀୟ ଶିକ୍ଷା ନୀତିରେ ପ୍ରତିଫଳିତ ଗୁଣାତ୍ମକ ଶିକ୍ଷାର ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋକ ପାତ କରି ଆଇକ୍ୟୁଏସିତାକୁ କାର୍ଯ୍ୟକାରୀ କରିବାରେ ସଦାସର୍ବଦା ଚେଷ୍ଟିତ ବୋଲି କହିଥିଲେ । ବିଭାଗୀୟ ମୁଖ୍ୟ ଗରୁଡେଶର ଦାସ ବିଦ୍ୟାଳୟ ସ୍ତରରେ ଶିକ୍ଷାଦାନ ଓ ପରୀକ୍ଷା ପଦ୍ଧତିରେ ଆସିଥିବା ପରିବର୍ତ୍ତନ,କାର୍ଯ୍ୟ ଭିତ୍ତିକ ଶିକ୍ଷଣ, କ୍ରୀଡାଭିତ୍ତିକ ଶିକ୍ଷଣ, ସହଭାଗୀ ଶିକ୍ଷଣ ସମ୍ବନ୍ଧରେ ପାୱାର ପଏଣ୍ଟ ଉପସ୍ଥାପନା କରିଥିଲେ। ସହକାରୀ ପ୍ରଫେସର ଦୀପଞ୍ଜଳୀ ମେହେର ବିଦ୍ୟାଳୟ ଶିକ୍ଷାର ସୋପାନ, ଶିକ୍ଷକଙ୍କ ଦକ୍ଷତା ବିକାଶ ସମ୍ବନ୍ଧରେ ଆଲୋଚନା କରିଥିଲେ। ସହକାରୀ ପ୍ରଫେସର ଡ.ଶମ୍ଭୁ ଶଙ୍କର ଦୀପ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସହକାରୀ ପ୍ରଫେସର ଡ. ବସନ୍ତ କୁମାର ମହାକୁଡ଼ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦର୍ଶନ ଏକା ଅଧ୍ୟକ୍ଷ ପ୍ରସନ୍ନ କୁମାର ପୁଲକନନ୍ଦମ ଅତିଥି ପରିଚୟ ଓ ସହକାରୀ ପ୍ରଫେସର ଗରୁଡେଶର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ପ୍ରତାପ ପ୍ରଧାନ, ସୁଶ୍ରୀ ସଙ୍ଗିତା ପଟେଲ, ବିନୋଦ ବିହାରୀ ରଥ, ଉଷା ସାମନ୍ତ, ସୁବାଶ କୁମାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହାୟତା କରିଥଲେ। ଅନୁଷ୍ଠାନର କର୍ମଚାରୀ ଜ୍ୟୋତିପ୍ରକାଶ ପଟେଲ, ଶୁଭମ କୁମାର ମେହେର ବୈଷୟିକ ସହାୟତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଡ. କୁଳମଣି ବେହେରା , ବିରେନ୍ଦ୍ର ପଟେଲ ,ଡ. ବିନୋଦ ବିହାରୀ ମଲ୍ଲିକ ,ଡ. ନୂତନ ଖମାରି ପ୍ରଦୀପ ବହିଦାର ,ସୁରମା ଖାଲକୋ , ପ୍ରଭାକର ସେଠୀ , ଅଜିତ କୁମାର ସାହୁ ,ଡ. ପ୍ରଦୀପ କୁମାର ସାମନ୍ତରାୟ ,ଦର୍ଶନ ଏକା ମ୍ୟାନେଜର ରୂପେଶ ପଟେଲ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ୮ ମଇଁଷି ମୃତ

ନାକଟିଦେଉଳ, ୨୪।୨ (ବୈକୁଣ୍ଠ ନାଥ ସାହୁ) ଗତ କିଛିଦିନ ହେଲା ନାକଟିଦେଉଳ ବ୍ଲକର ବିଭିନ୍ନ ଗ୍ରାମରେ ଏକ ଦନ୍ତା ହାତୀ ଉପଦ୍ରବ ଚଳାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଦନ୍ତା ହାତୀ ଆକ୍ରମଣରେ ୨ଜଣ ଚାଷୀଙ୍କର ୮ଟି ମଇଁଷିର ମୃତ୍ୟୁ ଘଟିଛି। ନାକଟିଦେଉଳ ବନାଞ୍ଚଳ ରାଇଲ ଫରେଷ୍ଟ ସେକ୍ସନର ତଳନାଲି ନିକଟ ଟାପକୁଲିଖରଣ ଗ୍ରାମର ଲିଙ୍ଗରାଜ ମାଝିଙ୍କର ୪ଟି ଓ ଟଙ୍କଧର ମାଝିଙ୍କର ୪ଟି ମଇଁଷିକୁ ହାତୀ ଦଳି ମାରିଦେଇଛି। ସମ୍ପୃକ୍ତ ଚାଷୀମାନେ ଘର ବାହାରେ ଏହିସବୁ ମଇଁଷି ବାନ୍ଧି ଥିବାବେଳେ ହାତୀ ଆସି ଆକ୍ରମଣ କରିଥିଲା। ଖବର ପାଇ ଶନିବାର ସକାଳୁ ରେଢ଼ାଖୋଲ ଡ଼ିଏଫ୍ଓ ଅରବିନ୍ଦ ମହାନ୍ତି, ଏସିଏଫ୍ ଅଶ୍ୱିନୀ କୁମାର ବେହେରା, ରାମପୁର ରେଞ୍ଜ ଅଫିସର ମୈତ୍ରୀ ମଞ୍ଜରି ବିଶ୍ୱାଳ, ରାଇଲ ଫରେଷ୍ଟର ସ୍ୱପ୍ନେଶ୍ୱର ଦେହୁରି, ନାକଟିଦେଉଳ ଫରେଷ୍ଟର ଅରୁଣ କୁମାର ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ନାକଟିଦେଉଳ ପ୍ରାଣୀଧନ ଚିକିତ୍ସକଙ୍କ ଦ୍ୱାରା ମୃତ ମଇଁଷିଗୁଡ଼ିକର ବ୍ୟବଚ୍ଛେଦ କରାଇଥିଲେ। ଏଥିସହିତ ସରକାରଙ୍କ ନିୟମାନୁସାରେ ହାତୀ ଆକ୍ରମଣରେ ମୃତ ମଇଁଷି ମାଲିକଙ୍କୁ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### କର୍କଟ ରୋଗୀଙ୍କୁ ସହାୟତା

ସମ୍ବଲପୁର, ୨୪।୨ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମାୟାବଗିଚା ବାସିନ୍ଦା ଲକ୍ଷ୍ମୀନାରାୟଣ ମିଶ୍ର କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ରହିଛନ୍ତି। ଆର୍ଥିକ ସମସ୍ୟା କରଣରୁ ବ୍ୟୟବହୁଳ ଚିକିତ୍ସା ପାଇଁ ପରିବାର ସଦସ୍ୟ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ସମ୍ପର୍କରେ ଜାଣିବା ପରେ ଶନିବାର ସମ୍ବଲପୁର ହ୍ୟାଣ୍ଡଲୁମ ସିଟି ଇନରହ୍ୱିଲ କ୍ଲବର ସଦସ୍ୟାମାନେ ଅର୍ଥ ସଂଗ୍ରହ କରି ପରିବାରକୁ ସହଯୋଗ କରିବାକୁ ଆଗେଇ ଆସିଥିଲେ। କ୍ଲବର ସଦସ୍ୟାମାନେ ଲକ୍ଷ୍ମୀନାରାୟଣଙ୍କ ସ୍ତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ରଙ୍କୁ ଭେଟି ଚିକିତ୍ସା ସମ୍ପର୍କରେ ପଚାରି ବୁଝିବା ସହ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ। କ୍ଲବର ସଭାନେତ୍ରୀ ମମତା ବାରିକ, ସମ୍ପାଦିକା ଜ୍ୟୋତି ସିଂହ ବରିହାଙ୍କ ସମେତ ଅନ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ।

### କୁଚିଣ୍ଡାରେ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟିତ

କୁଚିଣ୍ଡା, ୨୪।୨ (ବିରଞ୍ଚି ଦର୍କା)

କୁଚିଣ୍ଡାରେ ଶୁକ୍ରବାର ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସି ମାଧ୍ୟମରେ ଏହା ଉଦ୍‌ଘାଟିତ ହୋଇଥିବା ବେଳେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫଳକକୁ ଅନାବରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ନଗର ସଭାପତି ନବୀନ ହୋତା, ସଞ୍ଜୟ ବେହେରା, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ନବୀନ ବାଗେ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

### ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ନାକଟିଦେଉଳ, ୨୪।୨ (ବୈକୁଣ୍ଠନାଥ ସାହୁ)

ନାକଟିଦେଉଳ ବ୍ଲକ କିସିଣ୍ଡା ସରକାରୀ ଉଚ୍ଚବିଦ୍ୟାଳୟରେ ନୂତନ ଭାବେ ଯୋଗଦେଇଥିବା ସଂସ୍କୃତ ଶିକ୍ଷୟିତ୍ରୀ ଶୁଭସ୍ୱପ୍ନା ରାଉତଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନ ଶିକ୍ଷକ ଅରୁଣ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର, ପୁରାତନ ଛାତ୍ର ସଂସଦ ସଭାପତି ଅତୁଲ୍ୟ ପ୍ରସାଦ ରାଉଳ ଅତିଥି ଭାବେ ଯୋଗଦେଇଥିଲେ।

# ରେଳଷ୍ଟେଶନ ନବୀକରଣ ପାଇଁ ଶିଳାନ୍ୟାସ ୨୬ରେ

## ଲୋକାର୍ପିତ ହେବ ବହୁ ପ୍ରତୀକ୍ଷିତ ଝାରସୁଗୁଡ଼ା ରେଳ ଓଭରବ୍ରିଜ୍

ସମ୍ବଲପୁର, ୨୪।୨ (ପ୍ରମୋଦ ବହିଦାର): ଫେବୃଆରୀ ୨୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ମାଧ୍ୟମରେ ଅମୃତ ଭାରତ ଯୋଜନାରେ ସମଗ୍ର ଦେଶରେ ପ୍ରାୟ ୪୧ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ। ସେଥିମଧ୍ୟରେ ସମ୍ବଲପୁର ରେଳ ଡିଭିଜନ ଅନ୍ତର୍ଗତ ୪ ରେଳ ଷ୍ଟେଶନ ଅମୃତ ଭାରତ ରେଳ ଷ୍ଟେଶନରେ ରୂପାନ୍ତରଣ ସହିତ ଗୋଟିଏ ରେଳ ଓଭରବ୍ରିଜ୍ (ଆର୍‌ଓବି) ଓ ୫ଟି ରେଳ ଅଣ୍ଡରବ୍ରିଜ (ଆର୍‌ୟୁବି)ର ଶିଳାନ୍ୟାସ କରିବାକୁ ଥିବାବେଳେ ଝାରସୁଗୁଡ଼ାରେ ଆର୍‌ଓବିର ଲୋକାର୍ପଣ କରିବା କାର୍ଯ୍ୟକ୍ରମ ରହିଛି ବୋଲି ଶନିବାର ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ ସୂଚନା ଦେଇଛନ୍ତି।

ସମ୍ବଲପୁର ରେଳ ମଣ୍ଡଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରେଳ ପ୍ରବନ୍ଧକ ପାଣ୍ଡେ ସୂଚନା ଦେଇ କହିଛନ୍ତି, ସମ୍ବଲପୁର ରେଳ ମଣ୍ଡଳ ଅଧୀନରେ ପ୍ରଧାନମନ୍ତ୍ରୀ ମୋଦି ଅମୃତ ଭାରତ ଷ୍ଟେଶନ ଯୋଜନାରେ ପ୍ରାୟ ୯୯.୧୭୬ କୋଟି ଟଙ୍କା ବ୍ୟୟ ଅଟକଳରେ ୪ଟି ବିଶ୍ୱସ୍ତରୀୟ ରେଳ ଷ୍ଟେଶନର ରୂପାନ୍ତରୀକରଣ ପାଇଁ ଶିଳାନ୍ୟାସ କରିବେ। ସେଥିମଧ୍ୟରେ ୨୩.୭୬ କୋଟି ବ୍ୟୟରେ ସମ୍ବଲପୁର ସିଟି ଷ୍ଟେଶନ, ୧୮.୭୭ କୋଟି ବ୍ୟୟରେ ଝାରସୁଗୁଡ଼ା ରୋଡ଼ ଷ୍ଟେଶନ, ୩୫.୭୯ କୋଟି ଟଙ୍କା ବ୍ୟୟରେ ଟିଟିଲାଗଡ଼ ଷ୍ଟେଶନ ଓ ୨୦.୮୫ କୋଟି ଟଙ୍କା ବ୍ୟୟରେ କେସିଙ୍ଗା ରେଳ ଷ୍ଟେଶନର ନବୀକରଣ କରାଯିବ। ସେହିପରି ରେଳବାଇ ବିକାଶ ପ୍ରକଳ୍ପ ମଧ୍ୟରେ ଗୋଡ଼ଭଗା-ଅତାବିରା ମଧ୍ୟରେ ୩.୨୮ କୋଟି ବ୍ୟୟରେ କୋଶଳ ସ୍କୁଲ ନିକଟରେ, ଦେବାହାଲ-ବରଗଡ଼ ମଧ୍ୟରେ ୫.୭୮ କୋଟି ବ୍ୟୟରେ ବାରହାଗୁଡ଼ାଠାରେ, ବରଗଡ଼ରୋଡ଼-ବରପାଲି ମଧ୍ୟରେ ୨୦ କୋଟି ଟଙ୍କା ବ୍ୟୟରେ ବରଗଡ଼ ୟାର୍ଡରେ, ହାତୀବାରୀ-ଯୁଯୁମୁରା ମଧ୍ୟରେ ଯୁଯୁମୁରା ୟାର୍ଡଠାରେ ୧.୮୩କୋଟିଟଙ୍କା ବ୍ୟୟରେ ଓ କଣ୍ଟବାଞ୍ଜି-ମୁରିବାହାଲ ମଧ୍ୟରେ ୫.୧୩୯ କୋଟି ଟଙ୍କା ବ୍ୟୟରେ କଣ୍ଟବାଞ୍ଜି ଷ୍ଟେଶନ ୟାର୍ଡ ଆଦି ୫ଟି ସ୍ଥାନରେ ଗୋଟିଏ ଲେଖାଏ ରେଳ ଅଣ୍ଡର ବ୍ରିଜ୍ ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ଆଭାସୀ ମାଧ୍ୟମରେ ଶିଳାନ୍ୟାସ କରିବେ। ସେହିପରି ବଲାଷଣ୍ଡା-ମହାସମୁନ୍ଦ ମଧ୍ୟରେ ମହାସମୁନ୍ଦ ରେଳ ଷ୍ଟେଶନ ୟାର୍ଡରେ ୬.୧୦୯ କେଟି ଟଙ୍କା ବ୍ୟୟରେ ଗୋଟିଏ ଓଭରବିଜ୍‌ର ଶିଳାନ୍ୟାସ ସହିତ ଝାରସୁଗୁଡ଼ା ରୋଡ଼ ଓ ବୃନ୍ଦାମାଲ ମଧ୍ୟରେ ସରବାହାଲଠାରେ ୫୨.୫ କୋଟି ବ୍ୟୟରେ ନିର୍ମିତ ନୂତନ ରେଳ ଓଭରବ୍ରିଜ୍‌କୁ ଲୋକାର୍ପଣ କରିବା କାର୍ଯ୍ୟକ୍ରମ ରହିଛି ବୋଲି ରେଳ ପ୍ରବନ୍ଧକ ପାଣ୍ଡେ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂଙ୍କ ସମେତ ରେଳ ମଣ୍ଡଳର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

# ଆଜିଠାରୁ ଜାତୀୟ ଜନଜାତି ମହୋତ୍ସବ

## ଶୋଭାଯାତ୍ରାରେ ସାମିଲ ହେବେ ୬ଶହ ଜନଜାତି କଳାକାର




ଆୟୋଜକମାନେ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

**ସମ୍ବଲପୁର, ୨୪।୨ (ବି.ଶଙ୍କର)**

ଆଦିବାସୀ କଳା, ସଂସ୍କୃତି ଓ ଐତିହ୍ୟକୁ ନେଇ ଜାତୀୟ ଜନଜାତି ମହୋତ୍ସବ ପ୍ରଥମଥର ପାଇଁ ସମ୍ବଲପୁର ଅଇଁଠାପାଲି ପିଏଚ୍‌ଡି ପଡିଆଠାରେ ରବିବାରଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୩ ପର୍ଯ୍ୟନ୍ତ ଚାଲିବ। ଏଥି ସକାଶେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ମହୋତ୍ସବରେ ଦେଶର ୧୨ ରାଜ୍ୟ ଓ ଓଡିଶାର ୧୪ ଜିଲାରୁ କଳାକାରମାନେ ସାମିଲ ହେବେ। ଏଥିରେ ଲୁପ୍ତ କଳା ଓ ସଂସ୍କୃତି ପ୍ରଦର୍ଶିତ ହେବ। ଶନିବାର ସମ୍ବଲପୁର ପବ୍ଲିକ ଲାଇବ୍ରେରି ସଭାକକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ ସା ଫାଉଣ୍ଡେଶନ କର୍ମକର୍ତ୍ତା ଏହି ସୂଚନା ଦେଇଛନ୍ତି। ସେମାନେ ଆହୁରି କହିଥିଲେ, ରବିବାର ସନ୍ଧ୍ୟା ୫ଟାରେ ଦେଶର ବିଭିନ୍ନ ଅଞ୍ଚଳରୁ ୬ଶହ ଜନଜାତି କଳାକାର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥଳରୁ ଶୋଭାଯାତ୍ରାରେ ବାହାରି ଉତ୍ସବ ମଞ୍ଚରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି। ଲୁପ୍ତପ୍ରାୟ ଜନ ଜାତି ସଂସ୍କୃତି ଓ ଐତିହ୍ୟକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟ ରଖି କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି। ଖବରଦାତା ସମ୍ମିଳନୀରେ ନୃତ୍ୟଗୁରୁ ଆଲୋକ କୁମାର ପଣ୍ଡା, ଚନ୍ଦ୍ରଶେଖର ଦାଶ, ଅମିୟ କୁମାର ମହାନ୍ତି, ମନିଷ କୁମାର ଅଗ୍ରୱାଲ, ସିଦ୍ଧାର୍ଥ ପ୍ରଧାନ, ପ୍ରଭାତ କୁମାର ସେଠୀ ଉପସ୍ଥିତ ଥିଲେ।

# ଜଙ୍ଗଲରେ ନିଆଁ ଲଗାଇଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ନାକଟିଦେଉଳ, ୨୪।୨ (ବୈକୁଣ୍ଠନାଥ ସାହୁ)

ବାମରା ବନଖଣ୍ଡ କିସିଣ୍ଡା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଶୁକ୍ରବାର ବନାଗ୍ନି ଓ ବନ୍ୟପ୍ରାଣୀ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ମହେନ୍ଦ୍ର କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। କିସିଣ୍ଡା ସରପଞ୍ଚ ରୀନା ନାଏକ ମୁଖ୍ୟ ଅତିଥି, କିସିଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀତା ଭୋଇ ମୁଖ୍ୟବକ୍ତା ଓ କିସିଣ୍ଡା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ପ୍ରଧାନ, ଗିରିଶ୍ଚନ୍ଦ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. ବେଦବ୍ୟାସ ଭୋଇ, ଗିରିଶ୍ଚନ୍ଦ୍ରପୁର ବନାଞ୍ଚଳ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ, ଖନ୍ଦିବାହାଲ ବନ ସୁରକ୍ଷା ସମିତି ସଭାପତି କାହ୍ନୁଚରଣ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଜଙ୍ଗଲରେ ନିଆଁ ଲାଗିବାର ବିଭିନ୍ନ କାରଣ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଜଙ୍ଗଲରେ ବିଭିନ୍ନ କାରଣରୁ ନିଆଁ ଲାଗୁଛି। କେତେଜଣ ବ୍ୟକ୍ତି ମହୁଲଫୁଲ ସଂଗ୍ରହ ପାଇଁ ଓ ଆଉ କେତେଜଣ ବନ୍ୟଜନ୍ତୁ ଶିକାର ପାଇଁ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି। କେହି ବ୍ୟକ୍ତି ଜଙ୍ଗଲରେ ନିଆଁ ଲଗାଉଥିଲେ ସ୍ଥାନୀୟ ବନ ବିଭାଗକୁ ସୂଚନା ଦେବାକୁ ବନାଞ୍ଚଳ ଅଧିକାରୀ ମହେନ୍ଦ୍ର ସାହୁ ଜନସାଧାରଣଙ୍କୁ ଅନୁରୋଧ କରିବା ସହ ଜଙ୍ଗଲରେ ନିଆଁ ଲଗାଉଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଆମ ଜଙ୍ଗଲ ଯୋଜନାର ସଂଯୋଜକ ଲଳିତ ମୋହନ ବାରିକ ପରିଚାଳନା କରିଥିବା ବେଳେ ଫରେଷ୍ଟର ଅନୁରାଧା ଖରସେଲ, ଭୁବନେଶ୍ୱର ପାଣିଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ବନ ସୁରକ୍ଷା ସମିତି କର୍ମକର୍ତ୍ତା, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



# କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ଅଧିବେଶନ



ବୈଠକରେ ଯୋଗଦେଇଥିବ ଅତିଥିମାନେ।

ସମ୍ବଲପୁର, ୨୪।୨ (ଭବାନୀ ଶଙ୍କର ଭୋଇ) ମାନେଶ୍ୱର ପ୍ରାଥମିକ କୃଷି ସମବାୟ ସମିତିର ୬୮ତମ ବାର୍ଷିକ ସାଧାରଣ ଅଧିବେଶନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଶନପୁର ଧାନମଣ୍ଡିଠାରେ ଅନୁଷ୍ଠିତ ସଭାରେ ସମିତି ସଭାପତି ସନ୍ତୋଷ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଏଥିରେ ସମବାୟ ବ୍ୟାଙ୍କ ପ୍ରବନ୍ଧକ ସେବାରାମ ପଣ୍ଡା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବରେ ସମିତିର ଉପସଭାପତି ପ୍ରତିମା ଗରଡ଼ିଆ, ନିର୍ଦ୍ଦେଶକ ଚନ୍ଦ୍ର କୁମାର ପୁରୋହିତ, ମାନଭଞ୍ଜନ ପଶାୟତ, ବିଜୟ ବେହେରା, ଗଜାନନ ବାଗ, ଦୀନବନ୍ଧୁ ଭୋଇ, ସୁଦର୍ଶନ ମହାପାତ୍ର, ଜଗନ୍ନାଥ ଦୀକ୍ଷିତ ଓ ସମ୍ପାଦକ ଶେଷଦେବ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ସମବାୟ ସମିତିକୁ କିଭଳି ଆହୁରି ଉନ୍ନତ ଏବଂ ଚାଷୀଙ୍କ ବିକାଶ ପାଇଁ ଉପଯୋଗୀ କରାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା। ବିଶେଷ କରି ଚାଷୀମାନଙ୍କ କଟ୍‌ନୀଛଟ୍‌ନୀ ସମସ୍ୟା ଉପରେ ଆଲୋଚନା କରାଯାଇ ଏହାର ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏପରିକି ଚାଷୀଙ୍କୁ ସମିତି ପକ୍ଷରୁ ମିଳୁଥିବା ଋଣ ପରିମାଣ ବୃଦ୍ଧି ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଚାଷୀଙ୍କୁ ଆବଶ୍ୟକ ସମୟରେ ସାର ଦେବା ପାଇଁ ଏକ ଗୋଦାମ ଗୃହ ନିର୍ମାଣ କରି ସାର ଗଚ୍ଛିତ ରଖିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ସେହିପରି ସମିତିର ନୂତନ କାର୍ଯ୍ୟାଳୟ କୋଠା ନିର୍ମାଣ କରିବାକୁ ସହମତି ପ୍ରକାଶ ପାଇଥିଲା। ଏଥିରେ ସମିତି ଅଧୀନରେ ଥିବା ୧୮ ଗ୍ରାମର ଚାଷୀ ଉପସ୍ଥିତ ଥିଲେ।

### ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

ସମ୍ବଲପୁର, ୨୪।୨ (ଭବାନୀ ଶଙ୍କର ଭୋଇ) ସରଳାକାନୀ ୟୁଥ୍ ଆସୋସିଏଶନ ତରଫରୁ ଆୟୋଜିତ ଦୁଇଦିନିଆ ଜିଲାସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା ଧନକଉଡା ଖେଳପଡିଆରେ ଶନିବାର ଉଦ୍‌ଘାଟିତ ହୋଇଛି। ପୂର୍ବତନ ଜିଲା ଓକିଲ ସଂଘ ସଭାପତି ଡ. ପ୍ରମୋଦ ରଥ, ଭାଜପା ଜିଲା ସାଧାରଣ ସମ୍ପାଦକ ଅନିଲ ବେହେରା ଓ ଭାଜପା ଜିଲା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନ ଖେଳରେ ଆଠଟି ଦଳ ଅଂଶଗ୍ରହଣ କରିଥିବା ବେଳେ ରବିବାର ଦ୍ୱିତୀୟ ଦିନ ଅବଶିଷ୍ଟ ଆଠଟି ଦଳ ଭାଗ ନେବେ। ପ୍ରତିଯୋଗିତା ଆୟୋଜନରେ ସରଳାକାନୀ ୟୁଥ ଆସୋସିଏଶନ ସଭାପତି ଉମେଶ ମୁଣ୍ଡା, କର୍ଣ୍ଣ ଓରାମ, ଶ୍ୟାମସୁନ୍ଦର ମୁଣ୍ଡା, ଫ୍ରାନସିସ ବରୁଆ ପ୍ରମୁଖ ସହଯୋଗ କରିଥିଲେ।

# ପର୍ଯ୍ୟଟନସ୍ଥଳୀର ବିକାଶ ନେଇ ଆଲୋଚନା

ସମ୍ବଲପୁର, ୨୪।୨ (ଭବାନୀ ଶଙ୍କର ଭୋଇ) ସମ୍ବଲପୁର ସହରଠାରୁ ମାତ୍ର ୩୫ କିଲୋମିଟର ଦୂରରେ ରହିଥିବା ପର୍ଯ୍ୟଟନସ୍ଥଳୀ ଦେବଝରଣର ଯେତିକି ବିକାଶ ହେବା କଥା ତାହା ହୋଇପାରୁ ନାହିଁ। ଏହାର ବିକାଶ ନେଇ ପର୍ଯ୍ୟଟନସ୍ଥଳୀ ସହ ଜଡିତ ଗଇଲଗୁଡି ବନସୁରକ୍ଷା ସମିତି, ଦେବଝରଣ ବିକାଶ ମଞ୍ଚ ଓ ସଦର ବନାଞ୍ଚଳ ପକ୍ଷରୁ ଶନିବାର ଆଲୋଚନା ହୋଇଥିଲା। ଏଥିରେ ବନ ସୁରକ୍ଷା ସମିତିର ସଭ୍ୟାସଭ୍ୟ, ଗ୍ରାମବାସୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ସଦର ବନାଞ୍ଚଳ ତରଫରୁ ବନାଞ୍ଚଳ ଅଧିକାରୀ ହରିଶଙ୍କର ନାଏକ, ଦେବଝରଣ ବିକାଶ ମଞ୍ଚର ଆବାହକ ଅରୁଣ ଦେହୁରି, ସଭାପତି ବିରେନ୍ଦ୍ର ଭୋଇ, ସମ୍ପାଦକ ଗୌତମ ପ୍ରଧାନ ବନପାଳ ରବୀନ୍ଦ୍ର ବେହେରା, ପ୍ରଣତି ମିଶ୍ର, ବନରକ୍ଷୀ ଲୀନା ଦାସ, ଭାଗ୍ୟଶ୍ରୀ ଦୀପ, କ୍ଷେତ୍ର ସଂଯୋଜକ ବୃନ୍ଦାବନ ପ୍ରଧାନ, ଦଳପତି ପଙ୍କଜିନୀ ସାହୁ, ଉନ୍ନୟନ ଅଧିକାରୀ ଦେବେନ୍ଦ୍ର କୁମାର ନାୟକ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ଦେବଝରଣରେ ଭିତ୍ତିଭୂମିର ବିକାଶ, ବୋଟିଂକୁ ପୁନଃ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଦେବଝରଣର ସବୁଜିମା ପାଇଁ ଗ୍ରୀଷ୍ମ ଋତୁରେ ଜଙ୍ଗଲ ନିଆଁ ରୋକିବା ଦିଗରେ ନିଜେ ସଚେତନ ରହିବା ସହ ଅନ୍ୟମାନଙ୍କୁ ସଚେତନ କରିବା ପାଇଁ ମୁଖ୍ୟଅତିଥି ବନାଞ୍ଚଳ ଅଧିକାରୀ ନାଏକ ପରାମର୍ଶ ଦେଇଥିଲେ। ଜିଲାରେ ଥିବା ପର୍ଯ୍ୟଟନସ୍ଥଳୀ ସହ ଦେବଝରଣ ଜଳପ୍ରପାତର ବିକାଶ ନେଇ ବିକାଶ ମଞ୍ଚର ଆବାହକ ଦେହୁରି ମତ ରଖିଥିଲେ। କାର୍ଯ୍ୟକ୍ରମକୁ ଗଇଲଗୁଡି ବନସୁରକ୍ଷା ସଭାପତି ରମଣୀ ଭୋଇ ପରିଚାଳନା କରିଥିବାବେଳେ କ୍ଷେତ୍ର ସଂଯୋଜକ ବୃନ୍ଦାବନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ପ୍ରତିଶ୍ରୁତି ପାଳନରେ ବିଫଳ ରାଜ୍ୟ, କେନ୍ଦ୍ର ସରକାର’



କଂଗ୍ରେସ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ।

ସମ୍ବଲପୁର, ୨୪।୨ (ବି.ଶଙ୍କର)

କେନ୍ଦ୍ର ଓ ରାଜ୍ୟ ସରକାର ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ମୌଳିକ ସେବା ଯୋଗାଇଦେବା ପରିବର୍ତ୍ତେ ସାଧାରଣ ଜନତାଙ୍କୁ ଲୁଟିଚାଲିଛନ୍ତି। ସମ୍ବଲପୁର ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ଜୟଶଙ୍କର ମିଶ୍ର ଏହା କହିଛନ୍ତି। ସେ ଆହୁରି କହିଛନ୍ତି, ଦୀର୍ଘ ୨୦ବର୍ଷ ପରେ ମଧ୍ୟ ରାଜ୍ୟର ସମସ୍ତ ବ୍ଲକକୁ ୩୫ ପ୍ରତିଶତ ଜଳସେଚନ ହୋଇପାରି ନାହିଁ। ରାଜ୍ୟରେ କୃଷିଜାତ ଦ୍ରବ୍ୟର ସଂରକ୍ଷଣ ହୋଇନାହିଁ। ମହିଳା, ଛାତ୍ର, ଯୁବକ, ଶ୍ରମିକ, କୃଷକଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ୫୦ ପ୍ରତିଶତରୁ ଅଧିକ ଶିକ୍ଷକ ପଦବୀ ଖାଲିପଡଛି। ସେହିପରି ପ୍ରାଥମିକ ଚିକିତ୍ସାଳୟରେ ବିଭିନ୍ନ ବିଭାଗର ଡାକ୍ତର ପଦବୀ ଖାଲି ରହିଛି। ଏଥିସହ ଷ୍ଟାଫନର୍ସ, ଟେକ୍ନିସିଆନ, ଫାର୍ମାସିଷ୍ଟ ପଦବୀ ମଧ୍ୟ ଖାଲି ରହିଛି। ପ୍ରତିବର୍ଷ ୨ଲକ୍ଷ ଯୁବକଙ୍କୁ ନିଯୁକ୍ତି କେବଳ ସ୍ୱପ୍ନରେ ରହିଛି। ଏହାର ପ୍ରତିବାଦରେ ଆସନ୍ତା ୨୬ରେ ଭୁବନେଶ୍ୱରରେ ସଚିବାଳୟ (ଲୋକସେବା) ଘେରାଉ କରାଯିବ। ସମ୍ବଲପୁର ଜିଲାରୁ ୫ଶହରୁ ଉର୍ଦ୍ଧ୍ୱ ନେତା ଓ କର୍ମୀ ଏଥିରେ ସାମିଲ ହେବା କାର୍ଯ୍ୟକ୍ରମ ରହିଛି ବୋଲି ବରିଷ୍ଠ ନେତା ସୁରେଶ୍ୱର ମିଶ୍ର କହିଛନ୍ତି। ଖବରଦାତା ସମ୍ମିଳନୀରେ ପିସିସି ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ, ସଭ୍ୟ ଅମିତ ଗୁରୁ, ବୁର୍ଲା ଟାଉନ କଂଗ୍ରେସ ସଭାପତି ଗିରିଜାଶଙ୍କର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ମାଘ ପୂର୍ଣ୍ଣିମା ଅବସରରେ ଗୁମ୍ଫାଯାତ୍ରା

ସମ୍ବଲପୁର, ୨୪।୨ (ଭବାନୀ ଶଙ୍କର ଭୋଇ) ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକର ତବଲା ଗ୍ରାମରେ ଶନିବାର ମାଘ ପୂର୍ଣ୍ଣିମା ଅବସରରେ ଗୁମ୍ଫା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ପାହାଡ ଉପରେ ଥିବା ଗୁମ୍ଫାକୁ ଯାଇ ମହାଦେବ ଶିବଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହାସହ ତିନୋଟି ପର୍ବତର ପାଦଦେଶରେ ଆୟୋଜିତ ମେଳାକୁ ହଜାର ହଜାର ଜନସାଧାରଣ ଉପଭୋଗ କରିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ପର୍ବତ ଶିଖରରେ ଏକ ଗୁମ୍ଫାରେ ଜଣେ ସାଧୁ ରହୁଥିଲେ ଓ ସେଠାରେ ସେ ଶିବ ପୂଜା କରୁଥିଲେ। ତାଙ୍କ ପରଲୋକ ପରେ ମାଘ ପୂର୍ଣ୍ଣିମୀରେ ଲୋକେ ପାହାଡ ଉପରକୁ ଚଢ଼ି ଗୁମ୍ଫା ମଧ୍ୟରେ ପୂଜା ପାଉଥିବା ବାବା ସିଦ୍ଧେଶ୍ୱର ମହାଦେବଙ୍କୁ ଦର୍ଶନ କରିଆସୁଛନ୍ତି। ପାହାଡ ଉପରେ ଭଗବାନ ଶିବଙ୍କର ଦୁଇଟି ଛୋଟ ମନ୍ଦିର ରହିଛି। ସେଠାରେ ମାଘ ପୂର୍ଣ୍ଣିମା ଅବସରରେ ଭାଗବତ ପାରାୟଣ ଓ ହୋମଯଜ୍ଞ କରାଯାଇଥିଲା। ଲୋକଙ୍କ ସୁବିଧା ପାଇଁ ପାହାଡ ପାଦଦେଶରେ ମେଳାର ଆୟୋଜନ କରାଯାଇ ଆସୁଛି। ସ୍ଥାନୀୟ ବାସିନ୍ଦା ଦେବେନ୍ଦ୍ର ପ୍ରଧାନ କୁହନ୍ତି, ଏହି ପାହାଡ ସହିତ ବୀର ସୁରେନ୍ଦ୍ର ସାଏଙ୍କ ସମ୍ପର୍କ ରହିଛି। ବୀର ସୁରେନ୍ଦ୍ର ସାଏ ଇଂରେଜମାନଙ୍କ ସହ ଉଲଗୁଲାନ ସମୟରେ ଏହି ପାହାଡରେ ଲୁଚି ରହି ସଂଗ୍ରାମକୁ ଆଗେଇ ନେଇଥିବା ତଥ୍ୟ ରହିଛି। ପାହାଡରେ ଦିନସାରା ଭକ୍ତମାନେ ମହାଦେବଙ୍କ ଦର୍ଶନ କରୁଥିବାବେଳେ ରାତିରେ ପାହାଡତଳେ ଥିବା ତବଲା ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ କୃଷ୍ଣଗୁରୁ, ପାଲା ଆଦି କାର୍ଯ୍ୟକ୍ରମକୁ ଭକ୍ତମାନେ ଉପଭୋଗ କରିଥିଲେ। ଆୟୋଜକ କମିଟି ସଭାପତି ଦିଲିପ ପ୍ରଧାନ, ସମ୍ପାଦକ ଗଣେଶ ପ୍ରସାଦ ବେହେରା, ସୁଶିଲ ପ୍ରଧାନ ଯାତ୍ରା ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ଯାଦବ ସମାଜ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ



**ସମ୍ବଲପୁର, ୨୪।୨ (ପ୍ରମୋଦ ବହିଦାର):** ସମ୍ବଲପୁର-ଚାଉଁରପୁର ରାସ୍ତାର ମହାନଦୀର ଦ୍ୱିତୀୟ ସେତୁକୁ ନିୟମିତ ବହୁ ସଂଖ୍ୟାରେ ସମ୍ବଲପୁରବାସୀ ଭ୍ରମଣରେ ଆସିଥାନ୍ତି। ମହିଳା ଓ ପୁରୁଷଙ୍କଠାରୁ ଆରମ୍ଭ କରି ଯୁବତୀ ଯୁବକ ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣରେ ଆସିଥାଆନ୍ତି। ସେତୁକୁ ସଫେଇ କରି ଭ୍ରମଣକାରୀଙ୍କ ପାଇଁ ସ୍ୱଚ୍ଛ ଓ ନିର୍ମଳ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ଯାଦବ ସମାଜ ପକ୍ଷରୁ ଏଠାରେ ସଫେଇ କରାଯାଇଥିଲା। ସଂଘ ସଭାପତି ଭୋଳା ଶଙ୍କର ମହନ୍ତମ ଓ ସାଧାରଣ ସମ୍ପାଦକ ହେମନ୍ତ ଗହିରଙ୍କ ନେତୃତ୍ୱରେ ସହ ସମ୍ପାଦକ ଗୁଣନିଧି ରାଉତ, ମୁଖ୍ୟ ଉପଦେଷ୍ଟା ସୁରେନ୍ଦ୍ର କୁମାର ବର୍ଗାଁ, ବଳରାମ ମଟାରି, ଶମ୍ଭୁ ଯାଦବ, ମନୋଜ ବନ୍‌ଛୋର, ହରିହର ଷଣ୍ଢ, କାନନ ନାଗଙ୍କ ସମେତ ସାଧାରଣ ଜନତା ସଫେଇ ଅଭିଯାନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏଥିରେ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ସମ୍ବଲପୁର ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଯୋଗଦେଇ ସ୍ୱଚ୍ଛତା ପ୍ରତି ଜନସାଧାରଣଙ୍କୁ ଉତ୍ସାହିତ କରିଥିବା ବେଳେ ମହାନଗର ନିଗମ ଉପାୟୁକ୍ତ ଶଙ୍କର ପ୍ରସାଦ ସାହୁ ସଫେଇ ନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ।

# ଏସ୍‌ୟୁରେ ଜାତୀୟ ଆଲୋଚନାଚକ୍ର

## ଆପରାଧିକ ଆଇନ ବିଷୟରେ ତର୍ଜମା

**ସମ୍ବଲପୁର, ୨୪।୨ (ବି.ଶଙ୍କର)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ସ୍ନାତକୋତ୍ତର ଆଇନ ବିଭାଗ ପକ୍ଷରୁ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ସଭାପତିତ୍ୱ କରିଥିଲେ। ପ୍ରଫେସର ପ୍ରବୀର କୁମାର ପଟ୍ଟନାୟକ ମୁଖ୍ୟଅତିଥି, ପ୍ରଫେସର ସୁବିର କୁମାର ରଏ ମୁଖ୍ୟ ବକ୍ତା ଓ ଝାଡ଼ଖଣ୍ଡ ଛୋଟନାଗପୁର ଆଇନ ମହାବିଦ୍ୟାଳୟର ପ୍ରଫେସର ପଙ୍କଜ କୁମାର, ଏସ୍‌ୟୁ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସଞ୍ଜୁକ୍ତା ଦାସ, କୁଳସଚିବ ଡ. ନୃପରାଜ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନିର୍ଦ୍ଦେଶକ ଡ. ମୀନକେତନ ସାହୁ ମଞ୍ଚ ପରିଚାଳନା କରୁଥିଲେ। ମୁଖ୍ୟ ବକ୍ତା ପ୍ରଫେସର ସୁବିର ସମସାମୟିକ ଆପରାଧିକ ଆଇନ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଆଲୋଚନାଚକ୍ର ସଚିବ ଡ. ଦୀପ୍ତିରେଖା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଦିନ ଆଲୋଚନା ଚକ୍ରରେ ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟର ପୂର୍ବତନ ପ୍ରଧାନ ବିଚାରପତି ସଞ୍ଜୟ କୁମାର ମିଶ୍ର ଆପରାଧିକ ଆଇନ ବିଷୟରେ ତର୍ଜମା କରିଥିଲେ। ଅନ୍ୟତମ ସଚିବ ଡ. ପ୍ରୟାସ ଉନସନା ଧନ୍ୟବାଦ ଅର୍ପଣ କରିଥିଲେ। ଦୁଇଦିନରେ ୧୨୦ ଗବେଷଣାତ୍ମକ ନିବନ୍ଧ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଗବେଷକମାନଙ୍କ ଦ୍ୱାରା ଆଲୋଚିତ ହୋଇଥିଲା। ଏହି ଅବସରରେ ବିଚାରପତି ସଞ୍ଜୟଙ୍କୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନ ସୂଚକ ଡିଲିଟ ଉପାଧି ପ୍ରଦାନ କରାଯାଇଥିଲା।



ଜାତୀୟ ଆଲୋଚନାଚକ୍ରରେ ଅତିଥିଙ୍କ ସହ ଆୟୋଜକ।

# ବ୍ୟକ୍ତିତ୍ୱ ବିକାଶ





### ଜୀବନରେ ସଫଳତାର ସ୍ୱାଦ ଚାଖିବାକୁ ହେଲେ କେବଳ ଭଲ ପାଠ ପଢ଼ି ଅଧିକ ନମ୍ବର ରଖିବା ଏକମାତ୍ର ଉପାୟ ନୁହେଁ ବରଂ ଏହା ସହ ନିଜ ବ୍ୟକ୍ତିତ୍ୱର ବିକାଶ କରିବା ନିହାତି ଆବଶ୍ୟକ। ଯାହାକି ସଫଳତାର ଶୀର୍ଷରେ ପହଞ୍ଚାଇବାର ମାର୍ଗ ସୁଗମ କରିଥାଏ ...

ବ୍ୟକ୍ତିତ୍ୱ ମଣିଷର ସବୁଠୁ ବଡ଼ ପରିଚୟ। ତେଣୁ ଭଲ ଜବ୍ ପାଇବା ପାଇଁ ହେଉ ଅବା ଯେକୌଣସି କ୍ଷେତ୍ରରେ ଉନ୍ନତି କରିବା ଲାଗି ଏହାର ବିକାଶ କରାଇବା ନିହାତି ଆବଶ୍ୟକ। ଜାଣିରଖନ୍ତୁ ସେ ସମ୍ପର୍କରେ...

**ନିଜକୁ ବଦଳାନ୍ତୁ:** ନିଜକୁ ବଦଳାଇବାର ଅର୍ଥ ନୁହେଁ କେବଳ ଭଲ ମେକ୍‌ଅପ୍ ନେଇ ନିଜକୁ ସୁନ୍ଦର କରିବା ଅବା ଭଲ ପୋଷାକ ପିନ୍ଧି ଆଟ୍ରାକ୍ଟିଭ୍ ଲୁକ୍ ପାଇବା। ଏହାର ପ୍ରକୃତ ଅର୍ଥ ହେଉଛି ନିଜ ବ୍ୟକ୍ତିତ୍ୱକୁ



ବିକାଶ କରିବା ବା ପର୍ସନାଲିଟି ଗ୍ରୁମିଂ କରାଇବା। କାରଣ ଅତି ସାଧାରଣ ଦେଖାଯାଉଥିବା ମଣିଷ ମଧ୍ୟ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରନ୍ତି, ଯାହାଙ୍କ ପର୍ସନାଲିଟିକୁ ସଭିଏ ସମ୍ମାନ ଦେଇଥା'ନ୍ତି ଏବଂ ତାଙ୍କୁ ଅନୁକରଣ ମଧ୍ୟ କରିଥା'ନ୍ତି। ତେଣୁ ବ୍ୟକ୍ତିତ୍ୱକୁ ବିକଶିତ କରିବାକୁ ହେଲେ ନିଜ ପାଖରେ ଥିବା ସ୍ୱତନ୍ତ୍ର ଗୁଣକୁ ଚିହ୍ନି ଏହାକୁ ବୃଦ୍ଧି କରିବାକୁ ଚେଷ୍ଟା କରନ୍ତୁ। ନିଜର କାର୍ଯ୍ୟକ୍ଷମତା ସହ ଆଚାର ବ୍ୟବହାରକୁ ମଧ୍ୟ ସୁନ୍ଦର ଏବଂ ମାର୍ଜିତ କରନ୍ତୁ ଦେଖିବେ ଏହା ଆପଣଙ୍କୁ ସଫଳତା ଆଣି ଦେବାରେ ବେଶ୍ ସାହାଯ୍ୟ କରିବ।

**କମ୍ୟୁନିକେଶନ୍ ସ୍କିଲ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ:** ଆପଣ ଯେତେ ଆଟ୍ରାକ୍ଟିଭ୍ ଦେଖାଯାଆନ୍ତୁ ଅବା ଯେତେ ଅଧିକ ପାଠ ପଢିଥାଆନ୍ତୁ ଯଦି ଅନ୍ୟ ସମ୍ମୁଖରେ ଭଲ ଭାବେ ଦୁଇ ପଦ କଥା ହୋଇ ନ ପାରନ୍ତି ତେବେ ଏହା ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ସର୍ବଦା ନିଜର କମ୍ୟୁନିକେଶନ୍ ସ୍କିଲ୍ ବୃଦ୍ଧି କରିବାକୁ ଚେଷ୍ଟା କରନ୍ତୁ। ଆବଶ୍ୟକ ସ୍ଥଳେ ଏଥିପାଇଁ ଶର୍ଟଟର୍ମ କୋର୍ସ କରି ମଧ୍ୟ ଉପକୃତ ହୋଇପାରିବେ।

**ରଖନ୍ତୁ ଡ୍ରେସିଂ ସେନ୍ସ:** ପ୍ରତ୍ୟେକ ପ୍ରଫେଶନ୍‌ର ଭିନ୍ନ ଭିନ୍ନ ପରିବେଶ, ପରିପାଟି ରହିଥାଏ। ଏହାକୁ ଭଲ ଭାବେ ବୁଝିବା ସହ ସେହି ଅନୁଯାୟୀ ପୋଷାକ ଚୟନ କରିବା ଏବଂ ମେକ୍‌ଅପ୍ ନେବା ଆବଶ୍ୟକ। ନଚେତ୍ ପୋଷାକକୁ ନେଇ ଆପଣଙ୍କୁ କେବଳ ପରିହାସ ହେବାକୁ ପଡ଼ିପାରେ ନାହିଁ ବରଂ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ମଧ୍ୟ ଆସିପାରେ। ଠିକ୍ ସେହିପରି ନିଜ ପ୍ରଫେଶନ୍‌ର ଆବଶ୍ୟକତା ଅନୁଯାୟୀ ଲାଇଟ୍ କିମ୍ବା ହେଭି ମେକ୍‌ଅପ୍ ନେବା ଦରକାର। ମନେରଖନ୍ତୁ, ଅଫିସିଆଲ୍ ଗେଟ୍‌ଅପ୍‌ରେ ହାଲୁକା ମେକ୍‌ଅପ୍ ସୋଭର ଲୁକ୍ ଦେଇଥାଏ ଏବଂ ପର୍ସନାଲିଟିକୁ ଆକର୍ଷଣୀୟ କରାଇଥାଏ। ନିଜ କାମକୁ ଠିକ୍ ଭାବେ କରିବା ସହିତ ଏସବୁ ଦିଗପ୍ରତି ଯତ୍ନଶୀଳ ହେଲେ କର୍ମକ୍ଷେତ୍ରରେ ଆଗକୁ ବଢିବା ସହଜ ହୋଇଥାଏ।

**ବଡି ଲାଙ୍ଗୁଏଜ୍ ଭୂମିକା ଗୁରୁତ୍ୱପୂର୍ଣ୍ଣ:** ବ୍ୟବହାର ଏବଂ କଥାବାର୍ତ୍ତା ମଧ୍ୟ ମଣିଷ ପର୍ସନାଲିଟିର ପରିଚୟ ଦେଇଥାଏ। ତେଣୁ କିଛି କହିବା ପୂର୍ବରୁ ପ୍ରଥମେ ସ୍ଥାନ, କାଳ, ପାତ୍ର ଉପରେ ଧ୍ୟାନ ଦିଅନ୍ତୁ। କୌଣସି ବି ପରିସ୍ଥିତିରେ ଏଭଳି କିଛି କଥା କୁହନ୍ତୁ ନାହିଁ, ଯାହା ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣିବ। ତେଣୁ ନିଜ କହିବା ଶୈଳୀ ଏପରି ରଖନ୍ତୁ, ଯାହାକି ଅନ୍ୟମାନଙ୍କୁ ଆପଣଙ୍କ ପର୍ସନାଲିଟି ଆଡ଼କୁ ଆକର୍ଷିତ କରିବ। କିଭଳି ଠିଆ ହେବା, ଚାଲିବା, ବସିବା ଆଦି ସହ କଥା ହେବା ବେଳେ ଲାଜ କରିବା କିମ୍ବା ନର୍ଭସ ହେବା, ନଖ କାମୁଡ଼ିବା ପରିବର୍ତ୍ତେ ନ ଡରି ଭଦ୍ରାମିର ସହିତ ଆଇ କଣ୍ଟାକ୍ଟ ରଖି କଥା ହେବା, ବାରମ୍ବାର ହାତ କିମ୍ବା ଗୋଡ଼ ନ ହଲାଇବା ଇତ୍ୟାଦି ବିଭିନ୍ନ ଶିଷ୍ଟାଚାର ରକ୍ଷାକରିବା ପ୍ରତି ଗୁରୁତ୍ୱ ଦିଅନ୍ତୁ।

**ରୁହନ୍ତୁ ପରିଷ୍କାର ପରିଚ୍ଛନ୍ନ:** ଏକ ଉତ୍ତମ ବ୍ୟକ୍ତିତ୍ୱର ମାପକାଠି ହୋଇଥାଏ ପର୍ସନାଲ୍ ହାଇଜିନ୍। ତେଣୁ ପୋଷାକ, ଜୋତା, ବ୍ୟାଗ୍ ଆଦିଠାରୁ ଆରମ୍ଭ କରି ନିଜ ନଖ, କେଶ ଆଦି ଶରୀର ପର୍ଯ୍ୟନ୍ତ ପରିଷ୍କାର ରଖନ୍ତୁ। କାରଣ ଏହା ରଖିବା ସହ ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ ଏବଂ ଅନ୍ୟମାନଙ୍କ ମନରେ ଆପଣଙ୍କ ପ୍ରତି ଏକ ସକାରାତ୍ମକ ଭାବନା ସୃଷ୍ଟି କରିଥାଏ।

## ଏମାନେ କଣ କୁହନ୍ତି



**ଲିପ୍ସା ସାମଲ**(କର୍ମଜୀବୀ, ବ୍ରହ୍ମପୁର)– ବର୍ତ୍ତମାନର ପ୍ରତିଯୋଗତାପୂର୍ଣ୍ଣ ସମୟରେ ପ୍ରତ୍ୟେକ କମ୍ପାନି ସ୍ମାର୍ଟ ଓ ଇଣ୍ଟେଲିଜେଣ୍ଟ କର୍ମଚାରୀ ଚାହୁଁଛନ୍ତି । ପାଠପଢା ବ୍ୟତୀତ ସେମାନେ ଅନୁଭୁତି ଓ ଅଭିଜ୍ଞତା ଉପରେ ଗୁରୁତ୍ୱ ଦେଉଛନ୍ତି। ତେଣୁ ଏଭଳି ପରିସ୍ଥିତିରେ ଆଗକୁ ବଢିବାକୁ ହେଲେ ନିଜ ପର୍ସନାଲିଟି ଗ୍ରୁମିଂ କରାଇବା ସଭିଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଯେଉଁଥିପାଇଁ ନିଜକୁ ସର୍ବଦା ନୂତନ ଜ୍ଞାନ କୌଶଳ ସମ୍ପର୍କରେ ଅପଡ଼େଟ ରଖିଥାଏ। ତା'ଛଡା ଆଉଟ୍‌ଫିଟ୍ ଏବଂ କଥା ହେବାର ଶୈଳୀକୁ ବିଶେଷ ଧ୍ୟାନ ଦେବା ସହ ନିଜକୁ ସବୁବେଳେ ପ୍ରେଜେଣ୍ଟେବଲ ରଖିବା ପ୍ରତି ଅଧିକ ଗୁରୁତ୍ୱଦିଏ। ଆବଶ୍ୟକରୁ ଅଧିକ ନ ଗପି ଟୁ ଦି ପଏଣ୍ଟ ଉତ୍ତର ଦେଇଥାଏ।



**ଅମିୟ ରଞ୍ଜନ ବିଷୋଇ**( କର୍ମଜୀବୀ)– ପ୍ରଫେଶନ୍‌ର ଆବଶ୍ୟକତା ଅନୁଯାୟୀ ନିଜକୁ ପ୍ରେଜେଣ୍ଟେବଲ୍ କରାଇପାରିଲେ ହିଁ ଆପଣଙ୍କ ପର୍ସନାଲିଟି ଦ୍ୱାରା ଅନ୍ୟମାନେ ପ୍ରଭାବିତ ହୋଇପାରିବେ। ଯେହେତୁ ମାର୍କେଟିଂ ଫିଲ୍ଡରେ କାମ କରୁଛି ପଙ୍କ୍‌ଚୁଆଲ୍ ହେବା ସହ କମ୍ୟୁନିକେଶନ୍ ସ୍କିଲ୍ ବଢାଇବା ପ୍ରତି ବିଶେଷ ଧ୍ୟାନ ଦେଇଥାଏ। କାରଣ ଏସବୁ ଛୋଟ କଥାକୁ ଅବେହେଳା କରିବା ଦ୍ୱାରା ନା କେବଳ ପରିହାସ ହେବାକୁ ପଡ଼ିପାରେ ବରଂ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ମଧ୍ୟ ଆସିପାରେ। ଏହା ବ୍ୟତୀତ ଡ୍ରେସ୍ ଏବଂ ବଡି ଲାଙ୍ଗୁଏଜ୍ ଠିକ୍ ରଖିବା ପ୍ରତି ଯତ୍ନଶୀଳ ରହିଥାଏ।



## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ ଭାରତର ............... ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ ମାନ୍ୟତା ମିଳିଛି ?
୨– ପୃଥିବୀର ସର୍ବବୃହତ୍ ଇଣ୍ଟରନ୍ୟାଶନାଲ୍ କ୍ରାଫ୍ଟସ୍ ଫେୟାର– ସୁରଜକୁଣ୍ଡ ମେଳା ୨୦୨୪ .............ରାଜ୍ୟରେ ଅନୁଷ୍ଠିତ ହୋଇଯାଇଛି ?
୩– ବେଷ୍ଟ ଗ୍ଲୋବାଲ୍ ମ୍ୟୁଜିକ୍ ଆଲବମ୍ ଭାବେ ଗ୍ରାମୀ ଆୱାର୍ଡ ୨୦୨୪ ପାଇଥିବା ଆଲବମ୍ .................. ?
୪– ଅହମଦ୍ ବିନ୍ ମୁବାରକ୍ ନିକଟରେ .......... ଦେଶର ପ୍ରଧାନମନ୍ତ୍ରୀ ହୋଇଛନ୍ତି ?
୫– ସିଆଚିନ୍ ଗ୍ଲାସିୟରରେ ଯୋଗଦେଇଥିବା ପ୍ରଥମ ମହିଳା ମେଡିକାଲ ଅଫିସର କ୍ୟାପ୍‌ଟେନ୍ ............... ?

## ଗତ ସପ୍ତାହର ଉତ୍ତର

୧ ନ୍ୟୁରାଲିଙ୍କ୍
୨ ତାମିଲନାଡୁ
୩ ୱେଟ୍‌ଲାଣ୍ଡ୍ସ ଆଣ୍ଡ ହ୍ୟୁମାନ୍ ୱେଲ୍‌ବିଙ୍ଗ୍ସ
୪ ଭିଟାମିନ୍ ସି
୫ ଇଂଲଣ୍ଡ

## ଉତ୍ତରଦାତା



ନୀହାର ରଞ୍ଜନ ନାୟକ, ମାହାଙ୍ଗା



ନିର୍ବିକଳ୍ପ ନାଥ, ଭଦ୍ରକ



ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ / ୧୦

### ସର୍ବାଧିକ ବ୍ୟବହୃତ ସର୍ଚ୍ଚ ଇଞ୍ଜିନ୍–୨୦୨୪

୧ ........ ଗୁଗଲ୍
୨ ........ ମାଇକ୍ରୋସଫ୍ଟ ବିଙ୍ଗ୍
୩ ........ ୟାହୁ
୪ ........ ବାଇଡୁ
୫ ........ ୟାଣ୍ଡେକ୍ସ
୬ ........ ଡକ୍‌ଡକ୍‌ଗୋ
୭ ........ ଆସ୍କ.କମ୍
୮ ........ ଇକୋସିଆ
୯ ........ ଏଓଲ୍. କମ୍
୧୦ ........ ଇଣ୍ଟରନେଟ୍ ଆର୍କାଇଭ୍

## ୟୁଥ୍ ଆଲର୍ଟ

# ପାଦ ଗନ୍ଧ ହେଉଥିଲେ...

### ଅଧିକାଂଶ ଯୁବତୀଯୁବକଙ୍କର ଫୁଲ୍ ଜୋତା ପିନ୍ଧିବାକୁ ପସନ୍ଦ। ହେଲେ ଅଧିକ ସମୟ ଏଭଳି ଜୋତା ପିନ୍ଧିବା ଯୋଗୁ କେତେକଙ୍କଠାରେ ପାଦ ଗନ୍ଧ ହେବା ସମସ୍ୟା ଦେଖାଦେଇଥାଏ। ଏଭଳି ସମସ୍ୟା ଦୂର କରିବା ଲାଗି କେତୋଟି ଘରୋଇ ଉପାୟ ଆପଣାଇ ପାରିବେ...



- ଜୋତା ପିନ୍ଧିବା ପୂର୍ବରୁ ପାଦରେ ଟାଲ୍‌କମ୍ ପାଉଡର କିମ୍ବା ଫୁଟ୍ ସ୍ପ୍ରେ ପକାନ୍ତୁ। ଏହା ଦ୍ୱାରା ଝାଳ କମ୍ ବାହାରିବା ସହ ଗନ୍ଧ ମଧ୍ୟ ହେବ ନାହିଁ।
- ସିନ୍ଥେଟିକ୍ ପରିବର୍ତ୍ତେ କେବଳ କଟନ୍ ସକ୍ସ ପିନ୍ଧନ୍ତୁ। ପ୍ରତିଦିନ ଏହାକୁ ସଫା କରନ୍ତୁ ଏବଂ ଜୋତାକୁ ମଝିରେ ମଝିରେ ଖରାରେ ରଖନ୍ତୁ। ଲେଦର ଯୋତାକୁ ମଧ୍ୟ ମଝିରେ ମଝିରେ ଖରା ଦେବା ଏବଂ କାନ୍‌ଭାସ୍ ଜୋତାକୁ ସଫା କରି ଶୁଖେଇବାକୁ ଆଦୌ ଭୁଲନ୍ତୁ ନାହିଁ।
- ପ୍ରତିଦିନ ଶୋଇବା ପୂର୍ବରୁ ପାଦକୁ ନଖ ଉଷୁମ ପାଣିରେ ଭଲ ଭାବେ ଧୁଅନ୍ତୁ। କାରଣ ଏହା ଦ୍ୱାରା ଝାଳ ଯୋଗୁ ହେଉଥିବା ବ୍ୟାକ୍ଟେରିଆ ଇନ୍‌ଫେକ୍ସନ୍ ଦୂର ହେବ ଏବଂ ପାଦରୁ ବାହାରୁଥିବା ଗନ୍ଧ ଦୂର ହେବ। ଏଥିପାଇଁ ଡାକ୍ତରଙ୍କ ପରାମର୍ଶ କ୍ରମେ କୌଣସି ଆଣ୍ଟିବ୍ୟାକ୍ଟେରିଆଲ୍ ସାବୁନ ବ୍ୟବହାର କରିପାରିବେ।
- ଗରମ ପାଣିରେ ଭିନେଗାର କିମ୍ବା ବେକିଂ ପାଉଡର ପକାଇ ୩୦ ମିନିଟ୍ ପର୍ଯ୍ୟନ୍ତ ପାଦକୁ ବୁଡାଇ ରଖିଲେ ଏହି ସମସ୍ୟା ଦୂର ହୋଇପାରିବ। କାରଣ ଏହା ଝାଳରେ ଥିବା ପିଏଚ୍ ସ୍ତରକୁ ନିୟନ୍ତ୍ରଣରେ ରଖିଥାଏ ଏବଂ ବ୍ୟାକ୍ଟେରିଆ ଦୂର କରି ଝାଳ ଗନ୍ଧ ହେବାକୁ ଦିଏ ନାହିଁ।
- ଗରମ ପାଣିରେ ଫିଟିକିରି ପକାଇ ପାଦ ଧୋଇଲେ ଏଥିରେ ଥିବା ଆଣ୍ଟିସେପ୍ଟିକ ଗୁଣ ଝାଳରେ ଗନ୍ଧ ସୃଷ୍ଟି କରୁଥିବା ବ୍ୟାକ୍ଟେରିଆକୁ ନଷ୍ଟ କରିଦେଇଥାଏ।



## ଜାଣନ୍ତୁ ଦୁନିଆ

### ଗୋଟିଏ ସାଟେଲାଇଟ୍ ତାହା ପୁଣି ନିର୍ମିତ ହୋଇଛି କାଠରେ। କଥାଟା ଆଶ୍ଚର୍ଯ୍ୟ ଲାଗୁଥିବ ନିଶ୍ଚୟ। ହେଲେ ଏହା ସମ୍ପୂର୍ଣ୍ଣ ସତ। ମହାକାଶରେ ପ୍ରଦୂଷଣ ନ ହେବା ଲାଗି ଜାପାନ ଏଭଳି ଏକ ଅଭିନବ ପ୍ରୟାସ କରିଛି। ଜାଣନ୍ତୁ ଏହା ସମ୍ପର୍କରେ...



# କାଠ ସାଟେଲାଇଟ୍

- ପୃଥିବୀର କେତେକ ଦେଶ ପକ୍ଷରୁ ବିଭିନ୍ନ ତଥ୍ୟ ସଂଗ୍ରହ କରିବା ଲାଗି ଅନେକ ସାଟେଲାଇଟ୍ ମହାକାଶକୁ ପଠାଯାଇଛି। ହେଲେ ପ୍ରଥମ ଥର ପାଇଁ ଜାପାନ ପକ୍ଷରୁ ପୃଥିବୀର ସର୍ବ ପ୍ରଥମ ଉଡେନ୍ ସାଟେଲାଇଟ୍ ବା କାଠ ନିର୍ମିତ ଉପଗ୍ରହ ନିର୍ମାଣ କରାଯାଇଛି। ଖୁବ୍‌ଶୀଘ୍ର ଏହାକୁ ଆମେରିକୀୟ ରକେଟ୍ ଦ୍ୱାରା ଗବେଷଣା ନିମନ୍ତେ ଉତ୍‌କ୍ଷେପଣ କରାଯିବାର ପ୍ରସ୍ତୁତି ଚାଲିଛି।
- କ୍ୟୋଟୋ ୟୁନିଭର୍ସିଟିର ଏରୋସ୍ପେସ୍ ଇଞ୍ଜିନିୟରମାନଙ୍କ ଦ୍ୱାରା ଏହା ନିର୍ମାଣ କରାଯାଇଛି। ଏହି ସାଟେଲାଇଟ୍‌ର ନାମ ଲିଗ୍ନୋସ୍ୟାଟ୍ ରଖାଯାଇଛି।
- ଏହି ସାଟେଲାଇଟ୍ ନିର୍ମାଣ କରିବା ଲାଗି ମଙ୍ଗୋଲିଆ କାଠ ବ୍ୟବହାର କରାଯାଇଛି, ଯାହାକି ଶୀଘ୍ର ଭାଙ୍ଗି ନ ଥାଏ କିମ୍ବା ନଷ୍ଟ ହୋଇ ନ ଥାଏ।



- ମହାକାଶରେ ଅନେକ ଦେଶର ସାଟେଲାଇଟ୍ ରହିଛି, ଯାହାକି କିଛି ବର୍ଷ ପରେ ନଷ୍ଟ ହୋଇଯାଇଥାଏ ଏବଂ ଏହାର ଭଗ୍ନବିଶେଷ ମହାକାଶରେ ଏଣେ ତେଣେ ଭାସିଥାଏ ଏବଂ ପ୍ରଦୂଷଣ କରିଥାଏ। ହେଲେ କ୍ୟୋଟୋ ୟୁନିଭର୍ସିଟିର ଏରୋସ୍ପେସ୍ ଇଞ୍ଜିନିୟର କୋଜି ମୁରାତାଙ୍କ କହିବା ଅନୁଯାୟୀ ଏହି ମଙ୍ଗୋଲିଆ କାଠ ନିର୍ମିତ ସାଟେଲାଇଟ୍ ଦୀର୍ଘ ସ୍ଥାୟୀ ହୋଇଥିବା ବେଳେ ପ୍ରଦୂଷଣମୁକ୍ତ।
- ବୈଜ୍ଞାନିକଙ୍କ କହିବା ଅନୁଯାୟୀ ଆଗାମୀ ଦିନରେ ପ୍ରାୟ ୨ ହଜାରରୁ ଅଧିକ ସାଟେଲାଇଟ୍ ମହାକାଶକୁ ଛଡ଼ାଯିବ। ଯେଉଁଥିରୁ ଅଧିକ ମାତ୍ରାରେ ଆଲୁମିନିୟମ୍ ବାହାରି ବାୟୁମଣ୍ଡଳର ଉପରସ୍ତରକୁ ପ୍ରଭାବିତ କରିବା ସହ ଓଜୋନ ଲେୟାର୍‌କୁ କ୍ଷତି ପହଞ୍ଚାଇଥାଏ।

# ସାୱାଇ ମାନ୍‌ସିଂ ଷ୍ଟାଡିୟମ ସିଲ୍

**ଜୟପୁର, ୨୪।୨(ପି.ଟି.)**

ସ୍ଥାନୀୟ ସାୱାଇ ମାନସିଂ ଷ୍ଟାଡିୟମରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆୟୋଜନ ପାଇଁ ଆଉ ମାସେ ସମୟ ରହିଥିବା ବେଳେ ଏହାକୁ ରାଜସ୍ଥାନ ସ୍ପୋର୍ଟ୍ସ କାଉନ୍‌ସିଲ ସିଲ୍ କରିଦେଇଛି। ରାଜ୍ୟ କ୍ରିକେଟ ପରିଷଦ ପାଉଣା ବାକି ରଖିବା ସହ ଏହାର ଦାୟିତ୍ୱ ତୁଲାଉ ନାହିଁ ବୋଲି ରାଜସ୍ଥାନ ସ୍ପୋର୍ଟ୍ସ କାଉନ୍‌ସିଲ (ଆର୍‌ସିଏ) ପ୍ରକାଶ କରିଛି। ଷ୍ଟାଡିୟମ ବ୍ୟତୀତ ରାଜସ୍ଥାନ କ୍ରିକେଟ ଆସୋସିଏଶନ (ଆର୍‌ସିଏ) କାର୍ଯ୍ୟାଳୟ ଏବଂ ଏହାର ଏକାଡେମୀକୁ ମଧ୍ୟ ସିଲ୍ କରି ଦିଆଯାଇଛି। ଆର୍‌ସିଏ ସଭାପତି ବୈରଭ ଗେହଲଟ କହିଛନ୍ତି, ଆର୍‌ସିଏର ବହୁ ଦିନ ହେଲା ୮ କୋଟି ଟଙ୍କା ବକେୟା ପାଉଣା ରହିଛି। କିନ୍ତୁ ଦୁଇଦିନିଆ ନୋଟିସ ସହ ଆଇପିଏଲ୍ ପୂର୍ବରୁ ଏଭଳି କାର୍ଯ୍ୟାନୁଷ୍ଠାନ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଗେହଲଟ କହିଛନ୍ତି, ଆର୍‌ସିଏ ଓକିଲମାନଙ୍କ ସହ ପରାମର୍ଶ ନେବା ପରେ ଯାହା କିଛି ପଦକ୍ଷେପ ନେବ। ସାୱାଇ ମାନ୍‌ସିଂ ଷ୍ଟାଡିୟମ ମାର୍ଚ୍ଚ ୨୪ରେ ସ୍ଥାନୀୟ ଦଳ ରାଜସ୍ଥାନ ରୟାଲ୍ସ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ମଧ୍ୟରେ ମ୍ୟାଚ ଆୟୋଜନ କରିବ। ଦ୍ୱିତୀୟ ଗେମ୍ ମାର୍ଚ୍ଚ ୨୮ରେ ରାଜସ୍ଥାନ ରୟାଲ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ହେବ। ସୂଚନାଯୋଗ୍ୟ, ସାଧାରଣ ନିର୍ବାଚନ ଯୋଗୁ ବର୍ତ୍ତମାନ ପାଇଁ ପ୍ରଥମ ଦୁଇ ସପ୍ତାହ ଲାଗି ୨୧ଟି ମ୍ୟାଚର କାର୍ଯ୍ୟସୂଚୀ ପ୍ରକାଶ କରାଯାଇଛି।

**ସର୍ବଭାରତୀୟ ବେସାମରିକ ଆଥ୍‌ଲେଟିକ୍ସ**

# ଓଡ଼ିଶା ଦଳ ପାଇଁ ଖେଳାଳି ଚୟନ ଆଜି

**ଭୁବନେଶ୍ୱର, ୨୪।୨(ବିଜୟ ରଣା)**

ସର୍ବଭାରତୀୟ ବେସାମରିକ ଆଥ୍‌ଲେଟିକ୍ସ ପ୍ରତିଯୋଗିତା ମାର୍ଚ୍ଚ ୧୯ରୁ ୨୧ ପର୍ଯ୍ୟନ୍ତ ହେବ। ଏଥିପାଇଁ ଓଡ଼ିଶା ଆଥ୍‌ଲେଟିକ୍ସ ଦଳର ଖେଳାଳି ଚୟନ ପ୍ରକ୍ରିୟା ରବିବାର ସକାଳ ୯ଟାରେ ସ୍ଥାନୀୟ ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ ଫୁଟ୍‌ବଲ ଖେଳପଡ଼ିଆରେ ଅନୁଷ୍ଠିତ ହେବ। ଏଥିରେ କେବଳ ସରକାରୀ ଚାକିରିରେ ନିୟମିତ ଥିବା ବ୍ୟକ୍ତିମାନେ ଭାଗ ନେଇପାରିବେ। ଯେଉଁମାନେ ଏଥିରେ ଅଂଶଗ୍ରହଣ କରିବାକୁ ଚାହାନ୍ତି, ସେମାନେ ନିଜର ସେବା ପୁସ୍ତିକାର ପ୍ରଥମ ପୃଷ୍ଠା, ନିଜ ବିଭାଗ/ ଅଫିସ ପରିଚୟ ପତ୍ର, ଏକ ପାସ୍‌ପୋର୍ଟ ସାଇଜ ଫଟୋ, ନିଜ କ୍ରୀଡ଼ା ଉପକରଣ ଏବଂ ନିଜ ବିଭାଗ/ ଅଫିସରୁ 'ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ' ସାଙ୍ଗରେ ଆଣି ଉପରୋକ୍ତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ପଞ୍ଜୀକରଣ କରି ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ। ଅଧିକ ବିବରଣୀ ପାଇଁ ଓଡ଼ିଶା ସେକ୍ରେଟାରିଏଟ୍ ଏମ୍ପ୍ଲଇଜ୍ ଆଥ୍‌ଲେଟିକ ଆସୋସିଏଶନ ସଭାପତି ଦେବୀଦତ୍ତ ମିଶ୍ର, ସାଧାରଣ ସମ୍ପାଦକ ହରପ୍ରସାଦ ବିଶ୍ୱାଳ ଓ କୋଷାଧ୍ୟକ୍ଷ ଦେବୀ ପ୍ରସାଦ ଦାସଙ୍କ ସହ ଯୋଗାଯୋଗ କରିବା ଲାଗି ଅନୁରୋଧ କରାଯାଇଛି।

# ନାଗାଲଙ୍କୁ ୱାଇଲ୍ଡ କାର୍ଡ

**ଦୁବାଇ,୨୪।୨(ପି.ଟି.)**

ଭାରତୀୟ ଟେନିସ ଷ୍ଟାର ସୁମିତ ନାଗାଲ ଦୁବାଇ ଚାମ୍ପିୟନଶିପ୍ ମୁଖ୍ୟ ଡ୍ର ପାଇଁ ଏକ ୱାଇଲ୍ଡ କାର୍ଡ ପାଇଛନ୍ତି। ଏହା ହେଉଛି ଏକ ଏଟିପି ୫୦୦ ଇଭେଣ୍ଟ। ଟୁର୍ନାମେଣ୍ଟର କ୍ୱାଲିଫାୟର୍ସ ଶନିବାର ଆରମ୍ଭ ହେବାକୁଥିବା ବେଳେ ମୁଖ୍ୟ ଡ୍ର' ମ୍ୟାଚଗୁଡ଼ିକ ସୋମବାରଠାରୁ ହେବ। ନାଗାଲ ଓପନିଂ ରାଉଣ୍ଡରେ ବର୍ତ୍ତମାନ ବିଶ୍ୱର ୪୯ ନମ୍ବର ଇଟାଲୀର ଲୋରେଞ୍ଜୋ ସୋନେଗୋଙ୍କ ବିପକ୍ଷରେ ଖେଳିବେ। ୨୬ ବର୍ଷୀୟ ଏହି ଭାରତୀୟ ଖେଳାଳିଙ୍କ ଚଳିତବର୍ଷ ପ୍ରଦର୍ଶନ ଉଲ୍ଲେଖନୀୟ ରହିଛି। ଗତମାସରେ ସେ ଅଷ୍ଟ୍ରେଲିଆନ ଓପନ ମୁଖ୍ୟ ଡ୍ର' ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ସେଠାରେ ସେ କାଜାଖସ୍ତାନର ଆଲେକଜାଣ୍ଡର ବବ୍‌ଲିକ୍‌ଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ଫଳତଃ ୧୯୮୯ ପରେ ଏକ ଗ୍ରାଣ୍ଡସ୍ଲାମରେ ଜଣେ ସିଡେଡ ଖେଳାଳିଙ୍କୁ ହରାଇବାରେ ସେ ପ୍ରଥମ ଭାରତୀୟ ବିବେଚିତ ହୋଇଥିଲେ। ଚଳିତ ମାସରେ ସେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୯୮ତମ ର୍‌ୟାଙ୍କିଙ୍ଗ ହାସଲ କରିଥିଲେ। କିନ୍ତୁ ଗତ ସପ୍ତାହରେ ସେ ଏକ ଏଟିପି ଚ୍ୟାଲେଞ୍ଜର ଇଭେଣ୍ଟ ଚେନ୍ନାଇ ଓପନ ଜିତିଥିଲେ ମଧ୍ୟ ସେ ୧୦୧ତମ ସ୍ଥାନକୁ ଖସି ଆସିଛନ୍ତି। ଦୁବାଇ ଚାମ୍ପିୟନଶିପ୍ ପାଇଁ ରୁଷିଆର ଡାନିଲ ମେଡଭେଡେଭ ଟପ୍ ସିଡ୍ ରହିଛନ୍ତି। ତାଙ୍କ ପଛକୁ ପଛ ରହିଛନ୍ତି ନିଜ ଦେଶର ଆନ୍ଦ୍ରେ ରୁବ୍ଲେଭ, ପୋଲାଣ୍ଡର ହବର୍ଟ ହୁର୍‌କାଜ, ରୁଷିଆର କାରେନ କାଚାନୋଭ, ଫ୍ରାନ୍ସର ଉଗୋ ହମ୍ବର୍ଟ ଓ ଆଡ୍ରିଆନ ମାରିନୋ, କାଜାଖସ୍ତାନର ଆଲେକଜାଣ୍ଡର ବବ୍‌ଲିକ୍ ଏବଂ ସ୍ପେନର ଆଲେଜାଣ୍ଡ୍ରୋ ଡେଭିଡୋଭିଚ୍ ଫୋକିନା।



କଳିଙ୍ଗ ଷ୍ଟାଡିୟମ୍‌ରେ ଶନିବାର ଓଡ଼ିଶା ଏଫ୍‌ସି ଓ ମୋହନ ବାଗାନ ସୁପର ଜାଏଣ୍ଟ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

# ପଏଣ୍ଟ ଭାଗକଲେ ଓଡ଼ିଶା-ମୋହନ ବାଗାନ

**ଇଣ୍ଡିଆନ ସୁପର ଲିଗ୍**

**ଭୁବନେଶ୍ୱର, ୨୪।୨ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଶନିବାର ଓଡ଼ିଶା ଏଫ୍‌ସି ଓ ମୋହନ ବାଗାନ ସୁପର ଜାଏଣ୍ଟ ମଧ୍ୟରେ ଅନୁଷ୍ଠିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଛି। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଓଡ଼ିଶା ଦଳ ଏପର୍ଯ୍ୟନ୍ତ ୧୬ ମ୍ୟାଚ ଖେଳିଥିବାବେଳେ ୯ ବିଜୟ, ୫ ଡ୍ର ଓ ୨ ପରାଜୟ ସହ ୩୨ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ଅପରିବର୍ତ୍ତିତ ରହିଛି। ଅନ୍ୟପକ୍ଷରେ ମୋହନ ବାଗାନ ୧୫ ମ୍ୟାଚରୁ ୯ ବିଜୟ, ୩ ପରାଜୟ ଓ ୩ ଡ୍ର ସହ ୩୦ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ରହିଛି। ଉଭୟ ଦଳ ଗୋଲ ସ୍କୋରିଂ ପାଇଁ ପର୍ଯ୍ୟାପ୍ତ ସୁଯୋଗ ପାଇଥିଲେ ମଧ୍ୟ ତାହାର ସଦୁପଯୋଗ କରିପାରି ନ ଥିଲେ। ଫଳରେ ଆଣ୍ଟୋନିଓ ଲୋପେଜ ହବାସଙ୍କ ପ୍ରଶିକ୍ଷଣପ୍ରାପ୍ତ ମୋହନ ବାଗାନ କ୍ରମାଗତ ୫ ମ୍ୟାଚରେ ଅପରାଜେୟ ରହିଛି। ଓଡ଼ିଶା ଏଫ୍‌ସିର ଇସାକ ଭାନଲାଲରୁଆତଫେଲା ଓ ମୋହନ ବାଗାନର ଆଲବାନିଆନ ଷ୍ଟ୍ରାଇକର ଆର୍ମେଣ୍ଡୋ ସାଦିକୁ ଆକ୍ରମଣର ନେତୃତ୍ୱ ନେଇଥିଲେ। ପ୍ରଥମାର୍ଦ୍ଧରେ ଇସାକ ଏକାଧିକଥର ଗୋଲ ସ୍କୋରି କରିବାର ନିକଟତର ହୋଇଥିଲେ ହେଁ ସଫଳ ହୋଇ ନ ଥିଲେ। ମୋହନ ବାଗାନ ଗୋଲକିପର ବିଶାଲ କେଥ୍‌ଙ୍କ ପ୍ରଦର୍ଶନ ମଧ୍ୟ ଚମତ୍କାର ରହିଥିଲା। ଓଡ଼ିଶା ଏଫ୍‌ସି କଳିଙ୍ଗ ଷ୍ଟାଡିୟମରେ ଏହାର ପରବର୍ତ୍ତୀ ମ୍ୟାଚ ଚଳିତ ମାସ ୨୯ରେ ଇଷ୍ଟ ବେଙ୍ଗଲ ଏଫ୍‌ସି ବିପକ୍ଷରେ ଖେଳିବ। ସେହିପରି ମାର୍ଚ୍ଚ ୧ରେ ମୋହନ ବାଗାନ କୋଲକାତାରେ ଏହାର ପରବର୍ତ୍ତୀ ମ୍ୟାଚ ଜାମସେଦପୁର ଏଫ୍‌ସି ବିପକ୍ଷରେ ଖେଳିବ।

**ନବ ଦାସ ଓ ପ୍ରଶାନ୍ତ ମହାପାତ୍ର ମେମୋରିଆଲ ଟି୨୦ କ୍ରିକେଟ**

# ରାମେଶ୍ୱର-ବାପୁଜୀ କ୍ରିକେଟ କ୍ଲବ ଫାଇନାଲ





ଆଶୁତୋଷ ଛୁରିଆ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୨୪।୨(ବିଜୟ ରଣା)**

ମୁନ୍ ଲାଇଟ୍ ୟୁଥ୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ବିଜେବି କଲେଜ ପଡ଼ିଆରେ ଚାଲିଥିବା ୭ମ ନବ ଦାସ ଓ ୩ୟ ପ୍ରଶାନ୍ତ ମହାପାତ୍ର ମେମୋରିଆଲ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ୫ମ ଓ ୬ଷ୍ଠ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ବାପୁଜୀ କ୍ରିକେଟ କ୍ଲବ ଓ ରାମେଶ୍ୱର ସ୍ପୋର୍ଟିଂ ବିଜୟ ହାସଲ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହେବ।

ଶନିବାର ପ୍ରଥମ ସେମିଫାଇନାଲରେ ବାପୁଜୀ କ୍ରିକେଟ କ୍ଲବ ୫୭ ରନରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ହରାଇ ଦେଇଥିବା ବେଳେ ଦ୍ୱିତୀୟ ସେମିଫାଇନାଲରେ ରାମେଶ୍ୱର ୪୧ ରନରେ ଏମ୍‌ସିସିକୁ ପରାସ୍ତ କରିଛି। ପ୍ରଥମ ସେମିଫାଇନାଲରେ ବାପୁଜୀ ଟସ୍ ଜିତି ବ୍ୟାଟିଂ ନେବା ପରେ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୯୨ ରନ କରିଥିଲା। ଦଳର ଟପ୍ ସ୍କୋରର ଆର୍ଯ୍ୟଶ୍ରୀ ଡି. ଭଞ୍ଜ ୪୩ ରନ କରିଥିଲେ। ସୁଶୀଲ ବାରିକ ୩୨ ରନ କରି ଅପରାଜିତ ରହିଥିବା ବେଳେ ଶୁଭମ ଶତ୍ରୁଜିତ୍ ୩୦ ରନ କରିଥିଲେ। ପାରାମାଉଣ୍ଟର ବିଦ୍ୟାଧର ବେହେରା, ରଜନୀଶ ଯାଦବ ଓ ରିତେଶ ପ୍ରିୟରଞ୍ଜନ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଦ୍ୱିତୀୟ ବ୍ୟାଟିଂ କରିଥିବା ପାରାମାଉଣ୍ଟ ଦଳ ୧୯.୧ ଓଭରରେ ୧୩୫ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ସୌମ୍ୟ ବିଶ୍ୱାଳ ୪୨ ଏବଂ ମିନାଳ ପରିଡ଼ା ୨୫ ରନ କରିଥିଲେ। ବାପୁଜୀ କ୍ଲବର ଆର୍ଯ୍ୟଶ୍ରୀ ଓ ରାକେଶ ୩ଟି ଲେଖାଏ ଏବଂ ମନୋଜ ବାରିକ ଦୁଇଟି ଉଇକେଟ ନେଇଥିଲେ। ବିଜୟୀ ଦଳର ଆର୍ଯ୍ୟଶ୍ରୀ ଭଞ୍ଜ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରାଜେଶ ମହାନ୍ତି ଏହି ମ୍ୟାଚର ଅତିଥି ଥିଲେ।

ସେହିପରି ଦ୍ୱିତୀୟ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ସ୍ପୋର୍ଟିଂ ଓମ୍ ଟି. ମୁଣ୍ଡେ (୫୭ରନ) ଓ ରାମଚନ୍ଦ୍ର ବେହେରା (୫୪ରନ)ଙ୍କ ଅର୍ଦ୍ଧଶତକ ସହାୟତାରେ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ବିନିମୟରେ ୧୮୯ ରନ କରିଥିଲା। ଜବାବରେ ଏମ୍‌ସିସି ନିର୍ଦ୍ଧାରିତ ଓଭରରେ ୧୪୮ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଅନୁରାଗ ଷଡ଼ଙ୍ଗୀ ସର୍ବାଧିକ ୪୧ ରନ କରିଥିଲେ। ରାମେଶ୍ୱରର ଆଶୁତୋଷ ଛୁରିଆ ଚମତ୍କାର ବୋଲିଂ କରି ତାଙ୍କ ୪ ଓଭର ବୋଲିଂରେ ମାତ୍ର ୨୬ ରନ ଦେଇ ୭ ଉଇକେଟ ଅକ୍ତିଆର କରିଥିଲେ। ସେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ମ୍ୟାଚରେ ଦୀପକ ମଙ୍ଗରାଜ ଅତିଥି ଭାବେ ଯୋଗ ଦେଇଥିଲେ।

# ଶୁଟ୍ ଆଉଟରେ ହାରିଲା ଭାରତ

**ରାଉରକେଲା, ୨୪।୨ (ଦୀନେଶ ମିଶ୍ର)**

ସ୍ଥାନୀୟ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚରେ ପ୍ରଭାବୀ ପ୍ରଦର୍ଶନ ସତ୍ତ୍ୱେ ଭାରତ ଶୁଟ୍‌ଆଉଟରେ ଅଷ୍ଟ୍ରେଲିଆ ନିକଟରୁ ପରାଜିତ ହୋଇଛି। ନିର୍ଦ୍ଧାରିତ ସମୟରେ ଖେଳ ୨-୨ ଗୋଲରେ ବରାବର ରହିବାପରେ ଶୁଟ୍‌ଆଉଟରେ ଅଷ୍ଟ୍ରେଲିଆ ପକ୍ଷରୁ ଟମ୍ ୱିକହାମ, ଫ୍ଲାଏନ ଓଗିଲ୍‌ଭେ ଓ ଟିମ୍ ବ୍ରାଣ୍ଡ ଗୋଲ ଦେଇଥିଲେ। ମାତ୍ର ଆଶ୍ଚର୍ଯ୍ୟଜନକଭାବେ ଭାରତର ୩ ଜଣ ଯାକ ଖେଳାଳି ଲଳିତ କୁମାର ଉପାଧ୍ୟାୟ, ସୁଖଜିତ ସିଂ ଓ ଆକାଶଦୀପ ସିଂ ଗୋଲ ଦେବାରେ ଅସମର୍ଥ ହୋଇଥିଲେ। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ମଧ୍ୟ ଭାରତ ୪-୬ ଗୋଲରେ ଅଷ୍ଟ୍ରେଲିଆଠାରୁ ହାରିଥିଲା।

ମ୍ୟାଚ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା ଭାରତ। ଫଳରେ ୮ମ ମିନିଟରେ ଦଳକୁ ପ୍ରଥମ ପେନାଲ୍ଟି କର୍ନର ମିଳିଥିଲା। ତେବେ ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ସଂଘର୍ଷପୂର୍ଣ୍ଣ ହୋଇଥିଲା। ୨୦ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଭାରତକୁ ଅଗ୍ରଣୀ କରିଥିଲେ ଅଧିନାୟକ ହରମନପ୍ରୀତ ସିଂ। ତେବେ ୨୩ତମ ମିନିଟରେ ଭାରତୀୟ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ପାଇଁ ଅଷ୍ଟ୍ରେଲିଆକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଏହାକୁ ଗୋଲରେ ପରିଣତ କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ ବ୍ଲେକ୍ ଗୋଭର୍ସ। ୨୪ତମ ମିନିଟ ପେନାଲ୍ଟି କର୍ନରକୁ ଭାରତ ହାତଛଡ଼ା କରିଥିଲେ ହେଁ ଦ୍ୱିତୀୟ କ୍ୱାର୍ଟର ଶେଷଭାଗରେ ଅର୍ଥାତ୍ ୨୯ତମ ମିନିଟ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ପ୍ରଥମାର୍ଦ୍ଧ ଶେଷରେ ଭାରତକୁ ୨-୧ରେ ଆଗୁଆ କରିଥିଲେ ଭାରତୀୟ ଦଳର ତାରକା ଓଡ଼ିଆ ଡିଫେଣ୍ଡର ଅମିତ ରୋହିଦାସ। ତୃତୀୟ କ୍ୱାର୍ଟରରେ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିଲେ ହେଁ ଗୋଲ ହୋଇ ନ ଥିଲା। ଅଷ୍ଟ୍ରେଲିଆ ୩ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ଭାରତୀୟ ରକ୍ଷଣଭାଗ ଏହାକୁ ସଫଳତାର ସହ ପ୍ରତିହତ କରିଥିଲା। ଅନ୍ତିମ କ୍ୱାର୍ଟରରେ ଗୋଲ ପରିଶୋଧ ପାଇଁ ଅଷ୍ଟ୍ରେଲିଆ ଆକ୍ରମଣକୁ ଜୋରଦାର କରିଥିଲା। ୫୦ତମ ମିନିଟରେ ପେନାଲ୍ଟି ଷ୍ଟ୍ରୋକ୍‌କୁ ଗୋଲରେ ପରିଣତ କରିପାରି ନ ଥିଲେ ମଧ୍ୟ ୫୩ତମ ମିନିଟରେ ଟମ୍ କ୍ରେଗ୍‌ଙ୍କ ଫିଲ୍ଡ ଗୋଲ ଜରିଆରେ ଦଳ ପୁଣି ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା। ନିର୍ଦ୍ଧାରିତ ସମୟରେ ମ୍ୟାଚ ୨-୨ରେ ରହିବାରୁ ଫଳାଫଳ ପାଇଁ ଶୁଟ୍‌ଆଉଟର ସହାୟତା ନିଆ ଯାଇଥିଲା।



ବଲ୍ ନିୟନ୍ତ୍ରଣକୁ ଆଣିବା ପାଇଁ ଅଷ୍ଟ୍ରେଲିଆ ଖେଳାଳିଙ୍କ ସହ ଓଡ଼ିଶାର ଅମିତ ରୋହିଦାସ(ବାମ)ଙ୍କ ସଂଘର୍ଷ।

# ୭-୦ ବିଜୟ ସହ ସ୍ପେନ୍‌ର ଅଭିଯାନ ଶେଷ

**ଏଫ୍‌ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍**

**ରାଉରକେଲା (ଦୀନେଶ ମିଶ୍ର), ୨୪।୨**

ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍ ମ୍ୟାଚରେ ସ୍ପେନ୍ ୭-୦ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଏଥିସହ ସ୍ପେନ୍‌ର ଭୁବନେଶ୍ୱର ଓ ରାଉରକେଲା ଚରଣ ପ୍ରୋ ଲିଗ୍ ଅଭିଯାନ ଶେଷ ହୋଇଛି। ଭୁବନେଶ୍ୱରରେ ଦଳ ଭାରତଠାରୁ ୧-୪, ଅଷ୍ଟ୍ରେଲିଆଠାରୁ ୩-୪, ନେଦରଲାଣ୍ଡସ୍‌ଠାରୁ ୦-୩ରେ ହାରିବାପରେ ଆୟର୍ଲାଣ୍ଡକୁ ୪-୨ ଗୋଲରେ ପରାସ୍ତ କରିଥିଲା। ସେହିପରି ରାଉରକେଲାରେ ଏହି ଦଳ ଭାରତଠାରୁ ଶୁଟ୍‌ଆଉଟ ୭-୮, ଅଷ୍ଟ୍ରେଲିଆଠାରୁ ୧-୪, ନେଦରଲାଣ୍ଡସ୍‌ଠାରୁ ୩-୪ ଗୋଲରେ ପରାସ୍ତ ହେବାପରେ ଆୟର୍ଲାଣ୍ଡକୁ ବୃହତ୍ ବ୍ୟବଧାନରେ ହରାଇ ଦେଇଛି। ଅର୍ଥାତ୍ ଦୁଇଟି ଯାକ ଭେନ୍ୟୁରେ ସ୍ପେନ୍ ୩ଟି ଲେଖାଏ ପରାଜୟ ପରେ ଗୋଟିଏ ଲେଖାଏ ବିଜୟ ହାସଲ କରିଛି। ଏଠାରେ ସ୍ପେନ୍ ପକ୍ଷରୁ ଇଗ୍‌ଲେସିଆସ ଆଲଭାରୋ ୧୪, ୩୧ ଓ ୫୦ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ବାଷ୍ଟେରା ଜୋସ ୩ୟ, ଡି ଇଗ୍ନାସିଓ-ସିମୋ ଏଡୁଆର୍ଡ ୩୫, ଲାକାଲେ ବୋର୍ଜା ୪୭ ଓ ରେନି ମାର୍କ ୫୧ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିବା ସ୍ପେନ୍ ୩ଟି ପେନାଲ୍ଟି କର୍ନର ପାଇଥିବାବେଳେ ସେଥିରୁ ଗୋଟିଏକୁ ଗୋଲରେ ପରିଣତ କରିଥିଲା। ଅନ୍ୟପକ୍ଷରେ ଆୟର୍ଲାଣ୍ଡ ୫ଟି ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲେ ହେଁ ଏହାର ସଦୁପଯୋଗ କରିପାରି ନ ଥିଲା।

# ଇନିଂସ ଅଗ୍ରଣୀ ପଥରେ ଇଂଲଣ୍ଡ

**ରାଞ୍ଚି, ୨୪।୨**

ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟର ପ୍ରଥମ ଇନିଂସରେ ଭାରତ ଆଶାନୁରୂପ ବ୍ୟାଟିଂ କରିପାରିନାହିଁ। ଯଶସ୍ୱୀ ଜୟସ୍ୱାଲଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ବ୍ୟାକ୍‌ଫୁଟରେ ରହିଛି ଟିମ୍ ଇଣ୍ଡିଆ। ଫଳରେ ଇଂଲଣ୍ଡ ଇନିଂସ ଅଗ୍ରଣୀ ନେବା ପଥରେ ରହିଛି। ଇଂଲଣ୍ଡ ପ୍ରଥମ ଇନିଂସରେ ୩୫୩ ରନ କରିଥିବାବେଳେ ଶନିବାର ଦ୍ୱିତୀୟ ଦିବସ ଖେଳ ଶେଷବେଳକୁ ଭାରତ ୭ ଉଇକେଟ ହରାଇ ୨୧୯ ରନ ସଂଗ୍ରହ କରିଛି। ଫଳରେ ଇଂଲଣ୍ଡ ଆହୁରି ୧୩୪ ରନ ଆଗରେ ରହିଛି।

ଭାରତ ମାତ୍ର ୪ ରନରେ ଅଧିନାୟକ ରୋହିତ ଶର୍ମାଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଯଶସ୍ୱୀ ଜୟସ୍ୱାଲ ଓ ଶୁବମନ ଗିଲ୍ ଦ୍ୱିତୀୟ ଉଇକେଟରେ ୮୨ ରନ ଯୋଗକରି ଇନିଂସ ସମ୍ଭାଳିଥିଲେ। ତେବେ ମିଡିଲ ଅର୍ଡରରେ ଅଧିକାଂଶ ବ୍ୟାଟର ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରି ନ ପାରିବା ଦଳକୁ ବ୍ୟାକ୍‌ଫୁଟରେ ପହଞ୍ଚାଇଥିଲା। ଗିଲ୍ ୩୮, ରଜତ ପତିଦାର ୧୭, ରବୀନ୍ଦ୍ର ଜାଡେଜା ୧୨, ସର୍ଫରାଜ ଖାଁ ୧୪ ରନକରି ପ୍ୟାଭିଲିୟନ ଫେରିଥିଲେ। ଜୟସ୍ୱାଲ ଏଠାରେ ଅର୍ଦ୍ଧଶତକ ହାସଲ କରି ଭାରତ ପକ୍ଷରୁ ସର୍ବାଧିକ ୭୩ ରନ ସ୍କୋର କରିଥିଲେ। ମିଡିଲ ଅର୍ଡର ବିଫଳତା ଯୋଗୁ ଭାରତ ଏକଦା ୧୭୭ ରନରେ ୭ମ ଉଇକେଟ ହରାଇଥିଲା। ତେବେ ଉଇକେଟ କିପର ଧ୍ରୁବ ଜୁରେଲ ୩୦ ଓ କୁଲଦୀପ ଯାଦବ ୧୭ ରନରେ ଅପରାଜିତ ରହିବା ସହ ଅସମାପ୍ତ ୮ମ ଉଇକେଟରେ ୪୨ ରନର ପାର୍ଟନରଶିପ୍ ଗଢ଼ି ଭାରତର ସମ୍ମାନ ରଖିଛନ୍ତି। ଇଂଲଣ୍ଡ ପକ୍ଷରୁ ସ୍ପିନର ଶୋଏବ ବଶିର ସର୍ବାଧିକ ୪ଟି ଉଇକେଟ ନେଇଛନ୍ତି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୩୦୨/୭ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ପ୍ରଥମ ଇନିଂସରେ ମୋଟ ୩୫୩ ରନକରି ଅଲ୍‌ଆଉଟ ହୋଇଥିଲା। ୧୦୬ ରନରେ ଅପରାଜିତ ଥିବା ଜୋ ରୁଟ୍ ଆଉ ୧୬ ରନ ଯୋଗ କରି ପ୍ୟାଭିଲିୟନ ଫେରିଥିବାବେଳେ ଓଲି ରବିନସନ ୫୮ ରନ କରି କ୍ୟାରିୟରର ପ୍ରଥମ ଟେଷ୍ଟ ଅର୍ଦ୍ଧଶତକ ହାସଲ କରିଥିଲେ। ଭାରତ ପକ୍ଷରୁ ଜାଡେଜା ୪ଟି, ଆକାଶ ଦୀପ୍ ୩ଟି, ମହମ୍ମଦ ସିରାଜ ୨ଟି ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଉଇକେଟ ନେଇଥିଲେ।



ଉଇକେଟ ନେବା ପରେ ଶୋଏବ ବଶିରଙ୍କୁ ବେନ୍ ଷ୍ଟୋକ୍ସ ଓ ବେନ୍ ଫୋକ୍ସଙ୍କ ବଧେଇ।

**ଜୟସ୍ୱାଲଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ବ୍ୟାକ୍‌ଫୁଟରେ ଭାରତ**

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୫୩/ ଅଲଆଉଟ (ଜୋ ରୁଟ୍-୧୨୨, ଓଲି ରବିନସନ-୫୮, ରବୀନ୍ଦ୍ର ଜାଡେଜା-୪/୬୭, ଆକାଶ ଦୀପ-୩/୮୩, ମହମ୍ମଦ ସିରାଜ-୨/୭୮, ରବିଚନ୍ଦ୍ରନ ଅଶ୍ୱିନ-୧/୮୩)। ଭାରତ ପ୍ରଥମ ଇନିଂସ: ୨୧୯/୭ (ଯଶସ୍ୱୀ ଜୟସ୍ୱାଲ-୭୩, ଶୁବମନ ଗିଲ-୩୮, ଧ୍ରୁବ ଜୁରେଲ-୩୦*, ଶୋଏବ ବଶିର-୪/୮୪, ଟମ୍ ହାର୍ଟଲେ-୨/୪୭, ଜେମ୍ସ ଆଣ୍ଡରସନ-୧/୩୬)।

# ରିଚା, ମେଘନାଙ୍କ ଅର୍ଦ୍ଧଶତକ

**ଓମେନ୍ସ ପ୍ରିମିୟର ଲିଗ୍**

**ବେଙ୍ଗାଲୁରୁ, ୨୪।୨**

ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ୟୁପି ୱାରିଅର୍ଜ ବିପକ୍ଷ ଏକ ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ରିଚା ଘୋଷ ଓ ସାଭିନେନି ମେଘନାଙ୍କ ଆକର୍ଷଣୀୟ ଅର୍ଦ୍ଧଶତକ ସହାୟତାରେ ୬ଉଇକେଟରେ ୧୫୭ ରନ କରିଛି। ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସର ଆରମ୍ଭ ନିରୁତ୍ସାହଜନକ ଥିଲା। ଦଳ ଏକଦା ୭.୫ ଓଭରରେ ୫୪ ସ୍କୋରରେ ଏହାର ୩ ଉଇକେଟ ହରାଇ ସାରିଥିଲା। ମେଘନା (୫୩ରନ, ୪୪ ବଲ୍, ୭ ଚୌକା, ୧ ଛକା) ଏବଂ ରିଚା (୬୨ରନ, ୩୭ ବଲ୍, ୧୨ ଚୌକା) ଚତୁର୍ଥ ଉଇକେଟରେ ୫୦ ବଲ୍ ଖେଳି ୭୧ ରନ ଯୋଗ କରିବାରୁ ଦଳ ଏକ ସମ୍ମାନଜନକ ସ୍କୋର କରିବାରେ ସମର୍ଥ ହୋଇଥିଲା। ମେଘନା ବ୍ୟକ୍ତିଗତ ୨୦ ଓ ୨୨ ରନ କରି ଖେଳୁଥିବାବେଳେ ଦୁଇଥର ଜୀବନ ଦାନ ପାଇଥିଲେ। କିନ୍ତୁ ସେ କ୍ରିଜ୍‌ରେ ଥିବା ପର୍ଯ୍ୟନ୍ତ ପଡ଼ିଆର ଚତୁର୍ଦ୍ଦିଗକୁ ଚମତ୍କାର ଶଟ୍ ମାନ ଖେଳିଥିଲେ। ମେଘନାଙ୍କୁ ରାଜେଶ୍ୱରୀ ଗାଏକ୍ୱାଡ ଉଇକେଟ କିପର ଏଲିସା ହିଲି ଷ୍ଟମ୍ପ ଆଉଟ କରି ପାର୍ଟନରଶିପ୍ ଭଙ୍ଗ କରି ଦେଇଥିଲେ। ଏହା ପୂର୍ବରୁ ବ୍ୟାଟି କରିଥିବା ଆରସିବି ଅଧିନାୟିକା ସ୍ମୃତି ମନ୍ଧାନା (୧୩), ସୋଫି ଡିଭାଇନ୍ (୧) ଓ ଏଲିସ ପେରୀ (୮) ବିପକ୍ଷ ଦଳ ବୋଲିଂର ଉଚିତ ମୁକାବିଲା କରି ନ ପାରି ଶୀଘ୍ର ପ୍ୟାଭିଲିଅନ ଫେରିଥିଲେ। ସାଇମା ଠାକୋରଙ୍କୁ ଛାଡ଼ିଦେଲେ ୟୁପି ୱାରିଅର୍ଜର ଅନ୍ୟ ସମସ୍ତ ବୋଲର ଉଇକେଟ ସଫଳତା ପାଇଥିଲେ। ରାଜେଶ୍ୱରୀ ୨ ଉଇକେଟ ଅକ୍ତିଆର କରିଥିବା ବେଳେ ଗ୍ରେସ୍ ହାରିସ, ଟାହିଲା ମ୍ୟାକ୍‌ଗ୍ରା, ସୋଫି ଏକ୍କ୍ଲେଷ୍ଟୋନ୍ ଓ ଦୀପ୍ତି ଶର୍ମା ଗୋଟିଏ ଲେଖାଏଁ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର: ୨୦ ଓଭରରେ ୧୫୭/୬ (ରିଚା ଘୋଷ-୬୨, ସାଭିନେନି ମେଘନା-୫୩; ରାଜେଶ୍ୱରୀ ଗାଏକ୍ୱାଡ-୨/୨୪)।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପର ଘରେ ଥାଇ ମାଗଣା ରୁଷା,**
**ଭିକ ମାଗି ଯାଇ ଖେଳିବା ପଶା,**
**ବାସି ଧୋବ ଲୁଗା ପିନ୍ଧଇ ଚଷା,**
**ସାହୁ ପୁଅକୁ ତୁ'କାର ଭାଷା,**
**ଏ ସବୁ ପଛକୁ ଫସରଫସା।**

ପର ଘରେ ରୁଷା ଅଭିମାନ ଶୋଭାପାଇ ନ ଥାଏ। ମାଗି ଆଣିଥିବା ଧନରେ ପଶା ବା ଜୁଆ ଖେଳିବା ହୀନବୁଦ୍ଧି ଭଳି ମାଟି କାଦୁଅରେ କାମ କରୁଥିବା ବ୍ୟକ୍ତି ପକ୍ଷେ ସଫା ଲୁଗା ପରିଧାନ ନିରର୍ଥକ ହୋଇଥାଏ। ସେହିପରି ମହାଜନଙ୍କୁ ଗାଳି ମନ୍ଦ ଦେବା ଗରିବ ଖାତକ ପକ୍ଷେ ଗ୍ରହଣୀୟ ହୋଇ ନ ଥାଏ। ନିଜ ବଡ଼ିମା ଦେଖାଇବାକୁ ଯାଇ ଉପରୋକ୍ତ ଢଙ୍ଗ ଦେଖାଉଥିବା ବ୍ୟକ୍ତି ପରିଶେଷରେ ହଟହଟା ହୋଇଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ପର ହାଣିଲା କୋଡ଼ି**
**ବାଆ ପରି ଲାଗେ।**

ନିଜ ଦୁଃଖ କଷ୍ଟ ନିଜକୁ ଯେତେ ବଡ଼ ଲାଗିଥାଏ, ପରର କଥା ପଡ଼ିଲେ ତାହା ସେତେ ମନକୁ ଆନ୍ଦୋଳିତ କରିପାରି ନ ଥାଏ। ଅନ୍ୟର କଠିନ ପରିଶ୍ରମ ନିଜକୁ ଜଣାପଡୁ ନ ଥିବା ବା ବାଧୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



ଦେବଗଡ଼ରେ ସ୍କିଲ ଇଣ୍ଡିଆ ସେଣ୍ଟର ଲୋକାର୍ପଣ ଅବସରରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

# ଦେବଗଡ଼ରେ 'ସ୍କିଲ୍ ଇଣ୍ଡିଆ ସେଣ୍ଟର' ଲୋକାର୍ପିତ

## ବୈଶ୍ୱିକ ଢାଞ୍ଚାରେ ଭବିଷ୍ୟତର କାର୍ଯ୍ୟ ଉପରେ ଦିଆଯିବ ପ୍ରଶିକ୍ଷଣ: ଧର୍ମେନ୍ଦ୍ର

ଭୁବନେଶ୍ୱର/ଦେବଗଡ଼, ୨୪।୨ (ଅନିଲ ଦାସ/ ଶଶାଙ୍କ ଶେଖର ଝାଙ୍କର)

ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତା ବଢ଼ାଇବା ଦିଗରେ ସମ୍ବଲପୁର ଓ ଢେଙ୍କାନାଳ ପରେ ଶନିବାର ଦେବଗଡ଼ରେ ଏନ୍‌ଏସ୍‌ଡିସିର 'ସ୍କିଲ୍ ଇଣ୍ଡିଆ ସେଣ୍ଟର'(ଏସ୍‌ଆଇସି)ର ଲୋକାର୍ପଣ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ସେ କହିଛନ୍ତି ଯେ ଦେବଗଡ଼ର ପିଲାମାନଙ୍କ ମଧ୍ୟରେ ଅନେକ ପ୍ରତିଭା ଅଛି। ସେହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ନୂଆ ଭାରତର ପ୍ରସ୍ତୁତି ପାଇଁ ଯୁବବର୍ଗଙ୍କୁ ଅଧିକରୁ ଅଧିକ ଦକ୍ଷ କରିବା ଲକ୍ଷ୍ୟରେ ଦେବଗଡ଼ରେ ସ୍କିଲ୍ ଇଣ୍ଡିଆ ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଅଧୀନରେ ସ୍କିଲ୍ ଇଣ୍ଡିଆ ଓ ଏନ୍‌ଏସ୍‌ଡିସି ସହଯୋଗରେ ସ୍ଥାପିତ ହୋଇଥିବା ଏହି ସେଣ୍ଟରରେ ଦେବଗଡ଼ ସମେତ ଆଖପାଖ ଅଞ୍ଚଳର ଯୁବତୀ ଯୁବକଙ୍କୁ ଭବିଷ୍ୟତର କାର୍ଯ୍ୟଗୁଡ଼ିକ ଉପରେ ବୈଶ୍ୱିକ ଢାଞ୍ଚାରେ ପ୍ରଶିକ୍ଷଣ ଦିଆଯିବ।

ଷ୍ଟୋରିବୋର୍ଡ ଆର୍ଟିଷ୍ଟ, ଗ୍ରାଫିକ୍ସ ଡିଜାଇନ, ଗେମିଂ, କାର୍ଟୁନ, ଗ୍ରାଫିକ୍ ଆର୍ଟ, ଆତିଥେୟତା, ଆଇଟି ସହାୟକ, ଲେଦର ଶିଳ୍ପ ସମେତ ବଡ଼ ବଡ଼ ରେଷ୍ଟୁରାଣ୍ଟରେ କାମ କରିବା ପାଇଁ ୧୦ଟି କ୍ଷେତ୍ରରେ ତାଲିମ ଦେବାର ବ୍ୟବସ୍ଥା ରହିଛି। ତାଲିମ ନେବା ପରେ ସେମାନଙ୍କୁ ଟୁଲ୍‌କିଟ୍ ଦିଆଯିବ। ବଡ଼ ବଡ଼ ସହରରେ ଅନୁଷ୍ଠାନଗୁଡ଼ିକ ଏହି ପ୍ରଶିକ୍ଷଣ ପାଇଁ ୫୦ ହଜାରରୁ ୧ ଲକ୍ଷ ଟଙ୍କା ନେଉଥିବା ବେଳେ ଏନ୍‌ଏସ୍‌ଡିସି ସମେତ ଅନେକ ଶିଳ୍ପ ସମୂହର ସହଯୋଗରେ ସ୍ୱଳ୍ପ ମୂଲ୍ୟରେ ପିଲାଙ୍କୁ ତାଲିମ ଦିଆଯିବ। ବର୍ଷକୁ ୧୨୦୦ରୁ ଊର୍ଦ୍ଧ୍ୱ ଯୁବତୀ ଯୁବକ ପ୍ରଶିକ୍ଷିତ ହୋଇପାରିବେ। ଦେବଗଡ଼ର ଯେଉଁ ପିଲାଟି ରେଷ୍ଟୁରାଣ୍ଟରେ କାମ କରି ଯେତେ ଦରମା ପାଉଛି, ଏହି ସ୍କିଲ୍ ଇଣ୍ଡିଆ ସେଣ୍ଟରରୁ ଟ୍ରେନିଂ ନେଲେ ତା'ର ଦରମା ବୃଦ୍ଧି ହେବ। ଭାରତକୁ ବିଶ୍ୱର ଦକ୍ଷତା କ୍ଷେତ୍ରର ପେଣ୍ଠସ୍ଥଳୀ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ କଳ୍ପନା ଅଛି। ବହୁସଂଖ୍ୟକ ଯୁବବର୍ଗର ଦେଶ ଭାରତ। ଭାରତର ଶକ୍ତି ଯୁବବର୍ଗଙ୍କ ମଧ୍ୟରେ ଅନ୍ତର୍ନିହିତ। ଆମର ଯୁବଶକ୍ତିଙ୍କୁ ଦକ୍ଷ ଓ ଆତ୍ମନିର୍ଭର କରିବା ମୋଦିଙ୍କ ଗ୍ୟାରେଣ୍ଟି ହୋଇଛି। ଏହି ତାଲିମ କେନ୍ଦ୍ର ଆଗାମୀ ଦିନରେ ଯୁବତୀ ଯୁବକମାନଙ୍କୁ ରୋଜଗାର ଯୋଗାଇବା ସହ ଭବିଷ୍ୟତ ଗଠନ ଦିଗରେ ସହାୟକ ହେବ। କର୍ମକ୍ଷେତ୍ରରେ ଯୁବତୀ ଯୁବକଙ୍କୁ ସ୍କିଲିଂ, ରି-ସ୍କିଲିଂ ଏବଂ ଅପ୍ ସ୍କିଲିଂ ଦୁନିଆ ସହ ଯୋଡ଼ିବା ପାଇଁ ମୋଦି ସରକାର ପ୍ରତିବଦ୍ଧ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ପ୍ରଦେଶ କଂଗ୍ରେସ ପଛୁଆବର୍ଗ ବିଭାଗ କର୍ମକର୍ତ୍ତା ନିଯୁକ୍ତ

## ୪୧ ସାଧାରଣ ସମ୍ପାଦକ, ୨୨ ସମ୍ପାଦକ ନିଯୁକ୍ତ

ଭୁବନେଶ୍ୱର,୨୪।୨(ଅନିଲ ଦାସ)

ଓଡ଼ିଶା ପ୍ରଦେଶ କଂଗ୍ରେସ ପଛୁଆବର୍ଗ ବିଭାଗ କର୍ମକର୍ତ୍ତା ନିଯୁକ୍ତ କରାଯାଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ସୁପାରିସ କ୍ରମେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପଛୁଆବର୍ଗ ବିଭାଗ ଅଧ୍ୟକ୍ଷ କ୍ୟାପଟେନ ଅଜୟ ସିଂ ଯାଦବ ଓଡ଼ିଶା ପ୍ରଦେଶ କଂଗ୍ରେସ ପଛୁଆବର୍ଗ ବିଭାଗର ରାଜ୍ୟ କର୍ମକର୍ତ୍ତାମାନଙ୍କ ନାମ ଅନୁମୋଦନ କରିଛନ୍ତି। ଏହି କମିଟିରେ ଉପାଧ୍ୟକ୍ଷ ଭାବେ ଦେବାଶିଷ ଭୂୟାଁ, ଆଲୋକ କୁମାର ପ୍ରଧାନ, ଆଶୁତୋଷ ସ୍ୱାଇଁ, ଜିତେନ୍ଦ୍ର ସାହୁ, ପ୍ରମୋଦ କୁମାର ସାହୁ, ସୁବ୍ରତ କୁମାର ଚକ୍ର,ପ୍ରଶାନ୍ତ ସାହୁ, ସୁବାସ ଚନ୍ଦ୍ର ବିଶ୍ୱାଳ, ପ୍ରଭାସ ଚନ୍ଦ୍ର ଦାସ, ଦେବ ବିହାରୀ, ଅମରେଶ ପ୍ରଧାନ, ଶେଷଦେବ ସାହୁ, ଶ୍ରୀକାନ୍ତ ମଲ୍ଲିକ ଓ ଅଭିଷେକ ରାଉତ ରହିଛନ୍ତି। ସେହିପରି କମିଟିରେ ୪୧ ଜଣ ସାଧାରଣ ସମ୍ପାଦକ ଓ ୨୨ ଜଣ ସମ୍ପାଦକ ମନୋନୀତ ହୋଇଛନ୍ତି। ପିସିସି ଓବିସି ବିଭାଗ ଅଧ୍ୟକ୍ଷ ବିଜୟାନନ୍ଦ ଚାଉଳିଆ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦେଇଛନ୍ତି।

# ୨୭ରେ 'ଓୟୁଟିଆର୍'ର ପ୍ରଥମ ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱର,୨୪।୨(ଅସମାପିକା ସାହୁ)

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର)ର ପ୍ରଥମ ସମାବର୍ତ୍ତନ ଉତ୍ସବ ଆସନ୍ତା ୨୭ ତାରିଖ ଦିନ ଅନୁଷ୍ଠିତ ହେବ। ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ ରଘୁବର ଦାସ ସଭାପତିତ୍ୱ କରିବେ। ବିଶ୍ୱବିଦ୍ୟାଳୟ ପରିସରରେ ୨୭ ତାରିଖ ପୂର୍ବାହ୍ନରେ ଏହି ଉତ୍ସବ ଅନୁଷ୍ଠିତ ହେବ ବୋଲି କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ କହିଛନ୍ତି। ପ୍ରଫେସର ବିଶ୍ୱାଳ କହିଛନ୍ତି, ପ୍ରଥମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡିଆରଡିଓ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ କମ୍ୟୁନିକେଶନ୍ ସିଷ୍ଟମ୍(ଇସିଏସ୍)ର ମହାନିର୍ଦ୍ଦେଶକ ଡ. ବିନୟ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଓ ପ୍ରମୁଖ ସଚିବ ଉଷା ପାଢ଼ୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମାବର୍ତ୍ତନ ଉତ୍ସବରେ ୨୦୨୧-୨୨ ଓ ୨୦୨୨-୨୩ ଶିକ୍ଷାବର୍ଷର ମୋଟ ୨,୦୯୨ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ସାର୍ଟିଫିକେଟ୍ ମିଳିବ। ଦୁଇ ବର୍ଷର ୬ ଟପ୍ପରଙ୍କୁ ସ୍ୱର୍ଣ୍ଣପଦକ ଓ ସବୁ ବିଭାଗର ଟପ୍ପରଙ୍କୁ ୬୪ଟି ସିଲ୍‌ଭର ମେଡାଲ ଦିଆଯିବ ବୋଲି କୁଳସଚିବ ରେଣୁପ୍ରଭା ନାୟକ ସୂଚନା ଦେଇଛନ୍ତି।

# ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ପାଚିକାଙ୍କ ଇପିଏଫ୍ ବୃଦ୍ଧି ନିର୍ଦ୍ଦେଶ

ଭୁବନେଶ୍ୱର,୨୪।୨(ବନ୍ଦନା ସେଠୀ)

ରାଜ୍ୟରେ ସ୍ୱୀକୃତିପ୍ରାପ୍ତ ଆଶାକର୍ମୀ, ଅଙ୍ଗନୱାଡି ଓ ପାଚିକା କର୍ମଚାରୀଙ୍କ ଏମ୍ପ୍ଲଇଜ୍ ପ୍ରୋଭିଡେଣ୍ଟ ଫଣ୍ଡସ୍ ଆଣ୍ଡ୍ ମିସ୍‌ଲେନିଅସ୍ ପ୍ରୋଭିଜନ୍ସ (ଇପିଏଫ୍ ଆଣ୍ଡ୍ ଏମ୍‌ପି)କୁ ବୃଦ୍ଧି କରିବା ପାଇଁ ଏମ୍ପ୍ଲଇଜ୍ ପ୍ରୋଭିଡେଣ୍ଟ ଫଣ୍ଡ୍ ଅର୍ଗାନାଇଜେଶନ୍ (ଇପିଏଫ୍‌ଓ) ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଆସିଷ୍ଟାଣ୍ଟ୍ ପ୍ରୋଭିଡେଣ୍ଟ ଫଣ୍ଡ୍ କମିଶନର ମୌସୁମୀ ଲତା ପାଢୀ ଫେବୃଆରୀ ୨୦ରେ ଶ୍ରମ ବିଭାଗ କମିଶନରଙ୍କୁ ଏକ ଚିଠି ଲେଖିଛନ୍ତି।

# ଖୋର୍ଦ୍ଧା ଜିଲା ଇପିଏଫ୍ ପେନ୍‌ସନର୍ସ ସଂଘର ଦ୍ୱିବାର୍ଷିକ ସାଧାରଣ ସଭା

## ପ୍ରଫୁଲ୍ଲ କୁମାର ଦାସ ସଭାପତି ମନୋନୀତ

ଭୁବନେଶ୍ୱର,୨୪।୨(ବନ୍ଦନା ସେଠୀ)

ଅଲ୍ ଓଡ଼ିଶା ଇପିଏଫ ପେନ୍‌ସନର୍ସ ଆସୋସିଏଶନ ଖୋର୍ଦ୍ଧା ଜିଲା କମିଟିର ତୃତୀୟ ଦ୍ୱିବାର୍ଷିକ ସାଧାରଣ ସଭା ଶନିବାର ବରମୁଣ୍ଡା କାଳୀମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କମିଟି ସଭାପତି ବିଜୟ କୁମାର ଜେନା ଓ ସର୍ବଭାରତୀୟ ଉପସଭାପତି ତଥା ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ଅତିଥି ଭାବେ ଯୋଗଦେଇ, ରାଜ୍ୟର ସମସ୍ତ ଇପିଏଫ୍ ପେନସନଧାରୀ ଏକତ୍ରିତ ହୋଇ ଦାବି ହାସଲ ପାଇଁ ଗଣତାନ୍ତ୍ରିକ ଲଢେଇ କରିବାକୁ ଆହ୍ୱାନ ଦେଇଥିଲେ। କେନ୍ଦ୍ରସରକାର ଇପିଏଫ୍ ପେନସନ୍‌ଧାରୀଙ୍କ ସର୍ବନିମ୍ନ ପେନ୍‌ସନ ୯ହଜାର ଟଙ୍କା ସହ ମହଙ୍ଗା ଭତ୍ତା ପ୍ରଦାନ ନ କରିବା ପର୍ଯ୍ୟନ୍ତ ଏ ଲଢେଇ ଚାଲୁ ରହିବ। ଆଗାମୀ ଦିନରେ ଏ ଆନ୍ଦୋଳନକୁ ଆହୁରି ଜୋରଦାର କରିବାକୁ ନେଇ ମତ ଦେଇଥିଲେ। ବର୍ଦ୍ଧିତ ପେନସନ ପ୍ରଦାନରେ ଇପିଏଫ୍ କର୍ମକର୍ତ୍ତାଙ୍କ ଟାଳଟୁଳ ନୀତିକୁ ଘୋର ନିନ୍ଦା କରିଥିଲେ। ଏହି ଅବସରରେ ସର୍ବସମ୍ମତିକ୍ରମେ ଆସନ୍ତା ଦୁଇବର୍ଷ ପାଇଁ କର୍ମକର୍ତ୍ତା ଓ ୧୪ ଜଣିଆ କାର୍ଯ୍ୟକାରୀ କମିଟି ସଭ୍ୟ ମନୋନୀତ କରାଯାଇଥିଲା। ପ୍ରଫୁଲ୍ଲ କୁମାର ଦାସ ସଭାପତି ଭାବେ ମନୋନୀତ ହୋଇଥିବାବେଳେ ପ୍ରକାଶ ପଟ୍ଟନାୟକ ସମ୍ପାଦକ, ସଚ୍ଚିଦାନନ୍ଦ ସାମନ୍ତରାୟ ଓ ସରୋଜକାନ୍ତ ମଲ୍ଲିକ ଉପସଭାପତି, ବିଜୟ ପଟ୍ଟନାୟକ ଓ ନବକିଶୋର ରଣା ଯୁଗ୍ମସମ୍ପାଦକ, ମିହିର ରାୟ ସଂଗଠକ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଉପଦେଷ୍ଟା ବିପିନ ପାଢୀ ଓ ନଟବର ଆଚାର୍ଯ୍ୟ ଯୋଗଦେଇ ସଂଘର ଉନ୍ନତି କାମନା କରିଥିଲେ।

# ପ୍ରଶଂସା ସାଉଣ୍ଟୁଛି ଜୀ-ସାର୍ଥକର 'ସୁନା ଝିଅ'



ଭୁବନେଶ୍ୱର,୨୪।୨ (ଅନୁରାଧା ମହାରଣା)

ମନୋରଞ୍ଜନ ଚ୍ୟାନେଲ ଜୀ-ସାର୍ଥକରେ ପ୍ରସାରିତ ହେଉଥିବା ମେଗା ଧାରାବାହିକ 'ସୁନା ଝିଅ' ଓଡିଆ ଦର୍ଶକଙ୍କ ସୁନା ଝିଅ ହେବାରେ ସଫଳ ହୋଇଛି। ଗୀତାଞ୍ଜଳି ମାନସିଂହ ଏବଂ ତାଙ୍କର ତିନି ଝିଅ ପ୍ରିୟା, ପଲ୍ଲଭି ଓ ପୁରଭିଙ୍କୁ ନେଇ ଗତିଶୀଳ ଏହି କାହାଣୀ ବର୍ତ୍ତମାନ ଦର୍ଶକଙ୍କ ପ୍ରଶଂସା ସାଉଣ୍ଟିବାରେ ଲାଗିଛି। ପ୍ରିୟା ଓ ବିଷ୍ଣୁଙ୍କ ବିବାହ ପରବର୍ତ୍ତୀ ଯାତ୍ରାକୁ ନେଇ କାହାଣୀଟି ସଫଳତାର ସହ ଆଗେଇ ଚାଲିଛି। ଦୀର୍ଘ ୨୫ ବର୍ଷର ସଂଘର୍ଷ ପରେ ପ୍ରିୟା ବର୍ତ୍ତମାନ ଜଣେ ବିଡିଓ ହୋଇପାରିଛନ୍ତି। କିନ୍ତୁ ଏହି ଜୀବନ ଯାତ୍ରାରେ ସେ ନିଜ ପିଲାକୁ ହରାଇଛନ୍ତି। ଅନ୍ୟପଟେ ଦେବରାଜ ଓ ନେତ୍ରା ଦ୍ୱାରା ସୃଷ୍ଟି ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପ୍ରିୟା କିପରି କରିବ ତାହା ଆଗକୁ ଦେଖିବାର ଅଛି। ଓଡିଆ ମହିଳାଙ୍କ ସଂସ୍କୃତି ଏବଂ ସରଳତାକୁ ପ୍ରତିଫଳିତ କରୁଥିବା ଚରିତ୍ରର ଅସାଧାରଣ କାହାଣୀକୁ ଜୀ-ସାର୍ଥକ ସଦାସର୍ବଦା ତା'ର ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଦର୍ଶକଙ୍କୁ ଦେଖାଇଛି ଆସିଛି। ପରିବାର ମଧ୍ୟରେ ରାଗରୁଷା, ମାନ ଅଭିମାନ, ଷଡଯନ୍ତ୍ର ଓ ଭଲପାଇବା ଉପରେ ଆଧାରିତ ଏହି କାହାଣୀ ଦର୍ଶକଙ୍କୁ ଏକ ନୂଆ ଅନୁଭବ ଦେଉଛି ବୋଲି କହିଛନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ କହିଛନ୍ତି।

# ପୋଲିସ ସହ ଗୁଳି ବିନିମୟ, ଜଣେ ମାଓବାଦୀ ମୃତ

ମାଲକାନଗିରି,୨୪।୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲାରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ଜଣେ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ଶନିବାର ସକାଳେ ଡିଆର୍‌ଜି ଯବାନମାନେ ସୁକ୍‌ମା ଜିଲା ବୁର୍କଲଙ୍କା ଅଞ୍ଚଳରେ ସର୍ଚ୍ଚ ଅପରେଶନ କରୁଥିବା ସମୟରେ ସେହି ଅଞ୍ଚଳରେ କେତେଜଣ ମାଓବାଦୀ ବୈଠକ କରୁଥିବା ଜଣାପଡିଥିଲା। ତେବେ ଯବାନମାନେ ଆସୁଥିବା ଜାଣି ମାଓବାଦୀମାନେ ଯବାନମାନଙ୍କ ଉପରେ ଗୁଳି ଚାଳନା କରିଥିଲେ। ପାଲଟା ଜବାବରେ ଯବାନମାନେ ମଧ୍ୟ ଗୁଳି ଚାଳନା କରିବା ପରେ ଯବାନଙ୍କ ଆକ୍ରମଣକୁ ସାମ୍ନା କରି ନ ପାରି ମାଓବାଦୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପରେ ସର୍ଚ୍ଚ ଅପରେଶନ ସମୟରେ ଜଣେ ମାଓବାଦୀଙ୍କ ମୃତଦେହ ଜବତ ହୋଇଛି। ମୃତ ମାଓବାଦୀଙ୍କ ପରିଚୟ ମିଳିନାହିଁ।

ପ୍ରଥମ ପୃଷ୍ଠାରୁ...

## ୨୨ ବର୍ଷ ପରେ...

ବିସ୍ଫୋରକ ନିରୋଧ ଆଇନ ଅନୁଯାୟୀ ଯୁଗଳ ନାହାକଙ୍କୁ ଆଘାତ କରିଥିବାରୁ ଦଫା ୩୨୬ ଅନୁସାରେ ଅତିରିକ୍ତ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦୟ ୧ ବର୍ଷ ଅଧିକ ସଶ୍ରମ କାରାଦଣ୍ଡ ଭୋଗିବାକୁ କୋର୍ଟ କହିଛନ୍ତି। ଅନ୍ୟପକ୍ଷେ ଏହି ମାମଲାର ୨ ଅଭିଯୁକ୍ତଙ୍କ ତଦନ୍ତ ପ୍ରକ୍ରିୟା ଚାଲିଥିବା ବେଳେ ପରଲୋକ ଘଟିଥିଲା। ଅନ୍ୟ ୧୦ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅତିରିକ୍ତ ସରକାରୀ ଓକିଲ ଇନ୍ଦୁଭୂଷଣ ମିଶ୍ର ଏହି ମାମଲାକୁ ପରିଚାଳନା କରିଥିଲେ।

## ଜୁଲାଇରୁ ୩ ନୂଆ ...

ପାର୍ଲାମେଣ୍ଟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଉପରୋକ୍ତ ୩ ଆଇନ ସମ୍ପର୍କିତ ବିତର୍କ ବେଳେ କେତେକ ପ୍ରଶ୍ନର ଉତ୍ତର ଦେଇ କହିଥିଲେ, ଏଥିରେ ଦଣ୍ଡ ଅପେକ୍ଷା ନ୍ୟାୟକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଭାରତୀୟ ନ୍ୟାୟ ସଂହିତାରେ ପ୍ରଥମ ଥର ପାଇଁ ଆତଙ୍କବାଦର ସଂଜ୍ଞା ନିରୂପଣ କରାଯାଇଛି, ଯାହାକି ଆଇପିସିରେ ନ ଥିଲା। ସେହିପରି ଦେଶଦ୍ରୋହ ଆଇନକୁ ଉଚ୍ଛେଦ କରାଯାଇ ରାଷ୍ଟ୍ର ବିରୋଧରେ ଏକ ଅପରାଧ ରୂପେ ସନ୍ନିବେଶିତ କରାଯାଇଛି। ବିଚ୍ଛିନ୍ନତାବାଦୀ କାର୍ଯ୍ୟ, ସଶସ୍ତ୍ର ବିଦ୍ରୋହ, ବିଧ୍ୱଂସକ ଗତିବିଧି କିମ୍ବା ଦେଶର ସାର୍ବଭୌମତ୍ୱ ବା ଏକତା ପ୍ରତି ବିପଦ ସୃଷ୍ଟି ଭାରତୀୟ ନ୍ୟାୟ ସଂହିତାରେ ଦେଶଦ୍ରୋହ ଆଇନର ନୂଆ ଅବତାର ପାଇଛି। କୌଣସି ବ୍ୟକ୍ତି ଜାଣତରେ ହେଉ କି ଅଜାଣତରେ ଲିଖିତ/ ଉଚ୍ଚାରିତ/ ସାଙ୍କେତିକ/ବୈଦ୍ୟୁତିକ ମୋଡ୍‌ରେ ବିଚ୍ଛିନ୍ନତାବାଦୀ କାର୍ଯ୍ୟକୁ ପ୍ରୋତ୍ସାହିତ କଲେ ୭ ବର୍ଷ ଜେଲଦଣ୍ଡ ଭୋଗିବା ସହ ଜରିମାନା ମଧ୍ୟ ଦେବେ। ଆଇପିସିରେ ଦେଶଦ୍ରୋହ ମାମଲାରେ ୩ ବର୍ଷରୁ ଆଜୀବନ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ବ୍ୟବସ୍ଥା ରହିଥିଲା। ନୂଆ ଆଇନ କେବଳ ଭାରତରେ ନୁହେଁ, ଦେଶ ବାହାରେ ମଧ୍ୟ କେହି ଏପରି ଅପରାଧ ଘଟାଇଲେ ତାଙ୍କ କ୍ଷେତ୍ରରେ ଲାଗୁହେବ। ଏଥିରେ ସଙ୍ଗଠିତ ଅପରାଧ, ଭିଡ଼ହିଂସା, ମିଥ୍ୟା ପ୍ରତିଶ୍ରୁତି ଦେଇ ମହିଳାଙ୍କୁ ଯୌନ ଶୋଷଣ, ଲୁଟ୍, ଭାରତ ବାହାରେ ଆପରାଧିକ କାର୍ଯ୍ୟ, ମିଥ୍ୟା ଖବର ପ୍ରକାଶନ ସମେତ ୨୦ ନୂଆ ଅପରାଧକୁ ଯୋଡ଼ାଯାଇଛି। ନୂଆ ଆଇନରେ ମାଜିଷ୍ଟ୍ରେଟ୍‌ଙ୍କ ଜରିମାନା କ୍ଷମତାକୁ ବୃଦ୍ଧି କରାଯାଇଛି। ବିସ୍ତୃତ ବିଚାରବିମର୍ଶ ପରେ ପ୍ରତ୍ୟେକ କମା ଓ ପୂର୍ଣ୍ଣଚ୍ଛେଦକୁ ମଧ୍ୟ ପାର୍ଲାମେଣ୍ଟରେ ଆଗତ ପୂର୍ବରୁ ଅନୁଧ୍ୟାନ କରାଯାଇଥିବା ବିଷୟ ଶାହା କହିଥିଲେ।

## ଛୁଟିରେ କୁଲାଙ୍ଗେ, ...

୨୩ ତାରିଖ(ଶୁକ୍ରବାର) ବିଏମ୍‌ସି ବୈଠକରେ ନିଆଯାଇଥିବା ନିଷ୍ପତ୍ତି ହିଁ ତାଙ୍କୁ ମହଙ୍ଗା ପଡ଼ିଛି ବୋଲି ଆଲୋଚନା ହେଉଛି। ବିଏମ୍‌ସି ବୈଠକରେ ମେୟର, ଡେପୁଟି ମେୟର ଓ କର୍ପୋରେଟରମାନେ ଉପସ୍ଥିତ ଥିଲେ। ଏଥିରେ କୁଲାଙ୍ଗେ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ବୈଠକ ଶେଷରେ ମେୟରଙ୍କୁ ସିଟିଂ ଆଲାଉନ୍ସ ବାବଦରେ ୫୦ ହଜାର ଟଙ୍କା, ଡେପୁଟି ମେୟରଙ୍କୁ ୨୫ ହଜାର ଟଙ୍କା ଏବଂ କର୍ପୋରେଟରଙ୍କୁ ୧୦ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ସମସ୍ତ ଅର୍ଥ ବିଏମ୍‌ସି ପାଣ୍ଠିରୁ ଭରଣା କରାଯିବ ବୋଲି କୁଲାଙ୍ଗେ ବୈଠକ ଶେଷରେ ଗଣମାଧ୍ୟମକୁ କହିଥିଲେ। ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ଅନୁମତି ନ ଥିଲା। ତେଣୁ ତୁରନ୍ତ ଏହି ଘୋଷଣା ପ୍ରତ୍ୟାହାର କରିବାକୁ କମିଶନରଙ୍କୁ ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ବିଏମ୍‌ସି ପକ୍ଷରୁ ଶୁକ୍ରବାର ରାତି ୮ଟା ୨୦ ମିନିଟରେ ଏକ ସ୍ପଷ୍ଟୀକରଣ(କ୍ଲାରିଫିକେଶନ) ଦିଆଯାଇଥିଲା। ଏଥିରେ କୁହାଯାଇଥିଲା ଯେ, ବିଏମ୍‌ସି କର୍ପୋରେଶନ ବୈଠକରେ କର୍ପୋରେଟର, ଡେପୁଟି ମେୟର ଏବଂ ମେୟରଙ୍କ ଭତ୍ତା ବୃଦ୍ଧି ନେଇ ହୋଇଥିବା ରିଜୋଲ୍ୟୁଶନ ଏକ ତଥ୍ୟଭିତ୍ତିକ ତ୍ରୁଟି(ଫାକ୍ଟୁଆଲ ଏରର)। ଏହା ବିଏମ୍‌ସିର ଏକ ପ୍ରସ୍ତାବ। ଏଥିପାଇଁ ସରକାରଙ୍କ ଅନୁମତି ଜରୁରୀ। କମିଶନରଙ୍କ ପକ୍ଷରୁ ଦିଆଯାଇଥିବା ବିବୃତିକୁ ପ୍ରତ୍ୟାହାର କରାଗଲା ବୋଲି ସ୍ପଷ୍ଟୀକରଣରେ ଦର୍ଶାଯାଇଥିଲା। ଏହାର ପ୍ରାୟ ୧ ଘଣ୍ଟା ପରେ ଅର୍ଥାତ୍ ୯ଟା ୧୦ ମିନିଟ୍‌ରେ ବିଏମ୍‌ସି ଡେପୁଟି କମିଶନର(ପିଆର)ଙ୍କ ଦସ୍ତଖତରେ ଆଉ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଥିଲା। ଏଥିରେ ଉଲ୍ଲେଖ କରାଯାଇଥିଲା ଯେ କର୍ପୋରେଟର, ଡେପୁଟି ମେୟର ଓ ମେୟରଙ୍କ ଭତ୍ତା ବୃଦ୍ଧି ନେଇ ବିଏମ୍‌ସି କମିଶନରଙ୍କ ପକ୍ଷରୁ ଆଜିର ଯେଉଁ ଘୋଷଣା କରାଯାଇଛି ତାହା ଏକ ତଥ୍ୟଭିତ୍ତିକ ତ୍ରୁଟି। ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ଏହା ବିଏମ୍‌ସିର ଏକ ପ୍ରସ୍ତାବ ଥିଲା। କମିଶନରଙ୍କ ଭତ୍ତା ସମ୍ପର୍କିତ ବିବୃତିକୁ ପ୍ରତ୍ୟାହାର କରାଯାଉଛି ବୋଲି ଦର୍ଶାଯାଇଥିଲା। ଘନଘନ ସ୍ପଷ୍ଟୀକରଣ ପରେ ମଧ୍ୟ କୁଲାଙ୍ଗେଙ୍କ ସମସ୍ୟାର ଅନ୍ତ ହୋଇ ନ ଥିଲା। ସରକାରଙ୍କ ପକ୍ଷରୁ କଡ଼ା ତାଗିଦ୍ ଯୋଗୁ କୁଲାଙ୍ଗେ ନିଜକୁ ଅସମ୍ମାନିତ ବୋଧକରି ୧ ମାସ ଛୁଟିରେ ଯାଇଥିବା ନେଇ ଚର୍ଚ୍ଚା ହେଉଛି। ଶୁକ୍ରବାର ରାତିରେ ହିଁ କୁଲାଙ୍ଗେଙ୍କୁ ୧ ମାସ ଛୁଟିରେ ଯିବା ପାଇଁ ସରକାର ଅନୁମତି ଦେଇ ତାଙ୍କ ସ୍ଥାନରେ ପାଟିଲଙ୍କୁ ବିଏମ୍‌ସି କମିଶନର ଦାୟିତ୍ୱ ନେବାକୁ ବିଜ୍ଞପ୍ତି ଜାରି କରିଥିଲେ। ସୂଚନାଯୋଗ୍ୟ, କୁଲାଙ୍ଗେ ଗଞ୍ଜାମ ଜିଲାପାଳ ଥିବାବେଳେ ସରକାରଙ୍କ ଗୁଡ୍ ବୁକ୍‌ରେ ଥିଲେ। ସେଠାରୁ ତାଙ୍କୁ ବିଏମ୍‌ସି କମିଶନର ଭାବେ ବଦଳି କରାଯାଇଥିଲା। ଲୋକମାନଙ୍କର ଅଭିଯୋଗର ତୁରନ୍ତ ସମାଧାନ ଦିଗରେ ମଧ୍ୟ ସେ କାର୍ଯ୍ୟ କରୁଥିଲେ।

# ଶିମିଳିପାଳ ପାଦଦେଶରେ ଅଫିମ ଚାଷ

## ପୋଲିସ, ଅବକାରୀ ବିଭାଗ ମିଳିତ ଚଢ଼ାଉ: ପୃଥକ୍ ମାମଲା ରୁଜୁ

### ୧୩ ହଜାର ଗଛ ପୋଡ଼ି ନଷ୍ଟ କରାଗଲା

ବାରିପଦା, ୨୪।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ପାଦଦେଶରେ ଚାଲିଥିଲା ଅଫିମ ଚାଷ। ପୋଲିସ ଓ ଅବକାରୀ ବିଭାଗ ମିଳିତ ଭାବେ ଶନିବାର ଚଢାଉ କରି ଦୁଇଟି ସ୍ଥାନରେ ହୋଇଥିବା ୧୩ହଜାର ଅଫିମ ଗଛକୁ ପୋଡି ନଷ୍ଟ କରିଛନ୍ତି। ଯାହାର ଆନୁମାନିକ ମୂଲ୍ୟ ୨୬ଲକ୍ଷ ୧୩ହଜାର ଟଙ୍କା ହେବ। ଏ ସଂକ୍ରାନ୍ତରେ ପୋଲିସ ପୃଥକ ମାମଲା ରୁଜୁ କରିଥିବା ବେଳେ କାହାରିକୁ ଗିରଫ କରିବାରେ ସଫଳ ହୋଇପାରିନାହିଁ।

ଯଶୀପୁର ଥାନା ଅଧୀନ ଶିମିଳିପାଳ ସଂଲଗ୍ନ ପଡାଗଡ ପଞ୍ଚାୟତର ବୁନ୍ଦେଇପୋଷି ଓ ଧଳବଣି ପଞ୍ଚାୟତର ଠାକୁରଗୋଡା ଗ୍ରାମରେ ଅଫିମ ଚାଷ ହୋଇଥିବା ପୋଲିସ ଖବର ପାଇଥିଲା।


ଶିମିଳିପାଳ ସଂଲଗ୍ନ ଠାକୁରଗୋଡା ଗ୍ରାମରେ ହୋଇଥିବା ଅଫିମ ଚାଷ।

ମୟୂରଭଞ୍ଜ ଏସ୍‌ପି ଏସ୍. ସୁଶ୍ରୀଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢାଉ କରାଯାଇଥିଲା। ମାଜିଷ୍ଟ୍ରେଟ ଭାବେ ଯଶୀପୁର ତହସିଲଦାରଙ୍କ ନେତୃତ୍ୱରେ କରଞ୍ଜିଆ ଏସ୍‌ଡିପିଓ, ଯଶୀପୁର ଆଇଆଇସି, ଅବକାରୀ ଓ ବନବିଭାଗ ସଦଳବଳେ ପଡାଗଡ ପଞ୍ଚାୟତର ବୁନ୍ଦେଇପୋଷି ଗ୍ରାମରେ ପହଞ୍ଚି ୭ ଡିସିମିଲ ଜମିରେ ୩ହଜାର ଅଫିମ ଗଛକୁ ଓପାଡି ପୋଡି ନଷ୍ଟ କରିଥିଲେ। ଯାହାର ବଜାର ମୂଲ୍ୟ ୬ଲକ୍ଷ ଟଙ୍କା। ସେହିପରି ଧଳବଣି ପଞ୍ଚାୟତ ଠାକୁରଗୋଡା ଗ୍ରାମରେ ପହଞ୍ଚି ୨୧ ଡିସିମିଲ ଜମିରେ ୧୦ହଜାର ଅଫିମ ଗଛକୁ ପୋଡି ନଷ୍ଟ କରିଛନ୍ତି। ଯାହାର ବଜାର ମୂଲ୍ୟ ୨୦ଲକ୍ଷ ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଏନେଇ ଯଶୀପୁର ପୋଲିସ ପକ୍ଷରୁ ଏନଡିପିଏସ୍ ଆକ୍ଟରେ ପୃଥକ ମାମଲା ରୁଜୁ ସହିତ ମିଳିତ ବିଭାଗର କର୍ମଚାରୀ ଗୋଟି ଗୋଟି ଗଛ ଓପାଡି ଠୁଳ କରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କିରୋସିନ ଢାଳି ନିଆଁ ଲଗାଇ ନଷ୍ଟ କରିଛନ୍ତି। ଘଟଣାରେ କାହାରିକୁ ଗିରଫ କରାଯାଇ ନ ଥିବା ପୋଲିସ ଡିଏସ୍‌ପି ଦୋଳମଣି ଭୋଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ଶିକାର ଓ ଶିକାରୀଙ୍କ ଉପରେ ଅଙ୍କୁଶ ଆଣିବା ପାଇଁ ଯୁଗ୍ମ ଟାସ୍କଫୋର୍ସ ନିୟୋଜନ ସହିତ ବ୍ୟାପକ ଧରପଗଡ ପରେ ରେକର୍ଡ ସଂଖ୍ୟକ ବନ୍ଧୁକ ଜବତ କରାଯାଉଥିବା ବେଳେ ଶିମିଳିପାଳ ସଂଲଗ୍ନ ଅଞ୍ଚଳରେ ଅଫିମ ଚାଷ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ADMISSION OPEN**
**B.Ed, M.Ed, B.P.Ed.**
Equivalent of Utkal University
Lowest Fees
**Odisha School of Professional Studies**
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
**7008096933**
**9692828174**

**SHUBHRA RANJAN**
Always Ahead
Delhi's Best IAS Institute now in Bhubaneswar
**GS FOUNDATION COURSE**
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
**COURSE FEATURES**
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

**MODULAR COURSES**
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭୋଜପୁରୀ ଗୀତରେ ନାଚିଲେ ବିଦେଶିନୀ

ଲକ୍ଷ୍ନୌ

ଭାରତୀୟ ବିବାହରେ ବରଯାତ୍ରୀ ପ୍ରସେସନ୍‌ର ଏକ ଭିନ୍ନ ଆକର୍ଷଣ ରହିଛି, ଯେଉଁଠାରେ ବରର ସମ୍ପର୍କୀୟମାନେ ବିଭିନ୍ନ ଗୀତର ତାଳେ ତାଳେ ନାଚି ନାଚି କନ୍ୟାପକ୍ଷଙ୍କ ନିକଟକୁ ଆସିଥାନ୍ତି। ଏହି ବିବାହ ଶୋଭାଯାତ୍ରାରେ ବିଭିନ୍ନ ବାଦ୍ୟଯନ୍ତ୍ର ସହ ଡିଜେ'ର ତାଳେ ତାଳେ ଲୋକମାନେ ନାଚିବାକୁ ବାଧ ହୋଇଥାନ୍ତି। ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଏପରି ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ କିଛି ବିଦେଶୀ ମହିଳା ଏକ ଭୋଜପୁରୀ ଗୀତରେ ନାଚୁଥିବାର ନଜର ଆସୁଛନ୍ତି।

ଏହି ଭିଡିଓଟି ଉତ୍ତରପ୍ରଦେଶ ଲକ୍ଷ୍ନୌର ହୋଇଥିବା ଜଣାପଡ଼ିଛି। ସହରର ଗୋଟିଏ ରାସ୍ତାରେ ଏକ ବରଯାତ୍ରୀ ପ୍ରସେସନ୍ ଯାଉଥିବା ବେଳେ, ଏଠାରେ କେତେଜଣ ବିଦେଶୀ ମହିଳା ଏକ ଭୋଜପୁରୀ ଗୀତର ତାଳେ ତାଳେ ନାଚୁଥିବା ଦେଖିବାକୁ ମିଳିଛି। ବିଦେଶୀ ମହିଳାମାନେ ଉକ୍ତ ଭୋଜପରୀ ଗୀତଟିକୁ ବୁଝି ନ ପାରିଲେ ମଧ୍ୟ ଭଲ ଭାବେ ଉପଭୋଗ କରୁଥିବା ଲକ୍ଷ୍ୟ କରାଯାଉଛି। ଭୋଜପୁରୀ ଗୀତର ତାଳେ ତାଳେ ବିଦେଶୀ ମହିଳାମାନଙ୍କର ଏହି ନାଚକୁ କିଛି ଲୋକ ନିଜ କ୍ୟାମେରାରେ ରେକର୍ଡ କରୁଥିବା ମଧ୍ୟ ଭିଡିଓରୁ ଜଣାପଡୁଛି। ବର୍ତ୍ତମାନ ଏହି ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାରେ ଲାଗିଥିବାବେଳେ ଅନେକ ୟୁଜର୍ସ ଏହାକୁ ବେଶ୍ ପସନ୍ଦ କରୁଛନ୍ତି। କେତେଜଣ ଲୋକ ବିଦେଶିନୀଙ୍କ ଏପରି ନାଚକୁ ଉତ୍ତରପ୍ରଦେଶର ଜଲ୍‌ୱା ବୋଲି କହି କମେଣ୍ଟ କରିଛନ୍ତି।



# ପୁଅର ଝଲକ ଦେଖାଇଲେ ବିକ୍ରାନ୍ତ

ମୁମ୍ବାଇ

ଏବେ ବିକ୍ରାନ୍ତ ମେସି ବହୁତ ଖୁସି ଅଛନ୍ତି। ନିକଟରେ ବିକ୍ରାନ୍ତଙ୍କ ପତ୍ନୀ ଶୀତଲ ଠାକୁର ୭ ଫେବୃଆରୀରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ପୁଅ ଜନ୍ମ ହେବାର ୧୪ ଦିନ ପରେ ଅଭିନେତା ତାଙ୍କ ପୁଅର ଚେହେରା ଏବଂ ନାମ ପ୍ରକାଶ କରିଛନ୍ତି। ସେ ନିଜ ପୁଅର ପ୍ରଥମ ଝଲକ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ନିଜ ପ୍ରଶଂସକଙ୍କୁ ଦେଖାଇଛନ୍ତି।

ବିକ୍ରାନ୍ତ ମେସି ପତ୍ନୀ ଶୀତଲ ଠାକୁରଙ୍କ ସହ ମିଳିତ ଭାବେ ଏହି ପୋଷ୍ଟ ଶେୟାର କରିଛନ୍ତି। ପୋଷ୍ଟରେ ସେ ତାଙ୍କ ପୁଅର ନାମ 'ବରଦାନ ହୋଇଥିବା' ପ୍ରକାଶ କରିଛନ୍ତି। ଏହି ପୋଷ୍ଟରେ ବିକ୍ରାନ୍ତ ଦୁଇଟି ଫଟୋ ଶେୟାର କରିଛନ୍ତି। ପ୍ରଥମ ଫଟୋରେ ବିକ୍ରାନ୍ତ ଏବଂ ଶୀତଲ ଠାକୁର ଗୋଲାପୀ ପୋଷାକରେ ହସୁଥିବା ଦେଖିବାକୁ ମିଳୁଛି। ଏହି ଫଟୋରେ ଶୀତଲଙ୍କ କୋଳରେ ଶୋଇଥିବା ତାଙ୍କ ପୁଅ 'ବରଦାନ' ବହୁତ ସୁନ୍ଦର ଦେଖାଯାଉଛି। ଦ୍ୱିତୀୟ ଫଟୋରେ ଏକ ସୁନ୍ଦର ଖେଳନା ଥିବାବେଳେ ଏଥିରେ 'ବରଦାନ' ନାମ ଲେଖାହୋଇଛି। ସୂଚନାଯୋଗ୍ୟ, ଚଳିତ ମାସ ଆରମ୍ଭରେ, ବିକ୍ରାନ୍ତ ଏବଂ ଶିତଲ ବରଦାନଙ୍କ ଜନ୍ମ ବିଷୟରେ ସୂଚନା ଦେଇ ଏକ ପୋଷ୍ଟ ଶେୟାର କରିଥିଲେ। ପୁଅର ଜନ୍ମରେ ଉଭୟ ଏହି ପୋଷ୍ଟରେ ଖୁସି ବ୍ୟକ୍ତ କରିଥିଲେ। ଏହି ପୋଷ୍ଟରେ କମେଣ୍ଟ ମାଧ୍ୟମରେ ରସିକା ଡଗଲ, ଭୁମି ପେଡନେକର ଶୋଭିତା ଧୁଳିପାଲାଙ୍କ ପରି ଅନେକ କଳାକାର ଅଭିନନ୍ଦନ ଜଣାଇଥିଲେ।





# ଫୁଡ୍ ବ୍ଲଗର ହେବାକୁ ଚାହାନ୍ତି କାର୍ତ୍ତିକ୍ ଆର୍ଯ୍ୟନ

**ବେଙ୍ଗାଲୁରୁ:** ନିକଟରେ ସାମାଜିକ ଗଣମାଧ୍ୟମ ଇନ୍‌ଷ୍ଟାଗ୍ରାମରେ ବଲିଉଡ୍ ଅଭିନେତା କାର୍ତ୍ତିକ୍ ଆର୍ଯ୍ୟନ୍‌ଙ୍କର ଏକ ପୋଷ୍ଟକୁ ନେଇ ଏବେ ବେଶ୍ ଚର୍ଚ୍ଚା ଲାଗିରହିଛି। ସେ ଏହି ପୋଷ୍ଟରେ ଅଭିନୟ ଛାଡ଼ି ଫୁଡ୍ ବ୍ଲଗର୍ ହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ନିକଟରେ କାର୍ତ୍ତିକ ବୋର୍ଡ ଅଫ୍ କ୍ରିକେଟ୍ କଣ୍ଟ୍ରୋଲ ଅଫ୍ ଇଣ୍ଡିଆ(ବିସିସିଆଇ) ଦ୍ୱାରା ଆୟୋଜିତ ୱିମେନ୍ ପ୍ରିମିଅର୍ ଲିଗ୍ (ଡବ୍ଲୁପିଏଲ୍) ୨୦୨୪ର ଉଦ୍‌ଘାଟନୀ ସମାରୋହରେ ଯୋଗଦେବାକୁ ବେଙ୍ଗାଲୁରୁରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମ ପରେ କାର୍ତ୍ତିକ ସହରର ବିଭିନ୍ନ ସ୍ଥାନ ଭ୍ରମଣ କରି ସେଠାରେ ଥିବା ସ୍ୱାଦିଷ୍ଟ ଖାଦ୍ୟର ମଜା ନେଇଥିଲେ। କାର୍ତ୍ତିକ୍ ଏନେଇ ନିଜ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଅନେକ ଫଟୋ ଶେୟାର କରିଛନ୍ତି। ଅଭିନେତା ଜଣଙ୍କ ସେଠାରେ ଥିବା ସୁସ୍ୱାଦୁ ଖାଦ୍ୟ ଦ୍ୱାରା ଏତେ ପ୍ରଭାବିତ ହୋଇଥିଲେ ଯେ, ସେ ଫୁଡ ବ୍ଲଗର୍ ହେବାକୁ ଚାହୁଁଥିବା ନିଜ ପୋଷ୍ଟରେ ଉଲ୍ଲେଖ କରିଥିଲେ। ଉକ୍ତ ପୋଷ୍ଟରେ କାର୍ତ୍ତିକ୍ ଲେଖିଛନ୍ତି, ବେଙ୍ଗାଲୁରୁର ବିଭିନ୍ନ ସ୍ଥାନରେ ଥିବା ଅନେକ ପ୍ରକାରର ସୁସ୍ୱାଦୁ ଖାଦ୍ୟ ଚାଖିବା ପରେ ଏବେ ମୁଁ ଫୁଡ୍ ବ୍ଲଗର୍ ହେବାକୁ ଚିନ୍ତା କରୁଛି।


# Classified Everyday
**0674-2580101, 2549949**



MATRIMONIAL

**GROOM WANTED**

Age-34, Government Job Divorce ଖଣ୍ଡାୟତ ଝିଅଙ୍କୁ ଯେକୌଣସି ଜାତିର ପୁଅ ଦରକାର। 8658267680. D-2579

Beautiful Karan girl 1998, 5'8"MSC(Geology)Serving Geologist Jindalsteel "SUNASANSAR". 9937512659, 8249969649. D-75918



REAL ESTATE

**SALE**

**Ready to move 2BHK and 3BHK flat for sale near TATA Ariana at Kalinga Vihar. Contact- 9437309741.** D-2609

Bhubaneswar Infocity-2 Reserve Bank ପାଖରେ ନଗଦ ଘର କରିବା ପାଇଁ 8000sqft. ଘରବାଡ଼ି ପ୍ଲଟ୍ ବିକ୍ରିହେବ। 9438859527. D-75920

ଢେଙ୍କାନାଳ ସହର ରାଧାକୃଷ୍ଣ ବଜାର ଅଞ୍ଚଳରେ ଘରବାରି ବିକ୍ରି ହେବ। ଯୋଗାଯୋଗ- ୯୯୩୮୩୦୫୬୦୦। ଧ-୭୫୪୯୨

**ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ପିଚୁ ରାସ୍ତାକୁ ଲାଗି ଘରବାଡ଼ି ପାଚେରି ପ୍ଲଟ୍ ପଟାରୁ ବିକ୍ରି ହେବ। 9827119799.** D-2605

Bhubaneswar Sundarpada roadରେ ଦଧିବାମନପୁର ମୌଜା yellowzone ଘରବାରି 30' ରୋଡ୍ ଥାଇ plot sqft.-1200/- ବିକ୍ରିହେବ। Biswajit-7008184348. D-71067

**Commercial plot, facing to NH Road Nakhara to Niali NH 10000sqft., 3sides road, 2-residential cum commercial plot 3250sft., 3-Residential plot in a Brahmin Complex 5700sft., 4-Residential plot near Petal English Medium School 750/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75710

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛଡାବର Bypass sqft.-500/-. 9776974912. D-75919

Plot sale near AIIMS Hospital, Bhubaneswar and duplex sale @57,00,000/-. 9777433701. D-75915

**House for sale at Bhubaneswar Jayadeb Bihar Behind HDFC Bank, near Petrol Pump Bishnupriya Apartment, 2 Bed Rooms, Dining & Drawing Room, Kitchen, 2 Bath Rooms, 1 Balcony. SBA 910sqft. Carpet Area 750sqft. on top Floor, Parking out side Apartment Wall. Contact: 9937094663.** D-2591

New Cancer Hospital ନାଇଜର, ଜଟଣୀ yellowzone BDA ୨୦୦ଫୁଟ ରାସ୍ତାକୁ ଲାଗି 400-800sqft.ରେ ଜାଗା ବିକ୍ରି ହେଉଛି। 8249693292. D-75200

4800sqft. residential land, near to National highway and Cifa at Uttara Chhaka, Bhubaneswar. Call- 8917520527. D-2613

**Gharabari plot 1100sf. near Lingaraj Temple, no litigation, Direct Owner, Immediate sale. 9178924698.** D-2545

**3BHK Semifurnished flats at Jharpada 80' road side. Contact- 9437307086, 7978209277, 7008789347.** D-2493

**Flat for sale 2BHK, 3 BHK near Grand Bazar, Phulnakhara, close to NH-16. 7846819129.** D-75914

Duplex project at Retanga Medical Station near C.V. Raman University Tamando, Bhubaneswar. 7008459987. D-75912

ଭୁବନେଶ୍ୱର ଭୁଆସୁଣୀ ମନ୍ଦିର ପାଖ ଗଙ୍ଗପଡ଼ା ମୌଜାରେ NH-16କୁ ଲାଗି 100ମି. ଦୂରରେ ଘରବାରି ପାଚେରି ସହିତ 1500/- କିଣି ଘର କରନ୍ତୁ। 9938066403, 9438315973. D-2568

ସ୍ଥିତିବାନ୍ ଗୃହୋପଯୋଗୀ ପ୍ଲଟ୍ NH-16ର ପିତାପଲ୍ଲୀରେ ୬୦ଫୁଟ୍, ୩୦ଫୁଟ୍ ରାସ୍ତା ଥାଇ ସଙ୍ଗେସଙ୍ଗେ ହସ୍ତାନ୍ତର ସହ ସୁଲଭ ମୂଲ୍ୟରେ ଉପଲବ୍ଧ। 8867080780. D-75908

**Readymade 2/3BHK premium flat at prime location of Jayadev Vihar Chhak. Contact- 9437307086, 7978209277, 7008789347.** D-2494

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



CONSTRUCTION

**Construct your dream home @899/-, 1399/- includes Architecture structure with 3 years FMC. We provide plan approval, boring & interior work- SNV Engineering - 9439295469.** D-75917

Do you want to construct dream house on your own plot for details please contact K.K. Construction. 7008268129, 9439143273. D-71385

**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913



FOR RENT

**Open Land Space for Rent near NH-316 Bypass Road. Lingipur Traffic Sqr. 10000 & 3000sqft. Mob- 8895985885.** D-2601

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

3600sqft. floor building in Mahatab road Dolamundai Cuttack Rent for Shop, Office, Coaching Centre purpose. 9937778558. D-2607

Automatic running mineralwater plant having 40 BPM capacity with BIS license at Khordha Industrial Estate- 9438283062. D-71068

**ACCOMMODATION**

Free accommodation for Senior Citizen & mentally ill persons with all facilities. Contact- 9337160036, 7325991853. D-2586

Free accommodation for Drug de-addict persons with all facilities. Contact- 9439928693, 9692303517. D-2587




Newly open SPA positively health benefits with relax and refresh with good therapist. 8328803811. D-76101

Kerala body massage best therapist @ 699/- Bhubaneswar. 9337672475. Ganeshspa.in. D-2612

Refreshments body massage therapy with experience therapists, Ashirvad Panchakarma SPA, Keshari Mall, Bhubaneswar- 8926173473. D-67129

**Relax, Refresh your body, Mind at Saikrupa Spa with best therapies. 8984068077.** D-2600

**Ashirvaad Salon and SPA get good massage for your health tha best therapy. 7077181074.** D-75711

Relax, Refresh your body, mind by expert therapist. Contact: 9938843929. D-76103

**AFFIDAVIT**

By virtue of an affidavit before Notary Public, Cuttack, I, Sindhu Rout, Address Sankarpur Parida Sahi, P.O.- AD Market, P.S.- Badambadi, Town/Dist.- Cuttack-753012 change my name from Sindhu Charan Rout to Sindhu Rout. Henceforth I will be known as Sindhu Rout for all purposes. D-2618

By virtue of an affidavit before Notary Public, Cuttack, I Sujit Rout, Address- Sankarpur Parida Sahi, P.O- AD Market, P.S.- Badambadi, Town/ Dist.- Cuttack-753012 change my name from Sujeet Rout to Sujit Rout. Henceforth I will be known as Sujit Rout for all purposes. D-2619



**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



I, Jyotilagna Pradhan, W/o- Deepak Kumar Altia, resident of Housing Board Colony, M-32, P.O/P.S.-Vikrampur, Dist.- Angul, PIN-759106, Odisha declare by this affidavit No.836 dtd. 12.02.2024 that now onwards I shall be known as JYOTILAGNA ALTIA for all future purposes. D-2614

By affidavit No.-6194 dtd. 06.11.2023 I, Suravi Pati 37, Wife of Pradeep Mohanty of Jagannath Road, P.S.- Town, District.- Dhenkanal declare in Birth Certificate of my daughter Adyashree Mohanty and also her Board Certificate my name is written as Suravi Mohanty. I declare that Suravi Mohanty and Suravi Pati is same and one person and no other person like this name. D-75424

By virtue of an affidavit sworn before the Executive Magistrate, Hemgir, Sundargarh I, Tarulata Pradhan, W/o-Giridhari Pradhan, R/o- Village- Sardega, P.S.- Hemgir, Dist.- Sundargarh declare that my actual name is Tarulata Pradhan and nick name is Durgesini Pradhan. That in the Service Record of my Husband my name has been wrongly mentioned of Durgesini Pradhan instead of Tarulata Pradhan. That both the names belongs to the one and same person for all future purposes. D-2620

DSPL-712




# ସ୍ୱପ୍ନକୁ ବାସ୍ତବ ରୂପ ଦେଇଛି ‘ଲକ୍ଷ୍ମୀ’

ରାଜ୍ୟବାସୀଙ୍କ ଇଚ୍ଛାକୁ ସମ୍ମାନ ତଥା ଗ୍ରାମାଞ୍ଚଳକୁ ସହର ସହିତ ଯୋଡ଼ିବାର ପ୍ରୟାସ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୩ ଅକ୍ଟୋବର ୧୨ରେ ମାଲକାନଗିରିରେ ଲକ୍ଷ୍ମୀ ବସ୍ ସେବାର ଶୁଭାରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ଦୂରଦୃଷ୍ଟିସମ୍ପନ୍ନ ଲୋକାଭିମୁଖୀ ସେବା ଇତିମଧ୍ୟରେ ସାରା ରାଜ୍ୟରେ ପହଞ୍ଚିସାରିଛି। ପ୍ରଥମ ପର୍ଯ୍ୟାୟରେ ୬ଟି ଜିଲାରେ ଲକ୍ଷ୍ମୀ ବସ୍ ସେବାର ଶୁଭାରମ୍ଭ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଏକାଧିକ ପର୍ଯ୍ୟାୟରେ ବିଭିନ୍ନ ଜିଲାରେ ଏହି ବସ୍ ସେବା ଆରମ୍ଭ ହୋଇ ରାଜ୍ୟବାସୀଙ୍କ ସେବାରେ ସମର୍ପିତ ହୋଇପାରିଛି।

**୩୦ ଜିଲାରେ**
**୧,୬୨୩ ଲକ୍ଷ୍ମୀ ବସ୍**



**ମିଶନ ଶକ୍ତି**
ହାତରେ ପରିଚାଳନା

**ମହିଳା ଓ ଛାତ୍ରୀଛାତ୍ରଙ୍କ ପାଇଁ ୫ ଟଙ୍କାରେ ଯାତ୍ରା ସୁବିଧା**

**ଜିଲା ମୁଖ୍ୟାଳୟରୁ ପ୍ରମୁଖ ସହରକୁ**
**୧୨୨ ଜଗନ୍ନାଥ ଏକ୍ସପ୍ରେସ**

### ନନ୍-ଏସି ବସ୍ ସେବା

| ଦୂରତା | ଟିକେଟ ଦର |
|---|---|
| ୦-୧୦କିମି | ୫ ଟଙ୍କା |
| ୧୧-୨୦କିମି | ୧୦ ଟଙ୍କା |
| ୨୧-୪୦କିମି | ୧୫ ଟଙ୍କା |
| ୪୧-୬୦କିମି | ୨୫ ଟଙ୍କା |
| ୬୧-୮୦କିମି | ୩୦ ଟଙ୍କା |

### ଏସି ବସ୍ ସେବା

| ଦୂରତା | ଟିକେଟ ଦର |
|---|---|
| ୦-୧୦କିମି | ୧୦ ଟଙ୍କା |
| ୧୧-୨୦କିମି | ୨୦ ଟଙ୍କା |
| ୨୧-୪୦କିମି | ୪୦ ଟଙ୍କା |
| ୪୧-୬୦କିମି | ୬୦ ଟଙ୍କା |
| ୬୨-୮୦କିମି | ୮୦ ଟଙ୍କା |

**୬,୦୩୧ ପଞ୍ଚାୟତର ୩.୬୪ କୋଟି ଲୋକ ଉପକୃତ ହୋଇପାରିଛନ୍ତି**

ଯାତ୍ରୀଙ୍କ ପେମେଣ୍ଟ ସମ୍ବନ୍ଧୀୟ ସମସ୍ୟା ଦୂର କରିବା ନିମନ୍ତେ ଲକ୍ଷ୍ମୀ ବସ୍ ସେବା ଆଣିଛି ୟୁପିଆଇ କ୍ୟୁ ଆର୍ କୋଡ୍ ବ୍ୟବସ୍ଥା। ଯାତ୍ରୀମାନେ ଫୋନ ସାହାଯ୍ୟରେ କ୍ୟୁ ଆର୍ କୋଡ୍ ସ୍କାନ କରି ସହଜରେ କ୍ୟାଶ୍‌ଲେସ୍ ପେମେଣ୍ଟ କରିପାରିବେ।



### ତ୍ରିସ୍ତରୀୟ ସଂଯୋଗୀକରଣ

- ଗ୍ରାମ ପଞ୍ଚାୟତରୁ ବ୍ଲକ (ଟାୟାର-୧)
- ବ୍ଲକରୁ ଜିଲା ମୁଖ୍ୟାଳୟ(ଟାୟାର-୨)
- ଜିଲାରୁ ଭୁବନେଶ୍ୱର, ପୁରୀ ଏବଂ ପ୍ରମୁଖ ସହର(ଟାୟାର-୩)

### ଅର୍ଥନୈତିକ ସଶକ୍ତୀକରଣ

- ଉତ୍ପାଦନକାରୀଙ୍କୁ ସିଧାସଳଖ ବଜାର ସହ ସଂଯୋଗ
- ନିଯୁକ୍ତି ସୃଷ୍ଟି, ସ୍ଥାନୀୟ ଅର୍ଥନୀତି ବୃଦ୍ଧି ଉପରେ ଗୁରୁତ୍ୱ
- ଛୋଟ ଛୋଟ ସହର ଏବଂ ଗ୍ରାମକୁ ବ୍ୟବସାୟ ପେଣ୍ଠସ୍ଥଳ ସହ ସଂଯୋଗ

### ମହିଳା ସଶକ୍ତୀକରଣ

- ନିଯୁକ୍ତି ସୁଯୋଗ ସୃଷ୍ଟି କରିବା
- ଲିଙ୍ଗଗତ ସମାନତା ନୀତି ଆଧାରରେ ମହିଳା ସୁରକ୍ଷାକୁ ସୁନିଶ୍ଚିତ କରିବା
- ମିଶନ ଶକ୍ତି ସହ ଅନୁବନ୍ଧିତ

### ଟେକ୍ନୋଲୋଜି ଏବଂ ଅଭିନବତା

- ଉତ୍ତମ ପରିବହନ ପରିଚାଳନା ବ୍ୟବସ୍ଥା
- ସର୍ବକାଳୀନ ପାସେଞ୍ଜର ସୂଚନା ଡାଟାବେସ୍
- ଭେହିକିଲ ଟ୍ରାକିଂ ବ୍ୟବସ୍ଥା ଏବଂ ରୁଟ୍ ଅପ୍ଟିମାଇଜେଶନ





### ଲକ୍ଷ୍ୟ

- ନିରବଚ୍ଛିନ୍ନ ସେବା ସହ ଅନ୍ତିମ ସ୍ଥାନକୁ ସଂଯୋଗ
- ସ୍ୱାସ୍ଥ୍ୟ ସେବା ସୁବିଧା, ଶିକ୍ଷା ଏବଂ ନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱ
- ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ସେତୁ ସ୍ଥାପନ
- ଚାଷୀମାନେ ସହଜରେ ସେମାନଙ୍କ ଉତ୍ପାଦିତଶସ୍ୟ ନିକଟସ୍ଥ ବଜାରକୁ ନେଇପାରିବେ
- ପର୍ଯ୍ୟଟନ ଏବଂ ପରିବହନ ଇକୋସିଷ୍ଟମ ବୃଦ୍ଧି ଉପରେ ଗୁରୁତ୍ୱ
- ମହିଳାଙ୍କ ସୁରକ୍ଷା ସହ ସଶକ୍ତୀକରଣକୁ ଗୁରୁତ୍ୱ

2023 ଅକ୍ଟୋବର ୧୨ – **ମାଲକାନଗିରି**
ଅକ୍ଟୋବର ୨୦ – **ଗଜପତି**
ନଭେମ୍ବର ୧ – **କଳାହାଣ୍ଡି**
ନଭେମ୍ବର ୨୫ – **ରାୟଗଡ଼ା**
ନଭେମ୍ବର ୩୦ – **ନବରଙ୍ଗପୁର**
ଡିସେମ୍ବର ୧୪ – **କୋରାପୁଟ**
୨୦୨୪ ଜାନୁୟାରୀ ୩୧ – **ଅନୁଗୋଳ, ଢେଙ୍କାନାଳ, ଦେବଗଡ଼**
ଫେବୃଆରୀ ୧୨ – **ବରଗଡ଼, ବଲାଙ୍ଗୀର, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର**
ଫେବୃଆରୀ ୧୬ – **ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର, ନୟାଗଡ଼**
ଫେବୃଆରୀ ୧୯ – **ସମ୍ବଲପୁର, ସୁବର୍ଣ୍ଣପୁର, କଟକ, ଝାରସୁଗୁଡ଼ା, କନ୍ଧମାଳ**
ଫେବୃଆରୀ ୨୧ – **ବାଲେଶ୍ୱର, ନୂଆପଡ଼ା, ବୌଦ୍ଧ, ଗଞ୍ଜାମ, ଜଗତ୍‌ସିଂହପୁର**

**୯୯.୫%** ଗ୍ରାମପଞ୍ଚାୟତକୁ ଯୋଡ଼ିଛି
**୩୭,୦୦୦** ନୂଆ ନିଯୁକ୍ତି ସୃଷ୍ଟି
**୬୨,୨୯୧** ଶିକ୍ଷାନୁଷ୍ଠାନ ସଂଯୋଗ ହୋଇଛି

**୫** ବର୍ଷରେ **୪,୫୦୦** କୋଟି ଟଙ୍କା ଆୟ ଲକ୍ଷ୍ୟ
**୪** କୋଟିରୁ ଊର୍ଦ୍ଧ୍ୱ ଲୋକ ସେବା ପାଇବେ



**ମହିଳାଙ୍କ ସୁରକ୍ଷାକୁ ପ୍ରାଥମିକତା**







## ସଂକ୍ଷେପରେ

### ପୋଖରୀକୁ ଖସିଲା ଟ୍ରାକ୍ଟର, ୨୪ ଶ୍ରଦ୍ଧାଳୁ ମୃତ

**ଲକ୍ଷ୍ନୌ, ୨୪।୨:** ଉତ୍ତରପ୍ରଦେଶର କାସଗଞ୍ଜଠାରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟି ୨୪ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଛି। ମାଘ ପୂର୍ଣ୍ଣିମା ଉପଲକ୍ଷେ ଶନିବାର ସକାଳୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଗଙ୍ଗା ନଦୀରେ ସ୍ନାନ କରିବା ପାଇଁ ଏକ ଟ୍ରାକ୍ଟର-ଟ୍ରଲି ମାଧ୍ୟମରେ ଯାଉଥିଲେ। ଏଟା ଜିଲାର ଜୈଥରା ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ପାଟିଆଲା ଥାନାର କାଦରଗଞ୍ଜ ଗଙ୍ଗା ଘାଟକୁ ସ୍ନାନ କରିବା ପାଇଁ ଉକ୍ତ ଟ୍ରାକ୍ଟର ଟ୍ରଲି ମାଧ୍ୟମରେ ଯାଉଥିଲେ। ତେବେ କାସଗଞ୍ଜ ଜିଲା ପାଟିଆଲି-ଦରିଆଗଞ୍ଜ ରାସ୍ତାରେ ଏହି ଟ୍ରାକ୍ଟର ଟ୍ରଲିଟି ଭାରସାମ୍ୟ ହରାଇ ୭ରୁ ୮ ଫୁଟ ଗଭୀର ଥିବା ଏକ ପୋଖରୀରେ ବୁଡ଼ିଯାଇଥିଲା। ଦୁର୍ଘଟଣାରେ ୭ ଜଣ ଶିଶୁଙ୍କ ସମେତ ସମୁଦାୟ ୨୪ ଜଣଙ୍କର ମୃତ୍ୟୁ ଘଟିଥିବା ଅଲିଗଡ଼ ରେଞ୍ଜ କମିଶନର ଶଲଭ ମାଥୁର ସୂଚନା ଦେଇଛନ୍ତି। ସେହିପରି ଆହତ ହୋଇଥିବା ପ୍ରାୟ ୨୦ ଜଣଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିବା ସେ ସୂଚନା ଦେଇଛନ୍ତି। ଦୁର୍ଘଟଣାରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଓ ଆହତଙ୍କ ପରିଜନଙ୍କୁ ୫୦ ହଜାର ଟଙ୍କାର କ୍ଷତିପୂରଣ ସହାୟତା ପ୍ରଦାନ କରିଛନ୍ତି।

### ହଲ୍‌ଦ୍ୱାନି ହିଂସାର ମାଷ୍ଟରମାଇଣ୍ଡ ଅବଦୁଲ୍ ମଲିକ ଗିରଫ

**ନୂଆଦିଲ୍ଲୀ, ୨୪।୨:** ହଲ୍‌ଦ୍ୱାନି ହିଂସାର ମାଷ୍ଟରମାଇଣ୍ଡ ଅବଦୁଲ୍ ମଲିକଙ୍କୁ ଶନିବାର ଉତ୍ତରାଖଣ୍ଡ ପୋଲିସ ଦିଲ୍ଲୀରୁ ଗିରଫ କରିଛି। ଗତ ୮ରେ ଉତ୍ତରାଖଣ୍ଡର ହଲଦ୍ୱାନି ଜିଲାରେ ହୋଇଥିବା ହିଂସାକାଣ୍ଡ ପରଠୁ ଅବଦୁଲ୍ ଫେରାର ଥିଲେ। ତାଙ୍କୁ ଖୋଜିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ଟିମ୍ ଗଠନ ସହ ଲୁକ୍‌ଆଉଟ ନୋଟିସ ଜାରି ହୋଇଥିଲା।



ପୂର୍ବରୁ ସରକାରୀ ସମ୍ପତ୍ତି ନଷ୍ଟ କରିଥିବା ଅଭିଯୋଗରେ ଅବଦୁଲ ଓ ତାଙ୍କ ସ୍ତ୍ରୀଙ୍କ ସମେତ ୬ ଜଣଙ୍କ ବିରୋଧରେ ଉତ୍ତରାଖଣ୍ଡ ପୋଲିସ ଠକେଇ ମାମଲା ରୁଜୁ କରିଥିଲା। ଏହାସହ ଅବଦୁଲ୍‌ଙ୍କ ସମ୍ପତ୍ତିକୁ ମଧ୍ୟ ଜବତ କରାଯାଇଥିଲା।

# ୟୁପି କନ୍‌ଷ୍ଟେବଲ ନିଯୁକ୍ତି ପରୀକ୍ଷା ରଦ୍ଦ

**ଲକ୍ଷ୍ନୌ/ନୂଆଦିଲ୍ଲୀ,୨୪।୨(ପି.ଟି.)**

- ୬ ମାସରେ ସାନି ପରୀକ୍ଷା ନିର୍ଦ୍ଦେଶ
- ଛାତ୍ର ଶକ୍ତିର ବଡ଼ ବିଜୟ: ରାହୁଲ

ପ୍ରଶ୍ନପତ୍ର ଲିକ୍ ହେବାରୁ ଉତ୍ତରପ୍ରଦେଶ ସରକାର ପୋଲିସ କନ୍‌ଷ୍ଟେବଲ ନିଯୁକ୍ତି ପରୀକ୍ଷାକୁ ଶନିବାର ରଦ୍ଦ କରିଦେଇଛନ୍ତି। ୬ ମାସ ମଧ୍ୟରେ ସାନି ପରୀକ୍ଷା କରାଇବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସ୍‌ଟିଏଫ୍) ଦ୍ୱାରା ପ୍ରଶ୍ନପତ୍ର ଲିକ୍ ଅଭିଯୋଗର ତଦନ୍ତ କରାଯିବ ବୋଲି ସରକାର ଘୋଷଣା କରିଛନ୍ତି। ନିଯୁକ୍ତି ପରୀକ୍ଷା ରଦ୍ଦ ହେବା ଯୁବ ଏକତା ଏବଂ ଛାତ୍ର ଶକ୍ତିର ବିଜୟ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ଯେଉଁମାନେ ଏକାଠି ହେବେ ଜିତିବେ ଏବଂ ବିଭାଜିତ ହେଲେ ପେଷିହୋଇଯିବେ ବୋଲି ସେ ଏକ୍ସ'ରେ ପୋଷ୍ଟ କରିଛନ୍ତି।

ଗତ ୧୭ ଓ ୧୮ ତାରିଖରେ କନ୍‌ଷ୍ଟେବଲ ନିଯୁକ୍ତି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସାରା ରାଜ୍ୟରୁ ୪୮ ଲକ୍ଷରୁ ଉର୍ଦ୍ଧ୍ୱ ନିଯୁକ୍ତି ଆଶାୟୀ ପରୀକ୍ଷା ଦେଇଥିଲେ। ପରୀକ୍ଷାର ପବିତ୍ରତାରେ ଆଦୌ ସାଲିସ୍ କରାଯାଇପାରିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏକ୍ସ'ରେ ପୋଷ୍ଟ କରିଛନ୍ତି।



ନଏଡ଼ା ସେକ୍ଟର ୧୧ ନେହେରୁ ଇଣ୍ଟରନ୍ୟାଶନାଲ ପବ୍ଲିକ୍ ସ୍କୁଲ୍‌ରେ ପରୀକ୍ଷା ଦେବା ପାଇଁ କନ୍‌ଷ୍ଟେବଲ ନିଯୁକ୍ତି ଆଶାୟୀମାନଙ୍କ ଲମ୍ବା ଧାଡ଼ି। (ଫାଇଲ୍ ଫଟୋ)

ଯେଉଁମାନେ ଯୁବବର୍ଗଙ୍କ କଠିନ ପରିଶ୍ରମ ସହ ଖେଳିଛନ୍ତି, ସେମାନଙ୍କୁ କୌଣସି ପରିସ୍ଥିତିରେ ମଧ୍ୟ ଛଡ଼ାଯିବ ନାହିଁ। ସେମାନଙ୍କ ବିରୋଧରେ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଛନ୍ତି। ନିଯୁକ୍ତି ପରୀକ୍ଷାରେ ଅସଦ୍ ଉପାୟ ଅବଲମ୍ବନ କରିବା ବା ଏଥିପାଇଁ ଯୋଜନା କରିଥିବା ଅଭିଯୋଗରେ ୨୪୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରାଯାଇଛି। ପ୍ରଶ୍ନପତ୍ର ଲିକ୍ ସୂଚନା ପାଇବା ପରେ ପବିତ୍ରତା ଏବଂ ସ୍ୱଚ୍ଛତାର ସର୍ବୋଚ୍ଚ ମାନ ବଜାୟ ରଖିବା ପାଇଁ ସରକାର ପରୀକ୍ଷା ରଦ୍ଦ କରିବାକୁ ନିଷ୍ପତ୍ତି ନେଇଥିବା ରାଜ୍ୟ ଗୃହ ବିଭାଗ ପକ୍ଷରୁ କୁହାଯାଇଛି। ଯେଉଁ ସ୍ତରରେ ତ୍ରୁଟି ହୋଇଛି, ସେଠାରେ ଏତଲା ଦାଏର ଲାଗି ସରକାର ନିଯୁକ୍ତି ବୋର୍ଡକୁ ନିର୍ଦ୍ଦେଶ ଦେବା ସହ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୬ ମାସ ମଧ୍ୟରେ ସାନି ପରୀକ୍ଷା ହେବାକୁ ଥିବାବେଳେ ଆଶାୟୀମାନଙ୍କୁ ମାଗଣାରେ ପରୀକ୍ଷା କେନ୍ଦ୍ରକୁ ୟୁପିଏସ୍‌ଆର୍‌ଟିଏସ୍ ବସ୍‌ରେ ନିଆଯିବ ବୋଲି ଏକ ବିବୃତିରେ କୁହାଯାଇଛି।

ନିଯୁକ୍ତି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍‌କୁ ନେଇ ଜୋର୍‌ଦାର ଆନ୍ଦୋଳନ ଲାଗିରହିଥିଲା। ବିରୋଧୀ ଦଳ ଏହି ଘଟଣାରେ ସରକାରଙ୍କୁ ତୀବ୍ର ସମାଲୋଚନା କରିବା ପରେ ପରୀକ୍ଷା ରଦ୍ଦ କରିବାକୁ ସରକାର ବାଧ ହୋଇଛନ୍ତି। ଯୁବଶକ୍ତି ନିକଟରେ ସରକାରଙ୍କୁ ମୁଣ୍ଡ ନୁଆଁଇବାକୁ ପଡ଼ିଲା ବୋଲି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି। ଶୁକ୍ରବାର ପର୍ଯ୍ୟନ୍ତ ସରକାରରେ ଥିବା ଲୋକମାନେ ପ୍ରଶ୍ନପତ୍ର ଲିକ୍ ଅଭିଯୋଗକୁ ଅଗ୍ରାହ୍ୟ କରିଆସୁଥିଲେ। ଯୁବଶକ୍ତି ଆଗରେ ସେମାନଙ୍କ ମିଛ ତିଷ୍ଠି ନ ପାରିବାରୁ ଶନିବାର ପରୀକ୍ଷା ରଦ୍ଦ ଘୋଷଣା କରାଗଲା ବୋଲି ସେ ସୋସିଆଲ ମିଡିଆରେ ଲେଖିଛନ୍ତି।

ସେହିପରି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ କହିଛନ୍ତି, ପରୀକ୍ଷା ରଦ୍ଦ ହେବା ଯୁବଗୋଷ୍ଠୀର ବିଜୟ ଏବଂ ଭାଜପା ସରକାରଙ୍କ ଭ୍ରାନ୍ତ ଧାରଣାର ପରାଜୟ। ପ୍ରଶାସନିକ ଅଧିକାରୀ ଏବଂ ଅପରାଧୀମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଥିବାବେଳେ ସେମାନଙ୍କ ପ୍ରତି ସରକାରଙ୍କ ଆଶୀର୍ବାଦ ରହିଥିବା ଏଥିରୁ ସ୍ପଷ୍ଟ ହୋଇଛି ବୋଲି ଅଖିଳେଶ ଏକ୍ସ'ରେ ଲେଖିଛନ୍ତି। ପ୍ରଶ୍ନପତ୍ର ଲିକ୍‌ଠାରୁ ଅଧିକ ଦୁଃଖଦାୟକ ଘଟଣା କିଛି ନାହିଁ ବୋଲି ବରିଷ୍ଠ ଆମ୍ ଆଦ୍‌ମୀ ପାର୍ଟି ନେତା ଶେଖର ଦୀକ୍ଷିତ କହିଛନ୍ତି। ରାଜ୍ୟରେ ଶିକ୍ଷା ମାଫିଆମାନେ ଏବେ ବି ଶକ୍ତିଶାଳୀ ଥିବା ଏଥିରୁ ପ୍ରମାଣିତ ହୋଇଛି। ଅନ୍ୟପକ୍ଷରେ ଉତ୍ତରପ୍ରଦେଶ ଭାଜପା ସଭାପତି ଭୂପେନ୍ଦ୍ର ସିଂ ଚୌଧରୀ କହିଛନ୍ତି, ରାଜ୍ୟର ଯୁବ ଅନୁକୂଳ ଭାଜପା ସରକାର ନିଯୁକ୍ତି ପରୀକ୍ଷା ରଦ୍ଦ କରି ସାନି ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇସାରିଛନ୍ତି। ସରକାରଙ୍କ ଶୂନ ସାଲିସ୍ ନୀତି ଅନୁଯାୟୀ ଅପରାଧୀଙ୍କ ବିରୋଧରେ ନିଶ୍ଚୟ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ନିର୍ବାଚନ ପୂର୍ବରୁ କଡ଼ାକଡ଼ି ହେଲା ବଦଳି ନୀତି

**ନୂଆଦିଲ୍ଲୀ,୨୪।୨**

ଆଗାମୀ ଲୋକ ସଭା ଓ କେତେକ ରାଜ୍ୟର ବିଧାନସଭା ନିର୍ବାଚନ ପୂର୍ବରୁ ଅଫିସରମାନଙ୍କ ବଦଳି ନୀତକୁ ନିର୍ବାଚନ କମିଶନ(ଇସି) କଡ଼ାକଡ଼ି କରିଛନ୍ତି। ଯେଉଁ ଅଫିସରମାନେ ନିର୍ବାଚନ ପୂର୍ବରୁ ଗୋଟିଏ ଜିଲାରୁ ବଦଳି ହେଉଛନ୍ତି, ସେମାନେ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୌଣସି ଜିଲାରେ ଯେପରି ପୋଷ୍ଟିଂ ନ ହେବେ ତାହା ସୁନିଶ୍ଚିତ କରିବାକୁ ଇସି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବ ନୀତିର ଗଳାବାଟ ଦେଇ ଫାଇଦା ଉଠାଇବାକୁ ଉଦ୍ୟମ ହେଉଥିଲା। ବିଭିନ୍ନ ରାଜ୍ୟରେ ଅଫିସରଙ୍କୁ ଗୋଟିଏ ନିର୍ବାଚନ ମଣ୍ଡଳୀ ଭିତରେ ବଦଳି କରାଯାଉଥିବା ଜଣାପଡ଼ିବା ପରେ ଇସି ନୀତି ବଦଳାଇବାକୁ ନିଷ୍ପତ୍ତି ନେଇଥିଲେ। ନିର୍ବାଚନ ପୂର୍ବରୁ ଯେଉଁ ଅଫିସରମାନେ ନିଜ ଜିଲାରେ ପୋଷ୍ଟିଂ ହୋଇଥିବେ କିମ୍ବା କୌଣସି ଜିଲାରେ ୩ ବର୍ଷ ପୂରଣ କରିଥିବେ, ସେମାନେ ଯେପରି କୌଣସି ପ୍ରାର୍ଥୀ ବା ଦଳ ସପକ୍ଷରେ ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ ନ କରନ୍ତି, ତାହା ନିଶ୍ଚିତ କରିବା ଲାଗି ସେମାନଙ୍କୁ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀ ବାହାର ଜିଲାକୁ ବଦଳି କରିବାକୁ ହେବ ବୋଲି ଇସିଙ୍କ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।

## ଟିଏମ୍‌ସିକୁ ଭୋଟ ନ ଦେବାରୁ ଆଦିବାସୀଙ୍କୁ ନିର୍ଯାତନା

**ନୂଆଦିଲ୍ଲୀ,୨୪।୨(ପି.ଟି.)**

ପଶ୍ଚିମବଙ୍ଗର ସନ୍ଦେଶଖାଲିରେ ଆଦିବାସୀ ମହିଳାମାନଙ୍କୁ ଟିଏମ୍‌ସି ନେତା ଶେଖ୍ ଶାହଜାହାନ ଓ ତାଙ୍କ ସହଯୋଗୀମାନେ ବଳାତ୍କାର କରିବା ଏବଂ ଜୋର୍ ଜବରଦସ୍ତ ସମ୍ପତ୍ତି ଛଡ଼ାଇନେବା ଘଟଣାକୁ ନେଇ ରାଜନୀତି ଜୋର୍ ଧରିଛି। ଆଦିବାସୀମାନେ ଟିଏମ୍‌ସି ବିରୋଧରେ ଭୋଟ ଦେଇଥିବାରୁ ସେମାନଙ୍କୁ ନିର୍ଯାତନା ଦିଆଯିବା ସହ ଏମ୍‌ଏନ୍‌ଆର୍‌ଇଜିଏ ମଜୁରି ଟଙ୍କା ଛଡ଼ାଇ ନିଆଯାଇଥିବା ଜାତୀୟ ଅନୁସୂଚିତ ଜନଜାତି ଆୟୋଗ (ଏନ୍‌ସିଏସ୍‌ଟି) ତଦନ୍ତରୁ ଜାଣିବାକୁ ପାଇଛି। ଉପାଧ୍ୟକ୍ଷ ଅନନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଏନ୍‌ସିଏସ୍‌ଟିର ଏକ ୩ ଜଣିଆ ଟିମ୍ ସନ୍ଦେଶଖାଲି ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିଲା। ଅଭିଯୁକ୍ତ ଶାହଜାହାନ ଓ ତାଙ୍କ ସହଯୋଗୀମାନଙ୍କୁ ପୋଲିସ ସୁରକ୍ଷା ଦେଉଥିବା ସ୍ଥାନୀୟ ଲୋକମାନେ କମିଶନଙ୍କ ଆଗରେ ଅଭିଯୋଗ କରିଛନ୍ତି। ଉକ୍ତ ଟିମ୍ ଖୁବ୍‌ଶୀଘ୍ର କେନ୍ଦ୍ର ସରକାରଙ୍କ ନିକଟରେ ତଦନ୍ତ ରିପୋର୍ଟ ଦାଖଲ କରିବ।

**ସନ୍ଦେଶଖାଲି ମାମଲାରେ ଏନ୍‌ସିଏସ୍‌ଟି ତଦନ୍ତ ଟିମ୍‌ର ରିପୋର୍ଟ**

ଆଦିବାସୀ ମହିଳାମାନଙ୍କୁ ଯୌନ ନିର୍ଯାତନା ଓ ସମ୍ପତ୍ତି ଅକ୍ତିଆର ନେଇ ୫୦ରୁ ଅଧିକ ଅଭିଯୋଗ ହୋଇଥିବା ନାୟକ କହିଛନ୍ତି। ଏହି ଘଟଣାକୁ ନେଇ ସନ୍ଦେଶଖାଲିରେ ମାସେରୁ ଉର୍ଦ୍ଧ୍ୱ ସମୟ ହେଲା ଉତ୍ତେଜନା ଓ ବିକ୍ଷୋଭ ଜାରି ରହିଛି। ଏନ୍‌ସିଏସ୍‌ଟି ଟିମ୍‌ର କହିବା ଅନୁଯାୟୀ ଗରିବ ଆଦିବାସୀମାନେ ଏମ୍‌ଏନ୍‌ଆର୍‌ଇଜିଏରୁ ପାଇଥିବା ମଜୁରି ଟଙ୍କା ଦେବା ପାଇଁ ଶାହଜାହାନ ସେମାନଙ୍କ ଉପରେ ଚାପ ପକାଉଥିଲେ। ସେମାନେ ଟଙ୍କା ଖର୍ଚ୍ଚ କରିଦେଇଥିଲେ, ସାହୁକାରଙ୍କଠାରୁ କରଜ ଆଣି ଦେବା ପାଇଁ କୁହାଯାଉଥିଲା। ଦେଶର ଅନ୍ୟ କୌଣସି ସ୍ଥାନରେ ଏଭଳି ଘଟଣା ଦେଖିବାକୁ ମିଳି ନ ଥାଏ। ନିର୍ବାଚନରେ ଯେଉଁମାନେ ଅନ୍ୟ ଦଳକୁ ଭୋଟ ଦେଇଥିଲେ, ସେମାନଙ୍କୁ ନିର୍ଯାତନା ଦିଆଯାଉଥିବା ଅଧିକାଂଶ ଲୋକ ଅଭିଯୋଗ ଆଣିଥିବା ଏନ୍‌ସିଏସ୍‌ଟି ଉପାଧ୍ୟକ୍ଷ କହିଛନ୍ତି।



କିଭ୍‌ରେ ଶନିବାର ଏକ ମିଳିତ ବୈଠକରେ ବାମରୁ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି, ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି, ୟୁରୋପୀୟ କମିଶନ ଅଧ୍ୟକ୍ଷା ଉର୍ସୁଲା ଭୋନ୍ ଡେର ଲେୟେନ୍ ଏବଂ ବେଲ୍‌ଜିୟମ୍ ପ୍ରଧାନମନ୍ତ୍ରୀ ଆଲେକ୍‌ଜାଣ୍ଡାର ଡେ କ୍ରୁ।

## ୟୁକ୍ରେନ୍‌କୁ ସମର୍ଥନ ଦୋହରାଇଲେ ପାଶ୍ଚାତ୍ୟ ନେତା

**କିଭ୍,୨୪।୨:** ୨୦୨୨ ଫେବୃଆରୀ ୨୪ରୁ ଚାଲିଥିବା ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ଶନିବାର ଦୁଇବର୍ଷ ପୂରିଛି। ଏହି ଅବସରରେ କିଭ୍‌ରେ ଅୟୋଜିତ ଏକ ମିଳିତ ବୈଠକରେ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି, ୟୁରୋପୀୟ କମିଶନ ଅଧ୍ୟକ୍ଷା ଉର୍ସୁଲା ଭୋନ୍ ଡେର ଲେୟେନ୍ ଏବଂ ବେଲ୍‌ଜିୟମ୍ ପ୍ରଧାନମନ୍ତ୍ରୀ ଆଲେକ୍‌ଜାଣ୍ଡାର ଡେ କ୍ରୁ ଯୋଗଦେଇଛନ୍ତି। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ପାଶ୍ଚାତ୍ୟ ନେତାମାନଙ୍କୁ ୟୁକ୍ରେନ୍‌କୁ ସ୍ୱାଗତ କରିଛନ୍ତି। ଏହାର ଫଟୋକୁ ସେ ଏକ୍ସ'ରେ ପୋଷ୍ଟ କରିଛନ୍ତି। ଦୁଇବର୍ଷ ପୂର୍ବେ ଆମେ ଏଇଠି ଶତ୍ରୁଙ୍କୁ ସମ୍ନା କରିଥିଲେ। ଆଜି ଆମେ ନିଜ ବନ୍ଧୁମାନଙ୍କ ସହ ଏକାଠି ହୋଇଛେ ବୋଲି ସେ ଉଲ୍ଲେଖ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କଠାରୁ ନେଇ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ୍‌ଙ୍କ ପର୍ଯ୍ୟନ୍ତ ବିଶ୍ୱନେତାମାନେ ୟୁକ୍ରେନ୍ ପ୍ରତି ନିଜ ସମର୍ଥନ ଦୋହରାଇଛନ୍ତି।

## ବିଶ୍ୱର ସର୍ବବୃହତ୍ ଶସ୍ୟଭଣ୍ଡାର କାର୍ଯ୍ୟକ୍ରମ ଶୁଭାରମ୍ଭ

**୧.୨୫ ଲକ୍ଷ କୋଟି ଟଙ୍କା ନିବେଶ ହେବ**

**ନୂଆଦିଲ୍ଲୀ,୨୪।୨ (ପି.ଟି.)**



ଶସ୍ୟଭଣ୍ଡାର ଯୋଜନା ଶୁଭାରମ୍ଭ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ବୋଧନ ଦେଉଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ସମବାୟ ସେକ୍ଟରରେ ବିଶ୍ୱର ସର୍ବବୃହତ୍ ଶସ୍ୟଭଣ୍ଡାର ଯୋଜନାର ଶୁଭାରମ୍ଭ କରିଛନ୍ତି। ଏଥିରେ ୧.୨୫ ଲକ୍ଷ କୋଟି ଟଙ୍କା ବିନିଯୋଗ ହେବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ୧୧ ରାଜ୍ୟର ପ୍ରାଥମିକ କୃଷିଋଣ ସୋସାଇଟି (ପିଏସିଏସ୍)ରେ ୧୧ଟି ଗୋଦାମର ଉଦ୍‌ଘାଟନ କରିଛନ୍ତି। ବୃହତ୍ ଶସ୍ୟଭଣ୍ଡାର କାର୍ଯ୍ୟକ୍ରମରେ ସମବାୟ ସେକ୍ଟରରେ ଆଗାମୀ ୫ ବର୍ଷ ମଧ୍ୟରେ ୭୦୦ ଲକ୍ଷ ଟନ୍ ଷ୍ଟୋରେଜ୍ କ୍ଷମତା ସୃଷ୍ଟି କରାଯିବ। ଏଥିପାଇଁ ହଜାର ହଜାର ଗୋଦାମ ଓ ୱେରହାଉସ୍ ନିର୍ମାଣ କରାଯିବ ବୋଲି ମୋଦି କହିଛନ୍ତି। ୫୦୦ ପିଏସିଏସ୍‌ରେ ଗୋଦାମ ଓ ଅନ୍ୟାନ୍ୟ କୃଷି ଭିତ୍ତିଭୂମି ନିର୍ମାଣ ଲାଗି ପ୍ରଧାନମନ୍ତ୍ରୀ ଶନିବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଦେଶରେ ଭଣ୍ଡାର ଭିତ୍ତିଭୂମିର ଅଭାବରୁ ଚାଷୀ ବିପୁଳ କ୍ଷତି ସହୁଥିଲେ। ପୂର୍ବ ସରକାରଗୁଡ଼ିକ ସେମାନଙ୍କ ସମସ୍ୟା ପ୍ରତି ଧ୍ୟାନ ଦେଉ ନ ଥିଲେ। ଆଜି ପିଏସିଏସ୍ ଜରିଆରେ ସେହି ସମସ୍ୟାର ସମାଧାନ ହୋଇଛି। ଗୋଦାମ ଓ ୱେର୍‌ହାଉସ୍‌ରେ କୃଷକମାନେ ସେମାନଙ୍କ ଉତ୍ପାଦିତ ଫସଲକୁ ଗଚ୍ଛିତ ରଖି ଏହା ଉପରେ ଆନୁଷ୍ଠାନିକ ଋଣ ପାଇବା ସହ ବଜାର ଦର ବଢ଼ିଲେ ଫସଲ ବିକ୍ରି କରିପାରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ୩୬% ରାଜ୍ୟ ସଭା ପ୍ରାର୍ଥୀଙ୍କ ନାଁରେ ଆପରାଧିକ ମାମଲା

**ନୂଆଦିଲ୍ଲୀ,୨୪।୨**

**ଏଡିଆର୍ ରିପୋର୍ଟ**

ରାଜ୍ୟ ସଭା ପ୍ରାର୍ଥୀମାନଙ୍କ ମଧ୍ୟରୁ ୩୬ ପ୍ରତିଶତଙ୍କ ନାଁରେ ଆପରାଧିକ ମାମଲା ରହିଥିବା ସେମାନେ ଘୋଷଣା କରିଛନ୍ତି। ପ୍ରାର୍ଥୀମାନଙ୍କ ହାରାହାରି ସମ୍ପତ୍ତି ପରିମାଣ ୧୨୭.୮୧ କୋଟି ଟଙ୍କା ବୋଲି ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ୧୫ ରାଜ୍ୟର ୫୬ ରାଜ୍ୟ ସଭା ଆସନ ପାଇଁ ୨୭ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ପ୍ରତିଦ୍ୱନ୍ଦ୍ୱିତାରେ ୫୯ ଜଣ ଉଭାହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫୮ ପ୍ରାର୍ଥୀ ଦାଖଲ କରିଥିବା ସତ୍ୟପାଠକୁ ଏଡିଆର୍ ଏବଂ ନ୍ୟାଶନାଲ ଇଲେକ୍ସନ ୱାଚ୍ ବିଶ୍ଳେଷଣ କରିଥିଲେ। କର୍ନାଟକର କଂଗ୍ରେସ ପ୍ରାର୍ଥୀ ଜି.ସି. ଚନ୍ଦ୍ରଶେଖର ଦାଖଲ କରିଥିବା ସତ୍ୟପାଠରେ ସ୍କାନ୍ ଦସ୍ତାବିଜ୍ ଅସ୍ପଷ୍ଟ ଥିବାରୁ ଅନୁଧ୍ୟାନ କରାଯାଇ ନାହିଁ।



୩୬ ପ୍ରତିଶତ ପ୍ରାର୍ଥୀ ସେମାନଙ୍କ ନାଁରେ ଆପରାଧିକ ମାମଲା ଥିବା ଘୋଷଣା କରିଛନ୍ତି। ଜଣକ ବିରୋଧରେ ହତ୍ୟା ଉଦ୍ୟମ ମାମଲା ରହିଥିବାବେଳେ ୧୭ ପ୍ରତିଶତଙ୍କ ବିରୋଧରେ ଗୁରୁତର ଅପରାଧ ମାମଲା ରହିଛି। ଭାଜପାର ୩୦ ପ୍ରାର୍ଥୀଙ୍କ ମଧ୍ୟରୁ ୮ ଜଣ (୨୭%), କଂଗ୍ରେସର ୯ ପ୍ରାର୍ଥୀଙ୍କ ମଧ୍ୟରୁ ୬ (୬୭%), ଟିଏମ୍‌ସିର ୪ ପ୍ରାର୍ଥୀଙ୍କ ମଧ୍ୟରୁ ଜଣେ (୨୫%), ଏସ୍‌ପିର ୩ ପ୍ରାର୍ଥୀଙ୍କ ମଧ୍ୟରୁ ୨ (୬୭%), ୱାଇଏସ୍‌ଆର୍‌ସିପିର ୩ ପ୍ରାର୍ଥୀଙ୍କ ମଧ୍ୟରୁ ଜଣେ (୩୩%), ଆର୍‌ଜେଡିର ୨ ପ୍ରାର୍ଥୀଙ୍କ ମଧ୍ୟରୁ ଜଣେ (୫୦%), ବିଜେଡିର ୨ ପ୍ରାର୍ଥୀଙ୍କ ମଧ୍ୟରୁ ଜଣେ(୫୦%) ଏବଂ ବିଏସ୍‌ପିର ଜଣେ ପ୍ରାର୍ଥୀଙ୍କ ନାଁରେ ଆପରାଧିକ ମାମଲା ଥିବା ସେମାନେ ସତ୍ୟପାଠରେ ଦର୍ଶାଇଛନ୍ତି।

ଏହା ବ୍ୟତୀତ ପ୍ରାର୍ଥୀମାନଙ୍କ ମଧ୍ୟରୁ ୨୧ ପ୍ରତିଶତ ବିଲିଅନେୟାର ଅର୍ଥାତ୍ ସେମାନଙ୍କ ସମ୍ପତ୍ତି ପରିମାଣ ୧୦୦ କୋଟି ଟଙ୍କାରୁ ଅଧିକ ହୋଇଥିବାବେଳେ ସମସ୍ତ ପ୍ରାର୍ଥୀଙ୍କ ହାରାହାରି ସମ୍ପତ୍ତି ୧୨୭.୮୧ କୋଟି ଟଙ୍କା। ହିମାଚଳପ୍ରଦେଶରୁ କଂଗ୍ରେସ ପ୍ରାର୍ଥୀ ଅଭିଷେକ ମନୁ ସିଂଘଭିଙ୍କ ସମ୍ପତ୍ତି ପରିମାଣ ସର୍ବାଧିକ ୧,୮୭୨ କୋଟି ଟଙ୍କା ହୋଇଥିବାବେଳେ ଉତ୍ତରପ୍ରଦେଶରେ ଏସ୍‌ପି ପ୍ରାର୍ଥୀ ଜୟା ଅମିତାଭ ବଚ୍ଚନଙ୍କ ସମ୍ପତ୍ତି ୧,୫୭୮ କୋଟି ଟଙ୍କା। କର୍ନାଟକରୁ ଜେଡିଏସ୍ ପ୍ରାର୍ଥୀ କୁପେନ୍ଦ୍ର ରେଡ୍ଡୀଙ୍କ ସମ୍ପତ୍ତି ୮୭୧ କୋଟି ଟଙ୍କା ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ମଧ୍ୟପ୍ରଦେଶରୁ ଭାଜପା ପ୍ରାର୍ଥୀ ବାଲଯୋଗୀ ଉମେଶ ନାଥଙ୍କ ସମ୍ପତ୍ତି ପରିମାଣ ସର୍ବନିମ୍ନ ୪୭ ଲକ୍ଷ ଟଙ୍କା ହୋଇଥିବାବେଳେ ପଶ୍ଚିମବଙ୍ଗର ଭାଜପା ପ୍ରାର୍ଥୀ ସମିକ୍ ଭଟ୍ଟାଚାର୍ଯ୍ୟ ଏବଂ ୟୁପିର ଭାଜପା ପ୍ରାର୍ଥୀ ସଙ୍ଗୀତାଙ୍କ ସମ୍ପତ୍ତି ୧ କୋଟି ଲେଖାଏଁ ବୋଲି ସେମାନେ ସତ୍ୟପାଠରେ ଦର୍ଶାଇଛନ୍ତି। ୧୭ ପ୍ରତିଶତ ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା ୫ମରୁ ଦ୍ୱାଦଶ ପାସ୍ ହୋଇଥିବାବେଳେ ୭୯ ପ୍ରତିଶତ ସ୍ନାତକ କିମ୍ବା ଉଚ୍ଚଶିକ୍ଷା କରିଛନ୍ତି। ସେହିପରି ୭୬ ପ୍ରତିଶତ ପ୍ରାର୍ଥୀଙ୍କ ବୟସ ୫୧ରୁ ୭୦ ବର୍ଷ ମଧ୍ୟରେ ହୋଇଥିବାବେଳେ ୧୬%ଙ୍କ ବୟସ ୩୧ରୁ ୫୦ ବର୍ଷ ମଧ୍ୟରେ। ମୋଟ ପ୍ରାର୍ଥୀଙ୍କ ମଧ୍ୟରୁ ୧୯ ପ୍ରତିଶତ ମହିଳା ଥିବା ଏଡିଆର୍ ରିପୋର୍ଟରେ କୁହାଯାଇଛି।


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ




# ଫାଇନାଲରେ ପ୍ରମୋଦ

**ଭୁବନେଶ୍ୱର, ୨୪।୨ (ତପନ ସ୍ୱାଇଁ):** ପାରାଲିମ୍ପିକ୍ସ ଏବଂ ବିଶ୍ୱ ଚାମ୍ପିୟନଶିପ୍ ଗୋଲ୍ଡ ମେଡାଲିଷ୍ଟ ଓଡ଼ିଶାର ପ୍ରମୋଦ ଭଗତ ଥାଇଲାଣ୍ଡର ପଟାୟାଠାରେ ଚାଲିଥିବା ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ଏସ୍‌ଏଲ୍‌୩ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରମୋଦ ନିଜ ଦେଶର ମନୋଜ ସରକାରଙ୍କୁ ୨୩-୨୧, ୨୦-୨୨,୨୧-୧୮ରେ ପରାସ୍ତ କରିଛନ୍ତି। ଫାଇନାଲରେ ସେ ଇଂଲଣ୍ଡର ଡାନିଏଲ ବେଥେଲଙ୍କୁ ଭେଟିବେ। ଅନ୍ୟ ସେମିଫାଇନାଲରେ ବେଥେଲ ଭାରତର ନୀତେଶ କୁମାରଙ୍କୁ ୨୧-୧୮, ୨୦-୨୨, ୨୧-୧୪ରେ ହରାଇ ଦେଇଥିଲେ। ସୁକାନ୍ତ କଦମଙ୍କୁ ସାଥିକରି ଏସଏଲ୍‌୩-ଏସଏଲ୍‌୪ ପୁରୁଷ ଡବଲ୍ସ ଖେଳିଥିବା ପ୍ରମୋଦ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଏହି ଯୋଡ଼ି ସେମିଫାଇନାଲରେ ଥାଇଲାଣ୍ଡର ମୋଙ୍ଗକୋନ ବୁନସୁନ ଓ ସିରିପଙ୍ଗ୍ ଟିମାରୋମଙ୍କଠାରୁ ୧୬-୨୧, ୧୬-୨୧ରେ ହାରି ଯାଇଥିଲେ। ଅନ୍ୟ ଭାରତୀୟଙ୍କ ମଧ୍ୟରେ ଏସ୍‌ଏଲ୪ ସେମିଫାଇନାଲରେ ସୁହାସ ୟାଥିରାଜ ବିଶ୍ୱର ନମ୍ବର ୱାନ ଫ୍ରାନ୍ସର ଲୁକାସ ମଜୁରଙ୍କୁ ହରାଇ କ୍ୟାରିୟରରେ ପ୍ରଥମଥର ପାଇଁ ଫାଇନାଲରେ ପହଞ୍ଚିଛନ୍ତି।




# ସୁବ୍ରତ ଚାମ୍ପିୟନ

**ଭୁବନେଶ୍ୱର, ୨୪।୨ (ତପନ ସ୍ୱାଇଁ)**

ପଟିଆର ଆଦର୍ଶ ବିହାରସ୍ଥିତ ଉଡାନ ସ୍ପୋର୍ଟ୍ସ ଏକାଡେମୀରେ ଅନୁଷ୍ଠିତ ଅଲ୍ ଓଡ଼ିଶା ଓପନ ୧୫ ରେଡ୍ ସ୍ନୁକର ଚାମ୍ପିୟନଶିପ୍‌ରେ ତାରକା ଖେଳାଳି ସୁବ୍ରତ ଦାସ ଚାମ୍ପିୟନ ହୋଇଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲରେ ସୁବ୍ରତ ୬-୨ ଫ୍ରେମ୍‌ରେ ରାକେଶ ରୋଶନ ପ୍ରଧାନଙ୍କୁ ପରାସ୍ତ କରିଛନ୍ତି। ମ୍ୟାଚରେ ସୁବ୍ରତ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ରାକେଶଙ୍କୁ ପ୍ରତ୍ୟାବର୍ତ୍ତନ ପାଇଁ ସେ ବିଶେଷ ସୁଯୋଗ ଦେଇ ନ ଥିଲେ। ଚାମ୍ପିୟନ ସୁବ୍ରତ ଟ୍ରଫି ସହ ୨୦,୦୦୦ ଏବଂ ରନରଅପ୍ ରାକେଶ ୧୦,୦୦୦ ଟଙ୍କା ପୁରସ୍କାର ଆକାରରେ ପାଇଛନ୍ତି। ଦୁଇ ପରାଜିତ ସେମିଫାଇନାଲିଷ୍ଟଙ୍କୁ ୫୦୦୦ ଲେଖାଏ ଏବଂ କ୍ୱାର୍ଟର ଫାଇନାଲିଷ୍ଟଙ୍କୁ ୨୫୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା।




